ଧରିତ୍ରୀ 51 Years

# ଧରିତ୍ରୀ DHARITRI

ଭୁବନେଶ୍ୱର, ଶୁକ୍ରବାର, ସେପ୍ଟେମ୍ବର ୧୯/୨୦୨୫ (୧୪ ପୃଷ୍ଠା) | Bhubaneswar, Friday, September 19/2025 | Page 14 | ₹ 7.00 | BERHAMPUR

୫୧ଶ ଭାଗ ୨୯୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 295 | ମୂଲ୍ୟ ₹୭/-





SAATCHI & SAATCHI

ଦିଲ୍ଲୀରେ ଆଜି




ନୂଆଦିଲ୍ଲୀସ୍ଥିତ ଏଆଇସିସି ମୁଖ୍ୟାଳୟରେ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଖବରଦାତା ସମ୍ମିଳନୀକୁ ସମ୍ବୋଧନ କରୁଛନ୍ତି। (ଫଟୋ: ଚମନ ଗୌତମ)

# ହିଣ୍ଡେନ୍‌ବର୍ଗ ଅଭିଯୋଗ ଉପରେ ଆଦାନୀ ଗ୍ରୁପ୍‌କୁ ସେବିର କ୍ଲିନ୍‌ଚିଟ୍

**ନୂଆଦିଲ୍ଲୀ,୧୮।୯(ପି.ଟି.)**

ଆମେରିକାର ଶର୍ଟ-ସେଲର ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ଭାରତୀୟ ବ୍ୟବସାୟୀ ଗୌତମ ଆଦାନୀଙ୍କ ଗ୍ରୁପ୍ କମ୍ପାନୀ ବିରୋଧରେ ଆଣିଥିବା ଷ୍ଟକ୍ ଜାଲିଆତି ଅଭିଯୋଗ ଉପରେ ବଜାର ନିୟନ୍ତ୍ରକ ସେବି ଗୁରୁବାର କ୍ଲିନ୍‌ଚିଟ୍ ଦେଇଛି। ଆଦାନୀ ଗ୍ରୁପ୍ ଏହାର ତାଲିକାଭୁକ୍ତ କମ୍ପାନୀଗୁଡ଼ିକୁ ପାଣ୍ଠି ସ୍ଥାନାନ୍ତର ଲାଗି ସମ୍ପର୍କିତ ସଂସ୍ଥାଗୁଡ଼ିକୁ ବ୍ୟବହାର କରିଥିବାର କୌଣସି ପ୍ରମାଣ ନାହିଁ ବୋଲି ଭାରତର ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ୨ଟି ଅଲଗା ନିର୍ଦ୍ଦେଶନାମାରେ କହିଛି। ଇନ୍‌ସାଇଡର ଟ୍ରେଡିଂ, ଷ୍ଟକ୍‌ଜାଲିଆତି ଏବଂ ସର୍ବସାଧାରଣ ଶେୟାରହୋଲ୍ଡିଂ ନିୟମାବଳୀ ଉଲ୍ଲଂଘନ ଅଭିଯୋଗ ଅମୂଳକ ବୋଲି ସବିଶେଷ ତଦନ୍ତରୁ ଜଣାପଡ଼ିଛି।

ଆଦାନୀ ଗ୍ରୁପ୍ ଏହାର କମ୍ପାନୀଗୁଡ଼ିକ ମଧ୍ୟରେ ଅର୍ଥ ସ୍ଥାନାନ୍ତର ଲାଗି ଆଡିକର୍ପ ଏଣ୍ଟରପ୍ରାଇଜେସ୍, ମାଇଲଷ୍ଟୋନ୍ ଟ୍ରେଡ୍ ଲିଙ୍କ୍‌ସ ଏବଂ ରେହଭାର ଇନ୍‌ଫ୍ରାଷ୍ଟ୍ରକ୍ଚରକୁ ବ୍ୟବହାର କରୁଥିବା ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ୨୦୨୩ ଜାନୁଆରୀରେ ଅଭିଯୋଗ ଆଣିଥିଲା। ତେବେ ଉପରୋକ୍ତ କମ୍ପାନୀଗୁଡ଼ିକ ଜରିଆରେ କାରବାରରେ ସେବି ପ୍ରକଟୀକରଣ ମାନଦଣ୍ଡରେ ଉଲ୍ଲଂଘନ ହୋଇନାହିଁ ବୋଲି ଏହାର ବୋର୍ଡ ସଦସ୍ୟ କମଲେଶ ସି. ବର୍ଷ୍ଣୀ ୨ଟି ରାୟରେ କହିଛନ୍ତି। ପ୍ରତିଭୂତିଗୁଡ଼ିକର ପର୍ଯ୍ୟାପ୍ତ ଅଧିଗ୍ରହଣ କିମ୍ବା ନିୟନ୍ତ୍ରଣରେ ମଧ୍ୟ କୌଣସି ଉଲ୍ଲଂଘନ ହୋଇନାହିଁ, ଯାହା ନିବେଶକମାନଙ୍କୁ ବିଭ୍ରାନ୍ତ କରିପାରିଥାନ୍ତା। ତେଣୁ ଆଦାନୀ କମ୍ପାନୀ କିମ୍ବା ଏହାର କାର୍ଯ୍ୟନିର୍ବାହୀମାନଙ୍କୁ ଦାୟୀ କରିବା ଅଥବା ଦଣ୍ଡିତ କରିବାର କୌଣସି କାରଣ ନାହିଁ ବୋଲି ସେବି କହିଛି। ଯେଉଁମାନେ ହିଣ୍ଡେନ୍‌ବର୍ଗ ରିସର୍ଚ୍ଚର ଭିତ୍ତିହୀନ ଓ କପଟତାପୂର୍ଣ୍ଣ ରିପୋର୍ଟକୁ ବ୍ୟବହାର କରି ମିଥ୍ୟା ପ୍ରଚାର ଚଳାଇଥିଲେ, ସେମାନେ ଦେଶକୁ କ୍ଷମା ମାଗନ୍ତୁ ବୋଲି ସେବିର କ୍ଲିନ୍‌ଚିଟ୍ ପରେ ଗୌତମ ଆଦାନୀ କହିଛନ୍ତି।



ଗୌତମ ଆଦାନୀ

# ‘ଆଦାନୀ କଣ୍ଟେଣ୍ଟ’ ହଟାଇବାକୁ ନିର୍ଦ୍ଦେଶ

**ନୂଆଦିଲ୍ଲୀ,୧୮।୯**

ଅଦାଲତଙ୍କ ନିର୍ଦ୍ଦେଶକ୍ରମେ ଆଦାନୀ ଏଣ୍ଟରପ୍ରାଇଜେସ୍ ଲିଃ(ଏଇଏଲ୍) ସମ୍ପର୍କିତ ଯାଞ୍ଚ ହୋଇ ନ ଥିବା ସମ୍ମାନହାନିକାରକ ବିଷୟବସ୍ତୁ ହଟାଇଦେବାକୁ ୟୁଟ୍ୟୁବ୍ ଏବଂ ସରକାରଙ୍କଠାରୁ ନୋଟିସ୍ ପାଇଥିବା କେତେଜଣ ଖବରଦାତା ଏବଂ କଣ୍ଟେଣ୍ଟ କ୍ରିଏଟର କହିଛନ୍ତି। ଦିଲ୍ଲୀ କୋର୍ଟଙ୍କ ଏଭଳି ନିର୍ଦ୍ଦେଶକୁ ନେଇ ଏଡିଟର୍ସ ଗିଲ୍ଡ ଅଫ୍ ଇଣ୍ଡିଆ ଗଭୀର ଉଦ୍‌ବେଗ ପ୍ରକାଶ କରିଛି। ଏଇଏଲ୍ ସମ୍ପର୍କିତ ଯାଞ୍ଚ ହୋଇ ନ ଥିବା ମାନହାନିକାରକ ରିପୋର୍ଟରୁ ଦୂରେଇ ରହିବାକୁ ୯ ଜଣ ଖବରଦାତା, ଆକ୍ଟିଭିଷ୍ଟ ଓ ସଂସ୍ଥାଙ୍କୁ ଦିଲ୍ଲୀର ଏକ ସିଭିଲ୍ କୋର୍ଟ କହିବା ସହ ୫ ଦିନ ମଧ୍ୟରେ ଉକ୍ତ କଣ୍ଟେଣ୍ଟଗୁଡ଼ିକୁ ହଟାଇଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଯଦି କୌଣସି କଣ୍ଟେଣ୍ଟ ମଧ୍ୟବର୍ତ୍ତୀ ସଂସ୍ଥା କିମ୍ବା ସରକାରୀ ସଂସ୍ଥା ପ୍ରତି ମାନହାନିକାରକ ବୋଲି ଯଦି ବିଚାର କରାଯାଉଥାଏ, ତେବେ ତାହାର ୟୁଆର୍‌ଏଲ୍ ଏବଂ ଲିଙ୍କ୍ ପଠାଇବାକୁ ଅଦାଲତ କର୍ପୋରେଟ୍ ସଂସ୍ଥାକୁ କ୍ଷମତା ଦେବା ସହ ଏଭଳି କଣ୍ଟେଣ୍ଟ ପୋଷ୍ଟ କରିଥିବା ବ୍ୟକ୍ତି ୩୬ ଘଣ୍ଟା ମଧ୍ୟରେ ହଟାଇବାକୁ ନିର୍ଦ୍ଦେଶରେ କୁହାଯାଇଥିବାରୁ ଏହା ଆହୁରି ଚିନ୍ତାଜନକ ବୋଲି ଗିଲ୍ଡ କହିଛି।

ସିଭିଲ୍ କୋର୍ଟଙ୍କ ଏହି ରାୟକୁ ୪ ଜଣ ଖବରଦାତା ଜିଲା କୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଖବରଦାତା ରବି ନାୟାର, ଅବିର ଦାସଗୁପ୍ତା, ଅୟସକାନ୍ତ ଦାସ ଏବଂ ଆୟୁଷ ଜୋଷୀଙ୍କ ଆବେଦନର ଶୁଣାଣି କରି ଜିଲା ଜଜ୍ ଆଶିଷ ଅଗ୍ରୱାଲ କହିଛନ୍ତି, ସିଭିଲ୍ ପ୍ରୋସିଜିଓର କୋଡ୍‌ର ବ୍ୟବସ୍ଥା ଅନୁଯାୟୀ ସିଭିଲ୍ ଜଜ୍ ରାୟ ଦେବା ପୂର୍ବରୁ ପ୍ରତିବାଦୀଙ୍କ ଯୁକ୍ତି ଶୁଣିବା ପାଇଁ ସୁଯୋଗ ଦେବା ଆବଶ୍ୟକ ଥିଲା। ଜିଲା କୋର୍ଟ ଉକ୍ତ ବିବାଦୀୟ ରାୟକୁ ଖାରଜ କରିଦେଇଛନ୍ତି।

## ଉଦ୍‌ବେଗ ପ୍ରକାଶ କଲା ଏଡିଟର୍ସ ଗିଲ୍ଡ

# ‘ଭୋଟ ଚୋରଙ୍କୁ ସୁରକ୍ଷା ଦେଉଛନ୍ତି ସିଇସି’

## ଜ୍ଞାନେଶ କୁମାରଙ୍କ ବିରୋଧରେ ରାହୁଲ ଆଣିଲେ ସାଂଘାତିକ ଅଭିଯୋଗ

କଂଗ୍ରେସ ନେତା ରାହୁଲ ଗାନ୍ଧୀ ଗୁରୁବାର ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାରଙ୍କ ବିରୋଧରେ ସାଂଘାତିକ ଅଭିଯୋଗ ଆଣିଛନ୍ତି। ଭୋଟ ଚୋରିରେ ସମ୍ପୃକ୍ତ ତଥା ଗଣତନ୍ତ୍ରର ବିଧ୍ୱଂସକମାନଙ୍କୁ ସିଇସି ସୁରକ୍ଷା ଦେଉଛନ୍ତି ବୋଲି ରାହୁଲ ସମାଲୋଚନା କରିବା ସହ ଗଣମାଧ୍ୟମ ସମ୍ମୁଖରେ ଅଭିଯୋଗ ସମ୍ବଳିତ ପ୍ରମାଣ ଉପସ୍ଥାପନ କରିଛନ୍ତି। କର୍ଣ୍ଣାଟକ ବିଧାନସଭାର ଏକ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କଂଗ୍ରେସ ମତଦାତାଙ୍କ ଭୋଟକୁ କିପରି ଉଦ୍ଦେଶ୍ୟମୂଳକ ଭାବେ ବ୍ୟବସ୍ଥିତ ରୂପେ ହଟାଇ ଦିଆଯାଇଥିଲା, ରାହୁଲ ତାହା ଦର୍ଶାଇଛନ୍ତି। ଅନ୍ୟପକ୍ଷେ ନିର୍ବାଚନ କମିଶନ (ଇସି) ଏହାକୁ ତ୍ରୁଟିପୂର୍ଣ୍ଣ ଓ ଭିତ୍ତିହୀନ ଅଭିଯୋଗ କହି ଖଣ୍ଡନ କରିଛନ୍ତି। ଏଥିସହ ପ୍ରଭାବିତ ବ୍ୟକ୍ତିଙ୍କ ଯୁକ୍ତି ଶୁଣିବା ପାଇଁ ସୁଯୋଗ ନ ଦେଇ ତାଙ୍କୁ ଭୋଟର ତାଲିକାରୁ ହଟାଇବା ସମ୍ଭବ ନୁହେଁ ବୋଲି କମିଶନ କହିଛନ୍ତି। ସେହିପରି ଭାରତୀୟ ଗଣତନ୍ତ୍ର ଉପରେ ରାହୁଲଙ୍କ ଆସ୍ଥା ନ ଥିବାରୁ ସେ ଭାରତରେ ନେପାଳ ଓ ବାଂଲାଦେଶ ଭଳି ସ୍ଥିତି ଉପୁଜାଇବାକୁ ଚାହୁଁଥିବା ଭାଜପା ପକ୍ଷରୁ ସମାଲୋଚନା କରାଯାଇଛି।

**ନୂଆଦିଲ୍ଲୀ,୧୮।୯(ପି.ଟି.)**

ନିର୍ବାଚନ କମିଶନଙ୍କୁ ଲଗାତର ଟାର୍ଗେଟ କରିଆସୁଥିବା ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଗୁରୁବାର ସିଇସି ଜ୍ଞାନେଶ କୁମାରଙ୍କୁ ସନ୍ଦେହର କାଠଗଡ଼ାରେ ଛିଡ଼ା କରାଇଛନ୍ତି। ଏଆଇସିସି ମୁଖ୍ୟାଳୟ ଇନ୍ଦିରା ଭବନରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ରାହୁଲ କହିଛନ୍ତି, ସିଇସି ଭୋଟ ଚୋରିକୁ ରୋକିବା ଜରୁରୀ। ଭୋଟର ତାଲିକାରୁ ମତଦାତାଙ୍କ ନାମ ହଟାଇବା ନେଇ କର୍ଣ୍ଣାଟକ ଅପରାଧ ତଦନ୍ତ ବିଭାଗ (ସିଆଇଡି) ପକ୍ଷରୁ ମଗାଯାଇଥିବା ତଥ୍ୟ ସିଇସି ସପ୍ତାହେ ମଧ୍ୟରେ ପ୍ରଦାନ କରନ୍ତୁ। ସିଇସି ଏହି ତଥ୍ୟ ପ୍ରଦାନ ନ କଲେ ସମ୍ବିଧାନ ହତ୍ୟାକାରୀଙ୍କ ସହଯୋଗୀ ରୂପେ ଧରାଯିବେ। ସାମ୍ବିଧାନିକ ସଂସ୍ଥାଗୁଡ଼ିକୁ ସେମାନଙ୍କ କାର୍ଯ୍ୟ କରିବାକୁ ଦିଆଯାଉନାହିଁ। ତେଣୁ ନ୍ୟାୟପାଳିକାର ହସ୍ତକ୍ଷେପ ଜରୁରୀ ହୋଇପଡ଼ିଛି। ରାହୁଲ ଆହୁରି କହିଛନ୍ତି, ଏହି ଅଭିଯୋଗ ସେ ପୂର୍ବରୁ କହିଥିବା ‘ହାଇଡ୍ରୋଜେନ୍ ବୋମା’ ନୁହେଁ। ଆଗକୁ ସେ ଏନେଇ ବିସ୍ତୃତ ବିବରଣୀ ପ୍ରଘଟ କରିବେ।

ଗତ ୧୦-୧୫ ବର୍ଷ ଧରି ଭାରତରେ ଏପରି ଚାଲିଛି। ଦେଶର ଗଣତନ୍ତ୍ରକୁ ହାଇଜାକ୍ କରାଯାଇଛି। ଗଣତନ୍ତ୍ରକୁ କେବଳ ଦେଶବାସୀ ହିଁ ରକ୍ଷା କରିପାରିବେ। ଗଣତନ୍ତ୍ର ଓ ସମ୍ବିଧାନ ଚୋରି ହୋଇଯାଇଥିବା ବିଷୟ ଯେଉଁଦିନ ଲୋକେ ବୁଝିଯିବେ, ସେହିଦିନ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଯିବ। ଏହି ଅବସରରେ ରାହୁଲ କର୍ଣ୍ଣାଟକ ଆଲନ୍ଦ ନିର୍ବାଚନମଣ୍ଡଳୀର ଉଦାହରଣ ଦେଇ କହିଛନ୍ତି, ୨୦୨୩ ବିଧାନସଭା ନିର୍ବାଚନ ବେଳେ ୬,୦୧୮ ଭୋଟ ଚୋରି ହୋଇଥିଲା। କଂଗ୍ରେସର ସ୍ଥିତି ସୁଦୃଢ଼ ଥିବା ବୁଥ୍‌ଗୁଡ଼ିକୁ ଜାଣିଶୁଣି ଟାର୍ଗେଟ କରାଯାଇଥିଲା। ମହାରାଷ୍ଟ୍ର ରଜୁରା ନିର୍ବାଚନମଣ୍ଡଳୀରେ ୬,୮୫୦ ମତଦାତାଙ୍କୁ ଜାଲ୍ ଦର୍ଶାଇ ଅଟୋମେଟେଡ୍ ସଫ୍ଟୱେର ଜରିଆରେ ସେମାନଙ୍କୁ ହଟାଇ ଦିଆଯାଇଥିଲା। କର୍ଣ୍ଣାଟକ, ମହାରାଷ୍ଟ୍ର, ହରିୟାଣା, ଉତ୍ତର ପ୍ରଦେଶ ଓ ବିହାରରେ ସମାନ ପନ୍ଥା ଆପଣାଯାଉଛି ବୋଲି ରାହୁଲ ଅଭିଯୋଗ ଆଣିଛନ୍ତି। ଜ୍ଞାନେଶ କୁମାର ନିଜ କାମ କରନ୍ତୁ। ସିଇସି ରୂପେ ସେ ଶପଥ ନେଇଛନ୍ତି। କର୍ଣ୍ଣାଟକ ସିଆଇଡିକୁ ସେ ସପ୍ତାହେ ମଧ୍ୟରେ ମଗାଯାଇଥିବା ତଥ୍ୟ ପ୍ରଦାନ କରନ୍ତୁ ବୋଲି ରାହୁଲ ଦାବି କରିଛନ୍ତି।

# ଅଭିଯୋଗକୁ ଖଣ୍ଡନ କଲେ ଇସି

**ନୂଆଦିଲ୍ଲୀ,୧୮।୯(ପି.ଟି.)**




କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଅଭିଯୋଗକୁ ନିର୍ବାଚନ କମିଶନ (ଇସି) ଦୃଢ଼ ଭାବେ ଖଣ୍ଡନ କରିଛନ୍ତି। ଜଣେ ବ୍ୟକ୍ତିଙ୍କୁ ମତ ରଖିବା ପାଇଁ ସୁଯୋଗ ନ ଦେଇ ତାଙ୍କ ନାମ ଭୋଟର ତାଲିକାରୁ ହଟାଯାଇପାରିବ ନାହିଁ ବୋଲି ଇସିଙ୍କ ପକ୍ଷରୁ କୁହାଯାଇଛି। ଇସି ଏକ ବିବୃତି ଜାରି କରି କହିଛନ୍ତି, ଅନ୍‌ଲାଇନ୍‌ରେ ଭୋଟ ଡିଲିଟ୍ କରାଯାଇପାରିବ ନାହିଁ। ୨୦୨୩ରେ ଆଲନ୍ଦ ବିଧାନସଭା ନିର୍ବାଚନମଣ୍ଡଳୀରେ ମତଦାତାଙ୍କ ନାମ ହଟାଇବା ପାଇଁ କେତେକ ନିର୍ଦ୍ଦିଷ୍ଟ ବିଫଳ ଉଦ୍ୟମ ହୋଇଥିଲା। ଇସିଙ୍କ ଅଧିକାରୀମାନେ ଏନେଇ ଏଫ୍‌ଆଇଆର୍ କରିବା ସହ ତଦନ୍ତ ମଧ୍ୟ କରିଥିଲେ। ରେକର୍ଡ ଅନୁସାରେ ୨୦୧୮ ନିର୍ବାଚନରେ ଆଲନ୍ଦରେ ଭାଜପାର ସୁଭାଧ ଗୁତ୍ତେଦର ବିଜୟୀ ହୋଇଥିବାବେଳେ ୨୦୨୩ରେ କଂଗ୍ରେସ ପ୍ରାର୍ଥୀ ବି.ଆର୍. ପାଟିଲ ଜିତିଥିଲେ।

# ସବୁ ଇପିଏଫ୍‌ଓ ସେବା ଗୋଟିଏ ଲଗ୍‌ଇନ୍‌ରେ ଉପଲବ୍ଧ ହେବ: ମାଣ୍ଡବ୍ୟ

**ନୂଆଦିଲ୍ଲୀ,୧୮।୯(ପି.ଟି.)**

କର୍ମଚାରୀ ଭବିଷ୍ୟନିଧି ସଂଗଠନ (ଇପିଏଫ୍‌ଓ)ର ୭ କୋଟିରୁ ଊର୍ଦ୍ଧ୍ୱ ସଦସ୍ୟ ଏଣିକି ସେମାନଙ୍କ ପୋର୍ଟାଲରେ ଗୋଟିଏ ଲଗ୍‌ଇନ୍ କରି ସମସ୍ତ ପ୍ରମୁଖ ସେବା ପାଇବା ସହ ସେମାନଙ୍କ ପ୍ରୋଭିଡେଣ୍ଟ ଫଣ୍ଡ ଆକାଉଣ୍ଟର ସବିଶେଷ ତଥ୍ୟ ପାଇପାରିବେ। କେନ୍ଦ୍ର ଶ୍ରମମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଗୁରୁବାର ଏହା କହିଛନ୍ତି। ଇପିଏଫ୍‌ଓ ଏହାର ସଦସ୍ୟମାନଙ୍କୁ ପ୍ରଭାବଶାଳୀ, ସ୍ୱଚ୍ଛ ଏବଂ ୟୁଜର ଫ୍ରେଣ୍ଡଲି ସେବା ପ୍ରଦାନ ସୁନିଶ୍ଚିତ କରିବା ପାଇଁ ଆଣିଥିବା ପ୍ରମୁଖ ସଂସ୍କାର ସମ୍ପର୍କରେ ମାଣ୍ଡବ୍ୟ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସମ୍ପ୍ରତି ସଦସ୍ୟମାନେ ସେମାନଙ୍କ ପ୍ରୋଭିଡେଣ୍ଟ ଫଣ୍ଡ ଅଂଶଦାନ, ଅଗ୍ରିମ କିମ୍ବା ଟଙ୍କା ଉଠାଣ ସହ ସମ୍ପୃକ୍ତ କାରବାର ଜାଣିବା ପାଇଁ ଇପିଏଫ୍‌ଓର ପାସ୍‌ବୁକ୍ ପୋର୍ଟାଲକୁ ଲଗ୍‌ଇନ୍ କରୁଥିଲେ। ଇପିଏଫ୍‌ଓ ଏବେ ‘ପାସ୍‌ବୁକ୍ ଲାଇଟ୍’ ନାମରେ ନୂଆ ସୁବିଧା ଆରମ୍ଭ କରିଛି। ଏହାଦ୍ୱାରା ପାସ୍‌ବୁକ୍ ପୋର୍ଟାଲକୁ ନ ଯାଇ ‘ମେମ୍ବର ପୋର୍ଟାଲ’ ଜରିଆରେ ଏହାର ସଦସ୍ୟମାନେ ସହଜରେ ସେମାନଙ୍କ ପାସ୍‌ବୁକ୍ ଯାଞ୍ଚ କରିପାରିବା ସହ ସହଜ ଓ ସୁବିଧାଜନକ ଫର୍ମାଟରେ ସେମାନଙ୍କ ଅଂଶଦାନ, ଉଠାଣ ଓ ବାଲାନ୍ସ ଦେଖିପାରିବେ। ଗୋଟିଏ ଲଗ୍‌ଇନ୍‌ରେ ପାସ୍‌ବୁକ୍ ସମେତ ସମସ୍ତ ପ୍ରମୁଖ ସେବା ମିଳିପାରିବ ବୋଲି ମନ୍ତ୍ରୀ କହିଛନ୍ତି। ତେବେ ଗ୍ରାଫିକାଲ ଡିସ୍‌ପ୍ଲେ ସମେତ ପାସ୍‌ବୁକ୍‌ର ସବିଶେଷ ତଥ୍ୟକୁ ବିସ୍ତୃତ ଭାବେ ଦେଖିବା ପାଇଁ ସଦସ୍ୟମାନଙ୍କୁ ପାସ୍‌ବୁକ୍ ପୋର୍ଟାଲକୁ ଯିବାକୁ ପଡ଼ିବ।

# ହଲିଉଡ୍‌ର ପ୍ରଖ୍ୟାତ ଅଭିନେତା ରବର୍ଟ ରେଡ୍‌ଫୋର୍ଡଙ୍କ ପରଲୋକ

**ୱାଶିଂଟନ୍, ୧୮।୯**

ପ୍ରସିଦ୍ଧ ହଲିଉଡ୍ ଅଭିନେତା ତଥା ନିର୍ଦ୍ଦେଶକ ରବର୍ଟ ରେଡ୍‌ଫର୍ଡଙ୍କ ମଙ୍ଗଳବାର ୮୯ ବର୍ଷ ବୟସରେ ପରଲୋକ ହୋଇଯାଇଛି। ହଲିଉଡ୍‌ରେ ସେ ଗୋଲ୍ଡେନ ବୟ ନାମରେ ପରିଚିତ ଥିଲେ। ରବର୍ଟ ୧୯୬୦ରେ ହଲିଉଡ୍‌ରେ ପ୍ରବେଶ କରିଥିଲେ। ‘ବୁଚ୍ କାସିଡି ଆଣ୍ଡ ଦି ସଣ୍ଡାନ୍ସ କିଡ୍ (୧୯୬୯)’, ‘ଅଲ୍ ଦି ପ୍ରେସିଡେଣ୍ଟସ୍ ମେନ୍ (୧୯୭୬)’, ‘ଦି ଷ୍ଟିଙ୍ଗ୍ (୧୯୭୩)’, ‘ଆଉଟ୍ ଅଫ୍ ଆଫ୍ରିକା (୧୯୮୫)’ ପରି ସୁପରହିଟ୍ ଫିଲ୍ମରେ ତାଙ୍କ ଅଭିନୟକୁ ଦର୍ଶକ ବେଶ୍ ପସନ୍ଦ କରିଥିଲେ। ନିର୍ଦ୍ଦେଶନା କ୍ଷେତ୍ରରେ ମଧ୍ୟ ରବର୍ଟ ସଫଳତା ପାଇଛନ୍ତି। ୧୯୮୦ରେ ‘ଅର୍ଡିନାରୀ ପିପୁଲ’ ଫିଲ୍ମ ପାଇଁ ସେ ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ଓସ୍କାର ପୁରସ୍କାର ଜିତିଥିଲେ। ଆମେରିକା ଫିଲ୍ମ ଇଣ୍ଡଷ୍ଟ୍ରିରେ ନିଜ ୬ ଦଶନ୍ଧିର କ୍ୟାରିୟରେ ସେ ଅଭିନେତା, ନିର୍ଦ୍ଦେଶକ ତଥା ପ୍ରଯୋଜକ ଭାବେ ସେ ଅନେକ ସଫଳତା ପାଇଛନ୍ତି।



# ଉତ୍ତରାଖଣ୍ଡରେ ଭୂସ୍ଖଳନ: ଜଣେ ମୃତ, ୧୧ ନିଖୋଜ

**ଗୋପେଶ୍ୱର,୧୮।୯(ପି.ଟି.)**

ଉତ୍ତରାଖଣ୍ଡର ଚାମୋଲି ଜିଲାରେ ବାଦଲଫଟା ବର୍ଷା ଲାଗିରହିବା ଫଳରେ ବନ୍ୟା ସାଙ୍ଗକୁ ଭୂସ୍ଖଳନ ଘଟି ଜଣେ ଲୋକଙ୍କ ମୃତ୍ୟୁ ହେବା ସହ ଅନ୍ୟ ୧୧ ଜଣ ନିଖୋଜ ଅଛନ୍ତି। ଭୂସ୍ଖଳନରେ ୨୦ ଜଣ ଆହତ ହେବା ସହ ଜିଲାର ୪ଟି ଗ୍ରାମରେ ୩୩ ଘର କ୍ଷତିଗ୍ରସ୍ତ ହୋଇଛି। କୁଣ୍ଟାରି ଲାଗାଫଲି ଗ୍ରାମରେ ମାଟି ଅତଡ଼ା ତଳୁ ଜଣକ ମୃତଦେହ ବାହାରିଥିବାବେଳେ ୨ ମହିଳା ଓ ଜଣେ ପିଲାଙ୍କୁ ଉଦ୍ଧାର କରାଯାଇଥିବା ରାଜ୍ୟର ଏମର୍ଜେନ୍ସି ଅପରେଶନ ସେଣ୍ଟର ପକ୍ଷରୁ କୁହାଯାଇଛି। ନିଖୋଜ ୧୧ ଜଣଙ୍କ ମଧ୍ୟରୁ କୁଣ୍ଟାରି ଲାଗାଫଲି ଗ୍ରାମରୁ ୭ ଜଣ ହୋଇଥିବାବେଳେ କୁଣ୍ଟାରି ଲାଗାସରପାନି ଓ ଧୁର୍ମାରୁ ୨ ଜଣ ଲେଖାଏ ଅଛନ୍ତି।

ଡେରାଡୁନ୍‌ଠାରୁ ୨୬୦ କି.ମି. ଏବଂ ଗୋପେଶ୍ୱରଠାରୁ ୫୦ କି.ମି. ଦୂରରେ ଥିବା ନନ୍ଦନଗର ଅଞ୍ଚଳ ଅନ୍ତର୍ଗତ ୪ ଗ୍ରାମ କ୍ଷତିଗ୍ରସ୍ତ ହୋଇଛି। ବର୍ଷାଜନିତ ଘଟଣାରେ ୨୦୦ରୁ ଊର୍ଦ୍ଧ୍ୱ ଲୋକ ପ୍ରଭାବିତ ହୋଇଛନ୍ତି। କୁଣ୍ଟାରି ଲାଗାଫଲି ଗ୍ରାମରୁ ୧୫୦ରୁ ୨୦୦ ଲୋକଙ୍କୁ ସୁରକ୍ଷିତ ଅଞ୍ଚଳକୁ ସ୍ଥାନାନ୍ତର କରାଯାଇଛି।

## ଫୁର୍‌ସତ

# ନୁଡୁଲ୍ସ ବିକି ଦିନକୁ ଲକ୍ଷେ ଟଙ୍କା ରୋଜଗାର

## ସୋସିଆଲ ମିଡିଆରେ ଭାଇରାଲ ହେଉଛନ୍ତି ପିଏଚ୍.ଡି. ଗ୍ରାଜୁଏଟ୍

**ବ୍ରସେଲ୍ସ:** ବେଲଜିୟମରେ ଚାଇନାର ଏକ ଦମ୍ପତି ମସଲାଦାର ନୁଡୁଲ୍ସ ବିକ୍ରି କରି ଦୈନିକ ୧ ହଜାର ୟୁରୋ (ପ୍ରାୟ ୧ ଲକ୍ଷ ୫ ହଜାର ଟଙ୍କା ରୋଜଗାର କରୁଛନ୍ତି। ତାଙ୍କର ଏକ ଭିଡିଓ ନିକଟରେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଚାଇନାର ଜିଆଙ୍ଗସୁ ପ୍ରଦେଶ ଚୋଙ୍ଗକିଙ୍ଗ୍ ନିବାସୀ ଡିଙ୍ଗ୍ (୩୭) ଦେଶରେ ପିଏଚ୍.ଡି. ଡିଗ୍ରୀ ହାସଲ କରିବା ପରେ ମୃତ୍ତିକା ପରିଚାଳନା ଏବଂ ଫସଲ ଉତ୍ପାଦନ ଉପରେ ନିଜ ପୋଷ୍ଟ ଡକ୍ଟରାଲ୍ ରିସର୍ଚ୍ଚ ପାଇଁ ବେଲଜିୟମ ଯାଇଥିଲେ। ସେ ନିଜ ପୋଷ୍ଟ ଡକ୍ଟରାଲ୍ ରିସର୍ଚ୍ଚ ଅନ୍ତର୍ଗତ ପ୍ରାୟ ୩୦ଟି ଏକାଡେମିକ ପେପରକୁ ପ୍ରକାଶିତ କରିଛନ୍ତି। ଡିଙ୍ଗ୍ ବିଶ୍ୱବିଦ୍ୟାଳୟରେ ପଢୁଥିବା ସମୟରେ ୱାଙ୍ଗ୍ ନାମ୍ନୀ ଜଣେ ଯୁବତୀଙ୍କୁ ଭଲ ପାଇଥିଲେ। ଦୁହେଁ ପ୍ରେମ ବିବାହ କରିଥିଲେ। ୨୦୧୫ରେ ଏହି ଦମ୍ପତି ବେଲଜିୟମକୁ ଆସି ସେଠାରେ ସ୍ଥାୟୀ ଭାବେ ବସବାସ କରିଥିଲେ। ତେବେ ଗବେଷଣା ବ୍ୟତୀତ ଅନ୍ୟ ସ୍ଥାୟୀ କାମ ମିଳୁ ନ ଥିବାରୁ ଗତ ମେ’ରୁ ଡିଙ୍ଗ୍ ସ୍ତ୍ରୀ ୱାଙ୍ଗ୍‌ଙ୍କ ସହ ବେଲଜିୟମରେ ଏକ ନୁଡୁଲ୍ସ ଷ୍ଟଲ୍ ଆରମ୍ଭ କରିଥିଲେ। ପରିବାର ପ୍ରତିପୋଷଣ ପାଇଁ ସେମାନଙ୍କୁ ଏହି ନୁଡୁଲ୍ସ ଷ୍ଟଲ୍ ଖୋଲିବାକୁ ପଡ଼ିଥିବା ଡିଙ୍ଗ୍ କହିଛନ୍ତି। ସେମାନେ ସ୍ଥାନୀୟ ବଜାରରେ ମସଲାଯୁକ୍ତ ଗ୍ରୀନ୍ ମଟର ନୁଡୁଲ୍ସ ବିକ୍ରି କରିବା ଆରମ୍ଭ କରିଥିଲେ। ୱାଙ୍ଗ୍‌ଙ୍କ ଜନ୍ମସ୍ଥାନ ଚୋଙ୍ଗକିଙ୍ଗ୍‌ରେ ଗ୍ରୀନ ମଟର ନୁଡୁଲ୍ସ ଏକ ଲୋକପ୍ରିୟ ଷ୍ଟ୍ରିଟ୍ ଫୁଡ୍ ଭାବେ ପରିଚିତ। ତେଣୁ ସେ ଏହାକୁ ବେଲଜିୟମବାସୀଙ୍କ ନିକଟରେ ପରିଚିତ କରାଇବାକୁ ନିଷ୍ପତ୍ତି ନେଇଥିଲେ ବୋଲି ଡିଙ୍ଗ୍ କହିଛନ୍ତି। ଏହି ଦମ୍ପତି ସପ୍ତାହକୁ ୨ ଥର ନିଜର ଏହି ଷ୍ଟଲ୍‌କୁ ଖୋଲିଥାନ୍ତି। ସେମାନଙ୍କ ଦ୍ୱାରା ପ୍ରସ୍ତୁତ ନୁଡୁଲ୍ସର ମୂଲ୍ୟ ପ୍ରତି ବାଉଲ ପିଛା ୭ରୁ ୯ ୟୁରୋ ରହିଛି। ସେହିପରି ସ୍ଥାନୀୟ ଲୋକଙ୍କ ସ୍ୱାଦ ଅନୁଯାୟୀ, ସେ ଏହି ଗ୍ରୀନ୍ ମଟର ନୁଡୁଲ୍ସରେ ମସଲାର ମାତ୍ରାକୁ ସାମାନ୍ୟ କମ୍ କରିଥିବା ଡିଙ୍ଗ୍ କହିଛନ୍ତି। ଏହି ମସଲାଦାର ଗ୍ରୀନ୍ ମଟର ନୁଡୁଲ୍ସକୁ ବିକ୍ରି କରି ଡିଙ୍ଗ୍ ଏବଂ ୱାଙ୍ଗ୍ ଦୈନିକ ପ୍ରାୟ ୧ ଲକ୍ଷ ୫ ହଜାର ଟଙ୍କା ରୋଜଗାର କରୁଛନ୍ତି।




# ‘କଲ୍କୀ ୨’ରୁ ହଟିଲେ ଦୀପିକା

**ହାଇଦ୍ରାବାଦ:** ୨୦୨୪ରେ ରିଲିଜ୍ ହୋଇଥିବା ସୁପରହିଟ୍ ଫିଲ୍ମ ‘କଲ୍କୀ ୨୮୯୮ ଏଡି’ରେ ଅଭିନେତା ପ୍ରଭାସ, ଅମିତାଭ ବଚ୍ଚନଙ୍କ ସହ ଅଭିନେତ୍ରୀ ଦୀପିକା ପାଦୁକୋନ୍ ନଜରକୁ ଆସିଥିଲେ। ବକ୍ସ ଅଫିସରେ ଉତ୍କୃଷ୍ଟ ପ୍ରଦର୍ଶନ ପରେ ଏହି ଫିଲ୍ମର ସିକ୍ୱେଲ ଖୁବ୍‌ଶୀଘ୍ର ଆସିବ ବୋଲି ଫିଲ୍ମ ନିର୍ମାତା କମ୍ପାନୀ ବୈଜୟନ୍ତୀ ମୁଭିଜ୍ ପକ୍ଷରୁ ସୂଚନା ଦିଆଯାଇଥିଲା। ତେବେ ଏହି ସିକ୍ୱେଲରେ ଦୀପିକାଙ୍କୁ ଦେଖିବାକୁ ମିଳିବ ନାହିଁ ବୋଲି ବୈଜୟନ୍ତୀ ମୁଭିଜ୍ ପକ୍ଷରୁ ସାମାଜିକ ଗଣମାଧ୍ୟମ ‘X’ରେ ଏକ ପୋଷ୍ଟ କରି ସୂଚନା ଦିଆଯାଇଛି। ପୋଷ୍ଟରେ ଲେଖାଯାଇଛି, ‘କଲ୍କୀ ୨୮୯୮ ଏଡି’ର ସିକ୍ୱେଲରେ ଦୀପିକାଙ୍କୁ ଦେଖିବାକୁ ମିଳିବ ନାହିଁ। ଅନେକ ବିଚାର ବିମର୍ଶ ପରେ ଦୀପିକାଙ୍କଠାରୁ ଅଲଗା ହେବାକୁ କମ୍ପାନୀ ନିଷ୍ପତ୍ତି ନେଇଛି। ‘କଲ୍କୀ ୨୮୯୮ ଏଡି’ ଫିଲ୍ମର ସିକ୍ୱେଲ ପାଇଁ ଅଧିକ ପ୍ରତିବଦ୍ଧତାର ଆବଶ୍ୟକତା ରହିଛି। ଦୀପିକାଙ୍କଠାରୁ ଏହାର ଆଶ୍ୱାସନା ମିଳି ନ ଥିଲା। ବୈଜୟନ୍ତୀ ମୁଭିଜ୍‌ର ଏହି ପୋଷ୍ଟ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଦୀପିକାଙ୍କ ଅନେକ ପ୍ରଶଂସକ ଉକ୍ତ ପୋଷ୍ଟର କମେଣ୍ଟରେ ଫିଲ୍ମ ନିର୍ମାଣକାରୀ କମ୍ପାନୀକୁ ସମାଲୋଚନା କରିଛନ୍ତି। ବିଭିନ୍ନ ରିପୋର୍ଟ ଅନୁଯାୟୀ, ‘କଲ୍କୀ ୨’ ଫିଲ୍ମ ପାଇଁ ଦୀପିକା ତାଙ୍କ ପାରିଶ୍ରମିକକୁ ୨୫% ବଢ଼ାଇବାକୁ ଫିଲ୍ମ ନିର୍ମାତାଙ୍କଠାରୁ ଦାବି କରିଥିଲେ। ଦୀପିକାଙ୍କ ଏହି ଦାବିରେ ଫିଲ୍ମ ନିର୍ମାତା ସହମତି ପ୍ରକାଶ କରି ନ ଥିଲେ।



# ଧରିତ୍ରୀ
DHARITRI

ଧରିତ୍ରୀ 51 Years






# ଅନାସ୍ଥା ଆଣିଲା କଂଗ୍ରେସ

## ଜଗତେ କେବଳ ଜଣେ ହସିବେ: ଭାଜପା

ଭୁବନେଶ୍ୱର,୧୮।୯(ରବିନାରାୟଣ ଜେନା)

ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ନେଇ ପୂର୍ବରୁ କଂଗ୍ରେସ ସରକାରଙ୍କ ବିରୋଧରେ ଅନାସ୍ଥା ଆଣିବ ବୋଲି ଯେଉଁ କହିଆସୁଥିଲା ତାହା ଗୁରୁବାର କରି ଦେଖାଇଛି। କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ୧୪ଜଣ ବିଧାୟକଙ୍କ ଦସ୍ତଖତ ସମ୍ବଳିତ ଏକ ପ୍ରସ୍ତାବ ବିଧାନସଭା ସଚିବଙ୍କ ଜରିଆରେ ବାଚସ୍ପତିଙ୍କୁ ପ୍ରଦାନ କରିଛନ୍ତି। ପ୍ରସ୍ତାବରେ ସିପିଏମ୍ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ମଧ୍ୟ ସମର୍ଥନ ରହିଛି। କାଡାମଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ବିଜେଡି ଉପମୁଖ୍ୟ ସଚେତକ ପ୍ରତାପ ଦେବଙ୍କୁ ଭେଟି ଅନାସ୍ଥାକୁ ସମର୍ଥନ ସପକ୍ଷରେ ଆଲୋଚନା କରିଛନ୍ତି। ହେଲେ ଏନେଇ ବିଜେଡି ତା'ର ସ୍ପଷ୍ଟ ଆଭିମୁଖ୍ୟ ପ୍ରକାଶ କରିନାହିଁ।

ଗୁରୁବାର ମୌସୁମୀ ଅଧିବେଶନ ପ୍ରଥମ ଦିନରେ ଗୃହକାର୍ଯ୍ୟ ଆରମ୍ଭ ହେବାମାତ୍ରେ ବାଚସ୍ପତି ସୁରମା ପାଢ଼ୀ ଗୃହର ଦିବଂଗତ ସ୍ୱର୍ଗତ ସଦସ୍ୟମାନଙ୍କ ସମ୍ମାନାର୍ଥେ ଶୋକପ୍ରସ୍ତାବ ଆଗତ କରିଥିଲେ। ଏହାପରେ ଗୃହକୁ ଶୁକ୍ରବାର ୧୦ଟା ୩୦ ମିନିଟ ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ। ଉଲ୍ଲେଖଯୋଗ୍ୟ ଯେ, ଗୃହ ମୁଲତବୀ ହେବା ପରେ କଂଗ୍ରେସ ବିଧାୟକଦଳ ନେତା ରାମଚନ୍ଦ୍ର କାଡାମଙ୍କ ପ୍ରକୋଷ୍ଠରେ କିଛିସମୟ ଧରିଅନାସ୍ଥା ସମ୍ପର୍କରେ ଦଳର ସଦସ୍ୟଙ୍କ ସହ ଆଲୋଚନା ହୋଇଥିଲା। ପରେ ୧୫ ବିଧାୟକଙ୍କ ଦସ୍ତଖତ ଥିବା ଅନାସ୍ଥା ପ୍ରସ୍ତାବ ଚିଠି ବିଧାନସଭା ସଚିବ ସତ୍ୟବ୍ରତ ସାହୁଙ୍କ ଜରିଆରେ ବାଚସ୍ପତିଙ୍କୁ ପ୍ରଦାନ କରିଥିଲେ। ଏହାପରେ କାଡାମଙ୍କ ନେତୃତ୍ୱରେ କଂଗ୍ରେସର ବରିଷ୍ଠ ବିଧାୟକ ତାରାପ୍ରସାଦ ବାହିନୀପତି, ସିଏସ୍ ରାଜନ୍ ଏକ୍କା, ☞ପୃଷ୍ଠା-୨



ବାଚସ୍ପତିଙ୍କ ଉଦ୍ଦେଶ୍ୟରେ ବିଧାନସଭା ସଚିବ ସତ୍ୟବ୍ରତ ସାହୁଙ୍କୁ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ଦଳର ନେତା ତାରାପ୍ରସାଦ ବାହିନୀପତି, ସିଏସ୍ ରାଜନ ଏକ୍କା, ସୋଫିଆ ଫିର୍ଦୋସ ଗୁରୁବାର ୧୫ ବିଧାୟକଙ୍କ ଦସ୍ତଖତ ସମ୍ବଳିତ ଅନାସ୍ଥା ପ୍ରସ୍ତାବ ପ୍ରଦାନ କରୁଛନ୍ତି।

# ବିଜେଡି ଡଷ୍ଟିରେ ଅନାସ୍ଥା କଣ୍ଟା

- ଅନାସ୍ଥାକୁ ସମର୍ଥନ କରିବନି ଦଳ
- ଆଇଏଏସ୍‌ଙ୍କ ପରେ ଜଣେ ଓଏଏସ୍ ଅଫିସରଙ୍କୁ ଭେଟିବାକୁ ଧାଉଁଛନ୍ତି

ଭୁବନେଶ୍ୱର,୧୮।୯(ସୁନିତ୍ ମିଶ୍ର)

ରାଜ୍ୟ ସରକାରଙ୍କ ବିରୋଧରେ ବିଭିନ୍ନ ପ୍ରସଙ୍ଗକୁ ନେଇ କଂଗ୍ରେସ ପକ୍ଷରୁ ଅନାସ୍ଥା ପ୍ରସ୍ତାବ ଅଣାଯାଇଛି। ଚଳିତ ଅଧିବେଶନରେ ଅନାସ୍ଥା ଆଣିବ ବୋଲି କଂଗ୍ରେସ ପକ୍ଷରୁ ବହୁ ଆଗରୁ ବାରମ୍ବାର କୁହାଯାଇଥିଲା। ରାଜ୍ୟରେ ବଢୁଥିବା ନାରୀ ନିର୍ଯାତନା, ଆଇନ ଶୃଙ୍ଖଳା ପରିସ୍ଥିତି, ଚାଷୀ ସମସ୍ୟା, ବେରୋଜଗାରି ବୃଦ୍ଧି ପାଉଥିବା ଆଦି ପ୍ରସଙ୍ଗ ନେଇ କଂଗ୍ରେସ ଅନାସ୍ଥା ପ୍ରସ୍ତାବ ଆଣିଥିବା କହିଛି। ଅନାସ୍ଥା ପ୍ରସ୍ତାବକୁ ସମର୍ଥନଦେବା ଲାଗି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଏବଂ ବିଧାୟକ ତାରାପ୍ରସାଦ ବାହିନୀପତି ପ୍ରମୁଖ ବିଜେଡିର ସହଯୋଗ ଲୋଡ଼ିଛନ୍ତି। ଏହାପରେ ବିଜେଡି ବିଧାୟକ ପ୍ରତାପ ଦେବ ବିଜେଡି ପକ୍ଷରୁ ଗଠିତ ଫ୍ଲୋର ମ୍ୟାନେଜମେଣ୍ଟ କମିଟି ସହ ଦ୍ୱିପ୍ରହର ସମୟରେ ଏକ ବୈଠକ କରିଥିଲେ। କମିଟିରେ ପ୍ରସନ୍ନ ଆଚାର୍ଯ୍ୟ, ପ୍ରମିଳା ମଲ୍ଲିକ, ନିରଞ୍ଜନ ପୂଜାରୀ, ପ୍ରତାପ ଦେବ, ଅରୁଣ କୁମାର ସାହୁ, ମନୋହର ରନ୍ଧାରୀ, ବ୍ରଜ କିଶୋର ପ୍ରଧାନ, ସାରଦା ନାୟକ, ଗୌତମବୁଦ୍ଧ ଦାସ ଏବଂ ସାରଦା ଜେନା ରହିଛନ୍ତି। ଦଳ ପକ୍ଷରୁ ଅନାସ୍ଥାକୁ ସମର୍ଥନ ନ ଦେବା ନେଇ ଏକ ପ୍ରକାର ସ୍ଥିର ହୋଇଥିବା ଜଣାପଡ଼ିଛି। ବିଜେଡି ପକ୍ଷରୁ ବିଭିନ୍ନ ପ୍ରସଙ୍ଗ ଉଠାଇ ଗୃହ ନ ଚଳାଇ ଦେବାକୁ ସ୍ଥିର କରାଯାଇଛି। ଏହାକୁ ବିଜେଡିର ବହୁ ବିଧାୟକ ଗ୍ରହଣ କରିନାହାନ୍ତି। ଭାଜପା ଏବଂ ବିଜେଡି ମଧ୍ୟରେ ଭଲ ସମ୍ପର୍କ ରହିଥିବା କଥା ଦୀର୍ଘଦିନରୁ ଚର୍ଚ୍ଚା ହୋଇଆସୁଛି। ସେଥିପାଇଁ ବିଜେଡିର ଅନେକ ନେତା ଏହାକୁ ବିରୋଧ ମଧ୍ୟ କରିଆସୁଛନ୍ତି। ଏବେ ଅନାସ୍ଥା ପ୍ରସ୍ତାବକୁ ସମର୍ଥନ ନ କରିବା ଅର୍ଥ ପରୋକ୍ଷରେ ଭାଜପା ସହ ବିଜେଡିର ବୁଝାମଣା କଥା ପୁଣି ଥରେ ତଳସ୍ତରକୁ ଯିବ ବୋଲି ଦଳର ବହୁ ବିଧାୟକ ଯୁକ୍ତି ରଖୁଛନ୍ତି। ରାଜ୍ୟ ସରକାରଙ୍କ ବିରୋଧରେ ଯଦିବିଜେଡି ପକ୍ଷରୁ ବିଭିନ୍ନ ପ୍ରସଙ୍ଗରେ ଅଭିଯୋଗ କରାଯାଉଛି ତେବେ ଅନାସ୍ଥାକୁ ସମର୍ଥନ ଦେବାରେ ଅସୁବିଧା କେଉଁଠି ବୋଲି ଦଳର ବିଧାୟକମାନେ ହିଁ କୁହାକୁହି ହେଲେଣି। ଏଭଳି ସ୍ଥିତିରେ ବିଜେଡି ଡଷ୍ଟିରେ ☞ପୃଷ୍ଠା-୨

# ଆକ୍ରମଣର ମିଳିତ ମୁକାବିଲା କରିବେ ପାକିସ୍ତାନ-ସାଉଦି ଆରବ

ସାଉଦି କ୍ରାଉନ୍ ପ୍ରିନ୍ସ ମହମ୍ମଦ ବିନ୍ ସଲମାନ୍‌ଙ୍କ ନିମନ୍ତ୍ରଣକ୍ରମେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍ ବୁଧବାର ରିୟାଧ ଗସ୍ତ କରି ତାଙ୍କ ସହ ଏକ ବିସ୍ତୃତ ପ୍ରତିରକ୍ଷା ଚୁକ୍ତିରେ ସ୍ୱାକ୍ଷର କରିଛନ୍ତି। 'ଷ୍ଟ୍ରାଟେଜିକ୍ ମ୍ୟୁଚୁଆଲ ଡିଫେନ୍ସ ଏଗ୍ରିମେଣ୍ଟ' ଶୀର୍ଷକ ଏହି ଐତିହାସିକ ଚୁକ୍ତି ସମ୍ପନ୍ନ ହେବା ଫଳରେ ପାକିସ୍ତାନ କିମ୍ବା ସାଉଦି ଆରବ ଉପରେ କୌଣସି ଆକ୍ରମଣକୁ ଉଭୟ ଦେଶ ଉପରେ ଅତିକ୍ରମଣ ବୋଲି ଇସ୍‌ଲାମାବାଦ ଓ ରିୟାଧ ବିବେଚନା କରି ମିଳିତ ଭାବେ ଏହାର ମୁକାବିଲା କରିବେ। ପାକିସ୍ତାନ ହେଉଛି ଏକମାତ୍ର ଆଣବିକ ଅସ୍ତ୍ରସମ୍ପନ୍ନ ମୁସଲମାନ ବହୁଳ ରାଷ୍ଟ୍ର। ଏହା ନିକଟରେ ଇସ୍‌ଲାମିକ୍ ଦୁନିଆର ସର୍ବବୃହତ୍ ସେନା ରହିଛି। ପଡ଼ୋଶୀ ଭାରତ ପଟୁ କୌଣସି ପ୍ରକାର ଚ୍ୟାଲେଞ୍ଜ ଆସିଲେ ମୁକାବିଲା ପାଇଁ ପ୍ରସ୍ତୁତ ରହିଥିବା ଇସ୍‌ଲାମାବାଦ କହିଆସୁଥିବାବେଳେ ସାଉଦି ଆରବ ସହ ସଦ୍ୟ ପ୍ରତିରକ୍ଷା ଚୁକ୍ତି ପାକିସ୍ତାନର ସାମରିକ ବଳ ବୃଦ୍ଧି ଘଟାଇପାରେ। ସେହିପରି ଇସ୍‌ଲାମିକ୍ ରାଷ୍ଟ୍ରଗୁଡ଼ିକୁ ନେଇ ନର୍ଥ ଆଟ୍‌ଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ (ନାଟୋ) ଅନୁରୂପ ଏକ ସାମରିକ ମହାମେଣ୍ଟ ପ୍ରତିଷ୍ଠା କରିବାକୁ ପାକିସ୍ତାନ ଚାହୁଁଥିଲା। ଉପରୋକ୍ତ ଚୁକ୍ତି ଇସ୍‌ଲାମିକ୍ ସାମରିକ ମହାମେଣ୍ଟ ପାଇଁ ମୂଳଦୁଆ ପକାଇଥିବା କୁହାଯାଉଛି। ତେଣୁ ଏହାକୁ ଭାରତ ପାଇଁ ଚିନ୍ତାଜନକ ମନେକରାଯାଉଛି।

## ଭାରତ ପାଇଁ ଚିନ୍ତାଜନକ ପ୍ରତିରକ୍ଷା ଚୁକ୍ତି



ରିୟାଧରେ ସାଉଦି ଆରବ କ୍ରାଉନ୍ ପ୍ରିନ୍ସ ମହମ୍ମଦ ବିନ୍ ସଲମାନ୍‌ଙ୍କ ସହ ପ୍ରତିରକ୍ଷା ଚୁକ୍ତି ସ୍ୱାକ୍ଷର କରିବା ଅବସରରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍। **(ଫଟୋ ସୌଜନ୍ୟ: ରଏଟର୍ସ)**


ଇସ୍‌ଲାମାବାଦ/ରିୟାଧ/ନୂଆଦିଲ୍ଲୀ, ୧୮।୯(ପି.ଟି./ରଏଟର୍ସ)

ପାକିସ୍ତାନ ଓ ସାଉଦି ଆରବ ଏକ 'ରଣନୈତିକ ପାରସ୍ପରିକ ପ୍ରତିରକ୍ଷା' ଚୁକ୍ତିରେ ସ୍ୱାକ୍ଷର କରିଛନ୍ତି। ତଦନୁସାରେ ପାକିସ୍ତାନ କିମ୍ବା ସାଉଦି ଆରବ ଉପରେ କୌଣସି ଆକ୍ରମଣ ହେଲେ ତାକୁ ଉଭୟ ଦେଶ ବିରୋଧରେ ଅତିକ୍ରମଣ ରୂପେ ବିବେଚନା କରାଯିବ ବୋଲି ଏକ ମିଳିତ ଘୋଷଣାନାମାରେ କୁହାଯାଇଛି। ଉପସାଗରୀୟ ରାଷ୍ଟ୍ରର ରାଜଧାନୀ ରିୟାଧକୁ ବୁଧବାର ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍‌ଙ୍କ ଗସ୍ତ ☞ପୃଷ୍ଠା-୨

# ନ୍ୟାଶନାଲ ଜିଓଗ୍ରାଫିକ୍‌ର କଭର ପେଜ୍‌ରେ ଶିମିଳିପାଳ କଳାବାଘ

ନୂଆଦିଲ୍ଲୀ,୧୮।୯(ପି.ଟି.)

ଓଡ଼ିଶାର ଶିମିଳିପାଳ ଜାତୀୟ ଉଦ୍ୟାନରେ ଭାରତୀୟ ଫଟୋଗ୍ରାଫର ପ୍ରସନ୍‌ଜିତ ଯାଦବଙ୍କ ଦ୍ୱାରା ନିଆଯାଇଥିବା ଏକ ଦୁର୍ଲଭ କଳାବାଘର ଫଟୋ ନ୍ୟାଶନାଲ ଜିଓଗ୍ରାଫିକ୍ ମାଗାଜିନର ଆଗାମୀ ଅକ୍ଟୋବର ମାସର ସଂସ୍କରଣ ପାଇଁ କଭର ପେଜ୍ ଭାବେ ସ୍ଥାନିତ ହୋଇଛି। ଉକ୍ତ କଭର ପେଜ୍ ଫଟୋ ପାଇଁ ପ୍ରସନ୍‌ଜିତଙ୍କୁ ଶିମିଳିପାଳର ଘନ ଜଙ୍ଗଲ ମଧ୍ୟରେ ଅନେକ ମାସ ଧରି ବାଘଗୁଡ଼ିକଙ୍କ ଉପରେ ନଜର ରଖିବାକୁ ପଡ଼ିଥିଲା। କଭର ପେଜ୍‌ରେ ସ୍ଥାନିତ ହୋଇଥିବା ବାଘଟି ସ୍ୟୁଡୋ ମେଲାନିଷ୍ଟିକ୍ ଟାଇଗର ପ୍ରଜାତିର ହୋଇଥିବା ବେଳେ ଏହା ବିଶ୍ୱର ସବୁଠାରୁ ଦୁର୍ଲଭ ବାଘ ମଧ୍ୟରୁ ଅନ୍ୟତମ। ☞ପୃଷ୍ଠା-୨




# ୧୩୫ ଶିଳ୍ପ ସଂସ୍ଥା ଉପରେ ଗଡୁଛି ୩୭୯୭ କୋଟିର ଜଳକର

ଭୁବନେଶ୍ୱର,୧୮।୯(ରବିନାରାୟଣ ଜେନା)

ରାଜ୍ୟରେ ଶିଳ୍ପସଂସ୍ଥାଗୁଡ଼ିକ ଉପରେ ଅନେକ ହଜାର କୋଟି ଟଙ୍କାର ଜଳକର ବକେୟା ଗଡୁଛି। ସମ୍ପୃକ୍ତ ଶିଳ୍ପସଂସ୍ଥା ରାଜ୍ୟର ପ୍ରମୁଖ ୧୧ଟି ନଦୀରୁ ଜଳ ଟାଣୁଥିଲେ ହେଁ ସମୟ ଭିତରେ ରାଜ୍ୟ ସରକାରଙ୍କୁ ଜଳକର ଦେଉନାହାନ୍ତି। ଫଳରେ ୧୩୫ଟି ପ୍ରମୁଖ ଶିଳ୍ପସଂସ୍ଥା ଉପରେ ୩,୭୯୭.୧୪କୋଟିଟଙ୍କାର ଜଳକର ୨୦୨୫ ମାର୍ଚ୍ଚ ସୁଦ୍ଧା ବକେୟା ଗଡୁଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧାନସଭାରେ ଦର୍ଶାଇଛନ୍ତି।

ଭାଜପା ସଦସ୍ୟ ଟଙ୍କଧର ତ୍ରିପାଠୀଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଜଳବାୟୁ ପରିବର୍ତ୍ତନ ଯୋଗୁ ଜଳପ୍ରବାହରେ ଅନିୟମିତତା ପରିଲକ୍ଷିତ ହୋଇଛି। ଓଡ଼ିଶାରେ ପ୍ରବାହିତ ମହାନଦୀ, ବ୍ରାହ୍ମଣୀ, ବୈତରଣୀ, ଋଷିକୁଲ୍ୟା, ବଂଶଧାରା, ନାଗାବଳୀ, କୋଲାବ, ଇନ୍ଦ୍ରାବତୀ, ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ ଓ ବାହୁଦାରୁ ଶିଳ୍ପ ସଂସ୍ଥାଗୁଡ଼ିକ ଜଳ ନେଉଛନ୍ତି। ୧୩୫ଟି ଶିଳ୍ପ ସଂସ୍ଥା ୧୧ଟି ନଦୀରୁ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

## ପଡ଼ୋଶୀରେ ଅସ୍ଥିରତା

# ଦୁର୍ଘଟଣା ପରେ ସମ୍ପର୍କ ତୁଟିଲା

## ସ୍ତ୍ରୀ ହରାଇଲେ ଦୃଷ୍ଟିଶକ୍ତି, ହାତ ଛାଡ଼ିଦେଲେ ସ୍ୱାମୀ

ବାରିପଦା, ୧୮।୯(ନୀଳାଦ୍ରି ବିହାରୀ ଦଣ୍ଡପାଟ)


ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ ଭୋଲାଗଡ଼ିଆ ଗ୍ରାମର ଜଣେ ମହିଳା ଏବେ ବେସାହାରା ହୋଇପଡ଼ିଛନ୍ତି। ସଡ଼କ ଦୁର୍ଘଟଣାରେ ତାଙ୍କ ଦୃଷ୍ଟିଶକ୍ତି ଚାଲିଯିବା ପରେ ସାତଜନ୍ମର ସାଥୀ ହୋଇ ଜୀବନ ବିତାଇବାକୁ ଶପଥ ନେଇଥିବା ସିଆର୍‌ପିଏଫ୍ ଯବାନ ଭାବେ କାର୍ଯ୍ୟ କରୁଥିବା ସ୍ୱାମୀ ହାତ ଛାଡ଼ିଦେଇଛନ୍ତି। ଚିକିତ୍ସା ନିମନ୍ତେ ଔଷଧ କିମ୍ବା ଭରଣପୋଷଣ ପାଇଁ ସହଯୋଗ କରୁ ନ ଥିବାରୁ ଦିବ୍ୟାଙ୍ଗ ସାଜିଥିବା ମହିଳା ଜଣକ ଏବେ ନ୍ୟାୟ ପାଇଁ ସଂଘର୍ଷ କରୁଛନ୍ତି।



ସୀତା ମାରାଣ୍ଡି

ସେନା ଅଧିକାରୀଙ୍କଠାରୁ ଆରମ୍ଭକରି ଥାନାର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ନ୍ୟାୟ ପାଇବାରୁ ବଞ୍ଚିତ ହୋଇଛନ୍ତି। ବାପଘର ଲୋକେ ଝିଅକୁ ନ୍ୟାୟ ଦେବାପାଇଁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଉପଜିଲାପାଳ ନେତାନନ୍ଦ ମଲ୍ଲିକଙ୍କୁ ପ୍ରଦାନ କରିଛନ୍ତି।

ସୂଚନାଯୋଗ୍ୟ, ଭୋଲାଗଡ଼ିଆ ଗ୍ରାମର ଲକ୍ଷ୍ମଣ ମାରାଣ୍ଡିଙ୍କ ଝିଅ ସୀତାଙ୍କୁ ବଡ଼ହାଳିଆ ଗ୍ରାମର ଗୁମୁଦା ହାଁସଦା ୨୦୧୮ ନଭେମ୍ବର ୨୫ରେ ପ୍ରେମ ବିବାହ କରିଥିଲେ। ଗୁମୁଦା ଜଣେ ସିଆର୍‌ପିଏଫ୍ ଯବାନ ହୋଇଥିବା ବେଳେ ଏବେ ସେ ବିହାର ରେଜିମେଣ୍ଟ ୨୦୫ କୋବ୍ରା ବାଟାଲିୟନରେ ☞ପୃଷ୍ଠା-୨



# ଆଜି କ'ଣ କେଉଁଠି

### ଭୁବନେଶ୍ୱର
- ଓଡ଼ିଶା ବୁଣାକାର ମହାସଂଘ ଖବରଦାତା ସମ୍ମିଳନୀ, ସ୍ଥାନ: ରେଡକ୍ରସ ଭବନ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଶିଳାଶ୍ରୀ ସାହିତ୍ୟ ଉତ୍ସବ, ସ୍ଥାନ: ବୁଦ୍ଧମନ୍ଦିର ସଭାଗୃହ, ସମୟ: ସନ୍ଧ୍ୟା ୬ଟା ୩୦।
- ସଂସ୍କୃତି ସୁରକ୍ଷା ମଞ୍ଚ ପକ୍ଷରୁ ଆଲୋଚନାଚକ୍ର (ସଂସ୍କୃତି ସୁରକ୍ଷା ପାଇଁ ଗଣମାଧ୍ୟମର ଭୂମିକା), ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୭ଟା।
- ବିଦ୍ୟାକନକ ସୃଜନାନୁଷ୍ଠାନ ପକ୍ଷରୁ ଆୟୋଜିତ ନାଟ୍ୟ ଲହରୀ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

### କଟକ
- ଭାରତ ସରକାରଙ୍କ ଇନ୍‌ଟାକ୍ ପକ୍ଷରୁ ଜନତା ରଙ୍ଗମଞ୍ଚକୁ ଐତିହାସିକ ସାଂସ୍କୃତିକ ଅନୁଷ୍ଠାନ ମାନ୍ୟତା ଫଳକ ଉନ୍ମୋଚନ ଉତ୍ସବ, ସ୍ଥାନ: ଜନତା ରଙ୍ଗମଞ୍ଚ, ବାଙ୍କାବଜାର, ସମୟ: ପୂର୍ବାହ୍ନ ୧୦ଟା।
- ବସ୍ତିବାସିନ୍ଦାଙ୍କ ମିଳିତ ମଞ୍ଚ ପକ୍ଷରୁ ଜାଗା ମିଶନ ଯୋଜନା ପୁନଃ ପ୍ରଚଳନ ନିମନ୍ତେ ଦାବିପତ୍ର ପ୍ରଦାନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଓଡ଼ିଶା କ୍ରିକେଟ ଆସୋସିଏଶନ ପକ୍ଷରୁ ଓଡ଼ିଶା ପ୍ରୋ ଟି୨୦ ଲିଗ୍‌ର ତୃତୀୟ ଦିବସ, ସ୍ଥାନ: ବାରବାଟୀ ଷ୍ଟାଡିୟମ, ସମୟ: ଅପରାହ୍ନ ୨ଟା।

### ଭଦ୍ରକ
- ପୂର୍ବତନ ବିଧାୟକ ବିଷ୍ଣୁ ସେଠୀଙ୍କ ୩ୟ ଶ୍ରାଦ୍ଧ ଉତ୍ସବ, ସ୍ଥାନ: ତିହିଡ଼ି କାଳୀପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ସ୍ୱର୍ଗତ ବିଷ୍ଣୁ ସେଠୀଙ୍କ ୩ୟ ଶ୍ରାଦ୍ଧବାର୍ଷିକ ପାଳନ, ସ୍ଥାନ: ପାନ୍ଥନିବାସ, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।

### କେନ୍ଦୁଝର
- ପୂର୍ବତନ ବିଧାୟକ ବିଷ୍ଣୁ ସେଠୀଙ୍କ ତୃତୀୟ ଶ୍ରାଦ୍ଧବାର୍ଷିକରେ ଗୀତା ଯଜ୍ଞ ଓ ସ୍ମୃତିସଭା, ସ୍ଥାନ: ବୈତରଣୀ ନଦୀ ଉତ୍ତରବାହିନୀ ଘାଟ, ଆନନ୍ଦପୁର, ସମୟ: ସକାଳ ୮ଟା ଓ ସନ୍ଧ୍ୟା ୬ଟା।

### ବ୍ରହ୍ମପୁର
- କଂଗ୍ରେସର ପ୍ରତିବାଦ କାର୍ଯ୍ୟକ୍ରମ, ସ୍ଥାନ: ଆର୍‌ଡିସି ଅଫିସ, ସମୟ: ପୂର୍ବାହ୍ନ ୧୧ଟା।
- କାଳୁଆ ଯାତ୍ରା ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: ଗୋଷାଣୀନୂଆଗାଁ ବଡ଼ସାହି, ସମୟ: ସନ୍ଧ୍ୟା ୭ଟା।

### ଗଞ୍ଜାମ
- ଜିଲ୍ଲାସ୍ତରୀୟ ଶିଶୁ ଉତ୍ସବ ମହକ, ସ୍ଥାନ: ଛତ୍ରପୁର ଜିଲ୍ଲା ସଂସ୍କୃତି ଭବନ,ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ବ୍ୟାଙ୍କ ପରାମର୍ଶ କମିଟି ବୈଠକ,ସ୍ଥାନ: ଛତ୍ରପୁରସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ,ସମୟ: ପୂର୍ବାହ୍ନ ୧୧ଟା।

### ଢେଙ୍କାନାଳ
- ଫୁଡ୍ ଲଭର୍ସ ପକ୍ଷରୁ ଫୁଡ୍ ଫେଷ୍ଟା, ସ୍ଥାନ: ଗୋପବନ୍ଧୁ ଟାଉନ ହଲ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ୪ର୍ଥ ଶ୍ରେଣୀ ମେଡିକାଲ କର୍ମଚାରୀ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ, ଏନ୍‌ଏଚ୍‌ଏମ୍ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।

### ଜଗତ୍‌ସିଂହପୁର
- ପାରାଦୀପ ନଗର କଂଗ୍ରେସ ପକ୍ଷରୁ ବିଶ୍ୱକର୍ମା ପୂଜା ମଣ୍ଡପ ଅଞ୍ଚଳରେ ସଫେଇ କାର୍ଯ୍ୟକ୍ରମ,ସ୍ଥାନ: ବଡ଼ପଡ଼ିଆ ବ୍ୟାଙ୍କ ଛକ, ପାରାଦୀପ, ସମୟ: ସକାଳ ୭ ଟା।
- ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ତଟ ସଫେଇ ଦିବସ ଉପଲକ୍ଷେ ଛାତ୍ରୀଛାତ୍ରଙ୍କୁ ନେଇ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: ଗଣପତି ଶିଶୁ ବିଦ୍ୟାମନ୍ଦିର, ବାଲିଝରା, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।
- ଭାରତୀୟ ତଟରକ୍ଷକ ବାହିନୀର ନୂତନ ପାଟ୍ରୋଲିଂ ଜାହାଜ 'ଅଦମ୍ୟ'ର ଲୋକାର୍ପଣ ଉତ୍ସବ, ସ୍ଥାନ: କୋଷ୍ଟଗାର୍ଡ ବର୍ଥ, ପାରାଦୀପ ବନ୍ଦର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜଗନ୍ନାଥ ଟ୍ରକ୍ ମାଲିକସଂଘ ପୂଜା ତୋରଣ ନିକଟରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବ୍ୟାଙ୍କ ଛକ, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୮ଟା।

### କେନ୍ଦ୍ରାପଡ଼ା
- ମା'ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ପୁରୁଷୋତ୍ତମପୁର, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

### ଯାଜପୁର
- ମା' ବିରଜାଙ୍କ ଷୋଡ଼ଶ ପୂଜା, ସ୍ଥାନ: ବ୍ୟାସନଗର ବିରଜା ନଗର ମନ୍ଦିର ପରିସର, ସମୟ: ସନ୍ଧ୍ୟା ୭ଟା୨୦।

### ନୟାଗଡ଼
- ନାରାୟଣୀଙ୍କ ଷୋଡ଼ଶ ପୂଜାର ଷଷ୍ଠ ଦିବସ, ସ୍ଥାନ:ଭାପୁର ବ୍ଲକର ପଥରଚକଡା ପୀଠ, ସମୟ: ସକାଳ ୮ଟା।
- ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନର ୩ୟ ଦିବସ, ସ୍ଥାନ: ଦଶପଲ୍ଲା ବ୍ଲକର ମଧ୍ୟଖଣ୍ଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ସକାଳ ୯ଟା।
- ଖଣ୍ଡପଡ଼ା ଆଦର୍ଶ ବିଦ୍ୟାଳୟର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଖଣ୍ଡପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ସତ୍ୟ ସାଇ ବାବାଙ୍କ ଦିବ୍ୟ ପାଦୁକା ଯାତ୍ରା, ସ୍ଥାନ: ଦଶପଲ୍ଲା ବ୍ଲକର ଗୋହିରିମଡା ସହ ଆଖପାଖ ଗାଁ, ସମୟ: ସକାଳ ୮ଟାରୁ ରାତି ୯ଟା ୩୦।
- ବିମଳାଙ୍କ ଷୋଡ଼ଶ ପୂଜାର ଷଷ୍ଠ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ପୀଠ, ସମୟ: ସନ୍ଧ୍ୟା ୭ଟା।

### ରାୟଗଡ଼ା
- ଜୀବନ ପାଇଁ ଖାଦ୍ୟ ହେକାଥନ– ୨୦୨୫ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଜିଆଇଇଟି ବିଶ୍ୱବିଦ୍ୟାଳୟ, ଗୁଣୁପୁର, ସମୟ: ସକାଳ ୯ଟା।

### ନବରଙ୍ଗପୁର
- ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜନଶୁଣାଣି, ସ୍ଥାନ: ତେନ୍ତୁଳିଖୁଣ୍ଟି ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ରକ୍ତଦାନ ଶିବିର, ସ୍ଥାନ: ଉମରକୋଟ ଭାଜପା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ ଶିବିର, ସ୍ଥାନ: ପାପଡ଼ାହାଣ୍ଡି ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଆର୍‌ଏମ୍‌ସି ପକ୍ଷରୁ ୬ଟି ଷ୍ଟଲ ସିଲ୍ କରାଯିବ, ସ୍ଥାନ: ନବରଙ୍ଗପୁର, ସମୟ: ପୂର୍ବାହ୍ନ ୧୧ଟା।
- ଅବିଭକ୍ତ କୋରାପୁଟ ଜିଲାକୁ ନେଇ ରାଜ୍ୟ ଗଠନ ଦାବିରେ ଖବରଦାତା ସମ୍ମିଳନୀ, ସ୍ଥାନ: ନବରଙ୍ଗପୁର ତୃପ୍ତି ଲଜ୍, ସମୟ: ଅପରାହ୍ନ ୩ଟା।
- ସ୍ୱାସ୍ଥ୍ୟ, ମହିଳା ଓ ଶିଶୁ କଲ୍ୟାଣ ବିଭାଗର ଯୁଗ୍ମ ବୈଠକ, ସ୍ଥାନ: ନବରଙ୍ଗପୁର ଜିଲା ପରିଷଦ ବୈଠକ ଗୃହ, ସମୟ: ଅପରାହ୍ନ ୪ଟା।

### କୋରାପୁଟ
- ସ୍ୱାର୍କ–୨୦୨୫, ସ୍ଥାନ: ଓଡ଼ିଶା ଆଦର୍ଶ ବିଦ୍ୟାଳୟ ମେସିଙ୍ଗପୁଟ, ଲମତାପୁଟ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକ୍‌ସ୍ତରୀୟ ଖେଳକୁଦ ଚୟନ, ସ୍ଥାନ: ନୋଡାଲ ହାଇସ୍କୁଲ, ବୈପାରୀଗୁଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ସୁସ୍ଥ ନାରୀ ସଶକ୍ତ ପରିବାର କାର୍ଯ୍ୟକ୍ରମ, ସ୍ଥାନ: ବନ୍ଧୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସୁସ୍ଥ ନାରୀ ସଶକ୍ତ ଅଭିଯାନ, ସ୍ଥାନ: ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଲମତାପୁଟ, ସମୟ: ପୂର୍ବାହ୍ନ ୧୧ଟା।

### ସମ୍ବଲପୁର
- ଯୋଗ ପରିବାର ଆୟୋଜନରେ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ: ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ : ସକାଳ ୬ଟା।
- ସମ୍ବଲପୁର ରେଳ ମଣ୍ଡଳରେ ସ୍ୱଚ୍ଛତା ହିଁ ସେବା ଅଭିଯାନ ଉପଲକ୍ଷେ ୱାକାଥନ କାର୍ଯ୍ୟକ୍ରମ, ସ୍ଥାନ: ରେଳ ନଗର, ସମୟ: ସକାଳ ୭ଟା।
- ମେଗା ବୃକ୍ଷରୋପଣ କାର୍ଯ୍ୟକ୍ରମ, ସ୍ଥାନ: ରେଙ୍ଗାଲି ବ୍ଲକ ଅର୍ନ୍ତଗତ ନିଶାନଭଙ୍ଗା ଜଙ୍ଗଲ, ସମୟ : ସକାଳ ୯ଟା ୩୦।
- ଓଡ଼ିଶା କେନ୍ଦୁପତ୍ର ସଂଘର ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ସକାଳ ୯ଟା ୩୦।
- ପ୍ରଫେସର ଦୁର୍ଗା ପ୍ରସାଦ ନାୟକ ସ୍ମାରକୀ ବକ୍ତୃତାମାଳା, ସ୍ଥାନ : ସାମ୍ବାଦିକ ଭବନ, ସମୟ : ସନ୍ଧ୍ୟା୬ଟା।
- ରାବଣ ବଧ ଉତ୍ସବର ପ୍ରସ୍ତୁତି ଓ ଅଭ୍ୟାସ କାର୍ଯ୍ୟକ୍ରମ, ସ୍ଥାନ : ଗଙ୍ଗାଧର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।

### ବଲାଙ୍ଗୀର
- ଖପ୍ରାଖୋଲ ଆଦର୍ଶ ବିଦ୍ୟାଳୟର ପ୍ରତିଷ୍ଠା ଦିବସ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ରକ୍ତଦାନ ଶିବିର, ସ୍ଥାନ: ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ପୂର୍ବାହ୍ନ ୧୧ଟା।
- ଦ୍ୱିତୀୟ ସର୍ବଭାରତୀୟ ପ୍ରଶିକ୍ଷଣ ଶିବିର, ସ୍ଥାନ: ସରକାରୀ ଆୟୁର୍ବେଦ ମହାବିଦ୍ୟାଳୟ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା

### ରାଉରକେଲା
- ଷ୍ଟିଲ୍ ଏମ୍ପ୍ଲଇଜ୍ ଟ୍ରେଡ୍ ୟୁନିଅନ ଓ ସାଥୀ ପକ୍ଷରୁ ବିକ୍ଷୋଭ, ସ୍ଥାନ: ବିଶ୍ରା ଛକ, ସମୟ: ସକାଳ ୭ଟା ୩୦।
- ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ସ୍ଥାନ: ବାସନ୍ତୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ପୂର୍ବାହ୍ନ ୧୧ଟା।
- ଅଭିଭାବକ ବୈଠକ, ସ୍ଥାନ: ଦିଲ୍ଲୀ ପବ୍ଲିକ ସ୍କୁଲ, ସମୟ: ପୂର୍ବାହ୍ନ ୧୧ଟା।
- କେନ୍ଦ୍ରୀୟ ପୂଜା କମିଟି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: କାର୍ଯ୍ୟାଳୟ, ସମୟ: ଅପରାହ୍ନ ୪ଟା।
- ଗୋପବନ୍ଧୁ ପାଠାଗାରରେ ସାହିତ୍ୟ ସଭା, ସ୍ଥାନ: ଛେଣ୍ଡ ପାଠାଗାର ସତ୍ୟବାଦୀ କକ୍ଷ, ସମୟ: ସନ୍ଧ୍ୟା ୭ଟା।

### ବରଗଡ଼
- କ୍ୟାନସର ଚିହ୍ନଟ ଶିବିର, ସ୍ଥାନ: ଅଗ୍ରଗାମୀ ଯୁବକ ସଂଘ, ବରଗଡ଼, ସମୟ: ସକାଳ ୯ଟା।
- ପ୍ରଶିକ୍ଷଣ ଶିବିର–'ସମ୍ଭବ', ସ୍ଥାନ: ପିଏମ୍‌ଶ୍ରୀ ସରକାରୀ ବାଳିକା ହାଇସ୍କୁଲ, ବରଗଡ଼, ସମୟ: ସକାଳ ୯ଟା ୩୦।
- ସେବାପକ୍ଷ ଅବସରରେ କର୍ମଶାଳା, ସ୍ଥାନ:ଜିଲା ସଂସ୍କୃତି ଭବନ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ସୁପ୍ରିୟା ସ୍ମାରକୀ ଫୁଟବଲ,ସ୍ଥାନ:ଲେଙ୍ଗୁ ମିଶ୍ର ଷ୍ଟାଡିୟମ, ବରଗଡ଼, ସମୟ:ଅପରାହ୍ନ ୨ଟା।

### କଳାହାଣ୍ଡି
- ସେବାପକ୍ଷ ଉପଲକ୍ଷେ ଭାଜପାର ରକ୍ତଦାନ ଶିବିର, ସ୍ଥାନ: ନର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା।
- ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: କେସିଙ୍ଗା ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଅଗ୍ରସେନ ଜୟନ୍ତୀ ଉପଲକ୍ଷେ ସୁପର ଡ୍ୟାନ୍ସର କାର୍ଯ୍ୟକ୍ରମ, ସ୍ଥାନ: ଜୁନାଗଡ଼ ଅଗ୍ରସେନ ଭବନ, ସମୟ: ଅପରାହ୍ନ ୪ଟା।

### ବୌଦ୍ଧ
- ସ୍ୱାସ୍ଥ୍ୟ ନାରୀ ଶକ୍ତି ମେଗା ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ପୁରୁଣାକଟକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ହରଭଙ୍ଗା ବ୍ଲକ, ସମୟ: ସକାଳ ୮ଟା।
- ସର୍ବସାଧାରଣଙ୍କ ଜନଶୁଣାଣି ଶିବିର, ସ୍ଥାନ: ଗୁନ୍ଦୁଲିଆ ମାର୍କେଟ କମ୍ପ୍ଲେକ୍ସ, ସମୟ: ପୂର୍ବାହ୍ନ ୧୧ଟା।

### ଦେବଗଡ଼
- ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ସମୟ: ସନ୍ଧ୍ୟା ୭ଟା।

### ସୁବର୍ଣ୍ଣପୁର
- ତରଭାରେ ବିଶ୍ୱକର୍ମାଙ୍କ ଭସାଣି ଶୋଭାଯାତ୍ରା, ସ୍ଥାନ: ବିଦ୍ୟୁତ୍ ବିଭାଗ ଅଫିସ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ନବାହ୍ନ ପରାୟଣର ଦ୍ୱିତୀୟ ଦିବସ, ସ୍ଥାନ: କର୍ଣ୍ଣପାଲ, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଗ୍ରାମ୍ୟ ପରିଚାଳନା କମିଟିର ବୈଠକ, ସ୍ଥାନ: ଅମରପାଲି, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।

### ନୂଆପଡ଼ା
- ମଦର ଟେରେସା ସେବା ସଂଗଠନ ପକ୍ଷରୁ ସେବାପକ୍ଷ ପାଳନ, ସ୍ଥାନ: କୋମନା ବ୍ଲକ ଜଟଗଡ ପଞ୍ଚାୟତ ଗଡଗଡବାହାଲି ଗାଁ, ସମୟ: ସକାଳ ୯ଟା ୩୦।
- ବିଶ୍ୱକର୍ମା ଟ୍ରଷ୍ଟ ପକ୍ଷରୁ ମର୍ତ୍ତି ବିସର୍ଜନ, ସ୍ଥାନ: ଆମ୍ବେଡକର ଛକ ନିକଟ ବାରିକ ଗ୍ୟାରେଜ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ ତୃତୀୟ ଦିବସ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୧ଟା।

## ପ୍ରଥମ ପୃଷ୍ଠାରୁ...

## ଆକ୍ରମଣର ମିଳିତ...

ସମୟରେ ସାଉଦି କ୍ରାଉନ୍ ପ୍ରିନ୍ସ ମହମ୍ମଦ ବିନ୍ ସଲମାନ୍‌ଙ୍କ ସହ ସେ ଉକ୍ତ ଚୁକ୍ତିରେ ସ୍ୱାକ୍ଷର କରିଛନ୍ତି। ଗଲ୍ଫ ରିଜିଅନ୍‌ରେ ଆମେରିକାର ଗୁରୁତ୍ୱପୂର୍ଣ୍ଣ ସହଯୋଗୀ ରହିଆସିଥିବା କାତାର ରାଜଧାନୀ ଦୋହାରେ ପାଲେଷ୍ଟିନୀୟ ଆତଙ୍କବାଦୀ ସଙ୍ଗଠନ ହମାସ୍‌ର ଶୀର୍ଷ ରାଜନେତାମାନଙ୍କୁ ହତ୍ୟା ପାଇଁ ଇସ୍ରାଏଲ୍ ଟାର୍ଗେଟ କରିବାର କିଛିଦିନ ପରେ ପାକିସ୍ତାନ ଓ ସାଉଦି ଆରବ ମଧ୍ୟରେ ଏହି ଚୁକ୍ତି ସମ୍ପନ୍ନ ହୋଇଛି। ପ୍ରତିରକ୍ଷା ଚୁକ୍ତିର ଦିନକ ପରେ ଗୁରୁବାର ନୂଆଦିଲ୍ଲୀ ପକ୍ଷରୁ ପ୍ରତିକ୍ରିୟା ପ୍ରକାଶ ପାଇଛି। ଭାରତର ଜାତୀୟ ସ୍ୱାର୍ଥକୁ ସୁରକ୍ଷିତ ରଖିବା ସହ ବ୍ୟାପକ ଜାତୀୟ ନିରାପତ୍ତାକୁ ସୁନିଶ୍ଚିତ କରିବା ଦିଗରେ ସବୁ ପ୍ରକାର ପଦକ୍ଷେପ ନିଆଯିବ ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷେ କଂଗ୍ରେସ ଏହାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କୂଟନୈତିକ ବିଫଳତା ବୋଲି ସମାଲୋଚନା କରିଛି।

ପାକିସ୍ତାନ–ସାଉଦି ଆରବ ମିଳିତ ଘୋଷଣାନାମାରେ ଉଲ୍ଲେଖ କରାଯାଇଛି, ଏହି ପ୍ରତିରକ୍ଷା ଚୁକ୍ତି ସମ୍ପୃକ୍ତ କ୍ଷେତ୍ରରେ ନିରାପତ୍ତା ଓ ଶାନ୍ତିକୁ ସୁନିଶ୍ଚିତ କରିବା ଲାଗି ଉଭୟ ଦେଶର ସୁରକ୍ଷାକୁ ତ୍ୱରାନ୍ୱିତ କରିବା ଉପରେ ପ୍ରତିଶ୍ରୁତିବଦ୍ଧତାକୁ ଦର୍ଶାଉଛି। ୨ ଦେଶ ମଧ୍ୟରୁ କାହା ଉପରେ ବି ଆକ୍ରମଣ ହେଲେ ତାକୁ ଉଭୟେ ନିଜ ଉପରେ ଅତିକ୍ରମଣ ବିବେଚନା କରି ଏହାର ମିଳିତ ମୁକାବିଲା କରିବେ। ପାକିସ୍ତାନ ଓ ସାଉଦି ଆରବର ୮ ଦଶନ୍ଧି ପୁରୁଣା ଐତିହାସିକ ସହଭାଗିତାକୁ ଆଗକୁ ଆହୁରି ମଜଭୁତ କରିବା ଦିଗରେ ଏହା ସହାୟକ ହେବ। ଭ୍ରାତୃତ୍ୱ ଓ ଇସ୍‌ଲାମିକ୍ ଏକତା ଆଧାରିତ ତଥା ଘନିଷ୍ଠ ପ୍ରତିରକ୍ଷା ସହଯୋଗକୁ ଭିତ୍ତିକରି ୨ ଦେଶ ଉପରୋକ୍ତ ସହମତି ପ୍ରକାଶ କରିଛନ୍ତି। ଗୁରୁବାର ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍ ଏକ ସୋସିଆଲ ମିଡିଆ ପୋଷ୍ଟରେ ଉଲ୍ଲେଖ କରିଛନ୍ତି, ସାଉଦି କ୍ରାଉନ୍ ପ୍ରିନ୍ସ ମହମ୍ମଦ ବିନ୍ ସଲମାନ୍‌ଙ୍କ ସହ କ୍ଷେତ୍ରୀୟ ଆହ୍ୱାନ ଓ ଦ୍ୱିପାକ୍ଷିକ ସହଯୋଗିତା ବୃଦ୍ଧି ସମେତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଛି।

କ୍ରାଉନ୍ ପ୍ରିନ୍ସଙ୍କ ନିରନ୍ତର ସମର୍ଥନ, ସାଉଦି ନିବେଶ ଓ ଦୁଇଦେଶର ବାଣିଜ୍ୟ ତଥା ବ୍ୟବସାୟ ବୃଦ୍ଧିକୁ ସେ ସମ୍ମାନ ଦିଅନ୍ତି। ତୈଳ ପ୍ରାଚୁର୍ଯ୍ୟ ରାଷ୍ଟ୍ରକୁ ଶେହବାଜଙ୍କ ଗସ୍ତ ପୂର୍ବରୁ ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରଣାଳୟ ଏହାକୁ ଉଭୟ ରାଷ୍ଟ୍ରର ସ୍ୱାର୍ଥ ସମ୍ବଳିତ ଏକ ଐତିହାସିକ ସୁଯୋଗ ବୋଲି ଅଭିହିତ କରିଥିଲା। ସପ୍ତାହେ ଭିତରେ ଉପସାଗରୀୟ ଅଞ୍ଚଳକୁ ଏହା ହେଉଛି ଶେହବାଜଙ୍କ ତୃତୀୟ ଗସ୍ତ। ଏହା ପୂର୍ବରୁ ଶେହବାଜ କାତାରକୁ ୨ ଥର (ଗୁରୁବାର ଓ ସୋମବାର) ଗସ୍ତ କରିଥିଲେ। ସେପ୍ଟେମ୍ବର ୯ରେ କାତାରରେ ଇସ୍ରାଏଲର ଆକ୍ରମଣ ପରିପ୍ରେକ୍ଷୀରେ ଦୋହାକୁ ସମର୍ଥନ କରିବା ଥିଲା ତାଙ୍କ ଗସ୍ତର ଉଦ୍ଦେଶ୍ୟ। ଶେହବାଜଙ୍କ ସଦ୍ୟ ରିୟାଧ ଗସ୍ତବେଳେ ତାଙ୍କ ସହ ପାକିସ୍ତାନ ସେନାମୁଖ୍ୟ ଫିଲ୍ଡ ମାର୍ଶାଲ ଆସିମ୍ ମୁନିର, ବହିର୍ବ୍ୟାପାର ମନ୍ତ୍ରୀ ଇଶାକ୍ ଡାର୍, ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ୍, ଅର୍ଥମନ୍ତ୍ରୀ ମହମ୍ମଦ ଔରଙ୍ଗଜେବ୍, ସୂଚନା ମନ୍ତ୍ରୀ ଅତାଉଲ୍ଲାହ ତରାର, ପରିବେଶ ମନ୍ତ୍ରୀ ମୁସାଦିକ୍ ମଲିକ୍ ଏବଂ ସ୍ୱତନ୍ତ୍ର ସହଯୋଗୀ ତାରିକ୍ ଫତେମି ଯାଇଥିଲେ।

ଗତ ମେ'ରେ ଭାରତ ଓ ପାକିସ୍ତାନ ମଧ୍ୟରେ ୪ ଦିନ ଧରି ସାମରିକ ସଂଘର୍ଷ ଲାଗିରହିବାର ୪ ମାସ ପରେ ଏହି ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସମ୍ପନ୍ନ ହୋଇଛି। ଏହା ଉପରେ ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୈସ୍ୱାଲ କହିଛନ୍ତି, ଜାତୀୟ ସୁରକ୍ଷା ସହ ଆଞ୍ଚଳିକ ଓ ବୈଶ୍ୱିକ ସ୍ଥିରତା ଉପରେ ଏହି ଚୁକ୍ତିର କି ପ୍ରଭାବ ପଡ଼ିବ, ନୂଆଦିଲ୍ଲୀ ତାହା ଅନୁଧ୍ୟାନ କରିବ। ଭାରତର ଜାତୀୟ ସ୍ୱାର୍ଥକୁ ସୁରକ୍ଷା ଦେବା ଏବଂ ସବୁ କ୍ଷେତ୍ରରେ ବ୍ୟାପକ ଜାତୀୟ ନିରାପତ୍ତାକୁ ସୁନିଶ୍ଚିତ କରିବା ହେଉଛି ନୂଆଦିଲ୍ଲୀର ପ୍ରାଥମିକତା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ମଣ୍ଡା ପିଠା ଗୋଟି ଅଇଁଠା କଲି**
**କଷା କିଏ ମିଶାଇଲା**
**ଗଲା କଥା ଆଉ ଲେଉଟି ଆସେ କି**
**ଯେତେ ଆଶା କଲେ ଭଲା ?**

ଗତସ୍ୟ ଶୋଚନା ନାସ୍ତି। ଘଟିଯାଇଥିବା ଘଟଣା ପାଇଁ ମନସ୍ତାପ କରିବା ବା ଭାବି ଭାବି ସମୟ ନଷ୍ଟ କରିବା ଅନୁଚିତ। ସେହିପରି ଯାହା ବିତିଯାଇଛି ତାହା ଆଉ ଫେରି ଆସି ନ ଥାଏ। ଅତୀତ ସବୁବେଳେ ଅଫେରା। ତେଣୁ ପଛ କଥା ଚିନ୍ତା କରି ଅଯଥାରେ ସମୟ ନଷ୍ଟ କରିବାରେ କିଛି ଲାଭ ମିଳି ନ ଥାଏ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ମାଗିଖିଆ ଲାଗି ଖାଏ ନାହିଁ**
**କି ଲାଗିଖିଆ ମାଗି ଖାଏ ନାହିଁ।**

ଯିଏ ଭିକ ମାଗି ପେଟ ପୋଷେ ସେ କେବେ କଷ୍ଟ କରି କାମ କରିବାକୁ ଇଚ୍ଛା କରି ନ ଥାଏ। ସେହିପରି ଯିଏ କାମଦାମ କରି ନିଜ ପେଟ ପୋଷୁଥାଏ ସେ ପର ଆଗରେ ହାତ ପାତିବାକୁ ସଙ୍କୋଚ କରିଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଅନାସ୍ଥା ଆଣିଲା...

ପବିତ୍ର ସାଉନ୍ତା ପ୍ରମୁଖ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ପ୍ରକୋଷ୍ଠରେ ଅନାସ୍ଥା ପ୍ରସ୍ତାବ ପାଇଁ ସହଯୋଗ ଲୋଡ଼ିବାକୁ ପହଞ୍ଚିଥିଲେ। ହେଲେ ସେଠାରେ ଉପସ୍ଥିତ ଥିବା ବିରୋଧୀ ଦଳ ଉପମୁଖ୍ୟ ସଚେତକ ପ୍ରତାପ ଦେବ ଓ ଅନ୍ୟ ସଦସ୍ୟମାନଙ୍କ ସହ ଏନେଇ ଆଲୋଚନା ହୋଇଥିଲା। ଏହି ଅବସରରେ କାଡାମ କହିଛନ୍ତି, କଂଗ୍ରେସ ସବୁବେଳେ ରାଜ୍ୟବାସୀଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ଆସିଛି। ରାଜ୍ୟରେ ଯେଉଁଭଳି ଭାବେ ନାରୀ ନିର୍ଯାତନା ବଢ଼ିଚାଲିଛି ଏବଂ ମହିଳାମାନେ ତ୍ରାହି ତ୍ରାହି ଡାକୁଛନ୍ତି ତାହା ସମସ୍ତେ ଜାଣିଛନ୍ତି। ରାଜ୍ୟରେ ଚାଷୀଙ୍କଠାରୁ ଆରମ୍ଭ କରି ବେକାର ଯୁବତୀଯୁବକ ଏବଂ ଆଦିବାସୀଙ୍କ ପର୍ଯ୍ୟନ୍ତ ସମସ୍ତେ ସମସ୍ୟା ଦେଇ ଗତି କରୁଛନ୍ତି। ଏହାକୁ ନେଇ କଂଗ୍ରେସ ଅନାସ୍ଥା ଆଗତ କରିଛି। ଆଶା କରୁଛୁ ରାଜ୍ୟବାସୀଙ୍କ ହିତ ପାଇଁ ବିଜେଡି ଆମକୁ ସମର୍ଥନ ଦେବ।

ଅପରପକ୍ଷେ ଭାଜପାର ବରିଷ୍ଠ ବିଧାୟକ ଜୟନାରାୟଣ ମିଶ୍ର କହିଛନ୍ତି, ବିଜେଡି ଓ କଂଗ୍ରେସ ଭିତରେ 'ସିଲ୍‌ଭର ମେଡାଲ' ପାଇଁ ଲଢ଼େଇ ଚାଲିଛି। ଅନାସ୍ଥାର କୌଣସି ପ୍ରଭାବ ସରକାରଙ୍କ ଉପରେ ପଡ଼ିବ ନାହିଁ ବୋଲି ସେ କହିଛନ୍ତି। ସେହିପରି ଭାଜପା ବିଧାୟକ ବାବୁ ସିଂ କହିଛନ୍ତି, ଅନାସ୍ଥା ଆଣି କଂଗ୍ରେସ ଲୋକହସା ହେବ ଏବଂ 'ଜଗତେ କେବଳ ଜନେ ହସିବେ'। ବିଧାନସଭାରେ ଆବଶ୍ୟକ ସଂଖ୍ୟା ନ ଥାଇ କଂଗ୍ରେସ ଅନାସ୍ଥା ଆଣିବା କେବଳ ସସ୍ତା ବଞ୍ଚାଇବାକୁ ଉଦ୍ୟମ ଛଡ଼ା ଆଉ କିଛି ନୁହେଁ ବୋଲି ସେ କହିଛନ୍ତି।

## ବିଜେଡି ତଣ୍ଟିରେ...

ଅନାସ୍ଥା ଏକ କଣ୍ଟା ଭଳି ଲାଗିବାକୁ ଯାଉଛି ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି, ବିଜେଡି ସବୁବେଳେ ସମଦୂରତା ନୀତି ଅବଲମ୍ବନ କରିଆସିଛି। ଅନାସ୍ଥାକୁ ବାଚସ୍ପତି ଏ ପର୍ଯ୍ୟନ୍ତ ଗ୍ରହଣ କରିନାହାନ୍ତି। ତେଣୁ ନଈ ନ ଦେଖୁଣୁ ଲଙ୍ଗଳା ହେବା ଉଚିତ ନୁହେଁ ବୋଲି ସେ କହିଛନ୍ତି। ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ ସମଦୂରତା ନୀତି ବିଷୟରେ କହିବା ପରେ ବିଜେଡି ଅନାସ୍ଥା ପ୍ରସ୍ତାବକୁ ସମର୍ଥନ ଦେବ ନାହିଁ ବୋଲି ପରୋକ୍ଷରେ ଇଙ୍ଗିତ କରିଥିବା ଚର୍ଚ୍ଚା ହେଉଛି। ସେପଟେ ଦଳ ଭିତରେ ବର୍ତ୍ତମାନ ଆଉ ଏକ ନୂଆ କଥା ଚର୍ଚ୍ଚାକୁ ଆସିଛି। ଦଳର ବହୁ ବରିଷ୍ଠ ନେତା ପୂର୍ବରୁ ଜଣେ ଆଇଏଏସ୍‌ଙ୍କ ପଛରେ ଯେମିତି ଦୌଡୁଥିଲେ ବର୍ତ୍ତମାନ ସେହିଭଳି ଆଉ ଜଣେ ଓଏଏସ୍ ଅଫିସରଙ୍କ ପାଖରେ ନିଜର ଓଜନ ଖସାଇବାକୁ ବସିଲେଣି ବୋଲି ଶୁଣିବାକୁ ମିଳୁଛି। ନବୀନ ନିବାସରେ ଅଧିକାଂଶ ବିଷୟ ବୁଝାବୁଝି କରୁଥିବା ଜଣେ ବରିଷ୍ଠ ଓଏଏସ୍ ଅଫିସରଙ୍କୁ ଦେଖା ହେବାକୁ ଦଳର ବରିଷ୍ଠ ନେତାମାନେ କୁଆଡ଼େ ସମୟ ମାଗୁଛନ୍ତି ବୋଲି ଚର୍ଚ୍ଚା ହେଉଛି। ସେହି ଓଏଏସ୍ ଅଫିସର ଜଣଙ୍କ ଭି.କେ. ପାଣ୍ଡିଆନ୍‌ଙ୍କ ଏକାନ୍ତ ଅନୁଗତ ବୋଲି ସମସ୍ତେ ଜାଣନ୍ତି। ଅନାସ୍ଥା ପ୍ରସ୍ତାବକୁ ନେଇ ଚାଲିଥିବା ରାଜନୀତି ବିଷୟରେ ଚର୍ଚ୍ଚା ଆଉ ଆଲୋଚନା କରିବାକୁ ଅଧିକାଂଶ ନେତା ନବୀନ ନିବାସ ଯାଇ ସେହି ଓଏଏସ୍ ଅଧିକାରୀଙ୍କୁ ଭେଟିଥିବା ଜଣାପଡ଼ିଛି, ଯେତେବେଳେ କି ବିଜେଡି ସଭାପତି ନବୀନ ପଟ୍ଟନାୟକ ନୂଆଦିଲ୍ଲୀ ଗସ୍ତରେ ଅଛନ୍ତି।

## ନ୍ୟାଶନାଲ ଜିଓଗ୍ରାଫିକ୍‌ର...

ଏହି ପ୍ରକାରର କଳାବାଘ କେବଳ ଶିମିଳିପାଳରେ ଦେଖାଯାଆନ୍ତି ବୋଲି ପ୍ରସନ୍‌ଜିତ କହିଛନ୍ତି। ସେ କହିଛନ୍ତି, ଜଣେ ଏକ୍ସପ୍ଲୋରର ଏବଂ ନ୍ୟାଶନାଲ ଜିଓଗ୍ରାଫିକ୍‌ର ଫଟୋଗ୍ରାଫର ଭାବେ ଦୀର୍ଘ ମାସ ଧରି ଶିମିଳିପାଳ ଜଙ୍ଗଲରେ ବୁଲିବା ତାଙ୍କ ପାଇଁ ଏକ ନିଆରା ଅନୁଭୂତି ଥିଲା। ଏହି ଅବସରରେ ଦୁର୍ଲଭ ବାଘମାନଙ୍କ ସୁରକ୍ଷା ଦିଗରେ ଓଡ଼ିଶା ବନ ବିଭାଗର ଉତ୍ସର୍ଗୀକୃତ ପରିଚାଳନା ଓ ଅଧିକାରୀମାନଙ୍କ ପ୍ରତିବଦ୍ଧତାକୁ ସେ ପ୍ରତ୍ୟକ୍ଷ ଭାବରେ ଦେଖିଥିଲେ। ଅନେକ ମାସର ଧୈର୍ଯ୍ୟ ଓ ପରିଶ୍ରମ ପରେ ବ୍ୟାଘ୍ର ଗବେଷକଙ୍କ ମଧ୍ୟରେ ଟି୧୨ ଭାବେ ପରିଚିତ ଥିବା ବାଘର ଏକ ଉତ୍କୃଷ୍ଟ ଫଟୋ ନେବା ତାଙ୍କ ପାଇଁ ଆନନ୍ଦଦାୟକ ମୁହୂର୍ତ୍ତ ଥିଲା। ତାଙ୍କ ଦ୍ୱାରା ନିଆଯାଇଥିବା ଏହି ଫଟୋ ଏବଂ ଷ୍ଟୋରି ନ୍ୟାଶନାଲ ଜିଓଗ୍ରାଫିକ୍ ମାଗାଜିନର କଭର ପେଜ୍‌ରେ ସ୍ଥାନିତ ହେବା ନିଶ୍ଚିତ ଭାବେ ତାଙ୍କ ପାଇଁ ସମ୍ମାନର ବିଷୟ ବୋଲି ପ୍ରସନ୍‌ଜିତ କହିଛନ୍ତି। ଉକ୍ତ କଭର ଫଟୋର ଷ୍ଟୋରିରେ ବ୍ୟାଘ୍ର ସଂରକ୍ଷଣର ଜଟିଳ ବାସ୍ତବତା ଏବଂ ସ୍ୟୁଡୋ ମେଲାନିଷ୍ଟିକ୍ ପ୍ରଜାତିର ବାଘଙ୍କ ବିରଳ ଜେନେଟିକ ମ୍ୟୁଟେଶନ ସମ୍ପର୍କିତ ବୈଶିଷ୍ଟ୍ୟ ବିଷୟରେ ଲୋକଙ୍କ ପାଇଁ ବିସ୍ତୃତ ସୂଚନା ରହିଥିବା ନେଇ ନ୍ୟାଶନାଲ ଜିଓଗ୍ରାଫିକ୍‌ର ମୁଖ୍ୟ ସମ୍ପାଦକ ନାଥନ ଲମ୍ପ୍ କହିଛନ୍ତି।

## ଦୁର୍ଘଟଣା ପରେ...

କାର୍ଯ୍ୟରତ ଅଛନ୍ତି। ତେବେ ବିବାହର କିଛି ବର୍ଷ ହସଖୁସିରେ କଟିବା ପରେ ୨୦୨୪ ସେପ୍ଟେମ୍ବର ୪ରେ ସ୍ତ୍ରୀ ଓ ସ୍ୱାମୀ ଉଦଳାରୁ ଘରକୁ ଫେରୁଥିବା ବେଳେ ବାରିପଦା–ଉଦଳା ରାସ୍ତାର ନାହୁଆ ଛକ ନିକଟରେ ଅନ୍ୟ ଏକ ବାଇକ୍ ତାଙ୍କୁ ଧକ୍କାଦେଇଥିଲା। ଏଥିରେ ଉଭୟେ ଗୁରୁତର ହୋଇ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ହୋଇଥିଲେ। ଗୁମୁଦାଙ୍କ ଗୋଟିଏ ଗୋଡ଼ ଭାଙ୍ଗିଯାଇଥିବା ବେଳେ ସୀତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ସ୍ୱାମୀ ସୁସ୍ଥ ହୋଇ ଚାକିରିରେ ଯୋଗଦେଇଥିବା ବେଳେ ୨ମାସ ଧରି ଆଇସିୟୁରେ ରହିବା ପରେ ସୀତା ଶାଶୁଘରକୁ ଫେରିଥିଲେ। ମାତ୍ର ଦୁର୍ଘଟଣାରେ ଦୁଇଟି ଆଖି ସମ୍ପୂର୍ଣ୍ଣ ନଷ୍ଟହୋଇଥିବାରୁ ଶାଶୁଘର ଲୋକେ ସୀତାଙ୍କ ସେବାଯତ୍ନ କରିବାକୁ ଅମଙ୍ଗ ହୋଇ ନଭେମ୍ବରରେ ତାଙ୍କୁ ବାପଘରକୁ ପଠାଇ ଦେଇଥିଲେ। ସେହିଦିନଠାରୁ ସୀତା ବାପଘରେ ରହି ଆସୁଛନ୍ତି। ଗୋଟିଏ ପଟେ ଆଖି ହରାଇଥିବା ଓ ଅନ୍ୟପଟେ ସ୍ୱାମୀ ହାତ ଛାଡ଼ିଦେବାରୁ ସେ ଅସହାୟ ହୋଇପଡ଼ିଛନ୍ତି। ଇତିମଧ୍ୟରେ ଗୁମୁଦା ଦ୍ୱିତୀୟ ବିବାହ ପାଇଁ ସଜବାଜ ହେଉଥିବା ବେଳେ ସୀତା ଘଟଣା ସମ୍ପର୍କରେ ଖୁଣ୍ଟା ଥାନାରେ ଅଭିଯୋଗ କରିଛନ୍ତି। ଏପରିକି ଆର୍ଥିକ ସହାୟତା ପାଇଁ ସୀତା ସିଆର୍‌ପିଏଫ୍ ମୁଖ୍ୟାଳୟ ଦିଲ୍ଲୀ ଏବଂ ବିହାରରେ ନିବେଦନ କରିଛନ୍ତି। ଦିବ୍ୟାଙ୍ଗ ସୀତାଙ୍କୁ ନ୍ୟାୟ ପ୍ରଦାନ ସହ ସରକାରୀ ସୁବିଧା ଯୋଗାଇଦେବାକୁ ତାଙ୍କ ବାପଘର ଲୋକେ ଦାବି କରିଛନ୍ତି। ଅଭିଯୋଗ ସମ୍ପର୍କରେ ଗୁମୁଦାଙ୍କ ମତାମତ ଜାଣିବା ପାଇଁ ଚେଷ୍ଟା କରାଯାଇଥିଲେ ହେଁ ତାଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରିନାହିଁ।

## ୧୩୫ ଶିଳ୍ପ ସଂସ୍ଥା...

୧,୧୬୧.୭୧ କ୍ୟୁସେକ୍ ଜଳ ଟାଣୁଥିବାବେଳେ ୧,୦୩୭.୪୧ ମିଲିୟନ କ୍ୟୁବିକ୍ ମିଟର(ଏମ୍‌ସିଏମ୍) ଜଳ ବ୍ୟବହାର କରୁଛନ୍ତି। ଏବାବଦକୁ ପ୍ରମୁଖ ୧୩୫ଟି ଶିଳ୍ପ ସଂସ୍ଥା ଉପରେ ୩,୭୯୭.୧୪କୋଟି ଟଙ୍କା ବକେୟା ରହିଛି। ସେଥିମଧ୍ୟରେ କଟକ ଘଣ୍ଟିଖାଲସ୍ଥିତ ଆରତୀ ଷ୍ଟିଲ ଲି. ଉପରେ ମାର୍ଚ୍ଚ ୨୦୨୫ ସୁଦ୍ଧା ୫୮.୩୬୮କୋଟି ଟଙ୍କା ବକେୟା ରହୁଥିବାବେଳେ ପାରାଦ୍ୱୀପସ୍ଥିତ ଆର୍ସେଲରମିତ୍ତଲ ନିପ୍ପନ ଷ୍ଟିଲ ଇଣ୍ଡିଆ ଉପରେ ୧୦୮.୯୧କୋଟି, ସମ୍ବଲପୁରସ୍ଥିତ ଭୂଷଣ ପାୱାର ଆଣ୍ଡ ଷ୍ଟିଲ ଲି. ଉପରେ ୨୪୪.୧୦୯ କୋଟି, ପାରାଦୀପ ଫସ୍‌ଫେଟ୍‌ସ ଉପରେ ୪୫.୫୧୩ କୋଟି, ବିରଜା ଷ୍ଟିଲ୍ ଆଣ୍ଡ ଏନର୍ଜି ଉପରେ ୯୮କୋଟିରୁ ଅଧିକ ଟଙ୍କା ବକେୟା ରହିଛି। ସେହିପରି ଢେଙ୍କାନାଳସ୍ଥିତ ଭୂଷଣ ଷ୍ଟିଲ ଆଣ୍ଡ ଷ୍ଟ୍ରିପ ଉପରେ ୧୮୫କୋଟି, ଶ୍ରୀ ମହାବୀର ଫେରୋ ଆଲୟଜ ଉପରେ ୨୫.୭୪୦କୋଟି, ଜୟପୁରସ୍ଥିତ ବଲାରପୁର ଇଣ୍ଡଷ୍ଟ୍ରିଜ୍ ଲି. ଉପରେ ୧୯୫.୩୯କୋଟି ଟଙ୍କା ବକେୟା ରହୁଛି।

ଏହି ୧୧ଟି ନଦୀରୁ ଚାଷ ପାଇଁ ୨୪,୧୫୪.୯୭ ଏମ୍‌ସିଏମ୍ ଜଳ ବ୍ୟବହାର କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେଥିମଧ୍ୟରେ ମହାନଦୀରୁ ୧୨,୭୧୦.୫୯ ଏମ୍‌ସିଏମ୍, ବ୍ରାହ୍ମଣୀରୁ ୩୩,୨୫.୪୮, ବୈତରଣୀରୁ ୧,୯୪୩.୬୫, ରଷିକୁଲ୍ୟାରୁ ୧,୪୦୨.୪୭, ବଂଶଧାରାରୁ ୭୧୯.୭୪, ନାଗାବଳୀରୁ ୧୭୦.୮୯, କୋଲାବରୁ ୧,୪୦୨.୬୩, ଇନ୍ଦ୍ରାବତୀରୁ ୧,୫୮୦.୨୧, ସୁବର୍ଣ୍ଣରେଖାରୁ ୩୯୪,୮୦, ବାହୁଦାରୁ ୧୭୦,୧୬ ଏବଂ ଜମ୍ବାରିରୁ ୬୬.୩୫ ଏମ୍‌ସିଏମ୍ ଜଳ ଚାଷ ପାଇଁ ବ୍ୟବହାର କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ ଦର୍ଶାଇଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଦୀର୍ଘଦିନର ପାରିବାରିକ ସମସ୍ୟା ସମାଧାନ ସକାଶେ ବନ୍ଧୁ ମାର୍ଗଦର୍ଶକ ସାଜିବେ। ଆନୁଷଙ୍ଗିକ ସାହାଯ୍ୟରୁ ନିର୍ମାଣାଧୀନ କାମର ପ୍ରତିବନ୍ଧକ ଦୂର ହେବ। ଶୁକ୍ରଙ୍କ ପ୍ରଭାବରୁ ପରିବହନ, ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ସୁଫଳ ପ୍ରାପ୍ତି ହୋଇପାରେ। କର୍ମକ୍ଷେତ୍ରରେ କେତେକାଂଶରେ ସାଧାରଣ ଘଟଣାରେ ମନସ୍ତାପ କରିବାକୁ ପଡ଼ିପାରେ।

**ବୃଷ** ବନ୍ଧୁଙ୍କ ନିକଟରୁ ଆନୁଷଙ୍ଗିକ ସାହାଯ୍ୟ ଲାଭରୁ କାର୍ଯ୍ୟ ହାସଲ କରିବେ। ମନୋବଳ ଟାଣ ରହିବ ଓ ଅଟକିଥିବା କାମକୁ ଶେଷ କରିପାରିବେ। ପାରିବାରିକ ସମସ୍ୟା ଭିତରେ ମଧ୍ୟ ନିଜକୁ ନିୟନ୍ତ୍ରଣରେ ରଖିବା ପାଇଁ ସମର୍ଥ ହେବେ। ଆଧାତ୍ମିକ ଗ୍ରହ ଶନିଙ୍କ କୃପାରୁ ବନ୍ଧୁଙ୍କ ଗହଣରେ ତୀର୍ଥାଟନର ସୁଯୋଗ ଲାଭ କରି ଖୁସୀ ଅନୁଭବ କରିପାରନ୍ତି।

**ମିଥୁନ** ପରିବାର ସ୍ଥାନରେ ବୁଧ ହେତୁ ପାରିବାରିକ ସମସ୍ୟା ଥିଲେ ମଧ୍ୟ କାମ ସଫଳତାର ସହ ସମ୍ପନ୍ନ କରିବେ। କିଛି ଗୋଳମାଳିଆ ପରିସ୍ଥିତିରେ ମଧ୍ୟସ୍ଥତା କରିଥିବାରୁ ଅନ୍ୟକୁ କୈଫିୟତ ଦେବାକୁ ପଡିପାରେ। ବ୍ୟବସାୟରେ ସମସ୍ୟା ବଡ ଆକାର ଧାରଣ କରିପାରେ। ଆନୁଷ୍ଠାନିକ କାମରେ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ।

**କର୍କଟ** ସ୍ୱରାଶିରେ ଚନ୍ଦ୍ର ଅବସ୍ଥାନ କରିଥିବାରୁ ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣରେ ରହିବ। ସହକର୍ମୀଙ୍କ ସହ ସୁସମ୍ପର୍କ ଅଭାବରୁ କର୍ମକ୍ଷେତ୍ରରେ ସମାଲୋଚନାର ପାତ୍ର ହେବେ। ବିନୟ ବଚନ ପ୍ରଭାବରୁ ସମସ୍ୟାଗୁଡ଼ିକର ସରଳ ସମାଧାନ କରିବାରେ ସଫଳ ହେବେ। ପାରିବାରିକ କଳହକୁ କେନ୍ଦ୍ରକରି ସାୟାହ୍ନେ ଭାବପ୍ରବଣ ହୋଇପାରନ୍ତି।

**ସିଂହ** ନୀଚାରୋହୀ କର୍ମାଧିପତି ପାପଗ୍ରହ ଯୁକ୍ତ କାରଣରୁ କାମର ଚାପ ବୃଦ୍ଧିଜନିତ ମାନସିକ ସ୍ଥିରତା ରହିବ ନାହିଁ। ପରିସ୍ଥିତିରେ ପଡି ଆବଶ୍ୟକତାଠାରୁ ଅଧିକ ଖର୍ଚ୍ଚ କରିବାକୁ ବାଧ୍ୟ ହେବେ। ଗତକାଲି ପରି ଆଜି ମଧ୍ୟ ପାରିବାରିକ ପରିସ୍ଥିତି ଅପରିବର୍ତ୍ତିତ ରହିବ। ବନ୍ଧୁ ପରିଜନଙ୍କ ସହିତ ମାତ୍ରାଧିକ ଭ୍ରମଣ ଯୋଗୁ କ୍ଳାନ୍ତି ଅନୁଭବ କରିପାରନ୍ତି।

**କନ୍ୟା** ଏକାଦଶ ସ୍ଥାନରେ ବୃହସ୍ପତି ଅବସ୍ଥାନ କରିଥିବାରୁ କୌଣସି ସମସ୍ୟା ବିଚଳିତ କରିପାରିବ ନାହିଁ। ବନ୍ଧୁଙ୍କ କଥାରେ ପ୍ରଭାବିତ ହୋଇ ଭୁଲ କାମ କରିପାରନ୍ତି। ସାହିତ୍ୟ ଓ ସଭା ସମିତିରେ ସମସ୍ୟା ସମାଧାନର ରାସ୍ତା ବାହାର କରିବାରେ ସମର୍ଥ ହେବେ। କର୍ମକ୍ଷେତ୍ରରୁ ଫେରିବା ବେଳକୁ ନିଜ ମନ ପସନ୍ଦର ଜିନିଷଟି କିଣିବାରେ ସମର୍ଥ ହେବେ।

**ତୁଳା** କର୍ମଭାବସ୍ଥ ଚନ୍ଦ୍ର ପରିବାରରେ ସୁଖ ଶାନ୍ତି ଫେରାଇ ଆଣିବାରେ ସହାୟକ ହେବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ , ପରିବହନ ଏବଂ ଦୂରଯାତ୍ରା କ୍ଷେତ୍ରରେ ସଫଳତା ମିଳିବ। ବନ୍ଧୁଙ୍କର ଆଗଭଳି ଭଲ ମନୋଭାବ ନ ଥିବା ଅନୁଭବ କରିପାରନ୍ତି। ରଚନାତ୍ମକ କାମରେ, ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ, ଚୁକ୍ତିପତ୍ର କରିବାରେ ସଫଳ ହେବେ।

**ବିଛା** ବୁଧାଦିତ୍ୟ ଯୋଗ ପ୍ରଭାବରୁ କର୍ମକ୍ଷେତ୍ରରେ ସାହସିକତା ପ୍ରଦର୍ଶନ କରି ପ୍ରଶଂସିତ ହେବେ। ସାମ୍ବାଦିକତା, ପ୍ରଶାସନ, ରାଜନୀତି, ସାହିତ୍ୟ ଓ ସଙ୍ଗୀତରେ ସୁନାମ ଅର୍ଜନ କରିବେ। ଶତ୍ରୁ ସାମୟିକ କାମଟିକୁ ଅଟକାଇ ଦେଇପାରନ୍ତି। ସରକାରୀ କାମ ଓ ପଦସ୍ଥ ବ୍ୟକ୍ତିବିଶେଷଙ୍କ ଦେଖାସାକ୍ଷାତରୁ ଉପକୃତ ହେବାର ସୂଚନା ରହିଛି।

**ଧନୁ** ନିଜ ଗୃହକୁ ରାଶ୍ୟାଧିପତି ବୃହସ୍ପତିଙ୍କ ଦୃଷ୍ଟିରୁ ଆରୋଗ୍ୟଲାଭ କରିବା ସହ ନୂତନ ଯୋଜନାରେ ସଫଳତା ପାଇବେ। ବ୍ୟବସାୟ ଓ ପରିବହନ କ୍ଷେତ୍ରରେ କଳହର ସୂତ୍ରପାତ ହେବ। ସ୍ଥଗିତ କାମକୁ ପୂରା କରିବା ସହ ଆଲୋଚନା, ଲେଖାପଢା କ୍ଷେତ୍ରରୁ ଶୁଭଫଳ ପାଇବେ। ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାରେ ପଡ଼ିବେ।

**ମକର** କର୍ମଭାବରେ ମଙ୍ଗଳଗ୍ରହ ଅମଙ୍ଗଳ ବିନାଶ ପୂର୍ବକ ଜମିଜମା ସମ୍ବନ୍ଧୀୟ କାର୍ଯ୍ୟକୁ ତ୍ୱରାନ୍ୱିତ କରିବେ। ଉପର ଅଧିକାରୀଙ୍କ ହସ୍ତକ୍ଷେପ ଫଳରେ ବିବାଦୀୟ ପରିସ୍ଥିତି ବଦଳି ଯାଇପାରେ। ଦୂରଯାତ୍ରା କ୍ଷେତ୍ରରେ କୌଣସି ବନ୍ଧୁଙ୍କ ସକାଶେ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ପରିବାର କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିରେ ଚାପ କ୍ରମଶଃ ବଢ଼ିଯିବ।

**କୁମ୍ଭ** ରାହୁଙ୍କ ପ୍ରଭାବରୁ ପ୍ରତ୍ୟେକ ପରିସ୍ଥିତିରେ କୌଶଳ ପ୍ରୟୋଗକରି କାମ ହାସଲ କରିବେ। ସହକର୍ମୀଙ୍କ ଆଭ୍ୟନ୍ତରୀଣ କାର୍ଯ୍ୟରେ ମତମନ୍ତବ୍ୟ ଦେବା ଠିକ୍ ହେବନାହିଁ। ପ୍ରତିବାଦୀଙ୍କ ଅନୁପସ୍ଥିତିଜନିତ କଚେରି ମାମଲାରେ ବାଧା ହୋଇପାରେ। ଆଜିର ଅର୍ଥନୈତିକ ସ୍ଥିତି, ପାରିବାରିକ ପରିସ୍ଥିତି ଏବଂ ବନ୍ଧୁସମ୍ପର୍କ ପ୍ରାୟତଃ ଭଲ ରହିବ।

**ମୀନ** ସହକର୍ମୀଙ୍କ ସହାନୁଭୂତି ଯୋଗୁ ହାତକୁ ନେଇଥିବା କାମ ସମ୍ପନ୍ନରେ ଅସୁବିଧା ହେବ ନାହିଁ। ଭୁଲ୍ ବୁଝାମଣାରୁ ପାରିବାରିକ ଜୀବନରେ ଅନାଦର ପାଇପାରନ୍ତି। କଠୋର ପରିଶ୍ରମ ସମସ୍ୟା ସମାଧାନର ମାର୍ଗଦର୍ଶକ ସାଜିବ। ଚନ୍ଦ୍ର ଓ ବୁଧଙ୍କ ଶୁଭସଂସ୍ଥାନ ହେତୁ ଦୋକାନ, ନିର୍ମାଣ, ଯାତ୍ରା, ବିବାଦ, ସଭାସମିତି ପ୍ରଭୃତିରୁ ସଫଳତା ପାଇବେ।

ଆଜି ସେପ୍ଟେମ୍ବର ୧୯ ତାରିଖ, ଆଶ୍ୱିନ କୃଷ୍ଣ ତ୍ରୟୋଦଶୀ ଶୁକ୍ରବାର। ରାଶିନକ୍ଷତ୍ର–ସକାଳ ଘ. ୦୭।୦୬ ମି. ଗତେ, ମଘା/ସିଂହ, ତ୍ରୟୋଦଶୀରେ ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ. ୦୫।୩୮ ଗତେ, ଘ.୦୬।୨୬ ମଧ୍ୟେ, ଘ.୦୭।୧୪ ଗତେ, ଘ.୦୮।୩୯ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ. ୧୦।୦୯ ଗତେ, ଘ.୧୧।୪୦ ମଧ୍ୟେ ରାହୁକାଳ।




# ୬୦ ବର୍ଷୀୟ ସୁଭଦ୍ରା ହିତାଧିକାରୀଙ୍କୁ ମିଳିବ ବାର୍ଦ୍ଧକ୍ୟ ପେନ୍‌ସନ

**ଭୁବନେଶ୍ୱର, ୧୮।୯(ସୁନିତ୍ ମିଶ୍ର)**

**■ ସୁଭଦ୍ରା ଲାଭ ଏଯାଏଁ ପାଇଥିଲେ ବି ସେମାନଙ୍କୁ ଭତ୍ତା ଦିଆଯିବ**

**■ ବୃଦ୍ଧାବସ୍ଥା, ଅକ୍ଷମତା, ରୋଜଗାରକ୍ଷମ ବ୍ୟକ୍ତିଙ୍କ ମୃତ୍ୟୁ, ବିଧବାଙ୍କ କ୍ଷେତ୍ରରେ ଏହା ଲାଗୁ ହେବ**

ସୁଭଦ୍ରା ହିତାଧିକାରୀ ୬୦ ବର୍ଷ ବୟସ ହେବା ପରେ ପେନ୍‌ସନ ପାଇଁ ଆବେଦନ କରିପାରିବେ। ସୁଭଦ୍ରା ଉପରେ ପ୍ରଥମ ରାଜ୍ୟସ୍ତରୀୟ ପରିଚାଳନା ଏବଂ ତଦାରଖ କମିଟି ବୈଠକର ସମୀକ୍ଷା ପରେ ମହିଳା ଏବଂ ଶିଶୁ ବିକାଶ ବିଭାଗ ପକ୍ଷରୁ ଗୁରୁବାର ଏହି ସୂଚନା ପ୍ରଦାନ କରାଯାଇଛି। ଏଥିସହ ମଧୁବାବୁ ପେନ୍‌ସନ ଯୋଜନା (ଏମ୍‌ବିପିୱାଇ) କିମ୍ବା ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ (ଏନ୍‌ଏସ୍‌ଏପି)ରେ ସୁଭଦ୍ରା ଯୋଜନାର ପୂର୍ବତନ ହିତାଧିକାରୀଙ୍କୁ ଅନ୍ତର୍ଭୁକ୍ତ କରିବାକୁ ସରକାରଙ୍କ ପକ୍ଷରୁ ଚିଠି ଜାରି କରାଯାଇଛି। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଗତ ୧୬ ତାରିଖରେ ଏନେଇ ମହିଳା ଓ ଶିଶୁ ସୁରକ୍ଷା ବିଭାଗକୁ ଚିଠି ଲେଖାଯାଇଥିବା ସୂଚନା ଦିଆଯାଇଛି। ଉକ୍ତ ଚିଠିରେ ଉଲ୍ଲେଖ କରାଯାଇଛି, ୬୦ ବର୍ଷ ହେବା ପରେ ସୁଭଦ୍ରା ହିତାଧିକାରୀ ଏମ୍‌ବିପିୱାଇ/ଏନ୍‌ଏସ୍‌ଏପି ଅନ୍ତର୍ଗତ ଯେକୌଣସି ସାମାଜିକ ସୁରକ୍ଷା ପେନ୍‌ସନ ପାଇଁ ଆବେଦନ କରିପାରିବେ। କିନ୍ତୁ ପେନ୍‌ସନ ମଞ୍ଜୁରୀ ସମ୍ପୃକ୍ତ ଯୋଜନା ନିର୍ଦ୍ଦେଶାବଳୀ ଅନୁଯାୟୀ ସମସ୍ତ ଯୋଗ୍ୟତା ମାନଦଣ୍ଡ ପୂରଣ କରିବା ଜରୁରୀ। ଏହା ସହ ଏହି ବ୍ୟବସ୍ଥା ଉପଲବ୍ଧତା ଉପରେ ନିର୍ଭରକରିବ। ରାଜ୍ୟ ସରକାର ନିଜର ଆର୍ଥିକ କ୍ଷମତା ଏବଂ ବିକାଶର ସୀମା ମଧ୍ୟରେ ତଥା ପର୍ଯ୍ୟାପ୍ତ ସମ୍ବଳ ଆଧାରରେ ଦୁର୍ବଳ ଜନସଂଖ୍ୟାକୁ ସାମାଜିକ ସୁରକ୍ଷା ପେନ୍‌ସନ ସୁନିଶ୍ଚିତ କରାଇବେ। ବୃଦ୍ଧାବସ୍ଥା, ଅକ୍ଷମତା, ରୋଜଗାରକ୍ଷମ ବ୍ୟକ୍ତିଙ୍କ ମୃତ୍ୟୁ, ବିଧବାଙ୍କ କ୍ଷେତ୍ରରେ ଏହା ଲାଗୁହେବ। ଯଦିଓ ସୁଭଦ୍ରା ଯୋଜନାର ପୂର୍ବତନ ହିତାଧିକାରୀମାନେ ପୂର୍ବରୁ ସରକାରଙ୍କ ଠାରୁ ଲାଭପାଇ ସାରିଛନ୍ତି କିନ୍ତୁ ଏମ୍‌ବିପିୱାଇ/ଏନ୍‌ଏସ୍‌ଏପି ଏବଂ ଉଭୟ ଅନ୍ତର୍ଗତ ଅପେକ୍ଷାରେ ରହିଥିବା ତାଲିକାଭୁକ୍ତ ଆବେଦନକାରୀ ତଥା ଏପର୍ଯ୍ୟନ୍ତ ଏପରି କୌଣସି ଲାଭ ପାଇ ନ ଥିବା କିମ୍ବା ସୁଭଦ୍ରା ଯୋଜନାର ପୂର୍ବତନ ହିତାଧିକାରୀଙ୍କ ତୁଳନାରେ ଅଧିକ ବୟସ୍କ/ଅଧିକ ଆବଶ୍ୟକତା ଥିବା ଆଦେନକାରୀଙ୍କୁ ପ୍ରାଥମିକତା ପ୍ରଦାନ ଦିଆଯିବ। ଏମ୍‌ବିପିୱାଇ/ଏନ୍‌ଏସ୍‌ଏପି ଅନ୍ତର୍ଗତ ସୁଭଦ୍ରା ଯୋଜନାର ପୂର୍ବତନ ହିତାଧିକାରୀଙ୍କୁ ପେନ୍‌ସନ ମଞ୍ଜୁର କରିବା ପାଇଁ କୌଣସି ସ୍ୱତନ୍ତ୍ର ବ୍ୟବସ୍ଥା/ଛାଡ଼ ଆବଶ୍ୟକତା ନାହିଁ। ତଥାପି ସେମାନେ ନିଜ ଅନୁଯାୟୀ, ବାର୍ଦ୍ଧକ୍ୟ ପେନ୍‌ସନ ପାଇଁ ଆବେଦନ କରିପାରିବେ ଏବଂ ଜିଲା ସାମାଜିକ ସୁରକ୍ଷା ଅଧିକାରୀମାନେ ସୁଭଦ୍ରା ହିତାଧିକାରୀଙ୍କୁ ଆବେଦନ କରିବାରେ ସମସ୍ତ ଆବଶ୍ୟକ ସହାୟତା ପ୍ରଦାନ କରିବେ। ସୁଭଦ୍ରା ଯୋଜନାର ପୂର୍ବତନ ହିତାଧିକାରୀ ସିଧାସଳଖ ଏମ୍‌ବିପିୱାଇ/ଏନ୍‌ଏସ୍‌ଏପିରେ ଆସିବେ ନାହିଁ। ସେମାନଙ୍କୁ ସେଥିପାଇଁ ୬୦ ବର୍ଷ ବୟସ ହେବା ପରେ ଆବେଦନ କରିବାକୁ ପଡ଼ିବ। ପ୍ରଥମେ ଅଧିକ ବୟସ୍କ/ଦୁର୍ବଳ ଏବଂ ଅପେକ୍ଷା ତାଲିକାରେ ଥିବା ଲୋକଙ୍କୁ ପ୍ରାଥମିକତା ମିଳିବ ବୋଲି ମହିଳା ଏବଂ ଶିଶୁ ବିକାଶ ବିଭାଗ ପକ୍ଷରୁ ସୂଚିତ କରାଯାଇଛି।

# ସୁନା ଚୋରି ପ୍ରସଙ୍ଗ ଉଠାଇଲା କଂଗ୍ରେସ

**ଭୁବନେଶ୍ୱର,୧୮।୯(ରବିନାରାୟଣ ଜେନା)**

**ବାଚସ୍ପତିଙ୍କ ହସ୍ତକ୍ଷେପ ଲୋଡ଼ିଲେ କାଡାମ**

ବିଧାନସଭାର ବଜେଟ ଅଧିବେଶନ ସମୟରେ କଂଗ୍ରେସ ସଦସ୍ୟଙ୍କ ଚୋରି ଜିନିଷକୁ ଉଦ୍ଧାର କରିବା ପାଇଁ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ବାଚସ୍ପତିଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ଗୁରୁବାର ମଧ୍ୟାହ୍ନରେ କାଡାମ ବାଚସ୍ପତିଙ୍କ ଉଦ୍ଦେଶ୍ୟରେ ସଚିବଙ୍କୁ ଏକ ଚିଠି ପ୍ରଦାନ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, ଗତ ଅଧିବେଶନକାଳରେ ନାରୀ ନିର୍ଯାତନା ନେଇ କଂଗ୍ରେସ ବିଧାୟକମାନେ ଗୃହ ତଦନ୍ତ କମିଟି ଗଠନ ଦାବି କରିବା ଯୋଗୁ ବିଧାନସଭାରୁ ନିଲମ୍ବିତ ହୋଇଥିଲେ। ସେତେବେଳେ ବାଚସ୍ପତିଙ୍କ ଏହି ନିର୍ଦ୍ଦେଶ ଅଗଣତାନ୍ତ୍ରିକ ବୋଲି କହି କଂଗ୍ରେସ ସଦସ୍ୟମାନେ ନାରାବାଜି କରିଥିଲେ। ଏହା ପରଦିନ ମାର୍ଚ୍ଚ ୨୬ରେ ବିଧାନସଭା ଗୃହ ମଧ୍ୟକୁ ସଦସ୍ୟମାନେ ପ୍ରବେଶ କରିବାବେଳେ ବିଧାନସଭାର ସୁରକ୍ଷା କର୍ମୀଙ୍କ ଆକ୍ରୋଶର ଶିକାର ହୋଇଥିଲେ। ସେହି ସମୟରେ କିଛି ଅସାମାଜିକ ତତ୍ତ୍ୱ ବିଧାୟକମାନଙ୍କ ଘଣ୍ଟା, ସୁନା ଚେନ ଓ ବ୍ୟାଗରେ ଥିବା କିଛି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ସହ ପ୍ୟାଣ୍ଟ ଶାର୍ଟ ମଧ୍ୟ ଚୋରି କରିନେଇଥିଲେ। ଉକ୍ତ ଜିନିଷକୁ ତୁରନ୍ତ ଉଦ୍ଧାର କରି ଫେରାଇବାକୁ ବାଚସ୍ପତିଙ୍କୁ ପତ୍ର ଲେଖିଛି ବୋଲି କାଡାମ କହିଛନ୍ତି।

# ପ୍ରାଚୀନ ଦୁର୍ଗାମେଢ଼କୁ ଅନୁଦାନ ଦେବେ ରାଜ୍ୟ ସରକାର

**ଭୁବନେଶ୍ୱର, ୧୮।୯(ସୌମ୍ୟରଞ୍ଜନ ରାଉତ)**

ଓଡ଼ିଶାର ସଂସ୍କୃତି, ପରମ୍ପରା ଓ ଧାର୍ମିକ ଭାବଧାରାକୁ ପ୍ରୋତ୍ସାହନ ଦେବାକୁ ରାଜ୍ୟ ସରକାର ଆଉଏକ ନିଷ୍ପତ୍ତି ନେଇଛନ୍ତି। ଏବେ ପ୍ରାଚୀନ ଦୁର୍ଗାମେଢ଼କୁ ସରକାର ଦେବେ ଆର୍ଥିକ ଅନୁଦାନ। ଏନେଇ ଓଡିଆ ଭାଷା, ସାହିତ୍ୟ ସଂସ୍କୃତି ବିଭାଗ ପକ୍ଷରୁ ସମସ୍ତ ଜିଲାପାଳଙ୍କୁ ଚିଠି ହୋଇଛି। ଏନେଇ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ମାନଦଣ୍ଡ ନିର୍ଦ୍ଧାରଣ କରାଯାଇଛି। ପ୍ରତ୍ୟେକ ଜିଲାରେ ମେଢ଼ଗୁଡ଼ିକର ବର୍ଷ ଅନୁସାରେ ବିବରଣୀ ପ୍ରସ୍ତୁତ କରାଯିବ। ଆଗାମୀ ୨ ଦିନ ଭିତରେ ଏହାର ତାଲିକା କରାଯିବ। ଏଥିପାଇଁ ରହିଥିବା ଫର୍ମରେ ଜିଲା ହିସାବରେ ବର୍ଗୀକରଣ କରାଯାଇଛି। ୧୦୦ ବର୍ଷରୁ ଊର୍ଦ୍ଧ୍ୱ ମେଢକୁ ‘କ’ ବର୍ଗରେ, ୭୫ ବର୍ଷରୁ ଊର୍ଦ୍ଧ୍ୱ ମେଢକୁ ‘ଖ’ ବର୍ଗରେ ଓ ୫୦ ବର୍ଷରୁ ଊର୍ଦ୍ଧ୍ୱ ମେଢକୁ ‘ଗ’ ବର୍ଗରେ ସ୍ଥାନ ଦିଆଯାଇଛି। ଯେଉଁ ଜିଲ୍ଲାରେ ୫୦ ବର୍ଷରୁ ଊର୍ଦ୍ଧ୍ୱ ପୁରୁଣା ମେଢ଼ ନ ଥିବ, ସେଠାରେ ସବୁଠାରୁ ୨ଟି ପୁରାତନ ମେଢ଼ର ବିବରଣୀ ଦେବାକୁ ସଂସ୍କୃତି ବିଭାଗ ନିର୍ଦ୍ଦେଶ ଦେଇଛି।




# ରାଜ୍ୟରେ ସରକାରୀ ମେଡିକାଲ କଲେଜ ସଂଖ୍ୟା ୧୪କୁ ବୃଦ୍ଧି

**ଭୁବନେଶ୍ୱର, ୧୮।୯ (ବନ୍ଦନା ସେଠୀ)**

ଓଡ଼ିଶାରେ ମେଡିକାଲ ଶିକ୍ଷା ଓ ତାଲିମ ବିକାଶ ନିମନ୍ତେ ରାଜ୍ୟ ସରକାର ଲଗାତର ପ୍ରଚେଷ୍ଟା କରି ଆସୁଛନ୍ତି। ରାଜ୍ୟରେ ସରକାରୀ ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ ସଂଖ୍ୟା ୧୨ରୁ ୧୪କୁ ବୃଦ୍ଧି ପାଇଛି। ଏଥିସହ ବ୍ୟାପକ ନୂଆ ନିଯୁକ୍ତି ଦିଆଯାଇଛି ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗୁରୁବାର ସୂଚନା ଦିଆଯାଇଛି। ଚଳିତ ବର୍ଷ ଫୁଲବାଣୀଠାରେ ସରକାରୀ ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ ଏବଂ ତାଳଚେରଠାରେ ପବିତ୍ର ମୋହନ ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ କାର୍ଯ୍ୟକ୍ଷମ ହୋଇଛି। ୨୦୨୪ରେ ଯାଜପୁରଠାରେ ମହାରାଜା ଯଯାତୀ କେଶରୀ ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ କାର୍ଯ୍ୟକ୍ଷମ ହୋଇଥିଲା। ଏହାଛଡା ୨ଟି ସ୍ନାତକୋତ୍ତର ମେଡିକାଲ ପ୍ରତିଷ୍ଠାନ ଯଥା ପିଜିଆଇଏମ୍‌ଇଆର୍ ଭୁବନେଶ୍ୱର ଏବଂ ଏଏଚ୍‌ପିଜିଆଇସି କଟକରେ ନୂଆ ପ୍ରଫେସର ନିଯୁକ୍ତି ଦିଆଯାଇଛି। ଏଥିସହ ରାଜ୍ୟର ବିଭିନ୍ନ ଜିଲାରେ ଥିବା ମେଡିକାଲଗୁଡିକରେ ୯୧ଜଣ ଆସୋସିଏଟ୍ ପ୍ରଫେସର (୨୩ଟି ବିଶେଷଜ୍ଞ ବିଭାଗରେ) ଏବଂ ୭ଜଣ ଆସୋସିଏଟ୍ ପ୍ରଫେସର (୬ଟି ସୁପରସ୍ପେଶାଲିଟି ବିଭାଗରେ)ଙ୍କୁ ନିଯୁକ୍ତି ଦେଇଛନ୍ତି। ଏସସିବି ମେଡିକାଲ କଲେଜରେ ୧୫ଜଣ ସ୍ପେଶାଲିଷ୍ଟ ଓ ୪ଜଣ ସୁପର ସ୍ପେଶାଲିଷ୍ଟ, ଏମ୍‌କେସିଜି ବ୍ରହ୍ମପୁରରେ ୧୯ଜଣ ସ୍ପେଶାଲିଷ୍ଟ ଓ ୩ଜଣ ସୁପର ସ୍ପେଶାଲିଷ୍ଟ, ପିଆର୍‌ଏମ୍ ମେଡିକାଲ କଲେଜ ବାରିପଦାରେ ୬ଜଣ, ଏସ୍‌ଏଲ୍‌ଏନ ମେଡିକାଲ କଲେଜ କୋରାପୁଟରେ ୧୦ଜଣ, ଏଫ୍‌ଏମ୍ ମେଡିକାଲ କଲେଜ ବାଲେଶ୍ୱରରେ ୬ଜଣ, ବିବି ମେଡିକାଲ କଲେଜ ବଲାଙ୍ଗୀରରେ ଜଣେ, ଶ୍ରୀ ଜଗନ୍ନାଥ ମେଡ଼ିକାଲ କଲେଜ ପୁରୀରେ ୨ଜଣ, ସରକାରୀ ମେଡିକାଲ କଲେଜ ସୁନ୍ଦରଗଡ଼ରେ ୬ଜଣ, ଡିଡି ମେଡିକାଲ କଲେଜ କେନ୍ଦୁଝରରେ ୫ଜଣ, ଏସ୍‌ଆର୍‌ଏମ ମେଡିକାଲ କଲେଜ ଭବାନୀପାଟଣାରେ ୭ଜଣ, ଏମ୍‌ଜିକେ ମେଡିକାଲ କଲେଜ ଯାଜପୁରରେ ୨ଜଣ, ପିଏମ୍‌ପି ମେଡିକାଲ କଲେଜ ତାଳଚେରରେ ୮ଜଣ, ସରକାରୀ ମେଡିକାଲ କଲେଜ ଫୁଲବାଣୀରେ ୫ଜଣ, ପିଜିଆଇଏମ୍‌ଇଆର୍ କ୍ୟାପିଟାଲ ହସ୍ପିଟାଲରେ ୮ଜଣ ଆସୋସିଏଟ ପ୍ରଫେସରଙ୍କୁ ନୂଆ ନିଯୁକ୍ତି ଦିଆଯାଇଛି।

ଏହାବାଦ୍ ବିଭିନ୍ନ ମେଡିକାଲ କଲେଜରେ ୩୮ ପ୍ରଫେସର ଏବଂ ୨୭ ଆସୋସିଏଟ ପ୍ରଫେସର ପଦବୀକୁ ବିଭାଗୀୟ ପଦୋନ୍ନତି ମାଧ୍ୟମରେ ପୂରଣ କରାଯାଇଛି। କଟକ ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କ୍ୟାନ୍‌ସର ପ୍ରତିଷ୍ଠାନରେ ନୂଆ ୧୦ଜଣ ସୁପର ସ୍ପେଶାଲିଷ୍ଟ ଆସୋସିଏଟ୍ ପ୍ରଫେସର ନିଯୁକ୍ତି ସହ ଶିକ୍ଷା ଓ ଚିକିତ୍ସା ସୁବିଧା ପରିସର ବୃଦ୍ଧି କରାଯାଇଛି। ସେହିପରି ଗୋଟିଏ ପ୍ରଫେସର ଏବଂ ୨ଟି ଆସୋସିଏଟ ପ୍ରଫେସର୍ ପଦବୀକୁ ପଦୋନ୍ନତି ମାଧ୍ୟମରେ ପୂରଣ କରାଯାଇଛି ବୋଲି ବିଭାଗୀୟ ତଥ୍ୟରୁ ଜଣାପଡିଛି।

# ସୀତାରାମ ୟେଚୁରୀ ସାମ୍ପ୍ରଦାୟିକତା ବିରୋଧରେ ସାଲିସ ନ କରି ଲଢ଼ିଥିଲେ




ସୀତାରାମ ୟେଚୁରୀଙ୍କ ୭୪ତମ ଜୟନ୍ତୀ ସ୍ମାରକୀ ବକ୍ତୃତାମାଳାରେ ଉଦ୍‌ବୋଧନ ଦେଉଛନ୍ତି ସିପିଆଇ(ଏମ୍) ନେତା ପ୍ରକାଶ କାରାତ୍।

**ଭୁବନେଶ୍ୱର, ୧୮।୯(ବନ୍ଦନା ସେଠୀ)**

ବିଶିଷ୍ଟ ସିପିଆଇଏମ୍ ନେତା ସୀତାରାମ ୟେଚୁରୀ ଭାରତର ଧର୍ମନିରପେକ୍ଷ ଏବଂ ଗଣତାନ୍ତ୍ରିକ ଭାବନାକୁ ମଜବୁତ୍ କରିଥିଲେ। ସେ କେବେ ସାମ୍ପ୍ରଦାୟିକତା ବିରୋଧରେ କୌଣସି ସାଲିସ ନ କରି ଲଢ଼ିଥିଲେ। ୟେଚୁରୀ ତାଙ୍କ ରାଜନୈତିକ ଯାତ୍ରାରେ ସର୍ବଦା ଭାରତୀୟ ସମ୍ବିଧାନର ମୂଳ ନୀତିଗୁଡ଼ିକୁ ତୋଳି ଧରିଥିଲେ ଏବଂ ଏଗୁଡ଼ିକୁ ନଷ୍ଟ କରିବାକୁ ଚେଷ୍ଟା କରୁଥିବା ଶକ୍ତିମାନଙ୍କ ବିରୋଧରେ ଲଢ଼ିଥିଲେ ବୋଲି ସିପିଆଇ(ଏମ୍) ନେତା ପ୍ରକାଶ କାରାତ୍ କହିଛନ୍ତି। ଗୁରୁବାର ବୁଦ୍ଧ ମନ୍ଦିରରେ ଆୟୋଜିତ ସୀତାରାମ ୟେଚୁରୀ ସ୍ମାରକୀ ବକ୍ତୃତା ‘ସୀତାରାମ ୟେଚୁରୀ: ଧର୍ମନିରପେକ୍ଷତା, ଗଣତନ୍ତ୍ର ଏବଂ ଭାରତବାସୀଙ୍କ ସୁରକ୍ଷା’ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମୁଖ୍ୟବକ୍ତା ଭାବେ କାରାତ୍ ଯୋଗଦେଇ, ୟେଚୁରୀଙ୍କ ଧର୍ମନିରପେକ୍ଷତା, ଗଣତନ୍ତ୍ର ଏବଂ ଲୋକଙ୍କ ମୁକ୍ତିର ମୂଲ୍ୟବୋଧ ପ୍ରତି ଜୀବନବ୍ୟାପୀ ପ୍ରତିବଦ୍ଧତାକୁ ଉଲ୍ଲେଖ କରିଥଲେ। ସର୍ବଦା ଜାତି, ଧର୍ମ, ଭାଷା ଏବଂ ଅଞ୍ଚଳ ନିର୍ବିଶେଷରେ ଲୋକଙ୍କ ଐକ୍ୟକୁ ପ୍ରୋତ୍ସାହିତ କରିଥିଲେ। ଏଥିସହ ସମାଜକୁ ବିଭକ୍ତ କରୁଥିବା ଘୃଣାର ରାଜନୀତିରୁ ସାବଧାନ କରିଥିଲେ। ସେ ଜରୁରୀକାଳରୁ ମୃତ୍ୟୁ ପର୍ଯ୍ୟନ୍ତ ପ୍ରତ୍ୟେକ ଏକଛତ୍ରବାଦୀ ପ୍ରବୃତ୍ତି ବିରୋଧରେ ଲଢିଥିଲେ। ସର୍ବଦା ସାମାଜିକ ନ୍ୟାୟ, ସମାନ ବିକାଶ ଏବଂ ଗରିବଙ୍କ କଲ୍ୟାଣ ପାଇଁ ଏବଂ ଲୋକାଭିମୁଖୀ ଭାରତର ଦୃଷ୍ଟିକୋଣକୁ ତାଙ୍କ ରାଜନୀତିର କେନ୍ଦ୍ରବିନ୍ଦୁ କରିଥିଲେ ବୋଲି କାରାତ୍ ମତ ରଖିଥିଲେ।

ସୀତାରାମ ୟେଚୁରୀ ସ୍ମୃତି କମିଟିର ଅଧ୍ୟକ୍ଷ ଅଳି କିଶୋର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କମିଟିର ସୁରେଶ ଚନ୍ଦ୍ର ପଣିଗ୍ରାହୀ ସ୍ୱାଗତ ଭାଷଣ ଦେଇଥିଲେ। ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ବରିଷ୍ଠ ସିପିଆଇ(ଏମ୍) ନେତା ଜନାର୍ଦ୍ଦନ ପତି, ସିପିଆଇ ରାଜ୍ୟ ସମ୍ପାଦକ ଡ. ପ୍ରଶାନ୍ତ କୁମାର ମିଶ୍ର, ସିପିଆଇଏମ୍‌ଏଲ ଲିବରେଶନ ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର ଏବଂ ଫରୱାର୍ଡ ବ୍ଲକ ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତିରଞ୍ଜନ ମହାପାତ୍ର ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ପୁଷ୍ପା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ଶୁଭମିତ୍ରାଙ୍କୁ ନ୍ୟାୟ ଦାବିରେ ମହିଳା କଂଗ୍ରେସର କ୍ୟାଣ୍ଡେଲ ଶୋଭାଯାତ୍ରା

**ଭୁବନେଶ୍ୱର,୧୮।୯(ରବିନାରାୟଣ ଜେନା)**

ହତ୍ୟାର ଶିକାର ମହିଳା କନେଷ୍ଟବଳ ଶୁଭମିତ୍ରା ସାହୁଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରାଯିବା ସହ ତାଙ୍କୁ ନ୍ୟାୟ ଦାବିରେ ଓଡ଼ିଶା ପ୍ରଦେଶ ମହିଳା କଂଗ୍ରେସ ପକ୍ଷରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ମୀନାକ୍ଷୀ ବାହିନୀପତିଙ୍କ ନିର୍ଦ୍ଦେଶକ୍ରମେ ମହିଳା କଂଗ୍ରେସ କାର୍ଯ୍ୟକର୍ତ୍ତାମାନେ ହାତରେ କ୍ୟାଣ୍ଡେଲ ଧରି କଂଗ୍ରେସ ଭବନରୁ ବାହାରି ମାଷ୍ଟରକ୍ୟାଣ୍ଟିନରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ମୃତକ ଶୁଭମିତ୍ରାଙ୍କ ପରିବାରକୁ ୫୦ଲକ୍ଷ ଟଙ୍କା କ୍ଷତି ପୂରଣ ଦେବା ସହ ଦୋଷୀକୁ ଫାଶୀ ଦଣ୍ଡରେ ଦଣ୍ଡିତ କରିବାକୁ ଦାବି କରାଯାଇଥିଲା। ଶୋଭାଯାତ୍ରାରେ ଅନ୍ୟମାନଙ୍କ ମଧ୍ୟରେ ନିରୁପମା ପାତ୍ର, ସିଲି ସେଠୀ, ବିଶ୍ୱକଲ୍ୟାଣୀ କର, ଅମିତା ବିଶ୍ୱାଳ, ସୁନୀତା ବିଶ୍ୱାଳ ପ୍ରମୁଖ ସାମିଲ ଥିଲେ।

# ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ସିନେଟ ସଦସ୍ୟ ହେଲେ ଏମ୍‌ପି ଭର୍ତ୍ତୃହରି ମହତାବ

**କଟକ,୧୮।୯(କାର୍ତ୍ତିକ ସାହୁ)**

କଟକ ଏମ୍‌ପି ଭର୍ତ୍ତୃହରି ମହତାବ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ସିନେଟ ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ଗତ ଅଗଷ୍ଟ ୨୦ରେ ଅନୁଷ୍ଠିତ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ସିଣ୍ଡିକେଟ ବୈଠକରେ ଏନେଇ ପ୍ରସ୍ତାବ ଗୃହୀତ ହୋଇଛି। ଓଡ଼ିଶା ବିଶ୍ୱବିଦ୍ୟାଳୟ ଆମେଣ୍ଡମେଣ୍ଟ ଆକ୍ଟ-୨୦୨୪ ର ଧାରା ୯-(୧) ଅନୁଯାୟୀ ଏମ୍‌ପି ମହତାବ ଆଗାମୀ ୩ ବର୍ଷ ଯାଏ ସିନେଟ ସଦସ୍ୟ ଭାବେ ରହିବେ। ବିଶ୍ୱବିଦ୍ୟାଳୟର କୁଳସଚିବଙ୍କ ପକ୍ଷରୁ ଗୁରୁବାର ଏନେଇ ଏମ୍‌ପି ମହତାବଙ୍କୁ ପତ୍ର ପ୍ରେରଣ କରାଯାଇଥିବା ସୂଚନା ମିଳିଛି।




ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ବିଧାନସଭା ୫୪ ନଂ ପ୍ରକୋଷ୍ଠରେ ଗୁରୁବାର ଅନୁଷ୍ଠିତ ଭାଜପା ବିଧାୟକ ଦଳ ବୈଠକ।



ନମ୍ର ହେବା ଅର୍ଥ ହେଲା– ମନରେ, ପ୍ରାଣରେ ଏବଂ ଶରୀରରେ ସର୍ବଦା ସଚେତନ ରହିବା ଯେ, ଭଗବାନଙ୍କୁ ଛାଡି କିଛି ଜାଣି ହେବ ନାହିଁ– ନିଜର ଅସ୍ତିତ୍ୱ ପର୍ଯ୍ୟନ୍ତ ରହିବ ନାହିଁ ଓ କିଛି କାର୍ଯ୍ୟ କରିହେବ ନାହିଁ। ଭଗବାନଙ୍କ ବ୍ୟତୀତ ମଣିଷ କେବଳ ଅଜ୍ଞାନ, ଶକ୍ତିହୀନ ଓ ଅବ୍ୟବସ୍ଥିତ। –ଶ୍ରୀମା



# ପଡ଼ୋଶୀରେ ଅସ୍ଥିରତା



ନିରୁପମା ରାଓ

ଦକ୍ଷିଣ ଓ ଦକ୍ଷିଣ-ପୂର୍ବ ଏସିଆରେ ଦେଖାଯାଉଥିବା ଅସ୍ଥିରତା ଉଭୟ ଭାରତ ଓ ତାହାର ପଡ଼ୋଶୀ ରାଷ୍ଟ୍ରଗୁଡ଼ିକ ପାଇଁ ଅଧିକ ବିପଜ୍ଜନକ ହୋଇଛି। ନିକଟରେ ନେପାଳର ହିଂସାତ୍ମକ ବିଦ୍ରୋହରେ ଏହା ପ୍ରତିଫଳିତ ହୋଇଛି। ଭାରତର ପୂର୍ବଭାଗରେ ଥିବା ବାଂଲାଦେଶରେ ୨୦୨୪ରେ ମଧ୍ୟ ସମାନ ପ୍ରକାର ଉତ୍ତେଜନା ପ୍ରକାଶ ପାଇବା ଯୋଗୁ ସେଠାକାର ସରକାର କ୍ଷମତାଚ୍ୟୁତ ହୋଇଥିଲେ। ଏହା ସହ ଦକ୍ଷିଣ-ପୂର୍ବରେ, କୋର୍ଟ ନିର୍ଦ୍ଦେଶରେ ଥାଇଲାଣ୍ଡ ପ୍ରଧାନମନ୍ତ୍ରୀଙ୍କୁ ହଟାଇ ଦିଆଯିବା ଏବଂ ସୀମାରେ କାମ୍ବୋଡ଼ିଆ ସହ ଏହାର ସଂଘର୍ଷ ଭଳି ଘଟଣା ସାମ୍ନାକୁ ଆସିଛି। ଆର୍ମଡ୍ କନ୍‌ଫ୍ଲିକ୍ଟ ଲୋକେଶନ ଆଣ୍ଡ୍ ଇଭେଣ୍ଟ ଡେଟା ପ୍ରୋଜେକ୍ଟର ତଥ୍ୟ ଅନୁଯାୟୀ, ମ୍ୟାନ୍‌ମାରରେ ଆଙ୍ଗ୍ ସାନ୍ ସୁକିଙ୍କ ଗଣତାନ୍ତ୍ରିକ ସରକାରର ପତନ ଘଟାଇ ମିଲିଟାରି ଶାସନ ପ୍ରତିଷ୍ଠା ହେବା ପରଠାରୁ ଗୃହଯୁଦ୍ଧରେ ୨୦୨୧ରୁ ଏଯାବତ୍ ଅତିକମ୍‌ରେ ୮୦ ହଜାର ଲୋକଙ୍କ ଜୀବନ ଗଲାଣି। ଭାରତର ପଶ୍ଚିମରେ ପାକିସ୍ତାନରେ ଇସ୍‌ଲାମିକ ଉଗ୍ରବାଦୀ ଗୋଷ୍ଠୀ ସକ୍ରିୟ ହେବା ସହ ସେଠାରେ ଅର୍ଥନୀତି ଭୁଶୁଡ଼ି ପଡ଼ିବା ଶାସକୀୟ ପ୍ରଦର୍ଶନରେ ଦୁର୍ବଳତା ଦର୍ଶାଇଛି। ଦକ୍ଷିଣରେ, ଶ୍ରୀଲଙ୍କାରେ ୩ ବର୍ଷ ପୂର୍ବେ ଏହାର ପ୍ରଧାନମନ୍ତ୍ରୀ ବିତାଡ଼ିତ ହେବା ପରେ କିଛିଟା ସ୍ଥିରତା ଆସିଥାଇପାରେ, କିନ୍ତୁ ଏହାର ଅର୍ଥ ବ୍ୟବସ୍ଥାର ପୁନର୍ଗଠନର ସଙ୍କେତ ଦେଖାଯାଇନି। ଏହା ବ୍ୟତୀତ ଭାରତର ଉତ୍ତରରେ, ଆଞ୍ଚଳିକ କ୍ଷେତ୍ରରେ ପ୍ରାଧାନ୍ୟ ବୃଦ୍ଧି ପାଇଁ ଚାଇନାର ଆକାଂକ୍ଷା ଅସ୍ଥିରତାର ଆଉ ଏକ ଉତ୍ସ ବୋଲି କୁହାଯାଇପାରେ।

ବାଂଲାଦେଶରୁ ଆସୁଥିବା ଅଧିକ ଶରଣାର୍ଥୀ ଭାରତର ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକରେ ଅଶାନ୍ତ ସ୍ଥିତି ସୃଷ୍ଟି କରୁଛନ୍ତି। ଏହାବ୍ୟତୀତ ପାକିସ୍ତାନ ପ୍ରାୟୋଜିତ ସୀମାପାର ଆତଙ୍କବାଦ ଯୋଗୁ ଚଳିତବର୍ଷ ଯୁଦ୍ଧ ପରିସ୍ଥିତି ଉପୁଜିଥିଲା। ଏବେ ନେପାଳର ଅସ୍ଥିର ରାଜନୀତି ଚାଇନାକୁ ପୁନର୍ବାର ହସ୍ତକ୍ଷେପ କରିବାର ସୁଯୋଗ ଦେଇଛି। ଏଭଳି ଅସ୍ଥିରତାକୁ ଭାରତ କିଭଳି ଅନୁଧ୍ୟାନ କରି ହ୍ରାସ କରିବ ଏବଂ କିପରି ଆଞ୍ଚଳିକ ସ୍ଥିରତା ଆଣିବ ତାହାହିଁ ବଡ଼ ପ୍ରଶ୍ନ। ଏବେ ନେପାଳରୁ ଆରମ୍ଭ କରିବା। ଏହା ଏକ ମହତ୍ତ୍ୱାକାଂକ୍ଷୀ ସମ୍ବିଧାନ ଦ୍ୱାରା ତିଷ୍ଠି ରହିବାକୁ ସଂଗ୍ରାମ କରିଆସିଛି, ଯାହା ଦୁଇ ଦଶନ୍ଧି ପୂର୍ବେ ଏକ ଦୀର୍ଘ ମାଓ ବିଦ୍ରୋହକୁ ଶେଷ କରିବାକୁ ଗଢ଼ାଯାଇଥିଲା। ନେପାଳର ସରକାରୀ ସଂସ୍ଥାଗୁଡ଼ିକ ଦୁର୍ବଳ ରହିଛନ୍ତି ଓ ବାଧାର ସମ୍ମୁଖୀନ ହେଉଛନ୍ତି ଏବଂ ବିଚ୍ଛିନ୍ନତାବାଦ, ଦୁର୍ନୀତି ତଥା ଏକ ବିଶ୍ୱାସଯୋଗ୍ୟ ବ୍ୟବସ୍ଥା ଆଣିବାରେ ରାଜନୈତିକ ନେତାମାନଙ୍କ ଅକ୍ଷମତା ଯୋଗୁ ସ୍ଥିରତାର ଆଶା ବାରମ୍ବାର ଧୂଳିସାତ୍ ହୋଇଯାଇଛି। ଏହିସବୁ ଗମ୍ଭୀର ତ୍ରୁଟି ଯୋଗୁ ନିକଟରେ ସେଠାରେ ହିଂସା ଉପୁଜିଛି। ନେପାଳ ସହିତ ଆମର ଦୀର୍ଘ ତଥା ଖୋଲା ସୀମା ରହିଛି। ଏଣୁ ସେଠାରୁ ଅତ୍ୟଧିକ ଶରଣାର୍ଥୀ ଆଗମନ ଓ ସୀମାପାର



ଅପରାଧର ଆଶଙ୍କା ଅଛି। ତଥାପି ଭାରତ ସହ ଥିବା ଦୃଢ଼ ସାଂସ୍କୃତିକ, ଜାତିଗତ, ଧାର୍ମିକ ଓ ଆର୍ଥିକ ସମ୍ପର୍କ କିଭଳି ନଷ୍ଟ ନ ହେବ, ସେଥିପାଇଁ ନେପାଳ ସରକାର ସବୁବେଳେ ସତର୍କ ରହିବ। ତେବେ ନେପାଳର ଘରୋଇ ରାଜନୀତିରେ ବଢୁଥିବା ଚାଇନାର ପ୍ରଭାବକୁ ଅଣଦେଖା କରାଯିବା ଉଚିତ ନୁହେଁ, ଯାହା ରଣନୀତିକ ଦୃଷ୍ଟିରୁ ଭାରତ ପାଇଁ ଅତ୍ୟନ୍ତ ଚିନ୍ତାର କାରଣ ହେବ। ବାଂଲାଦେଶରେ, ଶେଖ୍ ହାସିନାଙ୍କୁ ବିତାଡ଼ିତ କରାଯିବା ପରଠାରୁ ଏକ ମଧ୍ୟବର୍ତ୍ତୀକାଳୀନ ସରକାର ଚାଲିଛି। ହେଲେ ସେଠାରେ ଆଇନଶୃଙ୍ଖଳା ବଜାୟ ରଖିବା କିମ୍ବା ମାନବ ଅଧିକାର ସୁରକ୍ଷା କ୍ଷେତ୍ରରେ ଏହି ସରକାର ବିଫଳ ହୋଇଛି। କିଛି ଦଶନ୍ଧି ପୂର୍ବରୁ ଥିବା ତାହାର ଏକ ସମୃଦ୍ଧ ଅର୍ଥ ବ୍ୟବସ୍ଥା ଏବେ ଘରୋଇ ରାଜନୈତିକ ଅସ୍ଥିରତା ଓ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ୍ ମାଡ଼ରେ ଚାପଗ୍ରସ୍ତ ହୋଇପଡ଼ିଛି। ରାଜନୈତିକ ଉତ୍ତେଜନାର ପରିବେଶ ଯୋଗୁ ଦେଶର ସଂଖ୍ୟାଲଘୁମାନେ ଅତ୍ୟଧିକ ଅସୁରକ୍ଷିତ ମଣୁଛନ୍ତି। ତେବେ ସୀମାରେ ପ୍ରବାଶନ ଓ ଆତଙ୍କବାଦ ହେଲେ ଢାକାରେ ବ୍ୟବସ୍ଥିତ ଶାସନ ଦରକାର। କିନ୍ତୁ ଏବକାର ମଧ୍ୟବର୍ତ୍ତୀକାଳୀନ ସରକାରଙ୍କ ବିଫଳତାକୁ ଦେଖିଲେ ଭାରତ ପ୍ରତି ଅଧିକ ବିପଦ ରହିଛି ବୋଲି କୁହାଯାଇପାରେ।

ପ୍ରଥମ ଥର ପାଇଁ ଥାଇଲାଣ୍ଡର ବିପର୍ଯ୍ୟୟ ଓ କାମ୍ବୋଡ଼ିଆ ସହ ସୀମା ବିବାଦକୁ ଗୁରୁତ୍ୱ ଦିଆ ନ ଯାଇପାରେ, କିନ୍ତୁ ଭାରତ ତାହାର ଆକ୍ଟ ଇଷ୍ଟ ପଲିସିରେ ଦକ୍ଷିଣ-ପୂର୍ବ ଏସୀୟ ଦେଶ ସଂଗଠନର ୧୦ ସଦସ୍ୟ ରାଷ୍ଟ୍ରଗୁଡ଼ିକ ସହିତ ଏକ ଗଭୀର ଆର୍ଥିକ ଓ ରଣନୀତିକ ସମ୍ପର୍କ ଯୋଡ଼ିବା ଆରମ୍ଭ କରିଛି। ସେହି ସଂଗଠନରେ କୌଣସି ଅସ୍ଥିରତା ସୃଷ୍ଟିହେଲେ ଏଭଳି ପଦକ୍ଷେପ ବିଗିଡ଼ିଯିବ। ଦୀର୍ଘଦିନରୁ ଦକ୍ଷିଣ ଓ ଦକ୍ଷିଣ-ପୂର୍ବ ଏସିଆ ମଧ୍ୟରେ ଥାଇଲାଣ୍ଡ ଏକ ସମ୍ପର୍କର ସେତୁ ଭାବେ ରହିଆସିଛି। ଯଦି ଏହାର ବ୍ୟବସ୍ଥା ଦୁର୍ବଳ ହୋଇଯାଏ ଏବଂ କାମ୍ବୋଡ଼ିଆ ସହ ସୀମା ଉତ୍ତେଜନା ବୃଦ୍ଧିପାଏ, ତେବେ ଭାରତର ଏକ ପରସ୍ପର ସମ୍ବନ୍ଧିତ ତଥା ସୁରକ୍ଷିତ ପ୍ରଶାନ୍ତ ମହାସାଗରୀୟ କରିଡର ସମ୍ଭବ ହୋଇପାରିବ ନାହିଁ।

ପାକିସ୍ତାନରେ ଦୀର୍ଘ ସମୟରୁ ସମସ୍ୟା ଲାଗି ରହିଛି। ୨୦୨୨ରେ ମିଲିଟାରି ସମର୍ଥନରେ ଇମ୍ରାନ୍ ଖାନ୍‌ଙ୍କ ନିର୍ବାଚିତ ସରକାରକୁ ବିଦା କରାଯିବା ପରେ ଦେଶର ସିଭିଲିଆନ୍ ଅଥରିଟିଗୁଡ଼ିକୁ ଲଗାତର ଅଣଦେଖା କରାଯାଇଆସୁଛି। ରକ୍ତାକ୍ତ ରାଜନୀତିରେ ଉଗ୍ରବାଦୀ ଗୋଷ୍ଠୀଗୁଡ଼ିକ ସକ୍ରିୟ ହୋଇଯାଇଛନ୍ତି ଏବଂ ପାକିସ୍ତାନର ଦୁର୍ବଳ ଅର୍ଥ ବ୍ୟବସ୍ଥା ଏହାର ଗତିଶୀଳତାକୁ ଆହୁରି ବଢ଼ାଇଦେଇଛି। ଭାରତର ଦୃଷ୍ଟିକୋଣକୁ ଦେଖିଲେ ଏହାର ଆଭ୍ୟନ୍ତରୀଣ ସମସ୍ୟାଠାରୁ ପାକିସ୍ତାନର ସମସ୍ୟାଗୁଡ଼ିକ ଅଧିକ ଗୁରୁତ୍ୱ ରଖେ, କାରଣ ସେମାନେ ନିୟମିତ ଭାବେ କଶ୍ମୀରରେ ଲାଇନ୍ ଅଫ୍ କଣ୍ଟ୍ରୋଲ(ଏଲ୍ଓସି)ରେ ଅଧିକ ବିପଦ ସୃଷ୍ଟି କରିବା ସହ ଆତଙ୍କବାଦକୁ ପ୍ରୋତ୍ସାହିତ କରି ଆଞ୍ଚଳିକ ଶାନ୍ତିର ଆଶାକୁ ଭାଙ୍ଗି ଦେଉଛନ୍ତି। କେବଳ ଏତିକି ନୁହେଁ, ସେମାନେ ଆଣବିକ ବିପର୍ଯ୍ୟୟର ସଙ୍କଟ ସୃଷ୍ଟି କରୁଛନ୍ତି। ପାକିସ୍ତାନ– ଚାଇନାର ସମ୍ପର୍କ ବର୍ତ୍ତମାନର ସ୍ଥିତିକୁ ଆହୁରି ଜଟିଳ କରିଦେଇଛି।

ଭାରତର ପଡ଼ୋଶୀ ଦେଶଗୁଡ଼ିକରେ ଗଣତନ୍ତ୍ରର ଅଧୋଗତି ହେବା ଲକ୍ଷ୍ୟ କରାଯାଉଛି। ସମ୍ବିଧାନର ପୁନର୍ଲିଖନ ହେଉଛି ଓ ନ୍ୟାୟାଳୟଗୁଡ଼ିକର ରାଜନୀତିକରଣ କରାଯାଉଛି। ଦୁର୍ବଳତାକୁ ଦେଖି ଅନେକ ସେନାଧ୍ୟକ୍ଷ ଖୋଲାଖୋଲି ଭାବେ ଗଣତନ୍ତ୍ରରେ ବାଧା ସୃଷ୍ଟି କରିବା ସହ ରାଜନେତାଙ୍କୁ ଜେଲ୍‌ରେ ରଖୁଛନ୍ତି କିମ୍ବା ନିର୍ବାସିତ କରୁଛନ୍ତି। ଏହି ଧାରାକୁ ପ୍ରତିହତ କରିବା ପାଇଁ ବିଶ୍ୱର ବୃହତ୍ ଗଣତାନ୍ତ୍ରିକ ଦେଶ ଭାରତ ପାଇଁ ଏକ ଅଧିକ ଦୃଢ଼ ଆଞ୍ଚଳିକ ରଣନୀତି ଆପଣାଇବାକୁ ପଡ଼ିବ। ଅବଶ୍ୟ ପାକିସ୍ତାନ ବ୍ୟତୀତ ଅଧିକାଂଶ ଦକ୍ଷିଣ ଏସିଆ ଦେଶ ଯେତେବେଳେ ସଙ୍କଟର ସମ୍ମୁଖୀନ ହୁଅନ୍ତି, ସେତେବେଳେ ଭାରତ ପ୍ରଥମେ ପଦକ୍ଷେପ ନେଇଥାଏ। କିନ୍ତୁ ଭାରତର ପଡ଼ୋଶୀମାନେ ଏହାର ସାହାଯ୍ୟ ଦରକାର ନାହିଁ ବୋଲି ଭାବି ସେମାନଙ୍କ ସୁରକ୍ଷା ବିଷୟକୁ ଅଣଦେଖା କରୁଛନ୍ତି। ତେବେ ଭାରତର ପଡ଼ୋଶୀ ଦେଶଗୁଡ଼ିକ ଅଧିକ ବିପଜ୍ଜନକ ସ୍ଥିତିରେ ନ ଥିଲେ ମଧ୍ୟ ବିଶ୍ୱର ଅନେକ ଦେଶ ଏହାକୁ ଅଧିକ ଅନିଶ୍ଚିତତା ମଧ୍ୟକୁ ଠେଲି ଦେଉଛନ୍ତି। ଏହି ଅଞ୍ଚଳରେ ଟ୍ରମ୍ପଙ୍କ ଏକଚାଟିଆ ନୀତିକୁ ଛୋଟ ଦେଶଗୁଡ଼ିକ ପ୍ରତ୍ୟାଖ୍ୟାନ କରୁଛନ୍ତି। ଜାପାନ ଓ ଦକ୍ଷିଣ କୋରିଆ ଆଣବିକ ଅସ୍ତ୍ରଶସ୍ତ୍ରର ଅଧିକାରୀ ହେବାକୁ ଯେଉଁ ଲକ୍ଷ୍ୟ ରଖିଛନ୍ତି, ଯାହାକୁ ନେଇ ବିତର୍କ ଚାଲିଛି।

ଝଡ଼ ସାମ୍ନାରେ ଭାରତ ମଜଭୁତ ଭାବେ ଠିଆ ହୋଇଥିଲେ ମଧ୍ୟ ଆଞ୍ଚଳିକ ଓ ଟ୍ରମ୍ପଙ୍କ ପ୍ରେରିତ ଅସ୍ଥିରତା ଯୋଗୁ ଦେଶର ଗୁରୁତ୍ୱପୂର୍ଣ୍ଣ ରଣନୀତିକ ସ୍ୱାଧୀନତା ବଜାୟ ରଖିବା କଷ୍ଟକର ହୋଇପଡୁଛି। ଏବେ ଆମେରିକା ସହ ସମ୍ପର୍କ ଦୃଢ଼ କରିବାର ସମୟ ନୁହେଁ, ବରଂ ଆମେରିକାର ନୀତିରେ ହଠାତ୍ ହୋଇଥିବା ପରିବର୍ତ୍ତନକୁ ବିରୋଧ କରାଯିବା ସହ ରଣନୀତିକ, ପ୍ରଯୁକ୍ତିଗତ ତଥା ଆର୍ଥିକ କ୍ଷେତ୍ରରେ ଆଞ୍ଚଳିକ ଭାଗୀଦାରି ଜାରି ରଖିବାକୁ ପଡ଼ିବ। ଦକ୍ଷିଣ ଏସିଆରେ ଭାରତ ତାହାର ପ୍ରାଧାନ୍ୟ ବିସ୍ତାର କରିବାକୁ ଚାହୁଁନାହିଁ। ବରଂ ଏହାର ଲକ୍ଷ୍ୟ ହେଉଛି ଏକ ସମ୍ମିଳିତ, ନିୟମ ଆଧାରିତ ଏବଂ ପରସ୍ପର ସମ୍ବନ୍ଧିତ ଆଞ୍ଚଳିକ କ୍ଷେତ୍ର ଗଢ଼ିବା, ଯଦ୍ୱାରା ବାରମ୍ବାର ଦେଖାଯାଉଥିବା ସଙ୍କଟର ଏକ ଇତିହାସରେ ପରିବର୍ତ୍ତନ ଆସିବା ଓ ଭବିଷ୍ୟତରେ ଏକ ସ୍ଥାୟୀ ସ୍ଥିରତା ପ୍ରତିଷ୍ଠା ହୋଇପାରିବ।

**ଭାରତର ପୂର୍ବତନ ବୈଦେଶିକ ସଚିବ**

# ଅପରିବର୍ତ୍ତିତ ଭ୍ରଷ୍ଟାଚାର ସ୍ୱର



ଯଚିଦାନନ୍ଦ ଦାଶ

ଓଡ଼ିଆରେ ଏକ ପ୍ରବାଦ ଅଛି, 'ଯେତେ ମାଠିବୁ ମାଠେ, ମୁଁ ସେଇ ଦରପୋଡ଼ା କାଠେ।' ଏହି ପ୍ରବାଦର ଆଉ ଏ ଅନୁରୂପ ପ୍ରବାଦ ଉଲ୍ଲେଖ କରାଯାଇପାରେ ଯଥା – ''ଅଙ୍ଗାର ଶତ ଧୌତେନଂ, ମଳିନଂ ନ ଜାୟତେ'' ଅର୍ଥାତ୍ ଅଙ୍ଗାରକୁ ଯେତେ ଧୋଇଲେ ମଧ୍ୟ ତା' ଠାରୁ କଳା ମଇଳା ଅଂଶ କେବେହେଲେ ଛାଡ଼ି ଯିବନାହିଁ। ପ୍ରବାଦ ଦୁଇଟିର ମାଧ୍ୟମରେ ଅବଗତ କହିବାର ଉଦ୍ଦେଶ୍ୟ ହେଉଛି , ଆଜିର ଏଇ କଳୁଷିତ ସମାଜରେ କିପରି ଅପରିବର୍ତ୍ତିତ ଭ୍ରଷ୍ଟାଚାର ତଥା ଜଘନ୍ୟ ଓ ଘୃଣ୍ୟ ନ୍ୟୂନତମ କାର୍ଯ୍ୟକଳାପର ସ୍ରୋତ ବହିଚାଲିଛି, ଯାହାର କିଛି ପ୍ରତିବନ୍ଧକ ନାହିଁ କହିଲେ ଚଳେ।

ଆଜିର ଯୁଗରେ ଗଣବଳାତ୍କାର, ଶିଶୁ ବଳାତ୍କାର, ଚୋରି, ଶତ୍ରୁତାଜନିତ ହତ୍ୟାକାଣ୍ଡ ଇତ୍ୟାଦି, ନିତିଦିନିଆ କାରବାରରେ ପରିଣତ ହୋଇଯାଇଛି। ଆଜି ଗୋଟିଏ ଘଟଣା ଘଟିଲା ପରେ ମଧ୍ୟ ସମତୁଲ୍ୟ ଘଟଣା ସପ୍ତାହକ ପରେ ଘଟିଚାଲିଛି।। ପ୍ରକୃତରେ ଆମେ ଜନତା ଦିନକୁ ଦିନ ବିଶୃଙ୍ଖଳିତ ହୋଇଯାଉଛେ ନା ପ୍ରଶାସନ ଠିକ୍ ପଦକ୍ଷେପ ନେବାକୁ ଅକ୍ଷମ ବା ପ୍ରଶାସନର ନିୟନ୍ତ୍ରଣରେ କିଛି ଭୁଲ୍ ରହୁଛି। ଆସନ୍ତୁ ଉପରୋକ୍ତ କାରଣଗୁଡ଼ିକ ଉପରେ କିଞ୍ଚିତ୍ ଆଲୋଚନା କରିବା। ଏଥିରେ ଦୁଇଟି ଉପାଦାନ ସମ୍ପୃକ୍ତ ରହିଛି। ଗୋଟିଏ ହେଲା ଜନତା। ଦ୍ୱିତୀୟରେ ପ୍ରଶାସନର ଦକ୍ଷତା ଓ ବୁଦ୍ଧିମତ୍ତାର ସହିତ କାର୍ଯ୍ୟାନୋୟନର ସଫଳତା। ପ୍ରଥମେ ଜନତାଙ୍କ କଥାକୁ ବିଚାରକୁ ନେବା। ସାଧାରଣତଃ ଆମ ଲୋକମାନେ ସ୍ୱୟଂଶୃଙ୍ଖଳିତ ନୁହନ୍ତି ଏବଂ ସ୍ୱୟଂଶାସିତ ବା ସ୍ୱୟଂ ନିୟନ୍ତ୍ରିତ ହେବାର ଇଚ୍ଛାଶକ୍ତି ନାହିଁ। ଖୁବ୍ କମ ସଚେତନ ଲୋକ ସ୍ୱୟଂଶୃଙ୍ଖଳିତ ହେବା ଦେଖାଯାଉଛି। ଆମର ଉତ୍ତେଜିତ ଓ କୋଳାହଳ ପରିବେଶ ମଣିଷକୁ ଦୁର୍ନିତିଗ୍ରସ୍ତ, ହିଂସାପ୍ରଣୋଦିତ, ବ୍ୟଭିଚାରିତ କରିଦେଉଛି। ପ୍ରଶ୍ନ ଆସେ, ଆମ ଲୋକମାନେ କେତେ ନକାରାତ୍ମକ। ଯଦିଓ ଆମ ପାଖରେ ସକାରାତ୍ମକ ଓ ନକାରାତ୍ମକ ଲୋକଙ୍କର ଏକ ପରିସଂଖ୍ୟାନ ନାହିଁ ତଥାପି ଏକ କାଳ୍ପନିକ ଆକଳନ ଅନୁଯାୟୀ, ନକାରାତ୍ମକ ମନୋବୃତ୍ତିର ଜନତାଙ୍କ ପ୍ରତିଶତ ଅଧିକ ଏବଂ ସକାରାତ୍ମକ ମନୋବୃତ୍ତିର ଲୋକ ଖୁବ୍ କମ୍ ଦେଖାଯିବ। ବାସ୍ତବରେ ଉପରୋକ୍ତ ବିଶ୍ଳେଷଣ ଅନୁଯାୟୀ ଆମ ଦେଶରେ ଅପରାଧ ପ୍ରତିଶତ ଅଧିକ। ଯଦି ୨୦୨୪ର ସୁଖୀ ସୂଚକାଙ୍କକୁ ବିଚାରକୁ ନିଆଯାଏ, ଭାରତ ୧୪୭ଟି ଦେଶ ମଧ୍ୟରେ ୧୦୮ ତମ ର୍‍ୟାଙ୍କିଙ୍ଗରେ ଅଛି। ତେଣୁ ଉପରୋକ୍ତ ପରିସଂଖ୍ୟାନ ଓ ଅନୁଶୀଳନରୁ ସିଦ୍ଧାନ୍ତ ନିଆଯାଇପାରେ ଯେ, ଆମ ଦେଶର ଭ୍ରଷ୍ଟାଚାର ଓ ବ୍ୟାଭିଚାର ପାଇଁ ଜନତା ବେଶି ଦାୟୀ।

ପ୍ରଶାସନ ମଧ୍ୟ ସମାଜର ଅଧୋଗତି ପାଇଁ କିଛି ଅଂଶରେ ଦାୟୀ। ପ୍ରଶାସନର ପୁରୋଧା କହିଲେ ନିର୍ବାଚିତ ରାଜନେତା, ପ୍ରଶାସନିକ ଅଧିକାରୀ ଓ ପୋଲିସ ଅଧିକାରୀଙ୍କୁ ବୁଝାଏ। ଶାସନ ଚାଲିବାରେ ମୁଖ୍ୟ ଭୂମିକା ରହେ ରାଜନେତାଙ୍କର। ରାଜନୀତିର ଊର୍ଦ୍ଧ୍ୱରେ ରହି ପ୍ରଶାସନର ଯୋଜନା ଓ ଆଇନ ପ୍ରଣୟନ, କାର୍ଯ୍ୟାନ୍ୱୟନ, ଅର୍ଥର ସୁପରିବଣ୍ଟନ ବିନିଯୋଗ ଓ ନିଯୁକ୍ତି ଇତ୍ୟାଦିରେ ଠିକ୍ ଭାବରେ ନିଜକୁ ନିୟୋଜିତ କରିବା ଉଚିତ। ମାତ୍ର ଏବେ ପ୍ରଶାସନିକ କ୍ଷେତ୍ରରେ ଏହାର ବ୍ୟତିକ୍ରମ ଦେଖାଯାଉଛି। ଅନେକ କ୍ଷେତ୍ରରେ ଦେଖାଯାଏ ବିଶୃଙ୍ଖଳିତ ଜନତା ପ୍ରଶାସନକୁ ଠିକ୍ ବାଟରେ ଚାଲିବାକୁ ଦିଅନ୍ତି ନାହିଁ। ଏଭଳି ସ୍ଥିତିରେ ଗ୍ରାମାଞ୍ଚଳ ଅପେକ୍ଷା ସହରାଞ୍ଚଳରେ ଅଧିକ ପୋଲିସ ଷ୍ଟେଶନ ଖୋଲିବା ଓ ଅଧିକ ପୋଲିସ ପଦମାନ ସୃଷ୍ଟି କରାଯିବା ଉଚିତ। ହାରାହାରି ପୋଲିସ ଓ ଜନସଂଖ୍ୟାର ଅନୁପାତ ଭାରତରେ ଏକ ଲକ୍ଷ ଲୋକରେ ୧୫୩ ଜଣ ପୋଲିସ କର୍ମଚାରୀ। ମାତ୍ର ଜାତିସଂଘ ଦ୍ୱାରା ପ୍ରଯୋଜିତ ଅନୁଯାୟୀ ଅନୁପାତ ଏକ ଲକ୍ଷ ଲୋକଙ୍କୁ ନେଇ ୨୨୨ଟି ପୋଲିସ ରହିବା ଉଚିତ। ଏଥିରୁ ସ୍ପଷ୍ଟ ଅନୁମେୟ ଯେ, ବିଶୃଙ୍ଖଳିତ ଜନତା ଓ ତ୍ରୁଟିପୂର୍ଣ୍ଣ ପ୍ରଶାସନ ଯୋଗୁ ଦେଶରେ ଭ୍ରଷ୍ଟାଚାର ନିଆଁ କୁହୁଳିବାରେ ଲାଗିଛି ; ଯାହା ଏକ ଅପରିବର୍ତ୍ତିତ ସ୍ୱର ରୂପେ ସମାଜରେ ଉଚ୍ଚାରିତ ହେବାକୁ ଲାଗିଲାଣି। ଆସନ୍ତୁ ଏକ ପରିବର୍ତ୍ତନଶୀଳ ଦୁନିଆ ତଥା ସମାଜ ଗଢ଼ି ତୋଳିବାକୁ ସମ୍ମିଳିତ ସ୍ୱରରେ ଆପ୍ରାଣ ଉଦ୍ୟମ କରିବା ନଚେତ୍ ଆମ ସାମାଜିକ ଜୀବନ ଅସହ୍ୟ ହୋଇ ଉଠିବ।

**ସିଡିଏ, କଟକ**
**ମୋ :୭୦୦୮୬୫୦୬୯**

## ଏଇ ଭାରତରେ

ରାଜସ୍ଥାନର ୱାଇଲ୍ଡ ଲାଇଫ ଫଟୋଗ୍ରାଫର ଶ୍ରବଣ ପଟେଲ ତଳ ଛାପରା ସଂରକ୍ଷିତ ଜଙ୍ଗଲର ପ୍ରାଣୀଙ୍କ ପାଇଁ ଛୋଟ ଜଳାଶୟ ନିର୍ମାଣ କରୁଛନ୍ତି। ଫଳରେ ଜଙ୍ଗଲୀ ପ୍ରାଣୀମାନେ ସବୁ ସମୟରେ ପାଣି ପିଇପାରୁଛନ୍ତି। ୨୦୨୨ରେ ବନ୍ୟପ୍ରାଣୀଙ୍କ ଫଟୋ ଉଠାଇବା ପାଇଁ ସେହି ସଂରକ୍ଷିତ ଜଙ୍ଗଲକୁ ଯାଇଥିବାବେଳେ ସେଠାରେ ଜଳାଭାବ ସ୍ଥିତିକୁ ଲକ୍ଷ୍ୟ କରି ସେ ଜଳାଶୟ ନିର୍ମାଣ ଆରମ୍ଭ କରିଥିଲେ। ଏବେ ସୁଦ୍ଧା ସେ ୧୩୦ଟି ପୋଖରୀ କରିସାରିଲେଣି। ଏଭଳି ପୋଖରୀକୁ ସ୍ଥାନୀୟ ଅଞ୍ଚଳରେ ଖୈଲି କୁହାଯାଏ । ପ୍ରତ୍ୟେକଟି ପାଇଁ ୩୦,୦୦୦ରୁ ୪୦,୦୦୦ ଟଙ୍କା ଖର୍ଚ୍ଚ ହେଉଛି। ସେ ପ୍ରଥମେ ଗୋଟିଏ ପୋଖରୀ କରି ତାହାକୁ ସୋସିଆଲ ମିଡ଼ିଆରେ ଶେୟାର କରିବା ପରେ ଏହାକୁ ଅନେକ ସମର୍ଥନ କରିଥିଲେ। ପରେ ସେ ' ୱାନ ରୁପି ପର୍ ଡେ ଫର୍ ୱାଇଲ୍ଡ ଲାଇଫ କଞ୍ଜରଭେସନ୍' ହ୍ୱାଟ୍ସଆପ ଗ୍ରୁପ ଖୋଲିଥିଲେ । ଏବେ ଏଥିରେ ୧୦୦୦ ସଭ୍ୟ ଯୋଡ଼ି ହୋଇଛନ୍ତି ଓ ବର୍ଷକୁ ୩୬୫ ଟଙ୍କା ଦେଉଛନ୍ତି। ଏହା ବ୍ୟତୀତ ଅନ୍ୟ ଉତ୍ସରୁ ମଧ୍ୟ ଅନୁଦାନ ଆକାରରେ ଅର୍ଥ ମିଳୁଛି। ଏହି ଟଙ୍କାରେ ଶ୍ରବଣ ଓ ତାଙ୍କ ଟିମ୍ ଶତାଧିକ ଛୋଟ ଜଳାଶୟ ନିର୍ମାଣ କରିବାକୁ ସକ୍ଷମ ହୋଇଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

୧୯ ସେପ୍ଟେମ୍ବର ୧୯୭୬

- ବିଶ୍ୱ ଚା'ବାଣିଜ୍ୟର ଶତକଡ଼ା ୭୫ ଭାଗ ବହନ କରୁଥିବା ଭାରତ ସମେତ ଅନ୍ୟ ୧୫ଟି ରାଷ୍ଟ୍ର ଏହି ବାଣିଜ୍ୟ କାରବାର ବୃଦ୍ଧି ନିମନ୍ତେ ଏକ ସଂଘ ପ୍ରତିଷ୍ଠା ପାଇଁ ରାଜି ହୋଇଛନ୍ତି।
- ମାଟିକଠାରେ ଥିବା ଏକ କୋଇଲା ଖଣି ଭୁଶୁଡ଼ି ପଡ଼ିବା ଫଳରେ ୧୭୦ ଜଣ ଖଣି ଶ୍ରମିକଙ୍କ ମୃତ୍ୟୁ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 4 | 9 | | | | | | |
| 7 | | | | | | | | |
| 1 | | | | 5 | | 8 | | 4 |
| | | | 7 | 4 | | | 1 | |
| 2 | 6 | | | | | | | |
| | | | 1 | 3 | | | | 2 |
| 6 | | | 4 | | | 1 | | |
| | 5 | | | 2 | | | 3 | 6 |
| | | | | 7 | | | 4 | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 7 | 3 | 9 | 2 | 5 | 4 | 6 | 8 |
| 9 | 4 | 6 | 8 | 7 | 1 | 3 | 2 | 5 |
| 2 | 5 | 8 | 3 | 6 | 4 | 7 | 1 | 9 |
| 7 | 1 | 5 | 4 | 9 | 2 | 6 | 8 | 3 |
| 8 | 2 | 4 | 1 | 3 | 6 | 9 | 5 | 7 |
| 6 | 3 | 9 | 5 | 8 | 7 | 1 | 4 | 2 |
| 4 | 8 | 7 | 6 | 5 | 3 | 2 | 9 | 1 |
| 5 | 6 | 2 | 7 | 1 | 9 | 8 | 3 | 4 |
| 3 | 9 | 1 | 2 | 4 | 8 | 5 | 7 | 6 |

ଗତକାଲିର ଉତ୍ତର

# ଏ ଭାଗ ସରିବ ତ



ଡ. ସତ୍ୟନାରାୟଣ ମିଶ୍ର

ଧରାପୃଷ୍ଠରେ ମଣିଷ ପ୍ରଥମେ ଯେତେବେଳେ କେବଳ ଖାଦ୍ୟ ଅନ୍ୱେଷଣ କରୁଥିଲା, ସେତେବେଳେ କେବଳ ତାହାକୁ ଭାଗ କରୁଥିଲା ଓ ସେଥିରେ ଉପଯୁକ୍ତ ଭାଗ ହୋଇନଥିଲେ ମଧ୍ୟ କାହାର ଆପତ୍ତି ନ ଥିଲା। ମାତ୍ର ସମୟକ୍ରମେ ଯେତେବେଳେ ମଣିଷର କ୍ରମବିକାଶ ହେଲା, ସେତେବେଳେ ସେ ଭାଗ ଅଧିକାର ଓ ଦାବିକୁ ପ୍ରଥମେ ଏକ ପ୍ରମୁଖ ସମ୍ପତ୍ତି ଭାବରେ ନିର୍ଣ୍ଣୟକଲା। ତେଣୁ ଭାଗ ବା ଦାବି ଅଧିକାର ଧୀରେ ଧୀରେ ବ୍ୟକ୍ତିଠାରୁ ସମାଜ ଓ ତତ୍ପରେ ରାଜ୍ୟ ତଥା ଦେଶ ମଧ୍ୟରେ ବିସ୍ତାରିତ ହେଲା। ଉକ୍ତ ଭାଗ ବା ଅଧିକାର ଦାବିର କ୍ଷୁଣ୍ଣ ହେଲେ ସେଥିପାଇଁ ନ୍ୟାୟାଳୟ ମଧ୍ୟ ବିଚାରକରିବା ପାଇଁ ଗଠନହୋଇ ନ୍ୟାୟ ପ୍ରଦାନକଲା। ତେବେ ବ୍ୟକ୍ତିଗତ ଭାଗରେ ତ୍ରୁଟି ହେଲେ ମଣିଷ ନିଜ ନିଜ ମଧ୍ୟରେ ସଂଶୋଧନ କରିଥାନ୍ତି। ମାତ୍ର ଅନେକ ସମୟରେ ସମାଜ ଉକ୍ତ ଭାଗ ଦ୍ୱାରା ଆକ୍ରାନ୍ତ ଓ ଜର୍ଜରିତ ହୋଇ ଜୀବନ ଦୁର୍ବିଷହ ହୋଇପଡୁଛି ପରିମାଣର ଅଂଶୀଦାରକୁ ଆଧାରକରି। ମଣିଷ ସମ୍ପ୍ରତି ପ୍ରାୟ ସମସ୍ତ ବ୍ୟବସ୍ଥାରେ ନିଜର ଭାଗକୁ ସାବ୍ୟସ୍ତ କରିବା ପାଇଁ ଲଢ଼େଇ କରୁଛି।

ବର୍ତ୍ତମାନର ସମାଜରେ ଏକ ବିଡ଼ମ୍ବନା ପରିଲକ୍ଷିତ ହୁଏ ଯେ ମଣିଷ କର୍ତ୍ତବ୍ୟ ପ୍ରତି ଯେତିକି ଯତ୍ନଶୀଳ ନୁହେଁ, ତା'ଠାରୁ ଅନେକ ଗୁଣରୁ ଅଧିକ ନିଜର ଅଧିକାର ବା ଭାଗକୁ ସାବ୍ୟସ୍ତ କରିବାରେ ବ୍ୟସ୍ତ। ଆମେ ଯଦି ଆମର ସଂସ୍କୃତି ପରମ୍ପରା ବା ପୁରାଣ ଗ୍ରନ୍ଥକୁ ଅବଲୋକନ କରିବା ତେବେ ସେଥିରୁ ଅନେକ କିଛି ଶିକ୍ଷା କରିବା, କାରଣ ଅତୀତ ସବୁବେଳେ ଶିକ୍ଷା ଦେଇଥାଏ କେଉଁଟା କରିବା ଉଚିତ ବା କେଉଁଟା କରିବା ଅନୁଚିତ। ମଣିଷ ଶରୀରରେ ଯେଉଁ ବିବେକ ଥାଏ ତାହା ହେଉଛି ଉକ୍ତ କରଣୀୟ ଓ ଅକରଣୀୟର ସିଦ୍ଧାନ୍ତକର୍ତ୍ତା। ତେଣୁ ସେ ଦୃଷ୍ଟିରୁ ବିଚାରକଲେ ଦୃଶ୍ୟମାନ ହୋଇଥାଏ ଯେ ଆଜି ପ୍ରତ୍ୟେକ ସମାଜରେ ମହାଭାରତ ଏକ ଉଦାହରଣ ହୋଇ ଶିକ୍ଷା ପ୍ରଦାନ କରିଥାଏ। ସେଥିରୁ ଗୋଟିଏ ଶିକ୍ଷା ସର୍ବାଗ୍ରେ ରହେ ଯେ ମହାଭାରତର ଉତ୍ପତ୍ତି ହୋଇଥାଏ କେବଳ ଭାଗର କଳଙ୍କିତ ଦୃଷ୍ଟିକୋଣରୁ। ଏଠାରେ କେବଳ ପାର୍ଥିବ ବସ୍ତୁର ଇନ୍ଦ୍ରିୟ ଲୋଭ ଓ ଜିଦ୍ ତଥା ଅହଙ୍କାର ପାଇଁ ଭାଗର ଆବିର୍ଭାବ ଓ ପରିଣାମ ହୋଇଥିଲା ଧ୍ୱଂସର ଇତିହାସ। ମାତ୍ର ରାମାୟଣର ତ୍ୟାଗ ଓ ସମର୍ପଣକୁ ମଣିଷ ନିଜର ଦୈନନ୍ଦିନ ଜୀବନ ଚର୍ଚ୍ଚାରେ କାର୍ଯ୍ୟକାରୀ ନ କରି ସେହି ଭାଗର ଅଦୃଶ୍ୟ ଛାଇ ପଛରେ ଏବେ ଧାବମାନ।

ଭାରତ ସ୍ୱାଧୀନ ହେବା ପରେ ଦୁଇ ଭାଗ ହୋଇଗଲା। ସମ୍ପ୍ରତି ସମାଜରେ ଧର୍ମର ମଧ୍ୟ ଭାଗ ହୋଇ ସାମ୍ପ୍ରଦାୟିକ ହିଂସାରେ ମଣିଷ ଆତଯାତ ହେଉଛି। ଏପରିକି ଗୋଟିଏ ଧର୍ମରେ ମଧ୍ୟ ଅନେକ ଭାଗହୋଇ ଧାର୍ମିକ ଦୃଷ୍ଟିକୋଣକୁ ଅଧିକ ଆଘାତ ଦେଉଛି। ସ୍ୱାଧୀନତା ପରେ ସାମ୍ବିଧାନିକ ବିଧି ବ୍ୟବସ୍ଥା ମଧ୍ୟରେ ଯେତେବେଳେ ମଣିଷ ପାରିବାରିକ ସମ୍ପତ୍ତିର ଅଧିକାର ପାଇବାରେ ସାମର୍ଥ୍ୟ ପାଇଲା, ତତ୍ପରେ ପାରିବାରିକ ସମ୍ପର୍କରେ ଅନେକ ହିଂସା ବୃଦ୍ଧି ହେବାରେ ଲାଗିଲା, ତାହା ସମ୍ପତ୍ତିର ଭାଗ ପାଇଁ। ଏପରିକି ଭାଇ-ଭାଇ, ଭାଇ-ଭଉଣୀ ଓ ଅନ୍ୟ ସମ୍ପର୍କୀୟମାନଙ୍କ ମଧ୍ୟରେ ଭାଗକୁ କେନ୍ଦ୍ରକରି ସମ୍ପର୍କର ପୂର୍ଣ୍ଣଚ୍ଛେଦ ପଡ଼ିଲା। ତେଣୁ ଏଠାରେ ଭାଗ ଏକ ସହଯୋଗର



ସରଳରେଖା ପରିବର୍ତ୍ତେ ସମ୍ପର୍କରେ ଏକ ପାଚେରି ଦଣ୍ଡାୟମାନ କରିଥାଏ। ଭାରତ-ପାକିସ୍ତାନ ସୀମା ଭାଗକୁ ନେଇ ଅମାନବୀୟ ଘଟଣା ଘଟୁଛି ଏବଂ ସେଥିରୁ ପ୍ରତୀୟମାନ ହୁଏ ଯେ ସମାଜରେ ଭାଗ କ'ଣ ଏତେ ଜରୁରୀ, ଯାହା ପାଇଁ ବ୍ୟକ୍ତି ସମାଜର ଅମୂଲ୍ୟ ସମ୍ପଦ କେତେ ଧନ ଜୀବନ ନଷ୍ଟ ହେଉଛି। ସେଥିପାଇଁ ମହାତ୍ମା ଗାନ୍ଧୀ ଭାରତ ଓ ପାକିସ୍ତାନର ବିଭାଜନକୁ ରୋକିବାକୁ ସକ୍ରିୟ ଭାବରେ ଚେଷ୍ଟା କରିଥିଲେ ଯେଉଁଥିରେ ସେ ଫଳପ୍ରସୂ ହୋଇପାରି ନ ଥିଲେ। ଭାରତ ପାକିସ୍ତାନ ଭାଗ ହୋଇଗଲା ଓ ପରବର୍ତ୍ତୀ ସମୟରେ ପୁଣି ବାଂଲାଦେଶ ଭାଗହୋଇ ଭୌଗୋଳିକ ଇତିହାସ ପରିବର୍ତ୍ତନ ହେଲା। ଦେଶକୁ ଧାର୍ମିକ ଦୃଷ୍ଟିକୋଣରେ ଭାଗ କରିବାର ଧାରଣାକୁ ଗାନ୍ଧୀ ପ୍ରତ୍ୟାଖ୍ୟାନ ଓ ବିରୋଧ ମଧ୍ୟ କରିଥିଲେ। ପରବର୍ତ୍ତୀ ସମୟରେ ଭାଗ ହେତୁ ସଂଘର୍ଷ, ହିଂସା ହେଉଥିବା ସ୍ଥାନକୁ ଯାଇ ତାହାର ନିରାକରଣ କରିବା ସହ ଉପବାସ ମାଧ୍ୟମରେ ଶାନ୍ତି ଫେରାଇ ଆଣିବାକୁ ସେ ଚେଷ୍ଟା କରିଥିଲେ।

ସ୍ୱାଧୀନତାର ପରବର୍ତ୍ତୀ ସମୟରେ ଗଣତାନ୍ତ୍ରିକ ବ୍ୟବସ୍ଥାରେ ବର୍ତ୍ତମାନ ଅନେକ ବ୍ୟକ୍ତି ରାଜନୀତିର ଆଧାର ମଧ୍ୟରେ ଭାଗ ପାଇଁ ନିମଜ୍ଜିତ ରହୁଛନ୍ତି। ଦେଶ ମଧ୍ୟରେ ଅନେକ ଗୋଷ୍ଠୀ ଆବିର୍ଭାବ ହୋଇ ଭିନ୍ନ ରାଜ୍ୟ, ଦେଶ, ଜିଲା ଇତ୍ୟାଦି କରି ଗଣତନ୍ତ୍ରରେ ଭାଗକୁ ଏକ ଅସ୍ତ୍ର ଭାବେ ବ୍ୟବହାର କରିବାରେ ବ୍ୟସ୍ତ। ସମ୍ପ୍ରତି ସମଗ୍ର ଦେଶରେ ଏକ ସ୍ୱର୍ଣକାତର ତଥା ରୋମାଞ୍ଚକର ସ୍ଥିତି ଜାଗ୍ରତ ହୋଇଛି, ତାହା ହେଉଛି ଜନନାୟକ ବା ମହାପୁରୁଷ ମାନଙ୍କୁ ଭାଗ କରିବା। ବର୍ତ୍ତମାନ ପ୍ରତିଷ୍ଠା, ସମର୍ଥନ, ସହାନୁଭୂତି ଆଦି ପାଇଁ ଦେଶ ବା ରାଜ୍ୟର ବିଶିଷ୍ଟ ମହାପୁରୁଷଙ୍କୁ ନେଇ ଭାଗକରିବା ଏକ ପରିତାପର ବିଷୟ। ଗୋଟିଏ ରାଜନୈତିକ ଦଳ ବା ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ଯଦି ଜଣେ ସୁନାମଧନ୍ୟ ମହାପୁରୁଷଙ୍କ ଜନ୍ମବାର୍ଷିକୀ ବା ମହାପ୍ରୟାଣକୁ ମାନ୍ୟତା ଦେଇ କିଛି ସାମାଜିକ କାର୍ଯ୍ୟକ୍ରମ କରେ ତେବେ ଅନ୍ୟ ଏକ ରାଜନୈତିକ ଦଳ ବା ସାମାଜିକ ଗୋଷ୍ଠୀ ଅନ୍ୟ ଏକ ମହାପୁରୁଷଙ୍କ ଜନ୍ମ ବା ମହାପ୍ରୟାଣ ଦିନକୁ ଭିନ୍ନ ଶୈଳୀରେ ପାଳନ କରିଥାନ୍ତି। ଅନ୍ୟପକ୍ଷରେ ବିଭିନ୍ନ ସମୟରେ ବିଭିନ୍ନ ପରିସ୍ଥିତିରେ ମହାପୁରୁଷଙ୍କ ନାମରେ ଅନେକ ଯୋଜନା କାର୍ଯ୍ୟକାରୀ ହୁଏ ଓ ସମୟକ୍ରମେ ତାହା ବନ୍ଦ ହୋଇ ପୁଣି ଅନ୍ୟ ଜଣେ ମହାପୁରୁଷଙ୍କ ନାମରେ ନାମିତ ହୋଇଯାଏ। ମହାପୁରୁଷମାନଙ୍କୁ ମଧ୍ୟ ଏ ସମାଜ ଭାଗ କରିଚାଲିଛି। ଅନେକ ସମୟରେ କେତେଜଣ ବ୍ୟକ୍ତି ମହାପୁରୁଷଙ୍କ ପ୍ରତିମୂର୍ତ୍ତିକୁ ଅପମାନକରି ଭାଙ୍ଗି ଦେଇଥାନ୍ତି, ଯାହା ଏ ସମାଜ ପାଇଁ ଏକ ନିନ୍ଦନୀୟ ଘଟଣା ହୋଇଥାଏ। ଅତଏବ ଏହା ଏକ ସୁସ୍ଥ ମାନସିକତା ଓ ବ୍ୟବସ୍ଥା ହୋଇ ନ ପାରେ, ଯେଉଁଥିରେ ଉକ୍ତ ଜାତିର ଏବଂ ସମାଜର ସଂସ୍କାର ଓ ସଂସ୍କୃତି ଭୂଲୁଣ୍ଠିତ ହୋଇଥାଏ। ଏ ସମାଜ ଏଭଳି ଭାଗ ମନୋବୃତ୍ତି ଓ ଚିନ୍ତାଧାରାରୁ କ୍ଷାନ୍ତ ହେବା ଏକାନ୍ତ ଆବଶ୍ୟକ। ଅନ୍ୟଥା ମଣିଷ ଭାଗ କରିକରି ଚାଲିଥିବ ଓ ଯେତେବେଳେ ଭାଜ୍ୟ, ଭାଜକ ଓ ଭାଗଫଳ ଉପଯୁକ୍ତ ସ୍ଥାନରେ ଅବସ୍ଥିତ ହୋଇଯିବେ ସେତେବେଳେ ମଣିଷ ନିକଟରେ ଭାଗଫଳ ଥିବ କେବଳ ଶୂନ। ଅତଏବ ଏ ଭାଗ ସରିବ ତ ?

**ସହାୟକ ନିର୍ଦ୍ଦେଶକ**
**ଜାତୀୟ ଅଭିଲେଖାଗାର, ଭାରତ ସରକାର**
**ମଧୁସୂଦନନଗର , ଭୁବନେଶ୍ୱର**
**ମୋ:୯୯୩୭୩୪୫୯୦୦**

## ପାଠକ ଶ୍ରେଷ୍ଠ ବିଚାରକ

### ନଦୀ ସଂଯୋଗୀକରଣ ହେଉ

ମହାଶୟ,

ବନ୍ୟାରୁ ଦେଶକୁ ସୁରକ୍ଷିତ ରଖିବା ପାଇଁ ଚିରସ୍ରୋତା ନଦୀଗୁଡ଼ିକର ପରସ୍ପର ସଂଯୋଗୀକରଣ ଏବଂ ନଦୀବନ୍ଧ ସହ ଆନିକଟ ନିର୍ମାଣ କରାଯାଉ। ଏହା ହେଲେ ନଦୀଗୁଡ଼ିକରେ ବନ୍ୟାଜଳ ନିୟନ୍ତ୍ରିତ ହେବା ସଙ୍ଗେ ସଙ୍ଗେ ବନ୍ୟାଜଳ ସମସ୍ତ ନଦୀକୁ ସମପ୍ରବାହିତ ହେବ ଏବଂ ଜଳ ବିପଦ ସଙ୍କେତ ସ୍ତରରେ ରହିପାରିବ । ଦ୍ୱିତୀୟତଃ, ଜଳ ସମ୍ପଦର ଠିକ୍ ବିନିଯୋଗ ହେବ। ସମୁଦ୍ରକୁ ବହିଯାଉଥିବା ନଦୀ ଜଳକୁ ରୋକାଯାଇପାରିବ। ଏହାଦ୍ୱାରା ଜଳ ସଙ୍କଟ ଦୂରହେବା ସହିତ କୃଷି ଓ ଜଳବିଦ୍ୟୁତ୍ ଉତ୍ପାଦନର କ୍ଷମତା ବୃଦ୍ଧିହେବ ଏବଂ ଦେଶ ଆତ୍ମନିର୍ଭରଶୀଳତା ଦିଗରେ ଆଗେଇ ଯିବ। ଏଥିପାଇଁ କେବଳ ଲୋଡ଼ା ପ୍ରଶାସନିକ ଦକ୍ଷତା ଓ ବଜେଟରେ ଅର୍ଥ ଆବଣ୍ଟନ । ପ୍ରତିବର୍ଷ ବନ୍ୟା ବିଭୀଷିକାର ଦୃଶ୍ୟ ବିଭିନ୍ନ ଗଣମାଧ୍ୟମ ଓ ଟିଭିରେ ଦୃଷ୍ଟିଗୋଚର ହୁଏ। ଏତଦ୍ ବ୍ୟତୀତ, ଗ୍ରୀଷ୍ମଦିନେ ବହୁ ସ୍ଥାନରେ ଲୋକମାନେ ପାଣି ପାଇଁ ମାଠିଆ ଗରା ବାଲ୍ଟି ଧରି ପ୍ରାୟ ଦୀର୍ଘପଥ ଚାଲି ଚାଲି ଯିବାର ଦେଖିବାକୁ ମିଳିଥାଏ । ଯଦି ନଦୀ ସଂଯୋଗୀକରଣ କରାଯାଇ ଡ୍ୟାମ ଓ ଆନିକଟ ନିର୍ମାଣ କରାଯାଏ ତେବେ ଭାରତରୁ ଜଳ ସଙ୍କଟ ଦୂର ହେବ।

**– ଅଶୋକ କୁମାର ଆଢ୍ୟ, ମରୀଚିକୋଟ ଗଳି, ପୁରୀ**

## ଚିରନ୍ତନୀ

ଶତ ଯୁଦ୍ଧେ ଜୟା ଯେହୁ
ବୃଷ୍ଟି ବିନ୍ଦୁସମ
ଗଡ଼ାଇଛି ନରମୁଣ୍ଡ ଗଣି ନାହିଁ ଭୟ ଅବା ଶ୍ରମ।
ଲୌହର କପାଟ ସମ ଅଭେଦ୍ୟ ଅଟଳ
ହୃଦୟ ବଳ, ଏହି ଦୃଷ୍ଟି ତଳେ ସବୁ
ପଡ଼ିଛି ତରଳି
ତୁଟିଅଛି ଲୁହାର ଶିକୁଳି !
–(ଚକ୍ରବାକ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଛାତ୍ରୀଙ୍କୁ ଅପହରଣ ପରେ ବଳାତ୍କାର ଘଟଣା, ଯୁବକ କୋର୍ଟ ଚାଲାଣ

ଗୋପାଳପୁର,୧୮।୯(ନବୀନ ରାଜ ଆଚାରୀ)

ଗୋଳନ୍ଥରା ଥାନା ଅଧିନସ୍ଥ ଏକ ଗ୍ରାମର ନାବାଳିକା ଛାତ୍ରୀଙ୍କୁ ଅପହରଣ ପରେ ବଳାତ୍କାର ମାମଲାରେ ଗୁରୁବାର ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ କୋଳଥିଗାଁ ଦିବାକର ଦାସ (୧୯)। ଏହି ଥାନା ଅଧିନସ୍ଥ ଏକ ଗ୍ରାମର ଯୁକ୍ତ ଦୁଇ ବାଣିଜ୍ୟ ଦ୍ୱତୀୟ ବର୍ଷର ଛାତ୍ରୀଙ୍କୁ କୋଳଥିଗାଁ ଦିବାକର ଦାସ ପ୍ରୋଲାଭନ ଦେଖି ସେପ୍ଟେମ୍ବର ୪ ତାରିଖରେ ଘରରୁ ଅପହରଣ କରି ନେଇ ଯାଇଥିଲେ। ଛାତ୍ରୀଙ୍କ ପରିବାର ଲୋକ ବହୁତ ଖୋଜାଖୋଜି କରିଥିଲେ ମଧ୍ୟ ଟେର ପାଇ ନ ଥିଲେ। ଏନେଇ ପରିବାର ଲୋକ ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। କେଶ୍ ନଂ. ୩୯୩/୨୫ ପ୍ରକାରେ ପୋଲିସ ଅପହରଣ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଛାତ୍ରୀ ଓ ଦିବାକର ତାମିଲନାଡୁରେ ଥିବା ଖବର ପାଇ ବୁଧବାର ଗୋଳନ୍ଥରା ଥାନାର ଏକ ପୋଲିସ ଟିମ ସେଠାରେ ଚଢ଼ାଉ କରି ନାବାଳିକା ଛାତ୍ରୀଙ୍କୁ ଉଦ୍ଧାର କରିବା ସହ ଦିବାକରକୁ କାବୁ କରିଥିଲା। ଛାତ୍ରୀ ଜଣକ ପୋଲିସ ନିକଟରେ ଶାରୀରିକ ସମ୍ପର୍କ ରଖିଥିବା ନେଇ ପ୍ରକାଶ କରିଥିଲେ। ପରେ ପୋଲିସ ମାମଲାକୁ ପରିବର୍ତ୍ତନ କରି ବଳାତ୍କାର ମାମଲା ରୁଜୁ କରିଥିଲା। ଉଭୟଙ୍କ ଡାକ୍ତରି ମାଇନା କରିବା ପରେ ଦିବାକରକୁ ପୋଲିସ ଗିରଫ କରିଥିଲା। ବିଏନ୍ଏସ୍ଏସ୍ ୧୮୩ ଧାରା ଅନୁସାରେ ନାବାଳିକା ଛାତ୍ରୀଙ୍କ ବିଚାରପତିଙ୍କ ନିକଟରେ ବୟାନ ରେକର୍ଡ କରାଯାଇଥିଲା। ଗୁରୁବାର ଦିବାକରକୁ କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି।

## ପୃଥକ୍ ଦୁର୍ଘଟଣାରେ ୪ ଗୁରୁତର

ମୋହନା,୧୮।୯(ମନ୍ମଥ ମିଶ୍ର): ଅଡ଼ବା ଓ ମୋହନା ଥାନା ଅଞ୍ଚଳରେ ଗୁରୁବାର ପୃଥକ୍ ଦୁଇଟି ଦୁର୍ଘଟଣାରେ ୪ ଜଣ ଗୁରୁତର ଆହତ ହୋଇଛନ୍ତି । ସେମାନଙ୍କୁ ମୋହନା ମେଡିକାଲରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ଗୁରୁବାର ଅପରାହ୍ନ ୪ଟାରେ ଅଡବା ଥାନା ଦାମଦୁଆ ନିକଟରେ ପିକ୍ଅପ ଭ୍ୟାନ ସହ ବାଇକ ଧକ୍କା ହୋଇଥିଲା । ଫଳରେ ବାଇକରେ ଥିବା ଟାଙ୍ଗୀଲିପଦରର ସନ୍ତୋଷ ମଲ୍ଲିକ (୩୫) ଓ ତାଙ୍କ ଭଉଣୀ ହିକିରିକୂପା ଗାଁର ବିଦ୍ୟାବତୀ ମଲ୍ଲିକ( ୩୫ ) ଗୁରୁତର ଆହତ ହୋଇଛନ୍ତି । ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସରେ ପ୍ରଥମେ ଅଡବା ମେଡିକାଲ ଓ ପରେ ମୋହନା ମେଡିକାଲ ଆଣିଥିଲେ । ମୋହନାରୁ ସେମାନଙ୍କୁ ବ୍ରହ୍ମପୁର ମେଡିକାଲ ସ୍ଥାନାନ୍ତର କରାଯାଇଛି। ସେହିପରି ମୋହନା ଥାନା ପି. ଗୋବିନ୍ଦପୁରରେ ଅଟୋ ସହ ବାଇକ ଧକ୍କା ହୋଇଛି । ଏଥିରେ ମେରାମା ଗାଁର ପ୍ରଦୀପ ମଲ୍ଲିକ (୩୫) ଓ ତାଙ୍କ ସ୍ତ୍ରୀ ରାଜେନ୍ଦ୍ରି (୨୫) ଗୁରୁତର ଆହତ ହୋଇଛନ୍ତି । ଉଭୟଙ୍କୁ ମୋହନା ମେଡିକାଲା ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି।

## ବାଇକ୍-କାର ଧକ୍କା, ୩ ଆହତ

ଖଜୁରିପଡ଼ା,୧୮।୯ (ବିଦୁର ବେହେରା) ଖଜୁରିପଡ଼ା ଥାନା ଅନ୍ତର୍ଗତ ଚିତ୍ରାପଙ୍ଗା ପଞ୍ଚାୟତର ଘୋଡ଼ାଗାଡ଼ୁ ଛକରେ ବାଇକକୁ କାର ଧକ୍କା ଦେଇଛି। ଫଳରେ ୩ ଜଣ ଆହତ ହୋଇଥିବା ସୂଚନା ମିଳିଛି। ସୂଚନା ମୁତାବକ ଭୁଲ୍ଲା କନାଲି ଗାଁର ସୁନିଲ ଦିଗାଲ ସ୍ତ୍ରୀ ସୁନୀତା ଦିଗାଲ ଏବଂ ୪ବର୍ଷୀୟ ପୁଅ ସତ୍ୟଜିତ ଦିଗାଲ ଫୁଲବାଣୀରୁ ନିଜ ଗାଁକୁ ବାଇକରେ ଫେରୁଥିବା ବେଳେ ଘୋଡ଼ାଗାଡ଼ୁ ଛକରେ ଓଡ଼ି ୦୨ ସିଏଲ୍ ୫୭୩୭ କାର ସହିତ ଧକ୍କା ହୋଇଛି। ବାଇକରେ ବସିଥିବା ସୁନିଲ ଦିଗାଲଙ୍କ ସ୍ତ୍ରୀ, ପୁଅ ଆହତ ହୋଇଛନ୍ତି। ସମସ୍ତଙ୍କୁ ଫୁଲବାଣୀ ମେଡିକାଲରେ ଭର୍ତ୍ତି କରାଯାଇଛି।

# ବିଦ୍ୟାଳୟରେ ତାଲା ପକାଇଲେ ଛାତ୍ରୀଛାତ୍ର, ଅଭିଭାବକ

ବୁଗୁଡା,୧୮।୯(କାଳିଚରଣ ଦାଶ)

ବୁଗୁଡ଼ା ବ୍ଲକ ଭାମଶ୍ୟାଳି ପଞ୍ଚାୟତ ଅନ୍ତର୍ଗତ କୁଆଁନଳା ଗ୍ରାମସ୍ଥ ସରକାରୀ ପ୍ରାଥମିକ ବିଦ୍ୟାଳୟଟି ଜଣେ ମାତ୍ର ଶିକ୍ଷକରେ ଚାଲିଛି। ଫଳରେ ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ଅନେକ ସମସ୍ୟା ଦେଖାଦେଉଛି। ଏନେଇ ଗୁରୁବାର ଛାତ୍ରୀଛାତ୍ର ଓ ଅଭିଭାବକମାନେ ବିଦ୍ୟାଳୟ ଫାଟକରେ ତାଲା ପକାଇ ପ୍ରତିବାଦ କରିଛନ୍ତି। ପ୍ରକାଶ ଯେ, ପ୍ରଥମରୁ ପଞ୍ଚମ ଶ୍ରେଣୀରେ ମୋଟ ୫୩ ଜଣ ପିଲା ପଢୁଥିବା ବିଦ୍ୟାଳୟରେ ଜଣେ ଶିକ୍ଷକ ଓ ଜଣେ ଶିକ୍ଷୟିତ୍ରୀ ରହିଥିଲେ। ଶିକ୍ଷୟିତ୍ରୀ ଜଣଙ୍କର ଅନିୟମିତତା ହେତୁ ଗୋଲିଆ ନୂଆସାହି ପ୍ରାଥମିକ ବିଦ୍ୟାଳୟର ଜନୈକା ଶିକ୍ଷୟିତ୍ରୀ ଏଠାକୁ ଡେପୁଟେଶନରେ



ଆନ୍ଦୋଳନ କରୁଛନ୍ତି ଛାତ୍ରୀଛାତ୍ର ଓ ଅଭିଭାବକ।

ଆସିଥିଲେ। ତାଙ୍କୁ ପୁଣି ତାଙ୍କର ଗୋଲିଆ ବିଦ୍ୟାଳୟକୁ ଫେରାଇ ନିଆଯିବା ପରେ କୁଆଁନଳା ବିଦ୍ୟାଳୟଟି ୨ ମାସ ହେଲା ଜଣେ ମାତ୍ର ଶିକ୍ଷକରେ ଚାଲିଥିବାରୁ ପାଠପଢ଼ାରେ ସମସ୍ୟା ଦେଖାଦେଇଥିଲା। ଏନେଇ ସ୍କୁଲର ଅଭିଭାବକବୃନ୍ଦ ସ୍ଥାନୀୟ ଶିକ୍ଷା ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ କୌଣସି ପ୍ରତିକାର ବ୍ୟବସ୍ଥା ହୋଇପାରୁ ନ ଥିଲା। ତେଣୁ ବାଧ

### ଶିକ୍ଷକ ଅଭାବ

ହୋଇ ଛାତ୍ରୀଛାତ୍ର ଓ ଅଭିଭାବକବୃନ୍ଦ ବିଦ୍ୟାଳୟ ଫାଟକରେ ତାଲା ପକାଇ ଧାରଣା ଦେଇଥିଲେ। ଖବର ପାଇ ବ୍ଲକ୍ ଏବିଡିଓ ଧର୍ମରାଜ ପରିଡା ଏବଂ ସିଆରସିସି ସୁନିତା ପାଣିଗ୍ରାହୀ ସେଠାରେ ପହଞ୍ଚି ଅଭିଭାବକମାନଙ୍କୁ ବୁଝାଶୁଝା କରିଥିବା କହିଥିଲେ। ହେଲେ ଅଭିଭାବକମାନେ କୌଣସି କଥା ଶୁଣି ନ ଥିଲେ। ପରେ ସେହି ବିଦ୍ୟାଳୟକୁ ନିକଟସ୍ଥ ଚଢିଆପଲ୍ଲୀ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଗୀତାଞ୍ଜଳି ପାତ୍ରଙ୍କୁ ଡେପୁଟେଶନରେ ପଠାଯିବା ପରେ ଆନ୍ଦୋଳନରୁ ଅଭିଭାବକମାନେ ହଟିଥିଲେ। ହେଲେ ଆଶ୍ଚର୍ଯ୍ୟର କଥା ଏହି ଘଟଣା ସ୍ଥଳକୁ କୌଣସି ଶିକ୍ଷା ଅଧିକାରୀ ପହଞ୍ଚିବା ସମ୍ଭବ ହୋଇ ପାରି ନ ଥିଲା।

# ଗାଁକୁ ନିଶାମୁକ୍ତ କରିବାକୁ ମହିଳା ସଂଘର ଦାବିପତ୍ର

ଜି.ଉଦୟଗିରି,୧୮।୯(ଚିନ୍ମୟ କୁମାର ସେଠୀ)

କଳିଙ୍ଗା ପଞ୍ଚାୟତ ସୁଜେଲି ଗ୍ରାମର ୫୦ରୁ ଊର୍ଦ୍ଧ୍ୱ ମହିଳା ନିଜ ଗାଁକୁ ମଦ ମୁକ୍ତ ଅଞ୍ଚଳ କରିବା ପାଇଁ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶରତ ଚନ୍ଦ୍ର ମଲ୍ଲିକ, ଅବକାରୀ ଅଧିକାର ଏବଂ ସରପଞ୍ଚଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ମହିଳାମାନେ ଅଭିଯୋଗ କରିଛନ୍ତି ଯେ ଗ୍ରାମରେ ବିଷାକ୍ତ ଦେଶୀ ମଦ ପ୍ରସ୍ତୁତ ହେଉଛି। ଲଙ୍କା, ସାର, କିଛି ଔଷଧ ମିଶାଇ ଅଧିକ ନିଶା ଯୁକ୍ତ କରାଯାଉଛି। ଏହାର ପ୍ରଭାବରେ ଛୋଟ ପିଲା ଠାରୁ ବଡ଼ ପର୍ଯ୍ୟନ୍ତ ମଦରେ ଆସକ୍ତ ହେଉଛନ୍ତି। ପରିବାରରେ ଅଶାନ୍ତି, ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଗଣ୍ଡଗୋଳ ଓ ଯୁବକଙ୍କ ମଧ୍ୟରେ ବେକାରି ସମସ୍ୟା ସୃଷ୍ଟି ହେଉଛି। ପୂର୍ବରୁ ମହିଳା ସଂଘ ପକ୍ଷରୁ ସଚେତନତା ଅଭିଯାନ ଓ ପଦଯାତ୍ରା କରାଯାଇଥିଲା। କିନ୍ତୁ ମଦ ବ୍ୟବସାୟୀ ମାନେ ଶୁଣି ନ ଥିବାରୁ ମହିଳାମାନେ ସେମାନଙ୍କ ପ୍ରସ୍ତୁତି ସାମଗ୍ରୀ ଭାଙ୍ଗି ନଷ୍ଟ କରିଥିଲେ। କିଛିଦିନ



ଦାବିପତ୍ର ପ୍ରଦାନ ପାଇଁ ଆସିଥିବା ମହିଳା ।

ବନ୍ଦ ହେବା ପରେ ବର୍ତ୍ତମାନ ପୁଣି ମଦ ବ୍ୟବସାୟ ଆରମ୍ଭ ହେବାରୁ ଗାଁ ମହିଳା ମାନେ କଡ଼ା ପଦକ୍ଷେପ ଦାବି କରିଛନ୍ତି। ମହିଳା ସଂଘ ପକ୍ଷରୁ ୧୦ ଜଣ ମଦ ବ୍ୟବସାୟୀଙ୍କ ରାସନ କାର୍ଡ଼ ରଖି କିଛି ମାସ ପାଇଁ ଚାଉଳ ଓ ଭତ୍ତା ବନ୍ଦ କରାଯିବା ପାଇଁ ବିଡିଓଙ୍କ ନିକଟରେ ଦାବି ହୋଇଛି। ବିଡିଓ କହିଛନ୍ତି ଯେ, ଅନ୍ୟ ଅଧିକାରୀଙ୍କ ସହିତ ଆଲୋଚନା କରି ସଠିକ୍ ପଦକ୍ଷେପ ନିଆଯିବ। ସେହିପରି ମହିଳାମାନେ ଅବକାରୀ କାର୍ଯ୍ୟାଳୟକୁ ଯାଇଥିଲେ କିନ୍ତୁ ଅଧିକାରୀ ନ ଥିବାରୁ ଦାବିପତ୍ର ଦେଇପାରି ନ ଥିଲେ। ସେମାନଙ୍କ ଅଭିଯୋଗ, ଅବକାରୀ ଅଧିକାରୀମାନେ ମଦ ବିକ୍ରି ସମୟରେ ରେଡ୍ କରୁ ନାହାନ୍ତି। ଫୋନ ମାଧ୍ୟମରେ ଯୋଗାଯୋଗ ପରେ ଅବକାରୀ ଅଧିକାରୀ ଯାଦବ ପ୍ରଧାନ କହିଛନ୍ତି ଆମେ ମଦ ବ୍ୟବସାୟୀଙ୍କୁ ଆଇନ ଅନୁଯାୟୀ ଦଣ୍ଡ ଦେବା ପାଇଁ ପ୍ରତିବଦ୍ଧ। ମହିଳା ସଂଘର ଦାବି ଅନୁସାରେ କାର୍ଯ୍ୟ କରାଯିବ। ମହିଳାମାନେ ସ୍ଥାନୀୟ ସରପଞ୍ଚ ବକ୍ସି ମଲ୍ଲିକଙ୍କୁ ମଧ୍ୟ ଦାବିପତ୍ର ଦେଇ ସୁଜେଲି ଗ୍ରାମକୁ ନିଶାମୁକ୍ତ କରିବା ପାଇଁ ପଦକ୍ଷେପ ନେବାକୁ ଦାବି କରିଛନ୍ତି।

## ଭାଗବତ ସପ୍ତାହ ସମାପନ

ଛତ୍ରପୁର,୧୮।୯(ସନ୍ତୋଷ ପାଢ଼ୀ ): ଛତ୍ରପୁର ଉପକଣ୍ଠ କରପଡା ଗ୍ରାମ ଲକ୍ଷ୍ମୀ ନାରାୟଣ ମନ୍ଦିର ପ୍ରାଙ୍ଗଣରେ ଚାଲିଥିବା ଭାଗବତ ସପ୍ତାହ ପ୍ରବଚନ ସମାପ୍ତ ହୋଇଛି। ଉକ୍ତ କାର୍ଯ୍ୟକ୍ରମର ଅନ୍ତିମ ଦିନରେ ଭାଗବତ ଭାସ୍କର ଜଗନ୍ନାଥ ପଣ୍ଡା ଶ୍ରଦ୍ଧାଳୁମାନଙ୍କୁ ସରଳ ଭାବରେ ଭାଗବତ କଥା ପ୍ରସଙ୍ଗ ବାଖ୍ୟା ପ୍ରବଚନ ମାଧ୍ୟମରେ କହିଥିଲେ। ହଜାର ହଜାର ଭକ୍ତଙ୍କ ସମାବେଶ ହୋଇଥିଲା । ଶେଷ ଦିନରେ ମା’ ରାମଚଣ୍ଡୀ ପୂଜା କମିଟି ଉପଦେଷ୍ଟା କୃଷ୍ଣ ଚନ୍ଦ୍ର ନାୟକଙ୍କ ଦ୍ୱାରା ବ୍ୟାସପୂଜା କରି ସମାପନ କରାଯାଇଥିଲା । ଏହି ଆଧାତ୍ମିକ କାର୍ଯ୍ୟକ୍ରମକୁ ଜ୍ୟୋର୍ତିବିଦ ଦୀପକ କୁମାର ଦାସ ସଂଯୋଜନା କରିଥିଲେ। ଶେଷରେ ଭାଗବତ ଟୁଙ୍ଗୀର ଜଗନ୍ନାଥ ନାୟକ ଅତିଥିମାନଙ୍କୁ ଉପଢୌକନ ଦେଇ ସମ୍ମାନିତ କରିଥିଲେ । କରପଡା ଗ୍ରାମର ଭାଗବତ ଟୁଙ୍ଗି ର ମୁଖ୍ୟ ପରିଚାଳକ ନିଶାକର ନାୟକ ଙ୍କ ସହିତ ଶତାଧିକ ଭକ୍ତ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

## ୨୧ରେ ପ୍ରତିଷ୍ଠା ଦିବସ ପାଳନ
# ବ୍ୟାନର ଲଗାଇଲେ ମାଓବାଦୀ




ବାଲିଗୁଡ଼ା,୧୮।୯(ସଞ୍ଜୟ କୁମାର ପାଣିଗ୍ରାହୀ) କନ୍ଧମାଳ ଜିଲା ବାଲିଗୁଡ଼ା ଥାନା ଅନ୍ତର୍ଗତ ବାରଖମା, ସୁଦ୍ରା ଓ ଖମଣଖୋଲ ପଞ୍ଚାୟତରୁ ଫିରିଙ୍ଗିଆ ବ୍ଲକ୍‌କୁ ସଂଯୋଗ କରୁଥିବା ମୁଖ୍ୟରାସ୍ତାର ଏକାଧିକ ସ୍ଥାନରେ ଗୁରୁବାର ସକାଳେ କେକେବିଏନ୍ ମାଓବାଦୀ ସଂଗଠନ ପକ୍ଷରୁ ବ୍ୟାନର ଲଗାଯାଇଛି। ଆସନ୍ତା ୨୧ ତାରିଖରେ ମାଓବାଦୀମାନେ ୨୯ତମ ପ୍ରତିଷ୍ଠା ଦିବସ ପାଳନ କରିବେ। ଏହି ଅବସରରେ ବିପ୍ଳବୀଙ୍କୁ ଉତ୍ସାହିତ କରନ୍ତୁ ବୋଲି ବ୍ୟାନରରେ ଉଲ୍ଲେଖ ଥିବା ଦେଖିବାକୁ ମିଳିଛି। ଦୀର୍ଘ ଦିନପରେ କେକେବିଏନ୍ ମାଓବାଦୀ ସଙ୍ଗଠନର ଏହି ବ୍ୟାନର ଦେଖି ଅଞ୍ଚଳରେ ପୁଣି ଭୟ ସୃଷ୍ଟି ହୋଇଛି। ସେପଟେ କନ୍ଧମାଳ ପୋଲିସ୍ ପକ୍ଷରୁ ମାଓବାଦୀ ଦମନ ପାଇଁ ଜୋରଦାର୍ ପ୍ରଚେଷ୍ଟା ଚାଲିଥିବା ବେଳେ ଦୀର୍ଘଦିନ ପରେ ପୁଣି ଥରେ ବାଲିଗୁଡ଼ା ଥାନା ଅଞ୍ଚଳରେ ମାଓବାଦୀ ସଙ୍ଗଠନର ନିଜର ସ୍ଥିତି ଜାହିର କରିଛି। ଏହା ପୋଲିସ୍ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଛି।

# ତୀର୍ଥଯାତ୍ରାରେ ଗଲେ ବରିଷ୍ଠ ନାଗରିକ



ତୀର୍ଥ କରିବାକୁ ଯାଇଥିବା ଲୋକେ।

ଫୁଲବାଣୀ,୧୮।୯(ରାକେଶ କୁମାର ରାଉତ) କନ୍ଧମାଳ ଜିଲାର ବିଭିନ୍ନ ବ୍ଲକ୍‌ରୁ ୯୧ ଜଣ ବରିଷ୍ଠ ନାଗରିକ ୨ଟି ବସ୍ ଯୋଗେ ଅଯୋଧ୍ୟା ଓ ବାରଣାସୀ ଅଭିମୁଖେ ତୀର୍ଥଯାତ୍ରା ଆରମ୍ଭ କରିଛନ୍ତି। ସେମାନେ ବସ୍ ଯୋଗେ ବ୍ରହ୍ମପୁର ଏବଂ ସେଠାରୁ ଟ୍ରେନ୍ ଯୋଗେ ଅଯୋଧ୍ୟା ଓ ବାରଣାସୀ ଯିବେ। ଏନେଇ ଜିଲାପାଳ ବେଦଭୂଷଣ ସବୁଜ ପତାକା ଦେଖାଇ ଏହି ଯାତ୍ରାର ଶୁଭାରମ୍ଭ କରିଛନ୍ତି। ଜିଲା ପର୍ଯ୍ୟଟନ ଅଧିକାରୀ କୁମୁଦିନୀ ମଲ୍ଲିକ, ଅତିରିକ୍ତ ଜିଲାପାଳ ରମେଶ ଚନ୍ଦ୍ର ଜେନା ଓ କୁଶଳ ଚନ୍ଦ୍ର ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ଶମ୍ଭୁନାଥ ନନ୍ଦୀ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପି.ପଦ୍ମା, ସହକାରୀ ଜିଲାପାଳ ଅନୁପମ ଆଚାର୍ଯ୍ୟ, ଜିଲା ସଂସ୍କୃତି ଅଧିକାରୀ ଅକ୍ଷୟ ସେଠୀ, ଫୁଲବାଣୀ ବିଡ଼ିଓ ସୌମ୍ୟରଞ୍ଜନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ରମ୍ଭାରେ ବିଶ୍ୱକର୍ମା ସମାଜର ବୈଠକ

ରମ୍ଭା,୧୮।୯(ବନବାସୀ ସେଠୀ)

ରମ୍ଭା ସହର ଗାୟତ୍ରୀ ଶକ୍ତି ପୀଠ ପରିସରରେ ବିରୁଳି ତାଲୁକା ବିଶ୍ୱକର୍ମା ସମାଜ ପକ୍ଷରୁ ସଭାପତି ଯୋଗୀନ୍ଦ୍ର ମହାରଣାଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ୩୪ ତାଲୁକାର ସଭାପତି ସନ୍ତୋଷ ମହାରଣା, ସମ୍ପାଦକ ହାଡୁ ବନ୍ଧୁ ମହାରଣା, ପୂର୍ବ ଖଣ୍ଡ ତାଲୁକା ଯାଞ୍ଚ କମିଟି ଅଧ୍ୟକ୍ଷ ନିରଞ୍ଜନ ମହାରଣା, ଉପଦେଷ୍ଟା ତଥା ୩୪ ତାଲୁକା ଉପସଭାପତି ବାବୁଲା ମହାରଣା, ବିରୁଳି ତାଲୁକା ରାଜଶ୍ରୀ ଗୋବିନ୍ଦ ଚନ୍ଦ୍ର ମହାରଣା, ସମ୍ପାଦକ ଦଣ୍ଡପାଣି ମହାରଣା, ଉପସଭାପତି ଗୋପାଳକୃଷ୍ଣ ମହାରଣା, ସହ ସମ୍ପାଦକ କିଶୋର ଚନ୍ଦ୍ର ମହାରଣା,



ବୈଠକରେ ଉପସ୍ଥିତ କମିଟି କର୍ମକର୍ତ୍ତା ।

କାର୍ଯ୍ୟକାରୀ ସଭାପତି ଅମୂଲ୍ୟ ମହାରଣା, ଉପଦେଷ୍ଟା କାଶୀନାଥ ମହାରଣା, ସୁଦର୍ଶନ ମହାରଣା, ଲଡୁ କିଶୋର ମହାରଣା, ସଭ୍ୟ ହରିହର ମହାରଣା, ନିରଞ୍ଜନ ମହାରଣା, ପିଣ୍ଟୁ ମହାରଣା, ଦୁର୍ଯ୍ୟୋଧନ ମହାରଣା, କୋଷାଧ୍ୟକ୍ଷ ପ୍ରତାପ ଚନ୍ଦ୍ର ମହାରଣା, କବିରାଜ ମହାରଣା, କେଦାର ମହାରଣା, ପୂର୍ବତନ ଉପଦେଷ୍ଟା ଦିବାକର ମହାରଣା ସମେତ ରମ୍ଭାବାସୀ ଓ କାର୍ଯ୍ୟକାରୀ କମିଟି ଉପସ୍ଥିତି ରହିଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଧର ମହାରଣା, ବାବୁଲା ମହାରଣା ସଂଯୋଜନା କରିଥିଲେ।

## ଗଜଲକ୍ଷ୍ମୀ ପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ

ଚକାପାଦ,୧୮।୯(ପ୍ରତାପ କିଶୋର ବେହେରା)

ଚକାପାଦ ବ୍ଲକ୍ ଶଙ୍କରାଖୋଲ ଠାରେ ଗୁରୁବାର ମା’ଗଜଲକ୍ଷ୍ମୀ ପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ପୁରୋହିତଙ୍କ ଶୁଭ ସମୟରେ କମିଟିର ସମସ୍ତ ସଭ୍ୟମାନଙ୍କ ଉପସ୍ଥିତିରେ ପାରମ୍ପରିକ ବାଦ୍ୟରେ ଶୁଭଖୁଣ୍ଟି ଅଣାଯାଇ ସ୍ଥାପନ କରାଯାଇଥିଲା। ଆଶ୍ୱିନ ପୂର୍ଣ୍ଣମା ଠାରୁ ପୂଜା ଆରମ୍ଭ ହେବ ବୋଲି କମିଟି ସଭାପତି ବିଷ୍ଣୁ ଚରଣ ଦିଗାଲ କହିଛନ୍ତି। ଚଳିତ ବର୍ଷ କମିଟି ପକ୍ଷରୁ ୨ ଦିନ ପ୍ରବଚକ ବୀରେନ୍ଦ୍ର ପଣ୍ଡା ପ୍ରବଚନ ଦେବେ। ଫୁଲବାଣୀ ନଟରାଜ କଳାନିକେତନ ଦ୍ୱାରା ଡେନ୍ସ ପ୍ରୋଗ୍ରାମ, ୨ ଦିନ ଓଡଗାଁ ନାଟ୍ୟ କଳା ପରିଷଦର ପୌରାଣିକ ନାଟକ ଦିନବେଳେ ମଞ୍ଚସ୍ଥ ହେବା ସହ ବିଶିପଡା ସାଂସ୍କୃତିକ ପରିଷଦର ସାମାଜିକ ନାଟକ କହିବାକୁ ଲାଜ ଶୁଣିଲେ ପାପର ତ୍ରିମୁଖୀ ଲଢ଼େଇ ହେବା ସହ ମିନା ବଜାର ହେବାର କାର୍ଯ୍ୟକ୍ରମ ରହିଛି। ପୂଜା କମିଟି ଉପସଭାପତି କିରାପ ପ୍ରଧାନ, ସମ୍ପାଦକ ଚିତ୍ର କହ୍ନର, ସହ ସମ୍ପାଦକ ଅଶୋକ ମଲ୍ଲିକ ଓ କୋଷାଧ୍ୟକ୍ଷ ବିକ୍ରମ ଦିଗାଲ ୧୨ଦିନ ଧରି ପୂଜା ଓ ବିଭିନ୍ନ କାର୍ଯ୍ୟକ୍ରମ କିପରି ଶାନ୍ତି ଶୃଙ୍ଖଳା ସହ ସମାପନ ହେବ କମିଟିରେ ସମସ୍ତ ସଦ୍ୟସଙ୍କୁ ଅନୁରୋଧ କରିଛନ୍ତି।

# କଞ୍ଚାଲଙ୍କା ଚାଷ କରି ମହିଳା ଲାଭବାନ୍



ଦାରିଙ୍ଗବାଡି,୧୮।୯ (ଅରୁଣ ସାହୁ) ଦାରିଙ୍ଗବାଡ଼ି ଓ କ.ନୂଆଗାଁ ବ୍ଲକ୍ ସିମା କନ୍ଦିବାନ୍ଦା ଗ୍ରାମରେ ମା’ ଶିବାନୀ ଏସ୍ଏଚ୍‌ଜି ଗ୍ରୁପର ୧୨ ଜଣ ସଦସ୍ୟଙ୍କ ମଧ୍ୟରୁ ୮ ଜଣ ଚଳିତ ବର୍ଷ ୮ଏକର ଜମିରେ କଞ୍ଚାଲଙ୍କା ଚାଷ କରିଛନ୍ତି। ଏଥିପାଇଁ ସେମାନେ ୧୭ ଶହ ଗ୍ରାମ ଲଙ୍କା ମଞ୍ଜି ବିହନକୁ ବେଡ ପ୍ରସ୍ତୁତ କରି ବୁଣିଥିଲେ। ଏହା ଜୁଲାଇ ପହିଲାରେ ବୁଣିଥିବା ବେଳେ ସେପ୍ଟେମ୍ବର ପହିଲାରୁ ଅମଳ ହେବା ଆରମ୍ଭ ହୋଇଛି। ମାତ୍ର ୪ ଦିନରେ ୧ କୁଣ୍ଟାଲରୁ ଅଧିକା ବିକ୍ରୀ ହୋଇଛି। ୨ ମାସ ପର୍ଯ୍ୟନ୍ତ ପ୍ରଚୁର ପରିମାଣରେ ଅମଳ ହେବ ଓ ୪ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିକ୍ରୀ ହୋଇ ଲାଭବାନ ହେବେ ବୋଲି ଏସ୍ଏଚ୍‌ଜି ଗ୍ରୁପ ଆଶା ରଖିଥିବା ସାଧାରଣ ସମ୍ପାଦିକା ଲିଜାଦେଇ ପ୍ରଧାନ କହିଛନ୍ତି। ପ୍ରିତବର୍ଷ ବିହନ ବଦଳାଇ ଚଳିତ ବର୍ଷ କଞ୍ଚା ଲଙ୍କା ଚାଷକୁ ଅଧିକା ଗୁରୁତ୍ୱ ଦିଆଯାଇଛି ବୋଲି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ବିମଳା ମଲିକ କହିଛନ୍ତି। ସେମାନେ ଜୈବିକ ପଦ୍ଧତିରେ ଏହି ଚାଷ କରି ଦାରିଙ୍ଗବାଡି ବ୍ଲକ୍‌ର ସିମନବାଡ଼ି, ଦାରିଙ୍ଗବାଡ଼ି, କ.ନୂଆଗାଁ, ବାଲିଗୁଡ଼ା ଆଦି ଅଞ୍ଚଳରେ ବିକ୍ରିବଟା କରୁଛନ୍ତି। ତେବେ ଜଳସେଚନ ବ୍ୟବସ୍ଥା ସହ ସରକାରୀ ସହାୟତା ନ ଥିବାରୁ ସେମାନେ ଚାଷକୁ ଆହୁରି ଅଧିକା କରିବାକୁ ଇଚ୍ଛା ଶକ୍ତି ଥିଲେ ମଧ୍ୟ ବାଧକ ସୃଷ୍ଟି ହେଉଥିବା ମହିଳା ଚାଷୀ ମାନେ କହିଛନ୍ତି।

# ୩୦ କେଜି ଗୋମାଂସ ଜବତ, ଜଣେ ଗିରଫ

ମୋହନା,୧୮।୯(ମନ୍ମଥ ମିଶ୍ର):

ଗଜପତି ଜିଲା ମୋହନା ଥାନା ଚନ୍ଦ୍ରଗିରିରେ ସ୍କୁଟିରେ ଚାଲାଣ ହେଉଥିବା ୩୦ କେଜି ଗୋମାଂସକୁ ପୋଲିସ ଗୁରୁବାର ଜବତ ସହ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଚାନ୍ଦିପୁଟର ଟିଟୁ ଚରଣ ମନ୍ତ୍ରୀ (୨୩) । ଏହି ଘଟଣାରେ ଉକ୍ତ ଗାଁର ଜଣଙ୍କୁ ଅଟକ ରଖି ତଦନ୍ତ ଚାଲିଥିବା ଥାନା ଅଧିକାରୀ ବସନ୍ତ ସେଠୀ କହିଛନ୍ତି। ଗୁରୁବାର ଚାନ୍ଦିପୁଟ ଗାଁର ଟିଟୁ ସ୍କୁଟିରେ ବଡ଼ ବସ୍ତା ଧରି ଯାଉଥିଲେ। ସନ୍ଦେହରେ ସ୍ଥାନୀୟ ବଜରଙ୍ଗ ଦଳର କେତେଜଣ ଯୁବକ ସ୍କୁଟି ଅଟକାଇ ଯାଞ୍ଚ କରିବାରୁ ମାଂସ ଦେଖି ଚନ୍ଦ୍ରଗିରି ଫାଣ୍ଡି ପୋଲିସକୁ ଖବର ଦେଇଥିଲେ । ଫାଣ୍ଡି ଅଧିକାରୀ ସୁନୀଲ ସେଠି ଘଟଣା ସ୍ଥଳରେ ପହଞ୍ଚି ଗୋମାଂସ ଜବତ କରିଛନ୍ତି । ଏ ନେଇ ମୋହନା ଥାନାରେ ନଂ.୧୫୯/୨୫ରେ ମାମଲା ରୁଜୁ କରାଯାଇଛି ।

# ବଢ଼ିଛି ବାଘୁଆ ଜଳଭଣ୍ଡାର ଜଳସ୍ତର



ବାଘୁଆ ଜଳଭଣ୍ଡାର

ବୁଗୁଡା,୧୮।୯(କାଳିଚରଣ ଦାଶ)

ଏଇ କିଛିଦିନ ହେଲା ଲଗାତର ଭାବେ ବର୍ଷା ହେବା ଯୋଗୁ ବାଘୁଆ ଜଳଭଣ୍ଡାରର ଜଳସ୍ତର ସାମାନ୍ୟ ବୃଦ୍ଧି ପାଇ ୯୧୩.୧୮ ହେକ୍ଟର ମିଟର ଜଳ ଗଚ୍ଛିତ ଥିବା ଜଣାପଡ଼ିଛି। ୩୧୦୦ ହେକ୍ଟର ମିଟର ଜଳ ଧାରଣ କ୍ଷମତା ଥିବା ବାଘୁଆ ଜଳଭଣ୍ଡାରରେ ଗତ ୩୧ ଅଗଷ୍ଟରେ ୩୮୦.୦୧ ହେକ୍ଟର ମିଟର ଅର୍ଥାତ୍ ୧୨.୨୬% ଜଳ ରହିଥିଲା ବେଳେ ତାହା ଚିନ୍ତାର କାରଣ ପାଲଟିଥିଲା। ତେବେ କିଛିଦିନ ବର୍ଷା ହେବା ହେତୁ ଜଳଭଣ୍ଡାରରେ ଗଚ୍ଛିତ ଜଳର ପରିମାଣ ବୃଦ୍ଧି ପାଇ ସେପ୍ଟେମ୍ବର ୧୬ ସୁଦ୍ଧା ୯୧୩.୧୮ ହେକ୍ଟର ମିଟରରେ ପହଞ୍ଚିଥିଲେ ସୁଦ୍ଧା ସ୍ଥିତି ନଗଣ୍ୟ ରହିଛି। ଚଳିତ ସେପ୍ଟେମ୍ବର ୧୬ତାରିଖ ସୁଦ୍ଧା ବର୍ଷା ଯୋଗୁ ୫୩୩.୧୭ ହେକ୍ଟର ମିଟର ଅର୍ଥାତ୍ ୧୭.୨% ଜଳ ବୃଦ୍ଧି ପାଇ ଏବେ ୨୯.୪୬%ରେ ପହଞ୍ଚିଛି। ଅନ୍ୟପକ୍ଷରେ ବର୍ଷା ଯୋଗୁ ଚାଷୀଙ୍କ ଜମିକୁ ଜଳ ମିଳିବା ସାଙ୍ଗକୁ ବାଘୁଆ ଜଳଭଣ୍ଡାରର ଜଳସ୍ତରରେ ମଧ୍ୟ ବୃଦ୍ଧି ଘଟିଥିବାରୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ସାମାନ୍ୟ ଆଶ୍ୱସ୍ତି ମିଳିଛି। ତେବେ ଅଞ୍ଚଳର ଚାଷୀଙ୍କ ଆବଶ୍ୟକତାକୁ ଭିତ୍ତିକରି ଆଗାମୀ ଅକ୍ଟୋବର ପ୍ରଥମ ସପ୍ତାହ ପରେ ବାଘୁଆ ଜଳଭଣ୍ଡାରର ଉଭୟ କେନାଲରେ ପାଳିକରି ଜଳ ଯୋଗାଣ ପାଇଁ ବ୍ୟବସ୍ଥା କରାଯାଉଥିବା ନେଇ ବିଭାଗୀୟ ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ କୃଷ୍ଣଚନ୍ଦ୍ର ପାଳ କହିଛନ୍ତି।

# ସୁସ୍ଥ ନାରୀ ସଶକ୍ତ ପରିବାର କାର୍ଯ୍ୟକ୍ରମ

ବେଲଗୁଣ୍ଠା/ ଆର,ଉଦୟଗିରି,୧୮।୯(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ/ ମନୋଜ କୁମାର ପାଢ଼ୀ)

ବେଲଗୁଣ୍ଠା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସୁସ୍ଥନାରୀ ସଶକ୍ତ ପରିବାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅଧୀକ୍ଷକ ଡାକ୍ତର ସବିତା ବେହେରାଙ୍କ ସଂଯୋଜନାରେ କାର୍ଯ୍ୟକ୍ରମକୁ ବେଲଗୁଣ୍ଠା ପଞ୍ଚାୟତ ସମିତି ଅଧ୍ୟକ୍ଷା ମମତା ଭୋଳ ଉଦ୍‌ଘାଟନ କରିଥିଲେ। ବେଲଗୁଣ୍ଠା ବିଡିଓ କଳାକୃଷ୍ଣ ପ୍ରଧାନ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ। ବେଲଗୁଣ୍ଠା ପ୍ରେସକ୍ଲବ ସଭାପତି ପ୍ରଦ୍ୟୁମ୍ନ ପାତ୍ର ମୁଖ୍ୟବକ୍ତା ଓ ଅନ୍ୟତମ ଅତିଥି ରୂପେ ସିଡିପିଓ ନଳିନୀ ମହାରଣା ଯୋଗଦେଇଥିଲେ। ନାରୀ ସୁସ୍ଥ ରହିଲେ ହିଁ ସମାଜ ଆଗକୁ ଯାଇପାରିବ ବୋଲି ତହସିଲଦାର ପ୍ରଧାନ ପ୍ରକାଶ କରିଥିବା ବେଳେ ଜଣେ ନାରୀ ଝିଅ, ନଣନ୍ଦ, ଭାଉଜ, ମାଆ, ସ୍ତ୍ରୀ, ମାଉସୀ, ପିଉସୀ, ଭଉଣୀ ଭଳି ଭୂମିକାରେ ବିଭିନ୍ନ



ବେଲଗୁଣ୍ଠା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

ସମସ୍ୟା ଭିତରେ ନିଜ ପରିବାରକୁ ସୁରକ୍ଷା ଦେଉଥିବାରୁ ତା’ର ସୁସ୍ଥତା ପ୍ରତି ସମାଜ ଯତ୍ନବାନ ହେବା ଆବଶ୍ୟକ ବୋଲି ବ୍ଲକ୍ ଅଧ୍ୟକ୍ଷା କହିଥିଲେ। ଏଥିରେ ଭଞ୍ଜନଗର ଉପଖଣ୍ଡ ଚିକିତ୍ସାଳୟର ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡା. ନିବେଦିତା ମହାପାତ୍ରଙ୍କ ସମେତ ଡା. ସନ୍ଦୀପ ପଣ୍ଡା, ଡା. ଆଶିଷ ମହାପାତ୍ର, ଡା. ଅଂଶୁମାନ ଦୀକ୍ଷିତ୍, ଡା. ସବିତା ବେହେରା ପ୍ରମୁଖ ମହିଳାମାନଙ୍କ ଚିକିତ୍ସା କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସୁପରଭାଇଜର ମାନସୀ ଦାସ, ଟିବି ସୁପରଭାଇଜର ଦୁର୍ଗା ପ୍ରସାଦ ପାତ୍ର ଏବଂ ମ୍ୟାଲେରିଆ ସୁପରଭାଇଜର କୃଷ୍ଣ ଚୌଧୁରୀ, ଆଇସିଡିଏସ୍ ସୁପରଭାଇଜର, ଆଶାକର୍ମୀ, ଅଙ୍ଗନୱାଡି କର୍ମୀ ପ୍ରମୁଖ ଉପସ୍ଥିତ ରହିଥିଲେ। ବିପିଏମ୍ ଦୁର୍ଗା ପ୍ରସାଦ ପଟ୍ଟନାୟକ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ସେହିପରି ଗଜପତି ଜିଲା ଆର. ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପିପିପି କନସଲଷ୍ଟାଣ୍ଟ ଅନୁଜା ବେହେରା, ଜେଡି ଏସଜେଏଚ ଏଫଡବ୍ଲ୍ୟୁ ଡଃ.ପୁଷ୍ପାଞ୍ଜଳୀ ମିଶ୍ର ,ଏସଡିଏମ ଏନଏଚଏମ କମଳା କାନ୍ତ ସାହୁ, ଜିଲା ସ୍ତରୀୟ ଅଧିକାରୀ ଏବଂ ସ୍ଥାନୀୟ ବିଡିଓ, ମେଡିକାଲ ଇନଚାର୍ଜ ,ସରପଞ୍ଚ , ଥାନା ଏସଆଇ ଓ ଏମ୍‌ପି ପ୍ରତିନିଧି ମଞ୍ଚାସୀନ ରହି କାର୍ଯ୍ୟକ୍ରମ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଡାକ୍ତରମାନଙ୍କ ଦ୍ୱାରା ଆସିଥିବା ରୋଗୀମାନଙ୍କ ପରୀକ୍ଷା,ଚିକିତ୍ସା ତଥା ମହିଳାଙ୍କ ପଞ୍ଜିକୃତ ହୋଇଥିଲା।

## ସଂକ୍ଷେପରେ

### ଯାତ୍ରୀ ବିଶ୍ରାମାଗାରରୁ ଗଞ୍ଜେଇ ଜବତ, ମହିଳା ଗିରଫ

ଆସିକା,୧୮।୯(ସୁରେନ୍ଦ୍ର ନାଥ ସାହୁ): ଆସିକା ସହରର ବିଜୁ ପଟ୍ଟନାୟକ ଛକସ୍ଥିତ ଯାତ୍ରୀ ବିଶ୍ରାମାଗାରରୁ ବୁଧବାର ରାତିରେ ପୋଲିସ ଗଞ୍ଜେଇ ଜବତ କରିବା ସହ ଚାଲାଣ ଅଭିଯୋଗରେ ଜଣେ ମହିଳାଙ୍କୁ ଗିରଫ କରିଛି। ଗିରଫ ମହିଳା ଜଣଙ୍କ କନ୍ଧମାଳ ଜିଲା ଫୁଲବାଣୀ ଟାଉନ ପିଅନପଡା ଅଞ୍ଚଳର । ତାଙ୍କ ସହ ଥିବା ନାବାଳିକା ଭଉଣୀଙ୍କ ଏୟାର ବ୍ୟାଗରୁ ପୋଲିସ ୧୧କେଜି ୨ଶହ ଗ୍ରାମ ଗଞ୍ଜେଇ ଜବତ କରିଛି । ଏମାନେ କନ୍ଧମାଳରୁ ଗଞ୍ଜେଇ ଆଣି ଅନ୍ୟତ୍ର ଯିବା ଲାଗି ବିଶ୍ରାମାଗାରରେ ଅପେକ୍ଷା କରିଥିବା ବେଳେ ଟାଉନ ପାଟ୍ରୋଲିଂ ପୋଲିସ ହାବୁଡରେ ପଡିଥିଲେ । ଏ ନେଇ ଆସିକା ଥାନାରେ ନଂ.୫୩୯/୨୫ରେ ଏକ ମାମଲା ରୁଜୁ କରାଯାଇଛି । ଗିରଫ ମହିଳାଙ୍କୁ ବିଚାର ବିଭାଗୀୟ ଅଦାଲତରେ ଓ ନାବାଳିକାଙ୍କୁ ଛତ୍ରପୁରସ୍ଥିତ ଜୁଭେନାଇଲ ଜଷ୍ଟିସ ବୋର୍ଡ ନିକଟରେ ହାଜର କରାଯାଇଥିବା ଆସିକା ଥାନା ଅଧିକାରୀ କୁଳମଣି ସେଠୀ ସୂଚନା ଦେଇଛନ୍ତି।

### ବେତାରସିଙ୍ଗି ଜଙ୍ଗଲରେ ପହଞ୍ଚିଲା ପ୍ରଶାସନ
### ବେଆଇନ ଖନନକାରୀଙ୍କୁ ତାଗିଦ୍, ୩ ମେଶିନ ଜବତ

ବୁଗୁଡ଼ା,୧୮।୯ (କାଳିଚରଣ ଦାଶ)

ଗଞ୍ଜାମ ଜିଲା ବୁଗୁଡ଼ା ତହସିଲ ଅଧୀନସ୍ଥ ବେତାରସିଙ୍ଗିର ଜଙ୍ଗଲରେ ଜାରି ରହିଥିବା ବେଆଇନ ପଥର ବ୍ଲାଷ୍ଟିଙ୍ଗ ଓ ଖନନକୁ ବିରୋଧ କରି ଗ୍ରାମବାସୀଙ୍କ ପକ୍ଷରୁ କିଛିଦିନ ତଳେ ପ୍ରତିବାଦ କରାଯାଇଥିଲା। ଗ୍ରାମବାସୀଙ୍କ ପ୍ରତିବାଦ ଏବଂ ଅଭିଯୋଗକୁ ଭିତ୍ତିକରି ବୁଗୁଡ଼ା ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ବୁଗୁଡ଼ା ଆଡିସ୍ନାଲ୍ ତହସିଲଦାର ସୁନନ୍ଦ ଶେଖର ସାହାଣୀ, ରେଭିନ୍ୟୁ ସୁପରଭାଇଜର ଜିବି ମଲ୍ଲିକ, ଆର୍ଆଇ କ୍ଷୀରୋଦ କୁମାର ସେଠୀ, ଭଗବାନପୁର ବନପାଳ ଅର୍ଜୁନ ଜାନୀ ଜଙ୍ଗଲରେ ପହଞ୍ଚି ସ୍ଥିତି ଯାଞ୍ଚ କରିବା ସହ ତଦନ୍ତ କରିଛନ୍ତି। ପଥର ଖନନ ଏବଂ ବ୍ଲାଷ୍ଟିଙ୍ଗ ସ୍ଥାନରେ କାର୍ଯ୍ୟ ବନ୍ଦ ଲାଗି ପ୍ରଶାସନ ପକ୍ଷରୁ ନୋଟିସ୍ କରାଯାଇଥିବା ସହିତ ସେଠାରେ ବେଆଇନ ପଥର ଖାଦାନକୁ ବନ୍ଦ ରଖିବା ପାଇଁ ପଥର ମାଫିଆଙ୍କୁ ତାଗିଦ୍ କରାଯାଇଛି। ଏହାସହ ୨ଟି ମେଶିନ ଓ ଗୋଟିଏ ଜେନେରେଟର ଜବତ କରାଯାଇଥିବା ସୂଚନା ମିଳିଛି। ଉକ୍ତ ମେଶିନର ଦାବିଦାରମାନେ ୩ ଦିନ ମଧ୍ୟରେ କାର୍ଯ୍ୟାଳୟରେ ଉପସ୍ଥିତ ନ ହେଲେ ସେଗୁଡ଼ିକ ନିଲାମ କରାଯିବ ବୋଲି ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଉକ୍ତ ଚଢାଉ ବେଳେ ପ୍ରଶାସନିକ ଅଧିକାରୀଙ୍କ ସହିତ ଗ୍ରାମବାସୀମାନେ ମଧ୍ୟ ଜଙ୍ଗଲରେ ଉପସ୍ଥିତ ଥିଲେ।

### ଜବତ ବାଣ ନଷ୍ଟ କଲା ପୋଲିସ

ଛତ୍ରପୁର/ଗଞ୍ଜାମ,୧୮।୯(ସନ୍ତୋଷ ପାଢ଼ୀ/ଅଖିଳ ତରାଇ): ଛତ୍ରପୁର ଥାନା ଅଧୀନ ସୁନ୍ଦରପୁର ଗ୍ରାମରୁ ବୁଧବାର ରାତିରେ ପୋଲିସ ଜବତ କରିଥିବା ୧୦ଲକ୍ଷରୁ ଊର୍ଦ୍ଧ୍ୱ ମୂଲ୍ୟର ବାଣ ଜବତ କରିଥିଲା। ସେ ସବୁକୁ କୋର୍ଟ ନିୟମ ଅନୁସାରେ ରାମଗଡ଼ ପଞ୍ଚାୟତସ୍ଥିତ ବନ୍ଧୁକ ଟ୍ରେନିଂ ସେଣ୍ଟର ପାଖରେ ଜେସିବି ମେଶିନ ସାହାଯ୍ୟରେ ଗାତଖୋଳି ପୋତାଯାଇଥିବା ଗଞ୍ଜାମ ଏସ୍ପିଙ୍କ କାର୍ଯ୍ୟାଳୟ ପକ୍ଷରୁ ଗୁରୁବାର ସୂଚନା ଦିଆଯାଇଛି ।ସୂଚନାଯୋଗ୍ୟ, ଛତ୍ରପୁର ଥାନା ପୋଲିସ ଓ ମାଜିଷ୍ଟ୍ରେଟଙ୍କ ମିଳିତ ଚଢ଼ାଉରେ ସୁନ୍ଦରପୁର ଗ୍ରାମର ଟାୱାରସାହିର ପପୁନ ପାତ୍ରଙ୍କ ୩ଟି ଘରୁ ବେଆଇନ ଭାବେ ଗଚ୍ଛିତ ଥିବା ବାଣ ଜବତ କରାଯାଇଥିଲା।

# ଅନିର୍ଦ୍ଦିଷ୍ଟ କାଳ ପାଇଁ କଳିଙ୍ଗା ଘାଟି ବନ୍ଦ

■ମରାମତିକୁ ନେଇ ସନ୍ଦେହରେ ବିଭାଗ
■ସ୍ଥିତି ଅନୁଧ୍ୟାନ କଲା ଜିଲା ପ୍ରଶାସନ

ଫୁଲବାଣୀ/ଜି.ଉଦୟଗିରି, ୧୮।୯ (ରାକେଶ କୁମାର ରାଉତ/ଶିଶିର ପଟ୍ଟନାୟକ/ଚିନ୍ମୟ କୁମାର ସେଠୀ)



କନ୍ଧମାଳ ଜିଲା ୧୫୭ ନଂ. ଜାତୀୟ ରାଜପଥ କଳିଙ୍ଗାଘାଟିରେ ଭୁସ୍ଖଳନ ହେବାର ୩ ଦିନ ବିତିଛି। ଜାତୀୟ ରାଜପଥ ବିଭାଗ ଅଧିକାରୀମାନେ ଏହାକୁ କିପରି ମରାମତି କରିବେ ସେ ନେଇ କୌଣସି ନିଷ୍କର୍ଷ ବାହାର କରିପାରୁ ନାହାନ୍ତି। ଏକ୍ସପର୍ଟ ଆସିଲେ କାମ ଆଗେଇବ ବୋଲି କହୁଛନ୍ତି। ସେପଟେ ଭୁସ୍ଖଳନ ପୂର୍ବରୁ ଘାଟିରେ କାମ କରୁଥିବା ନିର୍ମାଣକାରୀ ସଂସ୍ଥାକୁ ଜରୁରୀକାଳୀନ ଭିତ୍ତିରେ ଏକ ଅସ୍ଥାୟୀ ରାସ୍ତା ପାଇଁ ଦାୟିତ୍ୱ ଦିଆଯାଇଛି। ଗୁରୁବାର ସନ୍ଧ୍ୟା ସୁଦ୍ଧା ଧସି ଯାଇଥିବା ରାସ୍ତାର ଫୁଲବାଣୀ ପାର୍ଶ୍ୱରୁ କେବଳ ଚିପ୍ସ ପକାଇ ସମତୁଲ କରାଯାଇଛି। ପାଣିର ଧାର ପର୍ଯ୍ୟନ୍ତ କାମ ହୋଇନାହିଁ। ସେପଟେ ମରାମତି କରୁଥିବା ସଂସ୍ଥାର ଅଧିକାରୀ ବ୍ଲାଷ୍ଟିଂ କରି ରାସ୍ତା ଫିଟାଇବେ ବୋଲି ଜିଲା ପ୍ରଶାସନକୁ ପ୍ରତିଶ୍ରୁତି ଦେଉଛନ୍ତି। କିନ୍ତୁ ବାସ୍ତବ ଚିତ୍ର ଏଠି ଅଲଗା। ଖୋଦ ଜାତୀୟ ରାଜପଥର ମୁଖ୍ୟ ଅଧିକ୍ଷଣ ଯନ୍ତ୍ରୀ ସାନ୍ତନୁ କୁମାର ସାହୁ, ମୁଖ୍ୟ ନିର୍ମାଣ ଯନ୍ତ୍ରୀ ବଙ୍କିମ ଚନ୍ଦ୍ର ପଣ୍ଡା ଏହା ମରାମତି ପାଇଁ ସମୟ ଲାଗିବ ବୋଲି କହୁଛନ୍ତି । ତେଣୁ ବର୍ତ୍ତମାନ ସ୍ଥିତିରେ କଳିଙ୍ଗା ଘାଟିକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ କରି ଦିଆଯାଇଛି । ଜିଲାପାଳ ବେଦଭୁଷଣ, ଅତିରିକ୍ତ ଜିଲାପାଳ ରମେଶ ଚନ୍ଦ୍ର ଜେନା ଓ କୁଶଳ ଚନ୍ଦ୍ର ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ଶମ୍ଭୁନାଥ ନନ୍ଦୀ ପ୍ରମୁଖ ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। କଳିଙ୍ଗା ଘାଟି ନିକଟରେ ସ୍ୱାଭାବିକ ହେବା ନେଇ ସେମାନେ ଚିନ୍ତା ପ୍ରକଟ କରିଛନ୍ତି।

କନ୍ଧମାଳ ଜିଲାବାସୀଙ୍କ ପାଇଁ ଏହି ଘାଟି ଜୀବନ ଜୀବିକା କହିଲେ ଅତ୍ୟୁକ୍ତି ହେବ ନାହିଁ। ବ୍ରହ୍ମପୁରରୁ ଅତ୍ୟାବଶ୍ୟକ ସାମଗ୍ରୀ ଜିଲାକୁ କଳିଙ୍ଗା ଘାଟି ଦେଇ ଗାଡ଼ି ଆସିଥାଏ। ଏବେ ମୁଖ୍ୟ ରାସ୍ତା ବନ୍ଦ ହୋଇ ଯାଇଥିବାରୁ ଭଞ୍ଜନଗରୁ ଭାୟା ଚକାପାଦ ଦେଇ ଫୁଲବାଣୀ ଗାଡ଼ି ଆସିବା କଷ୍ଟକର ହେଉଛି। ସେହିପରି ଜି.ଉଦୟଗିରି ଅଞ୍ଚଳରୁ ଚାଷୀମାନେ ପନିପରିବା ନେଇ ଭଞ୍ଜନଗରକୁ ଯାଇ ବ୍ୟବସାୟ କରନ୍ତି। ଏବେ ସମସ୍ତେ ହଇରାଣ ହେଉଛି। ବର୍ଷା ଅଧିକ ହେବାରୁ ଏଭଳି ହୋଇଛି। କଲଭର୍ଟ ଭାଙ୍ଗିବାରୁ ରାସ୍ତା ଧସିଯାଇଛି। ଆଜିଜାତୀୟ ରାଜପଥର ଟିମ ସ୍ଥିତି ଆସି ଆକଳନ କରିଛନ୍ତି। ବର୍ଷା ଛାଡ଼ିଲା ପରେ କାମ ତ୍ୱରାନ୍ୱିତ ହେବ। ୧୦ରୁ ୧୫ ଦିନ ଭିତରେ କାମ ସାରି ରାସ୍ତା ଖୋଲିବାକୁ ଆମେ ଲକ୍ଷ୍ୟ ରଖିଛୁ। ରାସ୍ତା ନିର୍ମାଣ ପାଇଁ ଜାତୀୟ ରାଜପଥ ବିଭାଗକୁ ଯାହା ଆବଶ୍ୟକ, ପ୍ରଶାସନ ପକ୍ଷରୁ ଅନୁମତି ପ୍ରଦାନ କରାଯିବ ବୋଲି ଜିଲାପାଳ କହିଛନ୍ତି। ସେହିପରି ଘାଟିର ଅନେକ ସ୍ଥାନ ଏଭଳି ବିପଦ ପୂର୍ଣ୍ଣ ଅବସ୍ଥାରେ ରହିଛି । ରାସ୍ତାରେ ଥିବା ଅନ୍ୟ କଲଭର୍ଟ ମଧ୍ୟ ପାହାଡିଆ ଜଳ ସ୍ରୋତରେ ବୋହିଯିବା ନେଇ ସନ୍ଦେହ ସୃଷ୍ଟି ହୋଇଛି । ବିଭାଗ ଏହା ଉପରେ ନଜର ଦେଇ କାମ କରିବାକୁ ଅଞ୍ଚଳବାସୀ ଜାତୀୟ ରାଜପଥ ବିଭାଗ ଅଧିକାରୀଙ୍କୁ ନିବେଦନ କରିଛନ୍ତି।

# ରାସ୍ତା କାମ ପାଇଁ ରାସ୍ତା ଅବରୋଧ



ଉତ୍ତେଜିତ ଗ୍ରାମବାସୀଙ୍କ ରାସ୍ତା ଅବରୋଧ ।

ଦିଗପହଣ୍ଡି/ପାଟପୁର,୧୮।୯ (ଅଶେଷ ନାଥ ମିଶ୍ର/ସୀମାଞ୍ଚଳ ସାହୁ)

ଗଞ୍ଜାମ ଜିଲା ଦିଗପହଣ୍ଡି ୩୨୬ ନଂ. ଜାତୀୟ ରାଜପଥର ପାଟପୁର-ପଳାଶପୁର ଘୋଡ଼ାହାଡ଼ ନଦୀ ବ୍ରିଜ୍ ରାସ୍ତାଟି ଦୀର୍ଘବର୍ଷ ହେଲା ଖାଲଖମାରେ ଭର୍ତ୍ତି ହୋଇ ରହିଛି। ଖାଲରେ ବର୍ଷା ପାଣି ଜମି ରହିବାରୁ ରାସ୍ତାରେ ଚଳାଚଳ କରୁଥିବା ଗାଡ଼ି, ବାଇକ୍‌ଗୁଡ଼ିକ ଦୁର୍ଘଟଣା ଘଟି ବହୁ ଲୋକଙ୍କ ମୃତ୍ୟୁ ସହ ଆହତ ହୋଇଥିବା ନଜର ଆସିଛି। ସ୍ଥାନୀୟ ବାସିନ୍ଦା ଏହାର ମରାମତି ପାଇଁ ବହୁବାର ଦାବି କରିଆସୁଥିଲେ ମଧ୍ୟ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ଏଥିପ୍ରତି କର୍ଣ୍ଣପାତ କରୁନାହାନ୍ତି। ଏନେଇ ଗୁରୁବାର ପୂର୍ବାହ୍ନ ପ୍ରାୟ ୧୦ଟାରୁ ପଳାଶପୁର ଗ୍ରାମ ବାସୁଦେବ ବଣିକ ସଂଘ ସଭାପତି ରବୀନ୍ଦ୍ର କୁମାର ପାଢ଼ୀ ଏବଂ କୋଷାଧ୍ୟକ୍ଷ ପ୍ରମୋଦ କୁମାର ପାଣିଗ୍ରାହୀଙ୍କ ନେତୃତ୍ୱରେ ସ୍ଥାନୀୟ ବାସିନ୍ଦା ଆସିକା-ପାଟପୁର ମୁଖ୍ୟରାସ୍ତାକୁ ଅବରୋଧ କରିଛନ୍ତି। ରାସ୍ତାର ଉଭୟ ପାର୍ଶ୍ୱରେ ବହୁ ସଂଖ୍ୟକ ଗାଡ଼ି ଅଟକି ରହିଥିଲା। ଖବରପାଇ ସାନଖେମୁଣ୍ଡି ତହସିଲଦାର ରାମଚନ୍ଦ୍ର ପଟ୍ଟନାୟକ, ପାଟପୁର ଥାନା ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରି ଶୁକ୍ରବାରଠାରୁ ରାସ୍ତା ମରାମତି କାର୍ଯ୍ୟ ଆରମ୍ଭ କରିବାକୁ ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଥିଲା।

# କାର୍ଯ୍ୟ ସରିଥିବା ପ୍ରକଳ୍ପର ବିଲ୍ ହେଉ ନ ଥିବା ଅଭିଯୋଗ

କବିସୂର୍ଯ୍ୟନଗର,୧୮।୯(କୃପାସିନ୍ଧୁ ସ୍ୱାଇଁ)

**କବିସୂର୍ଯ୍ୟନଗର ପଞ୍ଚାୟତ ସମିତି ସମୀକ୍ଷା ବୈଠକ**

ପଞ୍ଚାୟତ ସମିତିର ଏକ ସମୀକ୍ଷା ବୈଠକ ବିଡ଼ିଓ ରାଜେନ୍ଦ୍ର ନାୟକଙ୍କ ଅଧକ୍ଷତାରେ ପଞ୍ଚାୟତ ବୈଠକ ଗୃହରେ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ଆସିକା ଏମ୍‌ପି ଅନିତା ଶୁଭ ପ୍ରିୟଦର୍ଶିନୀ, କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ସହକାରୀ ଯନ୍ତ୍ରୀ ରମେଶ ଲେଙ୍କା ମଞ୍ଚାସୀନ ଥିଲେ। ତେବେ ଆସିକା ବିଧାୟକଙ୍କୁ ନିମନ୍ତ୍ରଣ କରାଯାଇଥିଲେ ସୁଦ୍ଧା ସେ ଅନୁପସ୍ଥିତ ଥିଲେ। ସରପଞ୍ଚ, ସମିତିସଭ୍ୟ, ବିଭାଗୀୟ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ । ଆଲୋଚନା ବେଳେ କେତେ ଜଣ ସରପଞ୍ଚ ସମିତିସଭ୍ୟ ନିଜ ପଞ୍ଚାୟତରେ ବିକାଶ ଲାଗି କେଉଁ ଅଦୃଶ୍ୟ ଶକ୍ତିର କାମ କରୁଛି। କାହା ନିର୍ଦ୍ଦେଶରେ କିଛି କାମ ହେଉ ନ ଥିବା ଅଭିଯୋଗ ଆଣିଥିଲେ। ଏପରକି କାର୍ଯ୍ୟ ସରିଥିବା ବହୁ ପ୍ରକଳ୍ପର ବିଲ ଜାଣିଶୁଣି ହେଉ ନ ଥିବା ଅଭିଯୋଗ କରିଥିଲେ। ଅସହାୟ, ଗରିବ ବିଦ୍ୟୁତ୍ ଉପଭୋକ୍ତାଙ୍କ ବିଦ୍ୟୁତ ମିଟର ବଦଳାଇବା, ଟ୍ୟାମ୍ପରିଂ ଦର୍ଶାଇ ଫାଇନ ଆଦାୟ କରିବା, ହୋଟେଲ, ଆଲୁମିନିୟମ ଫ୍ୟାକ୍ଟ୍ରି, ଧନୀ ପ୍ରଭାବଶାଳୀ ଲୋକଙ୍କୁ ବାଦ ଦେଉଥିବା ନେଇ ଆଲୋଚନା ହୋଇଥିଲା । ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଭାବ, ପ୍ରାଣୀ ଚିକିତ୍ସାକେନ୍ଦ୍ରରେ କର୍ମଚାରୀ ଅଭାବ, ପାନୀୟ ଜଳ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇ ଏ ଦିଗରେ ପଦକ୍ଷେପ ନେବାକୁ ଦାବି କରାଯାଇଥିଲା। ଏହି ଅବସରରେ ଏମ୍‌ପି ଓ ବିଧାୟକ ହିତାଧିକାରୀଙ୍କୁ ବାର୍ଦ୍ଧକ୍ୟ ଭତ୍ତା, ଶ୍ରବଣ ଯନ୍ତ୍ର, ଆୟୁଷ୍ମାନ କାର୍ଡ ବଣ୍ଟନ କରିଥିଲେ।

# ଆଧ୍ୟାତ୍ମିକ ସ୍ନେହ ମିଳନ କାର୍ଯ୍ୟକ୍ରମ

କବିସୂର୍ଯ୍ୟନଗର,୧୮।୯ (କୃପାସିନ୍ଧୁ ସ୍ୱାଇଁ):

ସ୍ଥାନୀୟ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପ୍ରଭୁପ୍ରୀତ ଭବନରେ ସ୍ନେହମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମାଉଣ୍ଟ ଆବୁ ମଧୁବନରୁ ଫେରିଥିବା ୨ ବରିଷ୍ଠ ଶିକ୍ଷକ ଶରତ ଚନ୍ଦ୍ର ଡାକୁଆ ଏବଂ ବିଶ୍ୱନାଥ ରାଉତ ନିଜର ଅନୁଭୂତି ଶୁଣାଇଥିଲେ। ଶାନ୍ତି ଶକ୍ତି ଭବନର ସଂଚାଳିକା ରାଜଯୋଗିନୀ ବ୍ରହ୍ମାକୁମାରୀ ପ୍ରଭାତୀ ରୀତି ନୀତି ଭାବେ ଯୋଗ ଭଟ୍ଟୀ କରାଇଥିଲେ । ଆଧ୍ୟାତ୍ମିକ ଜୀବନରେ ସଶକ୍ତ ହେବା ପାଇଁ ଏହି ମାସିକ ସଂକ୍ରାନ୍ତି ଭଟ୍ଟୀ ବହୁତ ସାହାଯ୍ୟ କରିଥାଏ। ଆଖ ପାଖରୁ ଅନେକ ବ୍ରହ୍ମାକୁମାର ଏବଂ ବ୍ରହ୍ମାକୁମାରୀ ଯୋଗଦେଇ ଯୋଗ ଭଟ୍ଟୀ କରିଥିଲେ। ପ୍ରଭୁପ୍ରୀତ ଭବନର ସଞ୍ଚାଳିକା ବ୍ରହ୍ମାକୁମାରୀ ସୁଜ୍ଞାନୀ ଯୋଗ କରାଇଥିଲେ। ଦୁଇ ଶିକ୍ଷକଙ୍କୁ ଈଶ୍ୱରୀୟ ଉପହାର ଦିଆଯାଇଥିଲା।

# ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ



ଉପସ୍ଥିତ ଥିବା ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକମାନେ।

ଆର.ଉଦୟଗିରି,୧୮।୯(ମନୋଜ କୁମାର ପାଢୀ): ପିଏମ୍ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ କେ.ଏମ ଭାଲିଆସାହିଠାରେ ଗୁରୁବାର ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଛି। ପ୍ରଧାନ ଶିକ୍ଷକ ପ୍ରହ୍ଲାଦ ଶିଅଳ, ବରିଷ୍ଠ ଶିକ୍ଷକ ରାମଚନ୍ଦ୍ର ଦଳବେହେରାଙ୍କ ତତ୍ତ୍ୱାବଧାନରେ କ୍ରୀଡ଼ା ପୂର୍ବରୁ ଆର୍. ଉଦୟଗିରି ବ୍ଲକ ଚେୟାରମ୍ୟାନ ଲକ୍ଷ୍ମୀ ନାରାୟଣ ଶବର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ସମ୍ମାନିତ ଅତିଥି ଭାବେ ସାଧୁ ଚରଣ ଦଣ୍ଡସେନା, ମୁଖ୍ୟବକ୍ତା ଶିକ୍ଷାବିତ୍ ଆଦିକନ୍ଦ ବାଣ୍ଡୁଆରାୟୀ , ଛେଲିଗଡ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବନମାଳୀ ବଡ଼ରଇତ, କାର୍ତ୍ତିକ ଗମାଙ୍ଗ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲୋକନାଥ ନାହାକ ଏବଂ ସୁବାସ ଚନ୍ଦ୍ର ସାହୁ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ବ୍ଲକର ୧୮ଟି ବିଦ୍ୟାଳୟରୁ ୪୫୦ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ପ୍ରଥମ ଦିନ ଦୌଡ଼, ଲମ୍ବଡିଆଁ, ଉଚ୍ଚଡିଆଁ, ଡିସକସ, ସଟପୁଟ ଆଦି କ୍ରୀଡା ହୋଇଛି। ସନ୍ଧ୍ୟାରେ ମନୋରଞ୍ଜନ କାର୍ଯ୍ୟକ୍ରମ ହୋଇଥିଲା। ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା କ୍ରୀଡା ଶିକ୍ଷକ ମାନେ କ୍ରୀଡାକୁ ପରିଚାଳନା କରିଥିଲେ।

# ତୀର୍ଥ ଯାତ୍ରା ପାଇଁ ବାହାରିଲେ ୭୨ ବରିଷ୍ଠ ନାଗରିକ

ପାରଳାଖେମୁଣ୍ଡି,୧୮।୯(ଗିରିଧାରୀ ପରିଚ୍ଛା): ଅଯୋଧ୍ୟା-ବାରଣସୀ ତୀର୍ଥଯାତ୍ରାରେ ଯିବାପାଇଁ ଗଜପତି ଜିଲାର ୭୨ ଜଣ ବରିଷ୍ଠ ନାଗରିକ ଗୁରୁବାର ଦୁଇଟି ବସ୍‌ରେ ବ୍ରହ୍ମପୁର ଅଭିମୁଖେ ଯାଇଛନ୍ତି। ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଭାପତି ଜି. ତିରୁପତି ରାଓ ଏବଂ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ମୁନିନ୍ଦ୍ର ହନଗା, ପାରଳା ପୌରପରିଷଦ ଅଧ୍ୟକ୍ଷା ନିର୍ମଳା ସେଠୀ, କ୍ରୀଡା ଅଧିକାରୀ ଲାବଣ୍ୟେନ୍ଦୁ ମହାନ୍ତି ଓ ଜିଲା ସଂସ୍କୃତି ଅଧିକାରୀ ଅର୍ଚ୍ଚନା ମଙ୍ଗରାଜ ଉପସ୍ଥିତ ରହି ବସ୍‌କୁ ସବୁଜ ପତାକା ଦେଖାଇଥିଲେ। ଏହି ତୀର୍ଥ ଯାତ୍ରୀମାନେ ଶୁକ୍ରବାର ବ୍ରହ୍ମପୁରରୁ ଟ୍ରେନ୍‌ରେ ଯାଇ ଆସନ୍ତା ୨୪ ତାରିଖରେ ଫେରିବେ।

ତୀର୍ଥ ଯାତ୍ରାରେ ଯୋଗଦେବା ନିମନ୍ତେ ଯାତ୍ରୀମାନେ ଓଡିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ, ଦ୍ୱାରା ପ୍ରଦତ୍ତ ୱେବସାଇଟରେ ଅନ୍‌ଲାଇନ୍‌ରେ ଆବେଦନ କରିଥିଲେ । ସେମାନଙ୍କ ମଧ୍ୟରୁ ରାଜ୍ୟ ପର୍ଯ୍ୟଟନ ବିଭାଗ ଚିହ୍ନଟ କରିଥିବା ୭୨ ଜଣଙ୍କୁ ଏହି ଯାତ୍ରାରେ ସାମିଲ କରାଯାଇଛି। ସେଥିମଧ୍ୟରେ ଗୋଷାଣି ବ୍ଲକର ୧୬ ଜଣ, ରାୟଗଡ଼ ବ୍ଲକର ୫, ନୁଆଗଡ଼ ବ୍ଲକର ୫, ଆର୍. ଉଦୟଗିରି ବ୍ଲକର ୫, ମୋହନା ବ୍ଲକରୁ ୫, ଗୁମ୍ମା ବ୍ଲକରୁ ୫, କାଶୀନଗର ବ୍ଲକରୁ ୯ ଏବଂ ପାରଳାଖେମୁଣ୍ଡି ମ୍ୟୁନିସିପାଲିଟିର ୧୪ ଜଣ, କାଶୀନଗର ଏନ୍‌ଏସିରୁ ୫ଜଣ ରହିଛନ୍ତି ।



ମୁଖ୍ୟ ଅତିଥି ତୀର୍ଥଯାତ୍ରୀ ବସ୍‌କୁ ପତାକା ଦେଖାଉଛନ୍ତି।

ବ୍ରହ୍ମପୁର ଗସ୍ତ ପୂର୍ବରୁ ଜିଲ୍ଲା ପ୍ରଶାସନ ତରଫରୁ ଯାତ୍ରୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ସମସ୍ତ ଯାତ୍ରୀଙ୍କୁ ସେମାନଙ୍କ ବ୍ଲକଠାରୁ ଅଣାଯାଇଥିବା ବେଳେ ଫେରିବା ପରେ ମଧ୍ୟ ସମସ୍ତଙ୍କୁ ସେହି ସ୍ଥାନରେ ଛଡ଼ାଯିବ। ଯାତ୍ରୀଙ୍କୁ ଟ୍ରେନରେ ବସାଇବା ଏବଂ ଆସିବା ସମୟରେ ଯତ୍ନ ଓ ସୁରକ୍ଷାରେ ଆଣିବା ପାଇଁ ପର୍ଯ୍ୟଟନ ଅଧିକାରୀଙ୍କ ସହ ଏକ ଟିମ ରହିବେ। ଯାତ୍ରୀ ମାନଙ୍କ ଯାତ୍ରା ସମୟରେ ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ।

# ନଭେମ୍ବର ୫ରେ ବଟେଶ୍ୱର ବାଲିଯାତ୍ରା

ଗଞ୍ଜାମ,୧୮।୯(ବିଦ୍ୟାଧର ସାହୁ)

ଗଞ୍ଜାମ ବ୍ଲକ ପାଳିବନ୍ଧ ପଞ୍ଚାୟତ କଣ୍ଟିଆଗଡ଼ ଗ୍ରାମ ନିକଟରେ ବାବା ବଟେଶ୍ୱରଙ୍କ ପୀଠ। ଆସନ୍ତା ନଭେମ୍ବର ୫ରେ ଜିଲା ପ୍ରସିଦ୍ଧ ବଟେଶ୍ୱର ପୀଠ ଠାରେ ବାଲିଯାତ୍ରା ଅନୁଷ୍ଠିତ ହେବ। ଏଥିପାଇଁ ବଟେଶ୍ୱର ଐତିହ୍ୟ ସଂରକ୍ଷଣ ପରିଚାଳନା କମିଟି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ବୁଧବାର ଅନୁଷ୍ଠିତ ହୋଇଥିଲା। ପରିଚାଳନା କମିଟି ଉପଦେଷ୍ଟା ତଥା ପୂର୍ବତନ ସରପଞ୍ଚ ଦିଲ୍ଲୀପ କୁମାର ଛୋଟରାଏ, କମିଟି ସଭାପତି ପିତାମ୍ବର ସ୍ୱାଇଁ, ଉପସଭାପତି ଶବର କୁମାର ତରାଇ, ସମ୍ପାଦକ ରଞ୍ଜିତ କୁମାର ପଲାଇ, କୋଷାଧ୍ୟକ୍ଷ ନିରାକାର ଜେନା, ବୃନ୍ଦାବନ ପ୍ରଧାନ, ପବିତ୍ର ସ୍ୱାଇଁ, ଶିବରାମ ପଲାଇ, ତ୍ରିନାଥ ରେଡି, ଚେନେୟା, କୃଷ୍ଣ ଚନ୍ଦ୍ର ସ୍ୱାଇଁ, କାର୍ଯ୍ୟକାରୀ ସଭାପତି ଶିବପ୍ରସାଦ ସ୍ୱାଇଁଙ୍କ ସମେତ ସମସ୍ତ କମିଟି ସଦସ୍ୟ ଉପସ୍ଥିତ ଥିଲେ। ଆରମ୍ଭରେ ପୂର୍ବ ବୈଠକର ଆୟବ୍ୟୟ ଉପରେ ଆଲୋଚନା ହୋଇଥିଲା। ଆସନ୍ତା ଅକ୍ଟୋବରରେ କାର୍ତ୍ତିକ ମାସର ପ୍ରତ୍ୟେକ ସୋମବାର ମନ୍ଦିର ପରିସରରେ ଲକ୍ଷାଧିକ ଭକ୍ତ ସମାଗମକୁ ଦୃଷ୍ଟିରେ ରଖି ବ୍ୟାପକ ଆଇନ ଶୃଙ୍ଖଳା ଉପରେ ଅଧିକ ଧ୍ୟାନ ଦେବା ପାଇଁ ମତ ପ୍ରକାଶ ପାଇଥିଲା। କାର୍ତ୍ତିକ ପୂର୍ଣ୍ଣମୀ ଉପଲକ୍ଷେ ଅକ୍ଟୋବର ୨୮ରୁ ନଭେମ୍ବର ୧ ପର୍ଯ୍ୟନ୍ତ ଟିକେଟ ସେଲ ଯାତ୍ରା ପରିବେଷଣ ହେବ। ଏଥିପାଇଁ କଣ୍ଟିଆଗଡ଼ ଠାରୁ ଉଭୟ ରାସ୍ତା ସଫେଇ କରାଯିବା ଲାଗି ଆଲୋଚନା ନଭେମ୍ବର ୫ ରାସ ପୂର୍ଣ୍ଣମା ଅବସରରେ ବଟେଶ୍ୱର ପୀଠ ଠାରେ ଦର୍ଶକ ମାନଙ୍କ ମନୋରଞ୍ଜନ ପାଇଁ ୨ଟି ରାମାୟଣ ନାଟକ ପରିବେଷଣ ହେବ। ପ୍ରତିବର୍ଷ କାର୍ତ୍ତିକ ପୂର୍ଣ୍ଣମୀ ଓ ବାଲିଯାତ୍ରାକୁ ସ୍ଥାନୀୟ ୬ଖଣ୍ଡ ଗ୍ରାମବାସୀ ତଥା କଣ୍ଟିଆଗଡ଼, ଖଟୁଆକୁଦା, ମୟୂରପଦା, ଗୋଖର କୁଦା, ନୀଳାଦ୍ରିପୁର ଓ ପୋଡମ ପେଟା ଗ୍ରାମ ପରିଚାଳନା କରି ଆସୁଛି।

# ଭଞ୍ଜନଗର କେଭି ଯୁକ୍ତ ୨ ଖୋଲିବା ପ୍ରକ୍ରିୟା ତ୍ୱରାନ୍ୱିତ

ଭଞ୍ଜନଗର,୧୮।୯(ବାବୁଲା ପ୍ରଧାନ): ଭଞ୍ଜନଗର କେନ୍ଦ୍ରୀୟ ବିଦ୍ୟାଳୟ (କେଭି)ରେ ଆସନ୍ତା ଶିକ୍ଷା ବର୍ଷରୁ ଯୁକ୍ତ ୨ ଖୋଲିବା ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି। ଏଥିପାଇଁ ଜୋରଦାର ପ୍ରସ୍ତୁତି ଚାଲିଛି। ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ, ଉପ ଜିଲାପାଳ ଉମାଶଙ୍କର ବେହେରା ଏବଂ କେନ୍ଦ୍ରୀୟ ବିଦ୍ୟାଳୟ ଅଧକ୍ଷ ପ୍ରଦୀପ କମାନୁ ଏନେଇ ବାରମ୍ବାର ଆଲୋଚନା କରୁଛନ୍ତି। ବିଧାୟକ ନାୟକ ମଙ୍ଗଳବାର ଉପଜିଲ୍ଲାପାଳ ଏବଂ କେନ୍ଦ୍ରୀୟ ବିଦ୍ୟାଳୟ ଅଧକ୍ଷଙ୍କ ସମେତ ସହରର ବିଶିଷ୍ଟ ବ୍ୟକ୍ତିଙ୍କୁ ଡାକି ଆଲୋଚନା କରିଛନ୍ତି। ଖୁବଶୀଘ୍ର କଲେଜ ପୁରୁଣା ହଷ୍ଟେଲ କୋଠା ମରାମତି ପାଇଁ ଅର୍ଥ ବିଭିନ୍ନ ବିଭାଗରୁ ଅନୁମୋଦନ କରି ନିର୍ମାଣ କରାଯିବ। ତାହାର ପ୍ରକ୍ରିୟା ଆରମ୍ଭ ହୋଇଯାଇଛି । ରାଜ୍ୟ ସରକାର ସ୍ଥାନୀୟ ଶିଳ୍ପ ତାଲିମ କେନ୍ଦ୍ର ସମ୍ମୁଖରେ ୫ ଏକର ଜମି ୪ ବର୍ଷ ପୂର୍ବେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ପାଇଁ ଜମି ଦେଇଛନ୍ତି।



ଅଭିଭାବକ ସମ୍ମିଳନୀ ।

କିନ୍ତୁ କେନ୍ଦ୍ର ସରକାର ବିଦ୍ୟାଳୟ ନିର୍ମାଣ ପାଇଁ ଆବଶ୍ୟକ ଅନୁମୋଦନ ଦେବାରେ ବିଳମ୍ବ ଯୋଗୁ କୋଠା କାମ ଆରମ୍ଭ ହୋଇପାରୁନି। ଗୁରୁବାର କେନ୍ଦ୍ରୀୟ ବିଦ୍ୟାଳୟ ଅଭିଭାବକ ସମ୍ମିଳନୀ ହୋଇଥିଲା। ଛାତ୍ରୀ ଛାତ୍ରଙ୍କ ଭବିଷ୍ୟତ କିଭଳି ଉଜ୍ଜଳମୟ ହୋଇପାରିବ ସେନେଇ ଅଧକ୍ଷ କମାନୁ , ଶିକ୍ଷୟିତ୍ରୀ ଶ୍ରଦ୍ଧାଞ୍ଜଳି ଖୁଣ୍ଟିଆ , ଶିକ୍ଷକ ଓମ କାର ଅଙ୍କିତ କହିଥିଲେ। ସୂଚନାଯୋଗ୍ୟ, ଭଞ୍ଜନଗର କେନ୍ଦ୍ରୀୟ ବିଦ୍ୟାଳୟର ନିଜସ୍ୱ କୋଠା ନ ଥିବା ଯୋଗୁ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ କୋଠାରେ ବିଦ୍ୟାଳୟ ଚାଲିଛି। ଆଗକୁ ଯୁକ୍ତ ୨ ଖୋଲିବା ପାଇଁ ଆଉ ୫ଟି ରୁମ ଆବଶ୍ୟକ। ତେଣୁ କଲେଜର ପୁରୁଣା ଅବ୍ୟବହୃତ ହଷ୍ଟେଲ କୋଠାକୁ ଦେବାପାଇଁ କେନ୍ଦ୍ରୀୟ ବିଦ୍ୟାଳୟ ଅଧକ୍ଷ ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ,ଉପ ଜିଲ୍ଲାପାଳ ଉମା ଶଙ୍କର ବେହେରା, କଲେଜ ଅଧକ୍ଷ ରାଜେନ୍ଦ୍ର କୁମାର ଦାସଙ୍କୁ ଅନୁରୋଧ କରିଛନ୍ତି।

# ଗଞ୍ଜାମ ବ୍ଲକ୍ ଶିକ୍ଷକଙ୍କୁ ରାଷ୍ଟ୍ର ନିର୍ମାତା ପୁରସ୍କାର

ଗଞ୍ଜାମ,୧୮।୯(ବିଦ୍ୟାଧର ସାହୁ)

ବ୍ରହ୍ମପୁର ରୋଟାରି କ୍ଲବ୍ ପକ୍ଷରୁ ଗଞ୍ଜାମ ବ୍ଲକର ଶିକ୍ଷକ ଗଜେନ୍ଦ୍ର ମାଝୀ, ଲକ୍ଷ୍ମଣ ନାହାକଙ୍କ ସମେତ ବରିଷ୍ଠ ଶିକ୍ଷକ କୈବଲ୍ୟ ପ୍ରସାଦଙ୍କୁ ରାଷ୍ଟ୍ର ନିର୍ମାତା ପୁରସ୍କାର ପ୍ରଦାନ କରାଯାଇଛି। ଏହି ଅବସରରେ ସମାଜ ପ୍ରତି ଉଲ୍ଲେଖନୀୟ ଅବଦାନ ପାଇଁ ଉତ୍କୃଷ୍ଟ ୫୬ ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଏଥିସହ ଶିକ୍ଷକ ଭବାନୀ ଶଙ୍କର ପଟ୍ଟନାୟକଙ୍କ ନାମ ମଧ୍ୟ ଘୋଷଣା ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲା ରାଜ୍ୟପାଳ ଆର୍ଟିଏନ୍ ମନୋଜ ତ୍ରିପାଠୀ ଯୋଗଦେଇ ମୌଳିକ ଶିକ୍ଷା ଏବଂ ସାକ୍ଷାରତାକୁ ପ୍ରୋତ୍ସାହିତ କରିବାରେ ରୋଟାରି କ୍ଲବ୍ ବ୍ରହ୍ମପୁରର ପଦକ୍ଷେପକୁ ପ୍ରଶଂସା କରିଥିଲେ। ଉତ୍ସବରେ ରୋଟାରି କ୍ଲବ୍ ନୋଡାଲ ଚେୟାରମ୍ୟାନ୍ ରଞ୍ଜିତା ପଣ୍ଡା, କ୍ଲବ୍ ସଭାପତି, ସଚିବ, ରୋଟାରିଆନ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ।

# ସ୍ଥିତି ଅନୁଧ୍ୟାନ କଲେ ବିଧାୟକ

ଖଜୁରିପଡା,୧୮।୯ (ବିଦୁର ବେହେରା): ଖଜୁରିପଡ଼ା ବ୍ଲକ୍ ଗାଡ଼ିଆପଡ଼ା ଘାଟିରେ ୩ ବର୍ଷ ପୂର୍ବେ ଆରମ୍ଭ ହୋଇଥିବା ନୂତନ ପୋଲ ନିର୍ମାଣରେ ବହୁଦିନ ଧରି ବନ୍ଦଥିବା ବେଳେ ତାହା ଏବେ ଗ୍ରାମବାସୀଙ୍କ ପାଇଁ ସମସ୍ୟା ସୃଷ୍ଟି କରିଛି। ଦାୟିତ୍ୱ ନେଇଥିବା ଠିକାଦାର ଆଉ ନିର୍ମାଣ ହେଉଥିବା ସ୍ଥାନକୁ ଆସୁନ ଥିବା ବେଳେ କେବଳ ଜଣେ ଜଗୁଆଳି ହିଁ ସେଠାରେ ଜଗି ରହିଛନ୍ତି। ପୋଲ ନିର୍ମାଣ ଅସମ୍ପୂର୍ଣ୍ଣ ଥିବାବେଳେ ସେଠାରୁ ନିର୍ଗତ ହେଉଥିବା ଜଳଧାରା ଚାଷ ଜମିକୁ ଯାଉନାହିଁ। ଫଳରେ ୨ବର୍ଷ ହେଲା ଚାଷୀଙ୍କ ଜମି ପଡ଼ିଆ ରହିଛି। ସେହିଭଳି ବିନା କୌଣସି ନୋଟିସ୍‌ରେ ଠିକାଦାର ପ୍ରଦୀପ ସାହୁଙ୍କ ଘର ଭାଙ୍ଗିଥିବା ବେଳେ ଗ୍ରାମର ଲୋକମାନେ ଅନ୍ୟତ୍ର ରହୁଛନ୍ତି। ଯେଉଁ ଢଙ୍ଗରେ ପୋଲ ନିର୍ମାଣ ହୋଇଛି ନକ୍ସା ଅନୁସାରେ ଅନେକ ଘର ଭାଙ୍ଗିବ ବୋଲି ବିଭଗୀୟ ଅଧିକାରୀ କହିଛନ୍ତି। କ୍ଷତି ପୂରଣ ନେଇ ସରକାରୀ ଭାବେ କିଛି ଆଲୋଚନା ହୋଇ ନ ଥିବା ଗ୍ରାମବାସୀ କହିଛନ୍ତି। ଏନେଇ ଗ୍ରାମବାସୀ ଜିଲା ପ୍ରଶାସନଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ୍ୟ କୌଣସି ଆଶ୍ୱାସନା ମିଳିନାହିଁ। ପୁନର୍ବାର ଗ୍ରାମବାସୀ ଫୁଲବାଣୀ ବିଧାୟକ ଉମା ଚରଣ ମଲ୍ଲିକଙ୍କୁ ଅଭିଯୋଗ କରିଥିବା ବେଳେ ବିଧାୟକ ତୁରନ୍ତ ପୂର୍ତ୍ତ ବିଭାଗର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇ ନିର୍ମାଣ ସ୍ଥାନକୁ ଯାଇ ସ୍ଥିତି ପରଖି ଗ୍ରାମବାସୀଙ୍କ ସହ ଆଲୋଚନା କରିଛନ୍ତି। ବିଭାଗୀୟ ଅଧିକାରୀଙ୍କ ସହ ଜିଲା ପ୍ରଶାସନଙ୍କୁ ତୁରନ୍ତ ସ୍ଥାନୀୟ ଗ୍ରାମବାସୀଙ୍କ ସମସ୍ୟା ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିଧାୟକ ଏବଂ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା ପରେ ନିଶ୍ଚିତ କିଛି ସମସ୍ୟା ଦୂରହେବ ବୋଲି ଗ୍ରାମବାସୀ ଆଶା ପୋଷଣ କରିଛନ୍ତି। ଏହିଗସ୍ତ ବେଳେ ଖଜୁରିପଡା ବ୍ଲକ୍ ବିଧାୟକ ପ୍ରତିନିଧି ଅନନ୍ତ ଦିଗାଲ, ସଭାପତି ରଞ୍ଜନ କହଁର, ଯୁବ ନେତା ରାଇକିଶ୍ୱର ପ୍ରଧାନ, ଜଗନ୍ନାଥ ସାହୁ, ବିଶ୍ୱନାଥ ବେହେରା, ବିକ୍ରମ ସେନ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ।

**ପୋଲ ନିର୍ମାଣ ଘଟଣା**



# ବୁଲା ଗୋରୁ ପାଇଁ ଦୁର୍ଘଟଣା, ୩ବର୍ଷରେ ୧୬୦୧ଜଣଙ୍କ ମୃତ୍ୟୁ



ବୈଠକରେ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀମାନେ।

**ଭୁବନେଶ୍ୱର, ୧୮।୯ (ବନ୍ଦନା ସେଠୀ)**

ରାସ୍ତାରେ ବୁଲୁଥିବା ଗୋରୁ ପାଇଁ ସଡ଼କ ସୁରକ୍ଷା ବିପର୍ଯ୍ୟସ୍ତ ହୋଇପଡିଛି। ଏହା ଦୁର୍ଘଟଣା ଓ ମୃତ୍ୟୁର ପ୍ରମୁଖ କାରଣ ପାଲଟୁଛି। ରାଜ୍ୟରେ ଗୋରୁଙ୍କ ବିଚରଣ କାରଣରୁ ଦୁର୍ଘଟଣା ଘଟି ୩ବର୍ଷରେ ୧୬୦୧ଜଣଙ୍କ ଜୀବନ ଯାଇଛି। ୨୦୨୨ରେ ୯୫୨ ଦୁର୍ଘଟଣାରେ ୫୨୧ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨୦୨୩ରେ ୧,୧୬୮ ଦୁର୍ଘଟଣା ଘଟି ୬୪୩ ମୃତ୍ୟୁ ଏବଂ ୨୦୨୪ରେ ୯୦୩ଟି ଦୁର୍ଘଟଣାରେ ୪୩୭ ଜଣଙ୍କ ମୃତ୍ୟୁ ହୋଇଥିବା ଓଡ଼ିଶା ସଡ଼କ ଦୁର୍ଘଟଣା ତଥ୍ୟରୁ ଜଣାଯାଇଛି। ସେହିପରି ୨୦୨୨ରୁ ୨୦୨୫ ଅଗଷ୍ଟ ପର୍ଯ୍ୟନ୍ତ ଯାନବାହନ ଧକ୍କାରେ ୩୩୧ ପ୍ରାଣୀଙ୍କର ମୃତ୍ୟୁ ହୋଇଛି। ଏହି ପରିସଂଖ୍ୟାନ ସମନ୍ୱିତ କାର୍ଯ୍ୟାନୁଷ୍ଠାନର ଜରୁରୀ ଆବଶ୍ୟକତାକୁ ଦର୍ଶାଉଛି ବୋଲି ମତ ପ୍ରକାଶ ପାଇଛି। ନିରାପଦ ଯାତ୍ରା ସହିତ ରାସ୍ତାଘାଟରେ ବୁଲୁଥିବା ଗୋରୁ ପାଇଁ ଦୁର୍ଘଟଣାଜନିତ ସମସ୍ୟାର ସମାଧାନ ପାଇଁ ଗୁରୁବାର ବାଣିଜ୍ୟ ଏବଂ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ବସିଥିଲା। ରାଜ୍ୟରେ ସଡ଼କ ସୁରକ୍ଷା ବୃଦ୍ଧି ସହିତ ଉଭୟ ମଣିଷ ଏବଂ ପ୍ରାଣୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏକ ସମନ୍ୱିତ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବା ନେଇ ପ୍ରମୁଖ ସଚିବ ଗୁରୁତ୍ୱାରୋପ କରିଥିଲେ। ପ୍ରଥମଥର ଏକ ସମନ୍ୱିତ ମଡେଲରେ ପ୍ରାଣୀମାନଙ୍କ ପାଇଁ ବାଡ଼ ଦେବା, ସହଜରେ ରାସ୍ତାପାର ପାଇଁ ବ୍ୟବସ୍ଥା କରିବା, ଜବତ ଏବଂ ଦଣ୍ଡ ମାଧ୍ୟମରେ କାର୍ଯ୍ୟାନୁଷ୍ଠାନ, ଭ୍ରାମ୍ୟମାଣ ପ୍ରାଣୀଚିକିତ୍ସା ୟୁନିଟ୍ ମାଧ୍ୟମରେ ସ୍ୱାସ୍ଥ୍ୟସେବା ସହାୟତା, ରାସ୍ତାକଡର ଲୋକମାନଙ୍କୁ ସଚେତନ କରିବା ଏବଂ ଓଡ଼ିଶାର ରାସ୍ତାଗୁଡ଼ିକୁ ସମସ୍ତଙ୍କ ପାଇଁ ସୁରକ୍ଷିତ ରଖାଯିବ ବୋଲି ସେ କହିଥିଲେ। ବୈଠକରେ ପରିବହନ କମିଶନର ଅମିତାଭ ଠାକୁର, ପୌର ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ, ପ୍ରାଣୀପାଳନ ଏବଂ ପ୍ରାଣୀଚିକିତ୍ସା ସେବା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ଚିହ୍ନଟ ହୋଇଥିବା ଜାତୀୟ ରାଜପଥର ଷ୍ଟ୍ରେଚ୍‌ଗୁଡ଼ିକୁ ନିକଟବର୍ତ୍ତୀ ପୌରାଞ୍ଚଳ ସହିତ ସଂଯୋଗ କରିବା ପାଇଁ ଏକ ମିଶନ୍ ମୋଡ୍‌ରେ ରଣନୀତି ଉପରେ ଧ୍ୟାନ ଦିଆଯାଇଥିଲା। ଏହାଦ୍ୱାରା ବର୍ତ୍ତମାନ ରାଜ୍ୟରେ ଥିବା ତଥା ନୂତନ ଗୋଶାଳା ମାଧ୍ୟମରେ ଗୋ-ନିୟନ୍ତ୍ରଣ ଏବଂ ଆଶ୍ରୟସ୍ଥଳ ସୁନିଶ୍ଚିତ କରାଯାଇପାରିବ। ଆଲୋଚନାରେ ବୁଲା ପଶୁଙ୍କ ଉପସ୍ଥିତି ସହିତ ରାଜପଥରେ ଦୁର୍ଘଟଣାପ୍ରବଣ ସ୍ଥାନଗୁଡ଼ିକୁ ଚିହ୍ନଟ କରିବା, ଗୋଶାଳାଗୁଡ଼ିକୁ ସୁଦୃଢ଼ କରିବା ଏବଂ ମତ୍ସ୍ୟ ଏବଂ ପ୍ରାଣୀସମ୍ପଦ ବିକାଶ ବିଭାଗ ସହାୟତାରେ ଏନ୍‌ଜିଓଗୁଡିକ ସହିତ ସେବାମୁଖୀ ସହଭାଗୀତା ସୃଷ୍ଟି କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

**ମୁକାବିଲା ଲାଗି ପ୍ରସ୍ତୁତ ହେବ ସମନ୍ୱିତ କାର୍ଯ୍ୟ ଯୋଜନା**

# ଜିଏସ୍‌ଟି ସୁଧାର ଦେଶବାସୀଙ୍କୁ ୨ ଲକ୍ଷ କୋଟି ଟଙ୍କାର ଆର୍ଥିକ ପ୍ରୋତ୍ସାହନ ଦେବ: ଚୁଗ୍




**ଭୁବନେଶ୍ୱର, ୧୭।୯ (ସୁନିତ୍ ମିଶ୍ର)**

ଜିଏସ୍‌ଟି ସୁଧାର ଦ୍ୱାରା କେବଳ ଜିଏସ୍‌ଟି ହାର ବା ଟିକସରେ କମ୍ ହେବ ନାହିଁ ବରଂ ଏହା ସାଧାରଣ ଜନତାଙ୍କର ଜୀବନଯାପନରେ ଏକ ବ୍ୟାପକ ପରିବର୍ତ୍ତନକାରୀ ଐତିହାସିକ ପଦକ୍ଷେପ ବୋଲି ଭାଜପା ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ତରୁଣ ଚୁଗ୍ କହିଛନ୍ତି। ଭାଜପା ବୁଦ୍ଧିଜୀବୀ ପ୍ରକୋଷ୍ଠ ଆନୁକୂଲ୍ୟରେ ରାଜ୍ୟ କାର୍ଯ୍ୟାଳୟରେ ଗୁରୁବାର ଅନୁଷ୍ଠିତ ଆଗାମୀ ପିଢ଼ିର ଜିଏସ୍‌ଟି ସୁଧାର ପ୍ରସଙ୍ଗରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଯୋଗଦେଇ ଚୁଗ୍ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗତ ୧୧ବର୍ଷ ଶାସନ ମଧ୍ୟରେ ଆର୍ଥିକ ଶୃଙ୍ଖଳା ଓ ଦୂରଦର୍ଶୀ ନୀତି ପାଇଁ ଭାରତ ବିଶ୍ୱର ସବୁଠାରୁ ଦୃଢ଼ ଓ ଦ୍ରୁତ ଗତିରେ ବଢୁଥିବା ଅର୍ଥନୀତି ହୋଇପାରିଛି। ନୂତନ ପିଢ଼ିର ଜିଏସ୍‌ଟି ସୁଧାର ଦ୍ୱାରା ଦେଶବାସୀଙ୍କୁ ପ୍ରାୟ ୨ ଲକ୍ଷ କୋଟି ଟଙ୍କାର ଆର୍ଥିକ ପ୍ରୋତ୍ସାହନ ମିଳିବ। ଏହା ଭାରତୀୟ ଅର୍ଥ ବ୍ୟବସ୍ଥାକୁ ଏକ ମଜଭୁତ ଶକ୍ତି ଏବଂ ଗତି ପ୍ରଦାନ କରିବ। ମୋଦି ସରକାରଙ୍କର ଜିଏସ୍‌ଟି ୨.୦ ସୁଧାର ଦ୍ୱାରା ଓଡ଼ିଶାର ଡବଲ ଇଞ୍ଜିନ ସରକାରକୁ ନୂତନ ଗତି ମିଳିବ। ୧୨% ହାରରେ ଥିବା ଜିଏସ୍‌ଟି ବର୍ଗର ପ୍ରାୟ ୯୯% ସାମଗ୍ରୀକୁ ୫% ହାରକୁ ଅଣାଯାଇଛି ଏବଂ ୨୮% ହାରରେ ଥିବା ପ୍ରାୟ ୯୦% ସାମଗ୍ରୀକୁ ୧୮% ହାରକୁ କମାଇ ଦିଆଯାଇଛି। ଏଥିରେ ଉପଭୋକ୍ତାଙ୍କ ସଞ୍ଚୟ ବଢ଼ିବ, ଆବଶ୍ୟକ ସାମଗ୍ରୀର ଦାମ କମିବ ଓ ଦେଶୀୟ ଚାହିଦା ମଜଭୁତ ହେବ। ରାଜ୍ୟ ଭାଜପା ବୁଦ୍ଧିଜୀବୀ ପ୍ରକୋଷ୍ଠର ଆବାହକ ସୁଦର୍ଶନ ନାୟକଙ୍କ ପୌରୋହିତ୍ୟରେ ଏହି ଆଲୋଚନାଚକ୍ରରେ ଦଳର ରାଜ୍ୟ ଉପସଭାପତି ବିରଞ୍ଚି ନାରାୟଣ ତ୍ରିପାଠୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ।

# କୋଇଲା ଖଣିରେ ମୃତକଙ୍କ ପରିବାରକୁ ମିଳିବ ୨୫ ଲକ୍ଷ ଅନୁକମ୍ପା ରାଶି

**ତାଳଚେର, ୧୮।୯ (ମନୋଜ ନନ୍ଦ)**

କୋଇଲା ଖଣିରେ କାର୍ଯ୍ୟରତ କୌଣସି ଠିକା ଶ୍ରମିକଙ୍କ ମୃତ୍ୟୁ ହେଲେ ତାଙ୍କ ପରିବାରକୁ ୧୫ ଲକ୍ଷ ପରିବର୍ତ୍ତେ ୨୫ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ସେପ୍ଟେମ୍ବର ୧୭ରେ ଏ ନେଇ କୋଇଲା ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଏହାକୁ ନେଇ ତାଳଚେର କୋଇଲା ଖଣିର ସମସ୍ତ ଠିକା ଶ୍ରମିକ ଖୁସି ପ୍ରକଟ କରିଛନ୍ତି। ଏହି ବିଜ୍ଞପ୍ତି ପ୍ରକାଶ ପରେ ଭାଜପା ଓ ଶ୍ରମିକମାନଙ୍କ ତରଫରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କୋଇଲା ମନ୍ତ୍ରୀ ଜି. କିସାନ ରେଡ୍ଡୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ବରିଷ୍ଠ ନେତା କାଳନ୍ଦୀ ସାମଲଙ୍କୁ ଧନ୍ୟବାଦ ଜଣାଯାଇଛି। ଭାଜପା ଜୋନାଲ ମିଡିଆ ସେଲ୍ ସଂଯୋଜକ ପର୍ଶୁରାମ ବାରିକ, ସମସ୍ତ ମଣ୍ଡଳ ସଭାପତି ଅଜୟ ସାହୁ, ସୁଶାନ୍ତ ସାମଲ, ରାଜେଶ ଦଳେଇ, ଦୀପକ ଦାସ, ମାନସ ସାହୁ ଓ ସନ୍ତୋଷ ମହାନ୍ତିଙ୍କ ସମେତ ସମସ୍ତ ପଦାଧିକାରୀ ଓ ଶ୍ରମିକ ନେତା ଧନ୍ୟବାଦ ଜଣାଇଛନ୍ତି।


**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. MCSW-BOBRN-REHAB-25-26-17
**କାର୍ଯ୍ୟର ନାମ :** ରେଳ ଡବା ମରାମତି କାରଖାନା, ମଞ୍ଚେଶ୍ୱର ଠାରେ BOBRN ୱାଗନଗୁଡ଼ିକର ପୁନର୍ବାସ।
**ବିଜ୍ଞାପିତ ମୂଲ୍ୟ :** ₹ 30,50,22,156.00, EMD : ₹ 16,75,100/-, ଶେଷ ହେବା ଅବଧି : 36 ମାସ।
ବିଡ୍ ଆରମ୍ଭ ହେବା ତାରିଖ : ତା.22.09.2025ରିଖ
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.06.10.2025ରିଖ 1500 ଘଟିକାରେ।
ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର www.ireps.gov.inରେ ଉପଲବ୍ଧ ଅଟେ।
ଡେପୁଟି ଚିଫ୍ ମେକାନିକାଲ ଇଂଜିନିୟର(POH-II), CRW/ମଞ୍ଚେଶ୍ୱର
PR-609/Q/25-26

**PARADIP PORT AUTHORITY**
Tender No.ENG/CE/1523/NDC3/2024/290 Dt.12.09.2025
DEVELOPMENT OF NORTH DOCK COMPLEX-3 (NDC-3) BERTH FOR HANDLING DRY BULK CARGO ON CAPTIVE BASIS
INVITATION OF REQUEST FOR QUALIFICATION (RFQ)
Paradip Port Authority (PPA) invites applications from interested Applicants in accordance with the RFQ document which may be downloaded from the CPP Portal (https://eprocure.gov.in/eprocure/app). Last date & time of submission of RFQ Applications is 12.11.2025 till 1400 hours.
Sd/- Executive Engineer (C)
Project Implementation Office
Paradip Port Authority
PPA/PR/43/2025-2026 dtd. 18.09.2025


# ରେଭେନ୍‌ଶାରେ ୪ବର୍ଷିଆ ଇଣ୍ଟିଗ୍ରେଟେଡ୍ ଶିକ୍ଷକ ଶିକ୍ଷା ପାଠ୍ୟକ୍ରମ

**କଟକ, ୧୮।୯ (କାର୍ତ୍ତିକ ସାହୁ)**

ନୂତନ ଶିକ୍ଷା ନୀତି-୨୦୨୦ ଅନୁଯାୟୀ ରେଭେନ୍‌ଶା ବିଶ୍ୱବିଦ୍ୟାଳୟକୁ ୪ବର୍ଷିଆ ଇଣ୍ଟିଗ୍ରେଟେଡ୍ ଶିକ୍ଷକ ଶିକ୍ଷା ପାଠ୍ୟକ୍ରମ ପାଇଁ ନାଶନାଲ କାଉନସିଲ ଫର୍ ଟିଚର ଏଜୁକେଶନ (ଏନ୍‌ସିଟିଇ)ରୁ ସ୍ୱୀକୃତି ମିଳିଛି। ବିଶ୍ୱବିଦ୍ୟାଳୟ ପକ୍ଷରୁ ଗୁରୁବାର ଏନେଇ ସୂଚନା ପ୍ରଦାନ କରାଯାଇଛି। ସୂଚନା ଯେ, ରେଭେନ୍‌ଶା ଶିକ୍ଷା ବିଭାଗ ପକ୍ଷରୁ ଏହି ପାଠ୍ୟକ୍ରମ ପାଇଁ ଗତବର୍ଷ ଆବେଦନ କରାଯାଇଥିଲା। ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ନାକ୍ ମାନ୍ୟତାରେ ଗ୍ରେଡ୍ ଏ ପ୍ଲସ ପ୍ଲସ ଥିବାରୁ ସର୍ବୋଚ୍ଚ ପଏଣ୍ଟ ହାସଲ କରିଥିଲା। ଏହାପରେ ଏନ୍‌ସିଟିଇ ପକ୍ଷରୁ ଆଭାସି ମାଧ୍ୟମରେ ବିଶ୍ୱବିଦ୍ୟାଳୟ ଭିତ୍ତିଭୂମି ଓ ଶୈକ୍ଷିକ ସୁବିଧାଗୁଡ଼ିକର ନିରୀକ୍ଷଣ କରାଯାଇଥିଲା। ଶିକ୍ଷା ବିଭାଗ ପକ୍ଷରୁ ସମ୍ପୂର୍ଣ୍ଣ ଷ୍ଟାଫ ତାଲିକା ପ୍ରଦାନ କରାଯିବା ପରେ ଏନ୍‌ସିଟିଇ ଏହାକୁ ଅନୁମୋଦନ କରି ସ୍ୱୀକୃତି ପ୍ରଦାନ କରିଛି। ଏହି ସ୍ୱୀକୃତି ମିଳିବା ପରେ ପୂର୍ବରୁ ଚାଲିଥିବା ପାରମ୍ପରିକ ୪ ବର୍ଷିଆ ଇଣ୍ଟିଗ୍ରେଟେଡ୍ ବିଏବିଏଡ୍, ବିଏସ୍‌ସି ବିଏଡ୍ ସ୍ଥାନରେ ଆଗାମୀ ଶିକ୍ଷା ବର୍ଷ ୨୦୨୬-୨୭ରେ ନୂତନ ୪ ବର୍ଷିଆ ଇଣ୍ଟିଗ୍ରେଟେଡ୍ ଶିକ୍ଷକ ଶିକ୍ଷା ପାଠ୍ୟକ୍ରମ (ବିଏ-ବିଏଡ, ବିଏସ୍‌ସି-ବିଏଡ୍) ଆରମ୍ଭ ହେବ। ଦ୍ୱାଦଶ ଶ୍ରେଣୀ ପାସ୍ କରିଥିବା ଛାତ୍ରୀଛାତ୍ରମାନେ ନାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ପକ୍ଷରୁ କରାଯାଉଥିବା ନାଶନାଲ କମନ ଏଣ୍ଟ୍ରାନ୍ସ ଟେଷ୍ଟରେ ଯୋଗ୍ୟ ବିବେଚିତ ହେଲେ ଏହି ପାଠ୍ୟକ୍ରମରେ ନାମ ଲେଖାଇପାରିବେ। ୪ ବର୍ଷିଆ ପାଠ୍ୟକ୍ରମ ସରିବା ପରେ ଛାତ୍ରୀଛାତ୍ରମାନେ କେନ୍ଦ୍ରୀୟ ତଥା ରାଜ୍ୟ ବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ଭାବେ ନିଯୁକ୍ତି ପାଇପାରିବେ।

**ଏନ୍‌ସିଟିଇ ପକ୍ଷରୁ ମିଳିଲା ସ୍ୱୀକୃତି**


GOVERNMENT OF ODISHA
WORKS DEPARTMENT
**OFFICE OF THE SUPERINTENDING ENGINEER, BALLIGUDA (R&B) DIVISION, BALLIGUDA**
TELEPHONE & Fax : 06846-243242, E-mail : eepwd.balliguda@gmail.com
e-procurement notice
**Bid Identification No. S.E. BLG-10/2025-26**
No.B-517 Dated : 10.09.2025

| Sl. No. | Name of the Work | Buildings & Road Works as per DTCN available in the website www.tendersodisha.gov.in |
|---|---|---|
| 1 | Estimated Cost | Rs.45.58 lakh to 99.16 lakh |
| 2 | No. of Works | 7 (Seven) Only |
| 3 | Period & time of completion | 06 (Six) & 08 (Eight) Months |
| 4 | Date & time of availability of the bid document in the portal | 20.09.2025 to 07.10.2025 (up to 5.00 PM) for Online Bidding |
| 5 | Last date/Time for receipt of bids in the portal | Up to 5.00 PM of 07.10.2025 |
| 6 | Date & Time of bid opening | 11.30 hours on Dated 08.10.2025 |
| 7 | Name & Address of the officer inviting Bid | Superintending Engineer, Balliguda R&B Division, Balliguda, Dist : Kandhamal, Pin-762103 |

Others can be seen from Detailed Notice inviting Tenders, available in website www.tendersodisha.gov.in.
Corrigendum if any, shall only be published in the above website.
Sd./- Superintending Engineer
Balliguda (R&B) Division
OIPR-34162/11/0003/2526

**ଦ.ପୂ. ରେଳପଥ - ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (ଟିଆରଡି), ଚକ୍ରଧରପୁର ତଳେ ଦର୍ଶାଯାଇଥିବା ଅନୁଯାୟୀ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି। ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ। **କ୍ର.ସଂ., ଟେଣ୍ଡର ବିଜ୍ଞପ୍ତି ନଂ. ଏବଂ କାର୍ଯ୍ୟର ନାମ ନିମ୍ନ ଅନୁଯାୟୀ ଅଟେ: ୧. ସିକେପି-ଡି-୬୮୪-ଏଟିଏନ୍‌ଏକ୍ସଏନ୍-ବିଜିକେଏ।** ଚକ୍ରଧରପୁର ମଣ୍ଡଳର ଅପ୍ ଓ ଡାଉନ୍ ଦିଗରେ ଉଭୟ ଜଏଣ୍ଟ ଲାଇନ୍ ଉପରେ ନୂଆଗାଁ ଓ ବାଣ୍ଡାମୁଣ୍ଡା ମଧ୍ୟରେ ଆଇବିଏସ୍‌ଏସ୍ ସଂକ୍ରାନ୍ତରେ ଅକ୍‌ଜିଲାରୀ ଟ୍ରାନ୍ସଫର୍ମର୍ସର ବ୍ୟବସ୍ଥା କରିବା। **ଟେଣ୍ଡର ମୂଲ୍ୟ:** ₹୭,୯୩,୮୦୦.୯୫। **ଇଏମ୍‌ଡି:** ₹୧୫,୯୦୦/-। **୨. ସିକେପି-ଡି-୬୩୯-ସିଟିଆର୍-ଡିପିଏସ୍।** ଚକ୍ରଧରପୁର ମଣ୍ଡଳରେ ଏଡିଇଇ/ଟିଆରଡି/ଡିପିଏସ୍‌ଙ୍କ କ୍ଷେତ୍ରାଧିକାର ଅଧୀନରେ ବିଭିନ୍ନ ସେକ୍ସନରେ ଥ୍ରୁ ସ୍ଲିପର୍ ରିନ୍ୟୁଆଲ (ପ୍ରାଇମେରୀ) ଟିଏସ୍‌ଆର(ପି), କମ୍ପ୍ଲିଟ୍ ଟ୍ରାକ୍ ରିନ୍ୟୁଆଲ ସେକେଣ୍ଡାରୀ ସିଟିଆର୍ (ଏସ୍), ଥ୍ରୁ ରେଲ୍ ରିନ୍ୟୁଆଲ ପ୍ରାଇମେରୀ ଟିଆରଆର(ପି), ଥ୍ରୁ ରେଲ୍ ରିନ୍ୟୁଆଲ ସେକେଣ୍ଡାରୀ ଟିଆରଆର(ଏସ୍), କମ୍ପ୍ଲିଟ୍ ଟ୍ରାକ୍ ରିନ୍ୟୁଆଲ ପ୍ରାଇମେରୀ ସିଟିଆର(ପି) ସଂକ୍ରାନ୍ତରେ ଇଲେକ୍ଟ୍ରିକାଲ (ଟିଆରଡି-ଓଏଚଇ) କାର୍ଯ୍ୟ। **ଟେଣ୍ଡର ମୂଲ୍ୟ:** ₹୬୯,୯୨,୪୧୨.୬୫। **ଇଏମ୍‌ଡି:** ₹୧,୩୯,୯୦୦/-। **୩. ସିକେପି-ଡି-୬୩୯-ସିଟିଆର୍-ବିଏନ୍‌ଡିଏମ୍।** ଚକ୍ରଧରପୁର ମଣ୍ଡଳରେ ଏଡିଇଇ/ଟିଆରଡି/ବିଏନ୍‌ଡିଏମ୍‌ଙ୍କ କ୍ଷେତ୍ରାଧିକାର ଅଧୀନରେ ବିଭିନ୍ନ ସେକ୍ସନରେ ଥ୍ରୁ ସ୍ଲିପର୍ ରିନ୍ୟୁଆଲ (ପ୍ରାଇମେରୀ) ଟିଏସ୍‌ଆର(ପି), କମ୍ପ୍ଲିଟ୍ ଟ୍ରାକ୍ ରିନ୍ୟୁଆଲ ସେକେଣ୍ଡାରୀ ସିଟିଆର୍ (ଏସ୍), ଥ୍ରୁ ରେଲ୍ ରିନ୍ୟୁଆଲ ପ୍ରାଇମେରୀ ଟିଆରଆର(ପି), ଥ୍ରୁ ରେଲ୍ ରିନ୍ୟୁଆଲ ସେକେଣ୍ଡାରୀ ଟିଆରଆର(ଏସ୍), କମ୍ପ୍ଲିଟ୍ ଟ୍ରାକ୍ ରିନ୍ୟୁଆଲ ପ୍ରାଇମେରୀ ସିଟିଆର(ପି) ସଂକ୍ରାନ୍ତରେ ଇଲେକ୍ଟ୍ରିକାଲ୍ (ଟିଆରଡି-ଓଏଚଇ) କାର୍ଯ୍ୟ। **ଟେଣ୍ଡର ମୂଲ୍ୟ:** ₹୨୩,୨୮,୯୬୮.୪୦। **ଇଏମ୍‌ଡି:** ₹୪୬,୬୦୦/-। **୪. ସିକେପି-ଡି-୬୩୨-ଏସ୍‌ସିଏଡିଏ-ଏଏମ୍‌ସି-।** ତିନି (୩) ବର୍ଷ ପାଇଁ ଟିଇଏମ୍‌ଏସ୍ ଓ ଟିଡିଏମ୍‌ଏସ୍ ସମ୍ବନ୍ଧିତ ଗତିବିଧି ସମେତ ଚକ୍ରଧରପୁର ମଣ୍ଡଳର ସାଲଗାଝରି-ଝାରସୁଗୁଡ଼ା ଏବଂ ରାଜଖରସୁଆଁ-ଡାଙ୍ଗୋଆପୋଷି ସେକ୍ସନର ୩୫ ଗୋଟି ଆରଟିୟୁ ସହିତ ଏସ୍‌ସିଏଡିଏ-I ସିଷ୍ଟମର ବାର୍ଷିକ ରକ୍ଷଣାବେକ୍ଷଣ ଠିକା (ଏଏମ୍‌ସି)। **ଟେଣ୍ଡର ମୂଲ୍ୟ:** ₹୧,୦୩,୮୩,୭୧୨/-। **ଇଏମ୍‌ଡି:** ₹୨,୦୧,୯୦୦/-। **୫. ସିକେପି-ଡି-୬୪୧-ଭିଏଚ୍-ଏଡିଇଇ-ବିଏନ୍‌ଡିଏମ୍।** ଦୁଇବର୍ଷ ପାଇଁ ଏଡିଇଇ/ଟିଆରଡି/ବିଏନ୍‌ଡିଏମ୍ ନିମନ୍ତେ ଏକ ଗୋଟି ଡିଜେଲ ଚାଳିତ ଅଣ-ଏସି ଚାରିଚକିଆ ସଡ଼କ ବାହନ (ମହିନ୍ଦ୍ରା ସ୍କର୍ପିଓ କିମ୍ବା ସମାନ ଧରଣର) ଭଡ଼ାସୂତ୍ରରେ ନେବା। **ଟେଣ୍ଡର ମୂଲ୍ୟ:** ₹୧୧,୯୮,୦୦୫.୩୬। **ଇଏମ୍‌ଡି:** ₹୨୪,୦୦୦/-। **ସମାପ୍ତି ଅବଧି:** କ୍ର.ସଂ. ୧ ପାଇଁ ୦୯ ମାସ, କ୍ର.ସଂ. ୨ ଓ ୩ ପାଇଁ ପ୍ରତ୍ୟେକ ୧୨ ମାସ, କ୍ର.ସଂ. ୪ ପାଇଁ ୩୬ ମାସ ଏବଂ କ୍ର.ସଂ. ୫ ପାଇଁ ୨୪ ମାସ। **ଇ-ଟେଣ୍ଡର ଖୋଲାଯିବାର ସ୍ଥାନ:** ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ/ଟିଆରଡି/ଦକ୍ଷିଣ ପୂର୍ବ ରେଳପଥ। **ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ପ୍ରତ୍ୟେକ ପାଇଁ ତା୦୮।୧୦।୨୦୨୫ରିଖ ୧୫.୦୦ ଘଟିକା। **ଟେଣ୍ଡର ଖୋଲା ହେବାର ତାରିଖ ଓ ସମୟ:** ପ୍ରତ୍ୟେକ ପାଇଁ ତା୦୮।୧୦।୨୦୨୫ରିଖ ୧୫.୩୦ ଘଟିକା। ଇ-ଟେଣ୍ଡର ୱେବ୍‌ସାଇଟ୍ **http://www.ireps.gov.in**ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍‌ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆରଇପିଏସ୍ ପୋର୍ଟାଲ୍‌ରେ ପଞ୍ଜୀକୃତ ହୋଇଥିବା ନିହାତି ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ବନ୍ଧିତ ଦସ୍ତାବିଜ ଅପ୍‌ଲୋଡ୍ କରାଯିବା ଜରୁରୀ। (PR-642)


# ସାର ସଙ୍କଟ: ୨୩ରେ କିଷାନ କଂଗ୍ରେସର ବିଧାନସଭା ଘେରାଉ

**ଭୁବନେଶ୍ୱର, ୧୭।୯ (ରବିନାରାୟଣ ଜେନା)**

ସାରା ରାଜ୍ୟର ସାର ଅଭାବ ନେଇ କିଷାନ କଂଗ୍ରେସ ପକ୍ଷରୁ ଆସନ୍ତା ସେପ୍ଟେମ୍ବର ୨୩ରେ ବିଧାନସଭା ଘେରାଉ କରାଯିବ ବୋଲି ପିସିସି କିଷାନ ସେଲର ଅଧ୍ୟକ୍ଷ ଅଭୟ ସାହୁ କହିଛନ୍ତି। ସେ କହିଛନ୍ତି ଯେ, ଆସନ୍ତା ୨୩ ତାରିଖ ମଙ୍ଗଳବାର ସକାଳ ୯ଟାରେ କଟକସ୍ଥିତ ଲକ୍ଷେଶ୍ୱର ମନ୍ଦିର ପ୍ରାଙ୍ଗଣରୁ ଓଡ଼ିଶା କିଷାନ କଂଗ୍ରେସର ଏକ ଶୋଭାଯାତ୍ରା ବାହାରି ଜାତୀୟ ରାଜପଥରେ ରସୁଲଗଡ଼, ବାଣୀବିହାର ଦେଇ ମାଷ୍ଟରକ୍ୟାଣ୍ଟିନସ୍ଥିତ କଂଗ୍ରେସ ଭବନରେ ପହଞ୍ଚିବ। ସେଠାରେ ଚାଷୀ ସଭା କରାଯିବା ପରେ ଚାଷୀକୁଳର ନେତା ଓ କର୍ମୀମାନେ ବିଧାନସଭା ଘେରାଉ କରିବେ। ରାଜ୍ୟର ସ୍ୱାର୍ଥ ଦୃଷ୍ଟିରୁ ଏହି କାର୍ଯ୍ୟକ୍ରମରେ ଓଡ଼ିଶାବାସୀ ବହୁ ସଂଖ୍ୟାରେ ଭାଗ ନେବାକୁ ପିସିସି ସଭାପତି ଭକ୍ତ ଚରଣ ଦାସ ଆହ୍ୱାନ କରିଥିବା ସାହୁ ଜଣାଇଛନ୍ତି।


**ସମ୍ମିଳିତ ପୁରୀ ନିମାପଡ଼ା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ**
କଚେରୀ ରୋଡ, ପୁରୀ-୭୫୨୦୦୧, ଓଡ଼ିଶା
Regd No-32, Pu Dt.28.11.1956, RBI License No-RPCD/Bhubaneswar 10/11 Dt.21.03.2012
Kacheri Road, Puri-752001, Ph:224553, Odisha, email:ho@upnccb.com

ନୋଟିସ ସଂଖ୍ୟା 951, ତା.18.09.25 ରିଖ

**ବାର୍ଷିକ ସାଧାରଣ ସଭା ବିଜ୍ଞପ୍ତି**

ଏତଦ୍ୱାରା ସମ୍ମିଳିତ ପୁରୀ ନିମାପଡ଼ା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃର ସମସ୍ତ ଅଂଶୀଦାର ସଭ୍ୟମାନଙ୍କୁ ଜଣାଇ ଦିଆଯାଉଛି ଯେ, ବ୍ୟାଙ୍କର ୬୦ ତମ ବାର୍ଷିକ ସାଧାରଣ ସଭା ଆସନ୍ତା ତା.୨୬.୦୯.୨୦୨୫ ରିଖ ଶୁକ୍ରବାର ଦିନ ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ ସଂସ୍କୃତି ଭବନ ପୁରୀଠାରେ ଅନୁଷ୍ଠିତ ହେବ, ଉକ୍ତ ସାଧାରଣ ସଭାରେ ସମିତିର ସଭାପତି / କ୍ଷମତା ପ୍ରାପ୍ତ ପ୍ରତିନିଧି ଯୋଗଦାନ କରି ନିମ୍ନଲିଖିତ କାର୍ଯ୍ୟସୂଚୀ ଅନୁସାରେ ଆଲୋଚନାରେ ଅଂଶଗ୍ରହଣ କରିବା ନିମନ୍ତେ ଅନୁରୋଧ।

**ବିଶେଷ ଦ୍ରଷ୍ଟବ୍ୟ:** ସାଧାରଣ ସଭାରେ ଯୋଗଦାନ ନିମନ୍ତେ ସମିତିର ସଭାପତି କିମ୍ବା ପ୍ରଶାସକଙ୍କ ଦ୍ୱାରା ଅନୁମୋଦିତ ନିର୍ଦ୍ଧାରଣର ଅବିକଳ ନକଲ ନିଜ ସାଙ୍ଗରେ ଆଣିବାକୁ ଅନୁରୋଧ ଏବଂ ଦିନ ସକାଳ ୦୯.୩୦ ଘଟିକାଠାରୁ ସଂସ୍କୃତି ଭବନ ପୁରୀଠାରେ ପଞ୍ଜୀକରଣ କରାଯିବ।

**କାର୍ଯ୍ୟସୂଚୀ:**
୧. ତା.୦୬.୧୨.୨୦୨୪ ରିଖରେ ଅନୁଷ୍ଠିତ ୫୯ତମ ବାର୍ଷିକ ସାଧାରଣ ସଭାର ବିବରଣୀ ପଠନ ଓ ଦୃଢୀକରଣ।
୨. ୨୦୨୪-୨୫ ଆର୍ଥିକ ବର୍ଷର ବାର୍ଷିକ ବିବରଣୀ ପଠନ ଓ ଦୃଢୀକରଣ।
୩. ୨୦୨୪-୨୫ ଆର୍ଥିକ ବର୍ଷର ସମୀକ୍ଷା ଫର୍ଦ୍ଦ ପଠନ ଓ ଗ୍ରହଣ।
୪. ଆଗାମୀ ୨୦୨୫-୨୬ ଆର୍ଥିକ ବର୍ଷ ନିମନ୍ତେ ଆୟ ବ୍ୟୟ ଅଟକଳ (ବଜେଟ) ଅନୁମୋଦନ ଓ ଶୀର୍ଷ ବ୍ୟାଙ୍କକୁ ପ୍ରେରଣ।
୫. ୨୦୨୪-୨୫ ଆର୍ଥିକ ବର୍ଷର ନେଟ ଲାଭର ଆବଣ୍ଟନ ନିମନ୍ତେ ନିଷ୍ପତ୍ତି ଗ୍ରହଣ।
୬. ୨୦୨୬-୨୭ ଆର୍ଥିକ ବର୍ଷ ନିମନ୍ତେ ବ୍ୟବସାୟିକ ଉନ୍ନୟନ ଯୋଜନା ଅନୁମୋଦନ।
୭. ଅନ୍ୟାନ୍ୟ (ସଭାପତିଙ୍କ ଅନୁମତି କ୍ରମେ)

ପରିଚାଳନା ପରିଷଦଙ୍କ ଅନୁମୋଦନ କ୍ରମେ
Sd./- (ଶ୍ରୀଯୁକ୍ତ ସାରଥୀ ଶତପଥୀ)
ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ


# ପ୍ରଧାନଶିକ୍ଷକଙ୍କ ସହ ୩ ଶିକ୍ଷକ ନିଲମ୍ବିତ

**ପାରଳାଖେମୁଣ୍ଡି, ୧୮।୯ (ଗିରିଧାରୀ ପରିଚ୍ଛା)**

ଗଜପତି ଜିଲ୍ଲା ଗୋସାଣି ବ୍ଲକ ମାଛମରା ସ୍କୁଲର ଦୁଇ ଶିକ୍ଷକ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟଣାରେ ପ୍ରଧାନଶିକ୍ଷକଙ୍କ ସମେତ ୩ ଶିକ୍ଷକ ନିଲମ୍ବିତ ହୋଇଛନ୍ତି। କ୍ରୀଡା ଶିକ୍ଷକ ଏବଂ ହିନ୍ଦୀ ଶିକ୍ଷକଙ୍କୁ ଆକ୍ରମଣ କରିଥିବାରୁ ଦୁଇ ସହକାରୀ ଶିକ୍ଷକ ବି.ରାଜଶେଖରମ ଓ ଏସ. ଜୟ ରାଓ ନିଲମ୍ବିତ ହୋଇଛନ୍ତି। ସେହିପରି ପରିଚାଳନାଗତ ତ୍ରୁଟି ଓ ସରକାରୀ ସ୍ତରରେ ଆସିଥିବା ଟିଭି, ପିଲାଙ୍କ ପାଇଁ ଆସିଥିବା ସାମଗ୍ରୀଗୁଡିକର ଅପବ୍ୟବହାର କରିଥିବା ଅଭିଯୋଗରେ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ରଥଙ୍କୁ ନିଲମ୍ବିତ କରାଯାଇଛି। ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ନିଲମ୍ବିତ ଏହି ୩ ଜଣ ଶିକ୍ଷକ ଗୋଷାଣୀ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଅବସ୍ଥାପିତ ହେବେ। ସୂଚନାଯୋଗ୍ୟ, ମାଛମରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗତ ମଙ୍ଗଳବାର ସାମାନ୍ୟ ବଚସାକୁ ନେଇ ଦୁଇ ଶିକ୍ଷକ ଗୋଷ୍ଠୀ ମଧ୍ୟରେ ହାତାହାତି ହୋଇଥିଲା। ଶିକ୍ଷକଙ୍କ ଗଣ୍ଡଗୋଳରେ ଜଣେ ଛାତ୍ର ମଧ୍ୟ ଆହତ ହୋଇଥିଲେ। ଆହତ ଛାତ୍ରଙ୍କଠାରୁ ଘଟଣା ବିଷୟରେ ଜାଣିବା ପରେ ଅଭିଭାବକମାନଙ୍କ ସହ ଗ୍ରାମବାସୀ ବୁଧବାର ସ୍କୁଲକୁ ଆସି ମୁଖ୍ୟ ଫାଟକରେ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଯାହାଫଳରେ ଉକ୍ତ ସ୍କୁଲରେ ସେଦିନ 'ଏକ ପେଡ୍ ମା'କେ ନାମ' କାର୍ଯ୍ୟକ୍ରମ ମଧ୍ୟ ହୋଇପାରି ନ ଥିଲା। ପରେ ବ୍ଲକ ଶିକ୍ଷା ଅଧିକାରୀ ଉକ୍ତ ସ୍କୁଲରେ ପହଞ୍ଚି ଘଟଣାର ତଦନ୍ତ କରି ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ମାୟାଧର ସାହୁ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ବୁଧବାର ରାତିରେ ପ୍ରଧାନଶିକ୍ଷକ ଓ ୨ ଶିକ୍ଷକଙ୍କୁ ନିଲମ୍ବିତ କରିଛନ୍ତି।

**ସ୍କୁଲରେ ଶିକ୍ଷକ ଗଣ୍ଡଗୋଳ ଘଟଣା**

# ୬୦ ବର୍ଷ ଛୁଇଁଥିବା ହିତାଧିକାରୀ ସୁଭଦ୍ରାରୁ ବାଦ୍ ପଡ଼ିବା ଦୁର୍ଭାଗ୍ୟଜନକ: ବିଜେଡି

**ଭୁବନେଶ୍ୱର, ୧୭।୯ (ସୁନିତ୍ ମିଶ୍ର)**

ସୁଭଦ୍ରା ଯୋଜନାର ହିତାଧିକାରୀଙ୍କ ମଧ୍ୟରୁ ୬୦ ବର୍ଷ ଛୁଇଁଥିବା ପ୍ରାୟ ୯୩, ୭୯୨ ଜଣ ମହିଳା ଏଥିରୁ ମିଳୁଥିବା ସୁବିଧା ପାଇବାରୁ ବାଦ୍ ପଡ଼ିବେ। ଏହା ସ୍ପଷ୍ଟ ହୋଇଥିବା ବେଳେ ସେମାନେ ସାମାଜିକ ସୁରକ୍ଷା ଯୋଜନାରେ ବାର୍ଦ୍ଧକ୍ୟ ପେନ୍‌ସନ ପାଇଁ ଆବେଦନ କରିପାରିବେ ବୋଲି ସରକାରଙ୍କ ତରଫରୁ ଦିଆଯାଇଥିବା ମନ୍ତବ୍ୟ ବାସ୍ତବିକ କଟା ଘା'ରେ ଚୂନ ଲଗାଇବା ସଦୃଶ ବୋଲି ବିଜେଡି କହିଛି। ଦଳ ତରଫରୁ ଜାରି କରାଯାଇଥିବା ଏକ ବିବୃତିରେ ଦଳର ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, ନିର୍ବାଚନ ସମୟରେ ଭାଜପା ତା'ର ଇସ୍ତାହାରରେ ସୁଭଦ୍ରା ଯୋଜନା ମାଧ୍ୟମରେ ରାଜ୍ୟର ପ୍ରତ୍ୟେକ ମହିଳାଙ୍କୁ ୨ ବର୍ଷରେ ୫୦ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲା। ହେଲେ ଭାଜପା କ୍ଷମତାକୁ ଆସିବା ପରେ ପ୍ରତ୍ୟେକ ମହିଳାଙ୍କୁ ନ ଦେଇ କେବଳ ୨୧ରୁ ୬୦ ବର୍ଷର ଆର୍ଥିକ ଅନଗ୍ରସର ମହିଳାଙ୍କୁ ସୁଭଦ୍ରା ଯୋଜନାରେ ସାମିଲ କରାଯିବ ବୋଲି ନିଷ୍ପତ୍ତି ନେଇଥିଲେ। ଏବେ ୬୦ ବର୍ଷ ଛୁଇଁଥିବା ପ୍ରାୟ ୯୩, ୭୯୨ ଜଣ ମହିଳା ସୁଭଦ୍ରା ଯୋଜନାରୁ ବାଦ୍ ପଡିବେ ବୋଲି ସ୍ପଷ୍ଟ ହୋଇଛି। ଏମାନେ ଏବେ ସୁଦ୍ଧା ମାତ୍ର ୨ଟି କିସ୍ତି ପାଇଛନ୍ତି। ସୁଭଦ୍ରା ଯୋଜନାରେ ମହିଳାମାନଙ୍କୁ ସ୍ୱାବଲମ୍ବୀ କରାଯାଉଛି ବୋଲି ସରକାର ଦାବି କରୁଥିବା ବେଳେ ବାଦ୍ ପଡ଼ିବାକୁ ଯାଉଥିବା ମହିଳାମାନେ କ'ଣ ଲାଭ ଦେଲେ କୁହନ୍ତୁ। ଏହାଛଡା ବାଦ୍ ପଡ଼ିଥିବା ମହିଳାମାନେ ସାମାଜିକ ସୁରକ୍ଷା ଯୋଜନାରେ ବାର୍ଦ୍ଧକ୍ୟ ପେନ୍‌ସନ ପାଇଁ ଆବେଦନ କରିପାରିବେ ବୋଲି ଯାହା କୁହାଯାଇଛି, ତାହା ଗ୍ରହଣୀୟ ନୁହେଁ। କାରଣ, ସାମାଜିକ ସୁରକ୍ଷା ଯୋଜନାରେ ପୂର୍ବରୁ ପ୍ରାୟ ୬ ଲକ୍ଷ ଲୋକ ବାର୍ଦ୍ଧକ୍ୟ ପେନ୍‌ସନ ପାଇଁ ଆବେଦନକରି ଅପେକ୍ଷାରେ ଅଛନ୍ତି ବୋଲି ଲେନିନ୍ କହିଛନ୍ତି।


**ଇଣ୍ଡିଆନ ବ୍ୟାଙ୍କ Indian Bank** ଇଲାହାବାଦ ALLAHABAD

**ଆଞ୍ଚଳିକ କାର୍ଯ୍ୟାଳୟ: ବ୍ରହ୍ମପୁର,** ଇଣ୍ଡିଆନ୍ ବ୍ୟାଙ୍କ ବିଲ୍ଡିଂ, ବି-୨ (ପୂର୍ବ), ସହୀଦ ନଗର, ଭୁବନେଶ୍ୱର-୭୫୧୦୦୭

ପରିଶିଷ୍ଟ-୪[ରୁଲ୍-୮(୧)]
**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ଇଣ୍ଡିଆନ୍ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୮ ଏବଂ ୯ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପ୍ରାପ୍ତି ତାରିଖର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତାମାନେ ତାଙ୍କର ଦେୟ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ଏବଂ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ ଦଖଲ ନେଇଛନ୍ତି। ଏତଦ୍‌ଦ୍ୱାରା ବିଶେଷକରି ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ସତର୍କ କରି ଦିଆଯାଉଅଛି ଯେ, ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ ପାଇଁ **ଇଣ୍ଡିଆନ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଶାଖା / ଋଣଗ୍ରହୀତା / ଜାମିନ୍‌ଦାର / ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ଡିମାଣ୍ଡ ନୋଟିସ୍ ତାରିଖ ଅନୁଯାୟୀ ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|
| **ବରମୁଣ୍ଡା ଶାଖା /** ଋଣଗ୍ରହୀତାମାନେ: ୧) ମେସର୍ସ ବାସୁଦେବ ଏଜେନ୍ସି, ୨) **ଶ୍ରୀମତୀ ଯଶୋରିକା ମହାନ୍ତି,** ମେସର୍ସ ବାସୁଦେବ ଏଜେନ୍ସିର ସ୍ୱତ୍ୱାଧିକାରୀ, ସ୍ୱାମୀ: ପ୍ରଭଞ୍ଜନ ମହାନ୍ତି / **ଜାମିନ୍‌ଦାର: ଶ୍ରୀ ପ୍ରଭଞ୍ଜନ ମହାନ୍ତି,** ପିତା: ନିରଞ୍ଜନ ମହାନ୍ତି, ସମସ୍ତଙ୍କ ଠିକଣା- ପ୍ଲଟ୍ ନଂ.: ୧୬୨, ଧର୍ମ ବିହାର, ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୩୦, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା | ଟ.୩୨,୬୬,୦୪୪.୦୦ + ସେବାବଦ ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ, ଅନ୍ୟାନ୍ୟ ଦେୟ ଏବଂ ଖର୍ଚ୍ଚ | ୧୧.୦୭.୨୦୨୩ / ୧୭.୦୯.୨୦୨୫ | ଜମି ଯାହାର କ୍ଷେତ୍ର: ଏକର୦.୬୯ ଡିସିମିଲି (୩୦୦୫ ବର୍ଗଫୁଟ), ଆର୍‌ଏସ୍‌ଡ଼ି ନଂ.: ୧୧୦୮୧୧୨୬୩୭୯, ଭଲ୍ୟୁମ ନଂ.: ୫୩୧, ତା.୨୨.୧୦.୨୦୧୧, ଖାତା ନଂ.: ୫୪୦/୧୨୯୭, ପ୍ଲଟ୍ ନଂ.: ୫୯/୨୬୫୮/୩୬୭୦, ମୌଜା: ମଞ୍ଚେଶ୍ୱର, ତହସିଲ: ଭୁବନେଶ୍ୱର, ଥାନା: ନିଉ କ୍ୟାପିଟାଲ ନଂ.-୨୬, ଜିଲ୍ଲା: ଖୋର୍ଦ୍ଧା, ଭୁବନେଶ୍ୱର, ଓଡ଼ିଶା, ଏହାର ଚତୁପାର୍ଶ୍ୱରେ- ପୂର୍ବ: ଶ୍ରୀମତୀ ପୁବାଲୀ ରଣା (ବିକ୍ରେତା)ଙ୍କ ପ୍ଲଟ, ପଶ୍ଚିମ: ପ୍ଲଟ୍ ନଂ. ୨୬୫, ଉତ୍ତର: ରାସ୍ତା, ଦକ୍ଷିଣ: ପ୍ଲଟ୍ ନଂ. ୧୩୯ |
| **ଶଙ୍ଖେଶ୍ୱରହାଟ ଶାଖା /** ଋଣଗ୍ରହୀତା ଏବଂ ବନ୍ଧକଦାତା: ଶ୍ରୀ ସନ୍ତୋଷ କୁମାର ସାହୁ / ଜାମିନ୍‌ଦାର ଏବଂ ବନ୍ଧକଦାତାମାନେ: ୧) ଶ୍ରୀ ଧୁନ ଚନ୍ଦ୍ର ସାହୁ ଏବଂ ୨) ଶ୍ରୀ ଜୟଦେବ ସାହୁ, ସମସ୍ତଙ୍କ ଠିକଣା- ସା: ଶଙ୍ଖେଶ୍ୱରହାଟ, ପୋ: ଶଙ୍ଖେଶ୍ୱର, ଥାନା: ତିର୍ତ୍ତୋଲ, ଜିଲ୍ଲା: ଜଗତସିଂହପୁର, ପିନ୍-୭୫୪୧୩୭ (ଓଡ଼ିଶା) | ଟ.୪,୪୬,୬୮୧.୦୦ + ସେବାବଦ ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ, ଅନ୍ୟାନ୍ୟ ଦେୟ ଏବଂ ଖର୍ଚ୍ଚ | ୧୮.୦୬.୨୦୨୫ / ୧୮.୦୯.୨୦୨୫ | ଶ୍ରୀ ସନ୍ତୋଷ କୁମାର ସାହୁ, ଶ୍ରୀ ଜୟଦେବ ସାହୁ ଏବଂ ଶ୍ରୀ ଧୁନ ଚନ୍ଦ୍ର ସାହୁଙ୍କ ନାମରେ ଥିବା ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହର ଖାତା ନଂ.: ୭୦୪/୧୯୦, ପ୍ଲଟ୍ ନଂ.: ୧୬୪୭, କ୍ଷେତ୍ର: ଏକର୦.୧୯ଡିସିମିଲି ଏବଂ ଖାତା ନଂ.: ୭୦୪/୩, ପ୍ଲଟ୍ ନଂ.: ୧୬୪୭/୨୩୫୩, କ୍ଷେତ୍ର: ଏକର୦.୧୯ଡିସିମିଲି, ମୌଜା: କୋଲଟା, ଥାନା: ତିର୍ତ୍ତୋଲ, ତହସିଲ: ତିର୍ତ୍ତୋଲ, ଜିଲ୍ଲା: ଜଗତସିଂହପୁର, ଓଡ଼ିଶା, ଚୌହଦୀ: ୧) ଖାତା ନଂ.: |

୭୦୪/୧୯୦, ପ୍ଲଟ୍ ନଂ.: ୧୬୪୭ର ଚତୁପାର୍ଶ୍ୱରେ- ଉତ୍ତର: ଧୁନ ସାହୁଙ୍କ ପ୍ଲଟ, ଦକ୍ଷିଣ: ପୁନ ଏବଂ ଧୁନ ସାହୁଙ୍କ ପ୍ଲଟ, ପୂର୍ବ: ପୁନ ଏବଂ ଧୁନ ସାହୁଙ୍କ ପ୍ଲଟ, ପଶ୍ଚିମ: ପୁନ ଏବଂ ଧୁନ ସାହୁଙ୍କ ପ୍ଲଟ, ୨) ଖାତା ନଂ.: ୭୦୪/୩, ପ୍ଲଟ୍ ନଂ.: ୧୬୪୭/୨୩୫୩ର ଚତୁପାର୍ଶ୍ୱରେ- ଉତ୍ତର: ଧୁନ ସାହୁଙ୍କ ପ୍ଲଟ, ଦକ୍ଷିଣ: ପୁନ ଏବଂ ଧୁନ ସାହୁଙ୍କ ପ୍ଲଟ, ପୂର୍ବ: ପୁନ ଏବଂ ଧୁନ ସାହୁଙ୍କ ପ୍ଲଟ, ପଶ୍ଚିମ: ପୁନ ଏବଂ ଧୁନ ସାହୁଙ୍କ ପ୍ଲଟ,

ତାରିଖ: ୧୮.୦୯.୨୦୨୫
ସ୍ଥାନ: ଭୁବନେଶ୍ୱର
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ


# ବୋହୂଙ୍କୁ ଟାଙ୍ଗିଆରେ ହାଣିବା ପରେ ଶ୍ୱଶୁରଙ୍କ ଆତ୍ମହତ୍ୟା

**ଧୂଷୁରୀ, ୧୮।୯ (ଦୀପ୍ତିରଞ୍ଜନ ନାୟକ)**

ପାରିବାରିକ କଳହକୁ ନେଇ ଜଣେ ବୃଦ୍ଧ ତାଙ୍କ ବୋହୂଙ୍କ ଟାଙ୍ଗିଆ ହାଣି ହତ୍ୟା କରିବା ପରେ ନିଜେ ଆତ୍ମହତ୍ୟା କରିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଏଭଳି ଘଟଣା ଘଟିଛି ଗୁରୁବାର ଭଦ୍ରକ ଜିଲ୍ଲା ଧୂଷୁରୀ ଥାନା ଅଧୀନ ଅସ୍ତକ ଗ୍ରାମରେ। ଗ୍ରାମର ପଞ୍ଚାନନ ମଲ୍ଲିକ (୫୮) କୌଣସି କଳିଝଗଡାକୁ ନେଇ ନିଜ ବୋହୂ ଯଶୋଦା(୩୦)ଙ୍କ ମୁଣ୍ଡକୁ ଟାଙ୍ଗିଆରେ ହାଣି ପକାଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ପରିବାର ଲୋକେ ତାଙ୍କୁ ଧୂଷୁରୀ ଏରିଆ ହସ୍‌ପିଟାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏପଟେ ପଞ୍ଚାନନ ବେକରେ ରଶିଲଗାଇ ଆତ୍ମହତ୍ୟା କରିଥିବା ଜଣାପଡିଛି। ଧୂଷୁରୀ ପୋଲିସ ପହଞ୍ଚି ଉଭୟଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏ ସଂକ୍ରାନ୍ତରେ ଧୂଷୁରୀ ଥାନାରେ ଏକ ହତ୍ୟା ମାମଲା(ନଂ. ୪୪୬/ ୨୫) ଓ ଏକ ଅପମୃତ୍ୟୁ ମାମଲା(ନଂ.୩୬ /୨୫) ରୁଜୁ ହୋଇଛି।

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ସ୍ୱତନ୍ତ୍ର ବକ୍ତୃତା କାର୍ଯ୍ୟକ୍ରମ

ବ୍ରହ୍ମପୁର, ୧୮।୯ (ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ବିଭିନ୍ନ ପିଜି ବିଜ୍ଞାନ ବିଭାଗର ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କ ଏକ ସ୍ୱତନ୍ତ୍ର ବକ୍ତୃତା କାର୍ଯ୍ୟକ୍ରମ ହୋଇଛି। କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କ ପ୍ରେରଣାରେ ଲକ୍ଷ୍ମୀଧର ରାଉତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀ ଉପସ୍ଥିତ ଥିଲେ। ମୁଖ୍ୟବକ୍ତା ଭାବେ ବ୍ରହ୍ମପୁର ଆଇଜର ନିର୍ଦ୍ଦେଶକ ପ୍ରଫେସର ଅଶୋକ କୁମାର ଗାଙ୍ଗୁଲି ଯୋଗ ଦେଇ 'ପ୍ରକୃତିରେ ବିଜ୍ଞାନ ଓ ତାର ଭବିଷ୍ୟତ' ଉପରେ ମତ ରଖିଥିଲେ। କୁଳପତି ପ୍ରଫେସର ଦାଶ ଛାତ୍ର ଛାତ୍ରୀମାନଙ୍କୁ ବିଜ୍ଞାନ କ୍ଷେତ୍ରରେ ଆଗକୁ ବିକାଶ କରିବା ପାଇଁ କରିଥିଲେ। ପ୍ରଫେସର ପ୍ରସନ୍ନ କୁମାର ଦୀକ୍ଷିତ ଧନ୍ୟବାଦ ଦେଇଥିଲେ। ଏଥିରେ ସାଇନ୍ସ ଟିମ୍‌ର ବହୁ ଛାତ୍ରୀଛାତ୍ର ଯୋଗ ଦେଇଥିଲେ।

# ଫୁଲଟାରେ ଗ୍ରେ ୱାଟର୍ ଟ୍ରିଟମେଣ୍ଟ ପ୍ଲାଣ୍ଟ ପ୍ରତିଷ୍ଠା ନେଇ ସମୀକ୍ଷା

## ଡ୍ରେନେଜ ମାଷ୍ଟର୍ ପ୍ଲାନକୁ ରାଜ୍ୟ ସ୍ୱେରେଜ ବୋର୍ଡ ମୁଖ୍ୟଙ୍କ ଗୁରୁତ୍ୱ

ବ୍ରହ୍ମପୁର, ୧୮।୯ (ସ୍ମୃତି ରଞ୍ଜନ ମହାଲିକ)

ସହର ଉପକଣ୍ଠସ୍ଥ ଫୁଲଟା ଗ୍ରାମରେ ଗ୍ରେ ୱାଟର୍ ଟ୍ରିଟମେଣ୍ଟ ପ୍ଲାଣ୍ଟ ପ୍ରତିଷ୍ଠା ହେବ। ଯଦ୍ୱାରା ସହରର ଆବର୍ଜନା ଜଳ ଟ୍ରିଟମେଣ୍ଟ ହେବ। ଏ ନେଇ ଗୁରୁବାର ରାଜ୍ୟ ସ୍ୱେରେଜ ବୋର୍ଡର ମୁଖ୍ୟ ଯନ୍ତ୍ରୀ ବିଳାସ ବେହେରା ଫୁଲଟା ପରିଦର୍ଶନ କରିଛନ୍ତି। ଏଥିସହ ସେ ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) କାର୍ଯ୍ୟାଳୟ ପରିସରରେ ସମୀକ୍ଷା କରିଛନ୍ତି। ସହରେର ଡ୍ରେନେଜ ମାଷ୍ଟର୍ ପ୍ଲାନ ନାହିଁ। ଏଣୁ ଗ୍ରେ ୱାଟର୍ ଟ୍ରିଟମେଣ୍ଟ ସମ୍ଭବ ନୁହଁ। ଏଣୁ ପ୍ରଥମେ ଡ୍ରେନେଜ ମାଷ୍ଟର୍ ପ୍ଲାନ ପ୍ରସ୍ତୁତ ହେବ। ଏଥି ପାଇଁ ପୂର୍ବରୁ ମହାନଗର ନିଗମ ତରଫରୁ ପ୍ରସ୍ତାବ ଆହ୍ୱାନ କରାଯାଇଥିଲା। ଏକ ଘରୋଇ ସଂସ୍ଥାକୁ ଏହାର ଦାୟିତ୍ୱ ଦିଆଯାଇଛି। ସଂପୃକ୍ତ ଘରୋଇ ସଂସ୍ଥା ସମୀକ୍ଷା ବୈଠକରେ ଡ୍ରେନେଜ ମାଷ୍ଟର୍ ପ୍ଲାନ ଉପରେ ଗୁରୁତ୍ୱ ଦିଆଯିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ଅନ୍ୟପଟେ ଗ୍ରେ ୱାଟର୍ ଟ୍ରିଟମେଣ୍ଟ ପ୍ଲାଣ୍ଟର କାର୍ଯ୍ୟକାରିତା ନେଇ ବୈଠକରେ ଆଲୋଚନା ହୋଇଥିଲା। ଏହି ପ୍ରକଳ୍ପ ପାଇଁ ପ୍ରାୟ ୫୦୦ରୁ ୬ଶହ ବୃହତ ପ୍ଲାଣ୍ଟ କରିବା ସହିତ ସହରର ପ୍ରମୁଖ ଅଞ୍ଚଳରେ ଛୋଟ ଛୋଟ ପ୍ଲାଣ୍ଟ ପ୍ରତିଷ୍ଠା କରାଯାଇପାରିବ ବୋଲି ମୁଖ୍ୟ ଯନ୍ତ୍ରୀ ମତ ପ୍ରକାଶ କରିଛନ୍ତି। ପ୍ଲାଣ୍ଟ ପ୍ରତିଷ୍ଠା ସଂପର୍କରେ ଅନ୍ୟ ବିଭାଗର ଯନ୍ତ୍ରୀଙ୍କ ମତାମତ ସେ ସଂଗ୍ରହ କରିଥିଲେ। ସହରରେ ଗ୍ରେ ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟ ନ ଥିବା ବେଳେ ସହରର ଜନସଂଖ୍ୟା ମଧ୍ୟ ବଢ଼ୁଛି। ଏହି ଦୃଷ୍ଟିରୁ ଘରୁ ବାହାରୁଥିବା ମଇଳା ପାଣି ଟ୍ରିଟମେଣ୍ଟ ହୋଇପାରୁ ନାହିଁ। ଯାହା ଡ୍ରେନରେ ଆବର୍ଜନା ସହିତ ମିଶୁଛି। ଆବର୍ଜନା ଜଳକୁ ଟ୍ରିଟମେଣ୍ଟ କରିବା ମଧ୍ୟ ବିଏମସି ସଫଳ ହୋଇ ନ ଥିଲା। ଏଣୁ ସହରରେ ଏକ ଗ୍ରେ ୱାଟର୍ ଟ୍ରିଟମେଣ୍ଟ ପ୍ଲାଣ୍ଟ ପାଇଁ ନିଗମ ଯୋଜନା କରିଥିଲା। ବର୍ତ୍ତମାନ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ଫୁଲ୍ଟା ଠାରେ ଜାଗା ଚିହ୍ନଟ ଓ ପ୍ରସ୍ତାବିତ ଜାଗା ସମୀକ୍ଷା ପରେ ସହରବାସୀ ସ୍ୱାଗତ କରିଛନ୍ତି। ବିଏମସି କମିଶନର ତଥା ବିଡିଏ ଉପାଧ୍ୟକ୍ଷ ପ୍ରଥମେଶ ଅରବିନ୍ଦ ରାଜଶିର୍କେ, ବିଡିଏ ସଚିବ ରମେଶ ହାଁସଦା, ସିଟି ଇଞ୍ଜିନିୟର ମନୋଜ ପାତ୍ରଙ୍କ ସମେତ ୱାଟକୋ, ଡ୍ରେନେଜ ଡିଭିଜନ ଏବଂ ଜଳସେଚନ ବିଭାଗର ଯନ୍ତ୍ରୀମାନେ ଉପସ୍ଥିତ ଥିଲେ।



ସମୀକ୍ଷା ବୈଠକରେ ଉପସ୍ଥିତ ଅଧିକାରୀ।

## ମହାମାୟୀ କଲେଜରେ ଚାରାରୋପଣ କାର୍ଯ୍ୟକ୍ରମ




ମହାମାୟୀ କଲେଜରେ ସଚେତନତା ପଦଯାତ୍ରା

ବ୍ରହ୍ମପୁର, ୧୮।୯ (ସୁବାସ ଚନ୍ଦ୍ର ପାଢ଼ୀ)

ମହାମାୟୀ ମହିଳା ଡିଗ୍ରୀ ମହାବିଦ୍ୟାଳୟର ଉଭୟ ପରିସରରେ ବ୍ୟାପକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ କଲେଜ ଅଧ୍ୟକ୍ଷା ଡ. ନିବେଦିତା ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇ ଯାଇଛି। ଏହି 'ମାଆ ପାଇଁ ଗଛଟିଏ' କାର୍ଯ୍ୟକ୍ରମରେ ବ୍ରହ୍ମପୁର ସାଂସଦ ଡ. ପ୍ରଦୀପ ପାଣିଗ୍ରାହୀ ଏବଂ ବିଧାୟକ କେ.ଅନିଲ କୁମାର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ବନ ବିଭାଗ ରେଞ୍ଜ ଅଫିସର ପ୍ରିୟଦର୍ଶିନୀ ସାହୁ, ସହକାରୀ ଅଫିସର ପ୍ରମିଳା ପଣ୍ଡା ଏବଂ ଉଦ୍ୟାନ ବିଭାଗ ସହକାରୀ ଅଫିସର ଐଶର୍ଯ୍ୟା ପଣ୍ଡାଙ୍କ ସମେତ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ଏବଂ ସ୍ୱେଚ୍ଛାସେବୀ ଯୋଗ ଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଜାତୀୟ ସେବା ଯୋଜନା ଅଧିକାରଣୀ ସମିତା ସାହୁ ଓ ସୁନିତା ଜେନା ଏବଂ ଯୁବ ରେଡ କ୍ରସ କୋର୍ଡିନେଟର ଡ. ସର୍ଣ୍ଣଲତା ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ୧୫୦ ବୃକ୍ଷ ରୋପଣ କରାଯାଇ ଥିଲା।

## ଗଛ ଲଗାଇ ଯତ୍ନ ନେବା ଉଚିତ୍




ମା' ପାଇଁ ଗଛଟିଏ ଅବସରରେ ପଦଯାତ୍ରା।

ବ୍ରହ୍ମପୁର, ୧୮।୯ (ସୁବାସ ଚନ୍ଦ୍ର ପାଢ଼ୀ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିବସରେ କୁକୁଡାଖଣ୍ଡି ବ୍ଲକ ବାଲିପଡା ପଞ୍ଚାୟତର ବାଇଗଣବାଡି ନିକଟ ଷ୍ଟାଡିୟମ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସରପଞ୍ଚ ଝିଲି ସେଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବାଇଗଣବାଡି ସମବାୟ ସମିତି ସଂଘ ସଭାପତି ରଜତ କୁମାର ପାତ୍ର ସହଯୋଗ କରିଥିଲେ। ମୁଖ୍ୟ ଅତିଥି ଭାବେ ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର କାର୍ଯ୍ୟକ୍ରମର ଶୁଭାରମ୍ଭ କରି କହିଲେ, ବୃକ୍ଷ ଲଗାଇବା ସହିତ ଯତ୍ନ ନେବା ଆବଶ୍ୟକ। ପ୍ରତ୍ୟେକ ଲୋକ ନିଜେ ବୃକ୍ଷ ଲଗାଇବା ସହ ଏଥିପାଇଁ ଅନ୍ୟକୁ ପ୍ରେରିତ କରିବା ଉଚିତ। କାର୍ଯ୍ୟକ୍ରମରେ ବିଡିଓ ଡଃ ପଲ୍ଲବୀ ସ୍ୱାଇଁ, ପୂର୍ବତନ ଗଞ୍ଜାମ ଜିଲ୍ଲା ସମବାୟ ସମିତି ସଭାପତି ସନାତନ ସଂଗ୍ରାମ ସିଂ, ବ୍ଲକ ଭାରପ୍ରାପ୍ତ ଅଧ୍ୟକ୍ଷା ବିଷ୍ଣୁପ୍ରିୟା ପାତ୍ର, ସରପଞ୍ଚ ପ୍ରତିନିଧି ଜିତେନ୍ଦ୍ର ସେଠୀ, ସମସ୍ତ ୱାର୍ଡ ମେମ୍ବର, ଏମବିକେ, ସିଆରପିଏଫ, ଅଙ୍ଗନବାଡ଼ି କର୍ମୀ ସହ ବହୁ ଲୋକ ଯୋଗଦେଇଥିଲେ।

## ସୁରକ୍ଷିତ ପାର୍ବଣ ପାଳନ ନିମନ୍ତେ ସୁରକ୍ଷା ପରାମର୍ଶ ଜାରି କଲା ଟିପିଏସ୍‌ଓଡିଏଲ୍

ବ୍ରହ୍ମପୁର, ୧୮।୯ (ସ୍ମୃତି ରଞ୍ଜନ ମହାଲିକ)

ଦୁର୍ଗାପୂଜା ପାଖେଇ ଆସୁଥିବା ହେତୁ ବୈଦ୍ୟୁତିକ ନିରାପତ୍ତାକୁ ପ୍ରାଥମିକତା ଦେଇ ଦାୟିତ୍ୱପୂର୍ଣ୍ଣ ଭାବେ ଉତ୍ସବ ପାଳନ କରିବାକୁ ଟିପିଏସଓଡିଏଲ ନିବେଦନ କରିଛି। ବିଦ୍ୟୁତ ନିୟମାବଳୀର ପାଳନ ନିମନ୍ତେ ଉପଭୋକ୍ତାଙ୍କୁ ସଚେତନ କରାଉଛି। ଟିପିଏସଓଡିଏଲ ପକ୍ଷରୁ ମଣ୍ଡପ, ପୂଜା କମିଟି ଓ ସାଂସ୍କୃତିକ କାର୍ଯ୍ୟକ୍ରମ ନିମନ୍ତେ ଅସ୍ଥାୟୀ ବିଦ୍ୟୁତ ସଂଯୋଗ କରାଯାଉଛି। ପୂଜା କାର୍ଯ୍ୟକ୍ରମର ଆୟୋଜକମାନେ କମ୍ପାନୀର ବିଭିନ୍ନ ସେକ୍ସନ, ସବଡିଭିଜନ ଓ ଡିଭିଜନ ଅଫିସରେ ପହଞ୍ଚି ଅଫଲାଇନ ଆବେଦନ କରିପାରିବେ। ସେହିଭଳି ଶୀଘ୍ର ସହାୟତା ପାଇଁ ଟିପିଏସଓଡିଏଲର ସେଲ୍ଫ-ସର୍ଭିସ ନମ୍ବର ବ୍ୟବହାର କରିପାରିବେ। ଉପଭୋକ୍ତାମାନେ ସୁରକ୍ଷିତ ବିଦ୍ୟୁତ ବ୍ୟବହାର ଉପରେ ଗୁରୁତ୍ୱ ଦେବା ସହ ଅନଧିକୃତ ତଥା ବେଆଇନ ବିଜୁଳି ସଂଯୋଗ ନନେବା ପାଇଁ କମ୍ପାନୀ ପକ୍ଷରୁ କୁହାଯାଇଛି। ପୂଜା କମିଟି ଓ ଆୟୋଜକମାନେ ଲାଇସେନ୍ସ ପ୍ରାପ୍ତ ଇଲେକଟ୍ରିସିଆନ୍‌ମାନଙ୍କୁ ବିଦ୍ୟୁତଜନିତ କାର୍ଯ୍ୟରେ ନିୟୋଜିତ କରିବାକୁ କୁହାଯାଇଛି। ପୂଜା କାର୍ଯ୍ୟକ୍ରମ ପୂର୍ବରୁ ସମସ୍ତ ବିଦ୍ୟୁତ ସଂଯୋଗକୁ ଯାଞ୍ଚ କରିନିଅନ୍ତୁ। ଖୋଲା ତାରକୁ ବଦଳାନ୍ତୁ। ଉପଯୁକ୍ତ ଆର୍ଥିଂ ସୁନିଶ୍ଚିତ କରନ୍ତୁ। ସକେଟ ଓଭରଲୋଡିଂ ଉପରେ ଧ୍ୟାନ ଦିଅନ୍ତୁ ଓ ନିମ୍ନମାନର ବିଜୁଳି ଉପକରଣ ବ୍ୟବହାର କରନ୍ତୁ ନାହିଁ। ବିଦ୍ୟୁତ ଲାଇନ ସଂସ୍ପର୍ଶରେ କୌଣସି ଉପକରଣକୁ ଆସିବାକୁ ଦିଅନ୍ତୁ ନାହିଁ। ମୂର୍ତ୍ତି ବିସର୍ଜନ ସମୟରେ ଖୁଣ୍ଟ, ଟ୍ରାନ୍ସଫର୍ମର ଓ ଜୀବନ୍ତ ତାରଠାରୁ ନିରାପଦ ଦୂରତା ରକ୍ଷା କରନ୍ତୁ। ବାଣ ଓ ଆତସବାଜି ଯେପରି ବିଦ୍ୟୁତ ଭିତ୍ତିଭୂମିଠାରୁ ଦୂରରେ ରହିବ ତାହା ସୁନିଶ୍ଚିତ କରନ୍ତୁ। ଜରୁରୀକାଳୀନ ସ୍ଥିତି ତଥା ବିଜୁଳିଜନିତ ସମସ୍ୟା ନିମନ୍ତେ ଟିପିଏସଓଡିଏଲର ୨୪ ଘଣ୍ଟିଆ ଗ୍ରାହକ ସେବା ଟୋଲ ଫ୍ରି ନମ୍ବର ୧୯୧୨ ଓ ୧୮୦୦-୨୦୨୬ରେ କଲ କରିବାକୁ କମ୍ପାନୀ ପକ୍ଷରୁ ନିବେଦନ କରାଯାଉଛି। ଟିପିଏସଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି ଯେ, ଟିପିଏସଓଡିଏଲର ସର୍ବୋଚ୍ଚ ଦାୟିତ୍ୱ ହେଉଛି ଗ୍ରାହକଙ୍କ ସୁରକ୍ଷା ଏବଂ କଲ୍ୟାଣ। ସମସ୍ତ ଆୟୋଜକ ଏବଂ ଉପଭୋକ୍ତାଙ୍କୁ ଅସ୍ଥାୟୀ ବିଜୁଳି ସଂଯୋଗ ନେବାକୁ, ଲାଇସେନ୍ସପ୍ରାପ୍ତ ଇଲେକ୍ଟ୍ରିସିଆନଙ୍କୁ ନିୟୋଜିତ କରିବାକୁ ଏବଂ ସୁରକ୍ଷା ନିୟମାବଳୀ ପାଳନ କରିବାକୁ ସେ ଅନୁରୋଧ କରିଛନ୍ତି।

## ବୃକ୍ଷର ମହତ୍ତ୍ୱ ବୁଝିଲେ ଛାତ୍ରୀଛାତ୍ର



ବିନାୟକ କଲେଜରେ ବୃକ୍ଷର ମହତ୍ତ୍ୱ ବୁଝାଯାଉଛି।

ବ୍ରହ୍ମପୁର, ୧୮।୯ (ସୁବାସ ଚନ୍ଦ୍ର ପାଢ଼ୀ)

ବିନାୟକ ଆଚାର୍ଯ୍ୟ ସରକାରୀ ମହାବିଦ୍ୟାଳୟ ପରିସରରେ ବନ ମହୋତ୍ସବ ଓ ମେଗା ବୃକ୍ଷରୋପଣ କାର୍ଯ୍ୟକ୍ରମ ହୋଇଛି। ୨୦୦ କିସମର ଚାରା ରୋପିତ ହୋଇଛି। କଲେଜ ଅଧ୍ୟକ୍ଷା ଡକ୍ଟର୍ ପ୍ରମିଳା ଖାଡ଼ଙ୍ଗାଙ୍କ ମାର୍ଗଦର୍ଶନରେ ଆୟୋଜିତ କାର୍ଯ୍ୟକ୍ରମରେ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ଅଣ-ଶିକ୍ଷକ କର୍ମଚାରୀ ଓ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ। ପ୍ରକୃତିବନ୍ଧୁ ପୁରସ୍କାରପ୍ରାପ୍ତ ଜଣାଶୁଣା ସମାଜସେବୀ ବନମାଳୀ ପ୍ରଧାନ ମୁଖ୍ୟଅତିଥି ରୂପେ ଯୋଗଦେଇ ପରିବେଶ ପ୍ରଦୂଷଣର ଭୟାବହ ପରିଣାମ ଓ ବୃକ୍ଷରୋପଣର ଅପରିହାର୍ଯ୍ୟତା ବିଷୟରେ କହିଥିଲେ। ଜାତୀୟ ସେବା ଯୋଜନା ପୁରୁଷ ବର୍ଗ ଅଧିକାରୀ ଡ. ରବୀନ୍ଦ୍ର କୁମାର ପଣ୍ଡା, ଏନ.ଏସ.ଏସ, ମହିଳା ବର୍ଗ ଅଧିକାରିଣୀ ଡ. ଶୁଭଶ୍ରୀ ଅପରାଜିତା, +୨ ଏନ.ଏସ.ଏସ. ଅଧିକାରିଣୀ ଅଧ୍ୟାପିକା ସ୍ନେହାସିନୀ ପ୍ରଧାନ, ଯୁବ ରେଡ-କ୍ରସ ଅଧିକାରୀ ଡ. ଚିତ୍ତରଂଜନ ମହାନ୍ତି, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ (ଏନ.ସି.ସି.) ଅଧିକାରିଣୀ ଡ. ଅନୀତା ପତି ପ୍ରମୁଖ ଉପସ୍ଥିତ ଥିଲେ। କଲେଜ ପ୍ରାଶାସନିକ ଅଧିକାରୀ ଡ. ଆନନ୍ଦ ସେଠୀ, ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ମୁଖ୍ୟ ଡ. କୁଳମଣି ଓଝା, ସ୍ନାତକୋତ୍ତର ଇତିହାସ ବିଭାଗ ମୁଖ୍ୟ ଡ. ଦେବରାଜ ସ୍ୱାଇଁ ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ଗଛ ଲଗାଇବା ପାଇଁ ଉତ୍ସାହିତ କରିଥିଲେ।

## ସିଟି କଲେଜରେ ମା' ପାଇଁ ଗଛଟିଏ

ବ୍ରହ୍ମପୁର, ୧୮।୯ (ସୁବାସ ଚନ୍ଦ୍ର ପାଢ଼ୀ)

ସ୍ଥାନୀୟ ସିଟି କଲେଜରେ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ହୋଇଛି। ପରିବେଶକୁ ସବୁଜ କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ। କଲେଜ ଅଧ୍ୟକ୍ଷ ଡ.ଜୟନ୍ତ ବାନାର୍ଜୀଙ୍କ ତତ୍ତ୍ୱାବଧାନରେ ସମସ୍ତ ଅଧ୍ୟାପିକା ଅଧ୍ୟାପକ, ଏନଏସଏସ, ଏନସିସି, ୱାଇଆରସି ସ୍ୱେଚ୍ଛାସେବୀ ସହଯୋଗ କରିଥିଲେ। କଲେଜ ପାର୍ଶ୍ୱ ଅନ୍ଧ ମୂକ ବଧିର ସ୍କୁଲ ପ୍ରାଙ୍ଗଣରେ ପ୍ରଧାନ ଶିକ୍ଷକ ପ୍ରୀୟରଂଜନ ମହାନ୍ତିଙ୍କ ସହାୟତାରେ ଛାତ୍ରୀଛାତ୍ର ଗଛ ଲଗାଇଥିଲେ। କେନ୍ଦ୍ରୀୟ ବିଦ୍ୟାଳୟ ପ୍ରାଙ୍ଗଣରେ ଅଧ୍ୟକ୍ଷ ଶିବପ୍ରିୟ ଦାସଙ୍କ ସହଯୋଗରେ ଚାରା ରୋପଣ ହୋଇଥିଲା। କଲେଜ ରାସ୍ତା ଓ ରକ ଗାର୍ଡେନ ପାର୍କ ପାର୍ଶ୍ୱରେ ଗଛ ଲଗାଯାଇଥିଲା। ଏନଏସଏସ ପ୍ରୋଗ୍ରାମ ଅଫିସର ଡ. ସସ୍ମିତା ପଟ୍ଟନାୟକ, ବାସୁଆ ମୁରଲୀଧର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ୱାଇଆରସି ଅଧିକାରୀ ସୁଦାମ ଚରଣ ବିଷୋୟୀ, ପାର୍ଥବୀ ସେଠୀ, ଡ. ପ୍ରତାପ ଚନ୍ଦ୍ର ନାୟକ, ଡ. ଅଜୟ କୁମାର ପେଣ୍ଠୋଇ, ଡ. ଅଂଜଳି ପାତ୍ର, ଡ. ମାଧୁରୀ ପାଢ଼ୀ ପ୍ରମୁଖ ସହଯୋଗ କରିଥିଲେ।

## ଆତ୍ମରକ୍ଷା କୌଶଳ ଶିଖିଲେ ୧୧୦ ଛାତ୍ରୀ



ଛାତ୍ରୀମାନେ ଆତ୍ମରକ୍ଷା କୌଶଳ ଶିଖୁଛନ୍ତି।

ବ୍ରହ୍ମପୁର, ୧୮।୯ (ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଛାତ୍ରୀ ନିବାସ ଅନ୍ତେବାସୀଙ୍କୁ ଆତ୍ମରକ୍ଷା କୌଶଳ ଶିଖାଯାଇଛି। କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ କାର୍ଯ୍ୟକ୍ରମକୁ ଉଦଘାଟନ କରି ଛାତ୍ରୀମାନେ କେମିତି ସ୍ୱାଧୀନ ହେବେ ଓ ସମସ୍ତ ପ୍ରତିକୂଳ ପରିସ୍ଥିତି ସହିତ ଲଢ଼ିବା ସହ ଦୃଢ଼ ହେବା ପାଇଁ ପ୍ରେରଣା ଦେଇଥିଲେ। ମାନସିକ ସ୍ୱାସ୍ଥ୍ୟ ସହିତ ଶାରୀରିକ ସ୍ୱାସ୍ଥ୍ୟ କିପରି ରହିବ ତାହାରି ଉପରେ ଆଲୋକପାତ କରିଥିଲେ। ଅଧ୍ୟାପକ ଡ. ବାଗ୍ମୀ ପ୍ରିୟଦର୍ଶନୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ୧୧୦ ଜଣ ଛାତ୍ରୀ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ଆମ୍ପୁଆର ଭିକ୍ଟୋରିଆ ଏକାଡେମୀ ଅଫ ମାର୍ଶାଲ ଆର୍ଟସର ପ୍ରଶିକ୍ଷକ ମାନଙ୍କ ଦ୍ୱାରା ପରିଚାଳିତ ହୋଇଥିଲା।

## ସେକ୍ସ ର୍ୟାକେଟ ସନ୍ଦେହରେ ହୋଟେଲରେ ଚଢ଼ାଉ, ୨ ବଙ୍ଗୀୟ ମହିଳା ଉଦ୍ଧାର

ବ୍ରହ୍ମପୁର, ୧୮।୯ (ସୁବାସ ଚନ୍ଦ୍ର ପାଢ଼ୀ)

ସେକ୍ସ ର୍ୟାକେଟ ସନ୍ଦେହରେ ଟାଟାବେଞ୍ଜ ଛକ ଓୟୋ ହୋଟେଲରେ ବୈଦ୍ୟନାଥପୁର ଥାନା ପୋଲିସ ଗୁରୁବାର ଚଢାଉ କରିଛି। ଚଢାଉ ବେଳେ ହୋଟେଲର ଏକ ରୁମରୁ ୨ ବଙ୍ଗୀୟ ମହିଳାକୁ ଉଦ୍ଧାର କରିଛି। ସେମାନେ ବିନା ପଞ୍ଜିକରଣରେ ୪ ଦିନ ଧରି ଉକ୍ତ ହୋଟେଲ ରୁମରେ ଥିବା ସେମାନଙ୍କୁ ପଚରାଉଚରା ବେଳେ ଜଣାପଡିଛି। ହୋଟେଲ ମ୍ୟାନେଜର ଓ ମାଲିକଙ୍କୁ ଥାନାକୁ ଆସି ତଥ୍ୟ ଦେବାକୁ ଡାକିଛି। ଉଭୟ ମହିଳା ବ୍ରହ୍ମପୁର କାହିଁକି ଆସିଥିଲେ ଏବଂ କିଏ ସେମାନଙ୍କୁ ଆଣିଥିଲା ତାକୁ ନେଇ ପୋଲସ ତଦନ୍ତ କରୁଛି। ଟାଟାବେଞ୍ଜ ଛକରେ ଥିବା ଦି ରେସିଡେନ୍ସି ଇନ ଓୟୋ ହୋଟେଲରେ ବଙ୍ଗୀୟ ଯୁବତୀଙ୍କୁ ଆଣି ସେକ୍ସ ର୍ୟାକେଟ ଚାଲୁଥିବା ଖବର ମିଳିଥିଲା। ହୋଟେଲର ରେଜିଷ୍ଟର ଯାଞ୍ଚ ବେଳେ ମହିଳାମାନେ ଗତ ୧୪ ତାରିଖରୁ ହୋଟେଲରୁ ପଳାଇଥିବା ଲେଖାଥିଲା। ହୋଟେଲ ମ୍ୟାନେଜରଙ୍କୁ ପୋଲିସ ଥାନାକୁ ଡାକିଛି।

## ୧୫ ହଜାର ଗଛ ଲଗାଇଲା ଏସ୍‌ପିସିବି



ଶିଳ୍ପାଞ୍ଚଳରେ ବୃକ୍ଷରୋପଣ କରାଯାଉଛି।

ବ୍ରହ୍ମପୁର, ୧୮।୯ (ଅଶୋକ କୁମାର ସାହୁ)

ଆଞ୍ଚଳିକ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି) ପକ୍ଷରୁ ଗଞ୍ଜାମ ଜିଲାର ବିଭିନ୍ନ ଶିଳ୍ପାନୁଷ୍ଠାନ ସହିତ ମିଶି 'ଏକ ପେଡ ମା କେ ନାମ - ୨.୦' ଅଭିଯାନ ଆରମ୍ଭ ହୋଇଛି। ପରିବେଶଗତ ସ୍ଥିରତା ଏବଂ ଜଳବାୟୁ ସ୍ଥିରତାକୁ ପ୍ରୋତ୍ସାହିତ କରିବା ପାଇଁ ଏସପିସିବିର ଆଞ୍ଚଳିକ ଅଧିକାରୀ ଇଂ. ଦୀପକ କୁମାର ସାହୁଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ବିଭିନ୍ନ ଶିଳ୍ପାନୁଷ୍ଠାନରେ ୧୫ ହଜାର ଗଛ ଲଗାଯାଇଛି। ଗ୍ରାସିମ ଇଣ୍ଡଷ୍ଟ୍ରିଜ, ଆଇଆରଇଏଲ (ଇଣ୍ଡିଆ) ଲିମିଟେଡ, ଟାଟା ଏସଇଜେଡ ଏବଂ ଟାଟା ଫେରୋକ୍ରୋମ, ଗୋପାଳପୁର ପୋର୍ଟ ଏବଂ ଦୀପକ ମାଇନିଂ ସଲ୍ୟୁସନ୍ସ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ ଥିଲେ। ଏହି କାର୍ଯ୍ୟକ୍ରମ ପରିବେଶ ସଂରକ୍ଷଣରେ ଶିଳ୍ପ ଏବଂ ନିୟାମକ ସଂସ୍ଥାଗୁଡ଼ିକର ସହଭାଗୀ ଦାୟିତ୍ୱକୁ ଆହୁରି ଦୃଢ଼ କରିଥିଲା।

## ମାଡ଼ ମାରି ଟଙ୍କା ଲୁଟ ଘଟଣାରେ ୩ ଗିରଫ

ବ୍ରହ୍ମପୁର, ୧୮।୯ (ସୁବାସ ଚନ୍ଦ୍ର ପାଢ଼ୀ)

ଗୋଷାଣିନୂଆଗାଁ ଥାନା ଚାଞ୍ଚଡା ପଡିଆ ସାହିର ସୁମନ ମହାନ୍ତି(୫୯)ଙ୍କୁ ମାଡ ମାରି ଟଙ୍କା ଲୁଟ ଘଟଣାରେ ପୋଲିସ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ନେହରୁନଗର ୧୦ମ ଲାଇନ ଜଗନ୍ନାଥ ମହାରଣା ଓରଫ ବଲି, ଷ୍ଟେସନରୋଡ ରେଲୱେ କଲୋନୀର ବିଶାଳ ଶର୍ମା ଓ କଦଳିବାଡ ସାହିର ରାଜ ପାତ୍ର। ଅଭିଯୁକ୍ତଙ୍କ ନିକଟରୁ ପୋଲିସ ଗୋଟିଏ ବାଇକ, ୬ମୋବାଇଲ ଓ ୭୦୦ ଟଙ୍କା ଜବତ କରିଛି। ବଲିଙ୍କ ନାମରେ ୫ରୁ ଅଧିକ ମାମଲା ରହିଛି। ବିଶାଳ ନାମରେ ବୈଦ୍ୟନାଥପୁର ଥାନା ଓ ଗୋଷାଣୀନୂଆଗାଁ ଥାନାରେ ୨ଟି ମାମଲା ରହିଛି। ମାମଲା ନଂ. ୩୫୦/୨୫ରେ ଅଭିଯୁକ୍ତ ମାନଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି। ଗତ ୧୫ ତାରିଖ ରାତି ସାଢ଼େ ୮ଟାରେ ସୁମନଙ୍କୁ ୩ ଦୁର୍ବୃତ୍ତ ତାଙ୍କୁ ଶିଶୁ ମନ୍ଦିର ସମ୍ମୁଖରେ ଅଟକାଇ ଗାଳିଗୁଲଜ କରିବା ସହ ମାଡ ମାରି ତାଙ୍କ ପକେଟରୁ ୧୫୦୦ ଟଙ୍କା ନେଇଯାଇଥିଲେ। ପୋଲିସ ନିକଟରେ ଅଭିଯୋଗ କଲେ ଜୀବନରେ ମାରି ଦେବେ ବୋଲି ଧମକ ଦେଇଥିଲେ। ପରେ ଏନେଇ ସୁମନ ଥାନାରେ ଅଭିଯୋଗ କରିଥିଲେ।

# ନବରାତ୍ର ଆରମ୍ଭରୁ ଦଶମୀ ଯାଏ ସନ୍ଧ୍ୟାରେ ୧୦୮ ଆଳତି

### ଧରାବତରଣ କରିବେ ମା'

ବ୍ରହ୍ମପୁର, ୧୮।୯ (ସ୍ମୃତି ରଞ୍ଜନ ମହାଲିକ)

ଶାରଦୀୟ ଦୁର୍ଗା ପୂଜାକୁ ନେଇ ସମଗ୍ର ସହର ଚଳଚଞ୍ଚଳ ହୋଇ ଉଠିଛି। ସହରର ବିଭିନ୍ନ ପୂଜା କମିଟି ପକ୍ଷରୁ ମା' ଦୁର୍ଗା ମୂର୍ତ୍ତି ସମେତ ମେଢ କାର୍ଯ୍ୟ ମଧ୍ୟ ନିର୍ମାଣ ହୋଇଛି। ସହରକୁ ଆଲୋକ ମାଳାରେ ସଜାଇବା ପାଇଁ ମଧ୍ୟ କମିଟି ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ବିଭିନ୍ନ କମିଟି ପୂଜାକୁ ଅଧିକ ଗୁରୁତ୍ୱ ଦେଉଥିବା ବେଳେ ଆକର୍ଷଣୀୟ ମେଢ ପାଇଁ ମଧ୍ୟ କାମ ଆରମ୍ଭ ହୋଇଛି। ଅନ୍ୟପଟେ ମା'ଙ୍କ ଆଗମନକୁ ଦୃଷ୍ଟିରେ ରଖି ସହରବାସୀ ମଧ୍ୟ ବେଶ ଉତ୍କଣ୍ଠା ପ୍ରକାଶ କରିଛନ୍ତି। ଚଳିତ ବର୍ଷ ହିଲପାଟଣା ନେହୁରୁ ପାର୍କ ଓ ହାପି କ୍ଲବ ପୂଜା କମିଟିର ଦୁର୍ଗା ପୂଜା ୬ ବର୍ଷରେ ପହଞ୍ଚିଛି। କମିଟି ପକ୍ଷରୁ ପ୍ରଥମ କରି ୨୦୧୯ରେ ପୂଜା ଆରମ୍ଭ ହୋଇଥିଲା। କମିଟି ପକ୍ଷରୁ ଆରମ୍ଭରୁ ହିଁ ମୂର୍ତ୍ତି ପୂଜା କରାଯାଇଥିଲା। ସାଙ୍ଗ ସାଥୀଙ୍କ ସହଯୋଗରେ କରାଯାଉଥିବା ପୂଜା ମହାଆଡମ୍ବର ସହକାରେ ପାଳନ କରିବା ପାଇଁ କମିଟି ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ବର୍ତ୍ତମାନ କମିଟି ପକ୍ଷରୁ ଦୁର୍ଗାଙ୍କ ମୂର୍ତ୍ତି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ମୂର୍ତ୍ତିର ଉଚ୍ଚତା ୧୦ ଫୁଟରୁ ଅଧିକ ରହିବ। ଏହାକୁ କଟକ କାରିଗର ନିର୍ମାଣ କରୁଛନ୍ତି। ସହରରେ ଏହି ଅଂଚଳରେ ମା' ଦୁର୍ଗାଙ୍କ ମୂର୍ତ୍ତି ଆକର୍ଷକ ହୋଇଥାଏ। ଦର୍ଶନ ପାଇଁ ବହୁ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହୋଇଥାଏ। ଚଳିତ ବର୍ଷ ମଧ୍ୟ ଆକର୍ଷକ ମୂର୍ତ୍ତି ସହ ସୌନ୍ଦର୍ଯ୍ୟପୂର୍ଣ୍ଣ ସାଜସଜା କରାଯିବ। ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ନବରାତ୍ରିରୁ ପୂଜା ଆରମ୍ଭ ହେବ। ପ୍ରତିଦିନ ୧୦୮ ଆଳତୀ କରାଯିବ। ଦଶମୀ ଯାଏଁ ୧୦୮ ଆଳତୀ ଅନୁଷ୍ଠିତ ହେବ। ଏଥିସହ ସନ୍ଧ୍ୟା ଆଳତୀ ପରେ ପ୍ରତ୍ୟହ ରାତ୍ରିରେ ୨୦୦ରୁ ୩୦୦ ଲୋକଙ୍କ ଅନ୍ନ ପ୍ରସାଦର ସୁବିଧା କରାଯିବ ବୋଲି କମିଟି ପକ୍ଷରୁ କୁହାଯାଇଛି। ପୂଜା ସମେତ କମିଟି ପକ୍ଷରୁ ସାଜ ସଜାକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ମା' ଦୁର୍ଗାଙ୍କ ନିକଟରେ ଲକ୍ଷ୍ମୀ, ସରସ୍ୱତୀ, ଗଣେଶ ଓ କାର୍ତ୍ତିକେଶ୍ୱର ପୂଜା ପାଇବେ। ନୀତିକାନ୍ତିରେ ମାଙ୍କ ପୂଜା କରାଯିବ ବୋଲି କମିଟି ପକ୍ଷରୁ କୁହାଯାଇଛି। ଶୃଙ୍ଖଳିତ ଦର୍ଶନ ପାଇଁ ୭ମୀଠାରୁ ୧୦ମୀ ପର୍ଯ୍ୟନ୍ତ ପୋଲିସ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। କମିଟି ପକ୍ଷରୁ ଅବନୀ କୁମାର ପାତ୍ର, ସୁନୀଲ ପାଢ଼ି, ସନ୍ତୋଷ କୁମାର ପାତ୍ର, ସନ୍ତୋଷ କୁମାର ପଣ୍ଡା, ବାପ ଚୌଧୁରୀ, ବୁଲୁ ବେହେରା ଓ ବାପିନ ଦଳେଇଙ୍କ ସମେତ କମିଟର ବହୁ ସଦସ୍ୟ ପରିଚାଳନାରେ ସହଯୋଗ କରୁଛନ୍ତି।



ହିଲପାଟଣା ନେହେରୁ ପାର୍କ ଓ ହାପି କ୍ଲବ ଦୁର୍ଗା ପୂଜା (ଫାଇଲ ଫଟୋ)।



ନୀତିକାନ୍ତି ଅନୁଯାୟୀ ପୂଜାକୁ ଅଧିକ ଗୁରୁତ୍ୱ ଦିଆଯାଉଛି। କୌଣସି ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ ନାହିଁ। ସନ୍ଧ୍ୟାରେ ମାଙ୍କ ଭୋଗ ଭକ୍ତଙ୍କୁ ବଣ୍ଟନ କରାଯିବ। ସନ୍ଧ୍ୟାରେ ମାଙ୍କ ନିକଟରେ ସନ୍ଧ୍ୟା ଆଳତୀକୁ ସବୁ ବେଳେ ଗୁରୁତ୍ୱ ଦିଆଯାଇଥାଏ।

ମାଧବ ରାଓ (ସଭାପତି)

## ଯକ୍ଷ୍ମା ରୋଗୀଙ୍କୁ ପୋଷ୍ୟ ଭାବେ ଗ୍ରହଣ କଲା ଏମକେସିଜି

ବ୍ରହ୍ମପୁର, ୧୮।୯ (ସୁବାସ ଚନ୍ଦ୍ର ପାଢ଼ୀ)

ଏମକେସିଜି ମେଡିକାଲରେ ଛାତି ଓ ଯକ୍ଷ୍ମା ରୋଗ ବିଭାଗ ପକ୍ଷରୁ ନିକ୍ଷୟ ମିତ୍ର ଯୋଜନାରେ ସାମିଲ ହୋଇଛନ୍ତି ଡାକ୍ତର। ଯକ୍ଷ୍ମା ରୋଗୀଙ୍କୁ ଉଚିତ ଚିକିତ୍ସା ସହ ଆବଶ୍ୟକୀୟ ସମସ୍ତ ପ୍ରକାର ସହଯୋଗ କରିବା ପାଇଁ ସେମାନଙ୍କୁ ପୋଷ୍ୟ ରୂପେ ଗ୍ରହଣ କରିଥିବା କହିଛନ୍ତି ବିଭାଗୀୟ ମୁଖ୍ୟ ଡା.ପ୍ରିୟଙ୍କା ଦାଶ। ଆଜି ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନିକ୍ଷୟ ମିତ୍ରର କିଟ ପ୍ରଦାନ କରାଯାଇଛି। ତନ୍ମଧ୍ୟରେ ସୁଷମ ଖାଦ୍ୟ ଠାରୁ ଆରମ୍ଭ କରି ସମସ୍ତ ପ୍ରକାର ଅତ୍ୟାବଶକୀୟ ସାମଗ୍ରୀ ଉପଲବ୍ଧ କରାଯାଇଛି। ଆଗାମୀ ଛଅ ମାସ ପର୍ଯ୍ୟନ୍ତ ଏହି ପରି କିଟ ବିଭାଗ ପକ୍ଷରୁ ପ୍ରଦାନ କରାଯିବା ନେଇ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ସାଧାରଣତଃ ଏହି ରୋଗରେ ଆକ୍ରାନ୍ତ ହେଉଥିବା ରୋଗୀମାନେ ପୋଷଣଯୁକ୍ତ ଖାଦ୍ୟର ଅଭାବ ଶରୀରକୁ କ୍ଷତି ପହଞ୍ଚାଇଥାଏ ତେଣୁ ଏହି କାର୍ଯ୍ୟକ୍ରମ ମିତ୍ର କାର୍ଯ୍ୟକ୍ରମ ଜରିଆରେ ଅନେକ ମାତ୍ରରେ ସହାୟକ ହୋଇପାରିବ ବୋଲି ଉପସ୍ଥିତ ଅତିଥି କହିଛନ୍ତି। ଡିଆରଟିବି କେନ୍ଦ୍ରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ରୂପେ ଏମକେସିଜି ମେ ଅଧୀକ୍ଷକ ଡା.ଦୁର୍ଗାମାଧବ ଶତପଥୀ, ବିଭାଗୀୟ ମୁଖ୍ୟ ଡା.ପ୍ରିୟଙ୍କା ଦାଶ, ଡା.ନାରାୟଣ ମିଶ୍ର, ଡା.ପ୍ରିୟଜିତ ଜେନା, ଡା.ସରୋଜ ମିଶ୍ର ଓ ଡିଟିଓ ଡା.ଅବନୀ କୁମାର ପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲ୍ଲା ଯକ୍ଷ୍ମା ନିରାକରଣ କାର୍ଯ୍ୟକ୍ରମ ସଦସ୍ୟ ବିଦେଶୀ ଜେନାଙ୍କ ନେତୃତ୍ୱରେ ବହୁ ସଦସ୍ୟବୃନ୍ଦ ପରିଚାଳନରେ ସହଯୋଗ କରିଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଡାକ୍ତର ଓ ଅନ୍ୟମାନେ।

## ଫାରମାକୋ ଭିଜିଲାନ୍ସ ସପ୍ତାହ

ବ୍ରହ୍ମପୁର, ୧୮।୯ (ସୁବାସ ଚନ୍ଦ୍ର ପାଢ଼ୀ)

ଏମକେସିଜି ମେଡ଼ିକାଲ କଲେଜରେ ଫାରମାକୋ ଭିଜିଲାନ୍ସ ସପ୍ତାହ ପାଳିତ ହୋଇଛି। ଡାକ୍ତର ଓ ରୋଗୀଙ୍କ ମଧ୍ୟରେ ଔଷଧର ବ୍ୟବହାର ଜନିତ ପାର୍ଶ୍ୱ ପ୍ରତିକ୍ରିୟା ବିଷୟରେ ସଚେତନ କରିବା ଏହାର ଉଦ୍ଦେଶ୍ୟ। ଭାଗଗୀୟ ମୁଖ୍ୟ ପ୍ରଫେସର ଡା ଜୟନ୍ତୀ ପ୍ରଭା ବେହେରା ଓ ସହକାରୀ ପ୍ରଫେସର ଓ ଏ.ଡି.ଆର୍ ମନିଟରିଙ୍ଗ କେନ୍ଦ୍ର ସଂଯୋଜିକା ଡାକ୍ତର ପଦ୍ମଜା ପ୍ରିୟଦର୍ଶିନୀ କରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା। ଔଷଧର ପାର୍ଶ୍ୱ ପ୍ରତିକ୍ରିୟା, ତା'ର ପରିଣାମ ଓ ପ୍ରତିରୋଧ ବିଷୟରେ ସଚେତନ କରାଯାଇଥିଲା। ଫାର୍ମାକୋଲୋଜି ବିଭାଗର ସହକାରୀ ଅଧ୍ୟକ୍ଷ ସ୍ୱପ୍ନା ମହାପାତ୍ର, ଚିନ୍ମୟ ଦେବାଶିଷ ପଣ୍ଡା, ସ୍ନିଗ୍ଧା ରାଣୀ ପାଣିଗ୍ରାହୀ, ଶୁଭେନ୍ଦୁ ପଣ୍ଡା, ସନ୍ଦୀପ୍ତା ଶୁଭଦର୍ଶନୀ, ପ୍ରତ୍ୟୁଷ ମିଶ୍ର ସହଯୋଗ କରିଥିଲେ। କଲେଜର ଅଧ୍ୟକ୍ଷ୍ୟା ପ୍ରଫେସର ସୁଚିତ୍ରା ଦାଶ, ମେଡିକାଲ ଅଧିକ୍ଷକ ପ୍ରଫେସର ଦୁର୍ଗା ମାଧବ ଶତପଥୀ, ରେଜିଷ୍ଟ୍ରାର ସଂଗ୍ରାମ ଶେଖର ପଣ୍ଡା ଯୋଗ ଦେଇଥିଲେ। ନିହାର ସାହୁ, ମେଡ଼ିସିନ ବିଭାଗ, ସହଯୋଗୀ ପ୍ରଫେସର, ସରୋଜ ଦାଶ, ସହଯୋଗୀ ପ୍ରଫେସର ରେଡ଼ିଓଥେରାପି ବିଭାଗ, ପରିଧି ମହାନ୍ତି, ସହକାରୀ ପ୍ରଫେସର ନିଶ୍ଚେତକ ବିଭାଗ, ରାଜଲକ୍ଷ୍ମୀ ମିଶ୍ର, ଅଧ୍ୟକ୍ଷ୍ୟା, ସେବିକା ମହାବିଦ୍ୟାଳୟ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

## ସାପ କାମୁଡ଼ାରେ ଯବାନ ଆହତ

ରାଇକିଆ, ୧୮।୯ (ପ୍ରଦୀପ ବେହେରା):

କନ୍ଧମାଳ ଜିଲା ରାଇକିଆ ବ୍ଲକ ମାଣିକେଶ୍ୱର ପଞ୍ଚାୟତ ଗେଡିଗିଆ ନିକଟସ୍ଥ ଜଙ୍ଗଲରେ ଯବାନ-ମାଓବାଦୀ ମୁହାଁମୁହିଁ ହୋଇଛନ୍ତି। ଏଥିରେ ଜଣେ ଯବାନଙ୍କ ଦେହରେ ଗୁଳି ବାଜିଥିବାରୁ ସେ ଏବେ ବ୍ରହ୍ମପୁର ବଡ଼ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ସେହିପରି କୋମ୍ବିଂ ଅପରେଶନ ବେଳେ ସମୀର ମନୋହର ନାମକ ଜଣେ ଯବାନ ସାପ କାମୁଡାରେ ଆହତ ହୋଇଛନ୍ତି। ତାଙ୍କୁ ତୁରନ୍ତ ରାଇକିଆ ମେଡିକାଲରେ ଭର୍ତ୍ତି କରଯାଇଛି। ସମୀରଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ଥିବା ଏବଂ ତାଙ୍କୁ ନିରୀକ୍ଷଣରେ ରଖାଯାଇଥିବା ମେଡିକାଲ ଇନ୍‌ଚାର୍ଜ ଶ୍ରୀନିବାସ ପାତ୍ର କହିଛନ୍ତି।

# ଶୁଭମିତ୍ରା ହତ୍ୟାକାରୀ ଦୀପକଙ୍କ ଗୁମର ଫିଟୁଛି

## ପୋଲିସ ମୁଖା ତଳେ ଛପିଥିଲା ସଇତାନ ଚେହେରା

ଭୁବନେଶ୍ୱର,୧୮।୯(ସତ୍ୟଜିତ୍ ରାଉତ)

ଟ୍ରାଫିକ୍ କନ୍‌ଷ୍ଟେବଲ ଶୁଭମିତ୍ରା ସାହୁଙ୍କ ହତ୍ୟା ଘଟଣାରେ ଗୋଟିଏ ପରେ ଗୋଟିଏ ରହସ୍ୟ ପଦାକୁ ଆସିବାରେ ଲାଗିଛି। ଶୁଭମିତ୍ରାଙ୍କ ହତ୍ୟାକାରୀ କନ୍‌ଷ୍ଟେବଲ ସ୍ୱାମୀ ଦୀପକ ରାଉତ ଅତି ଚତୁରତାର ସହ ଏହି କାଣ୍ଡ ଭିଆଇଥିବା ତଦନ୍ତରୁ ଜଣାପଡ଼ିଛି। ଏପରିକି ପ୍ରଥମ ସ୍ତ୍ରୀଙ୍କ ମୃତ୍ୟୁ ଘଟଣାରେ ମଧ ସେ ଛନ୍ଦି ହୋଇଛନ୍ତି। ବୀମା ଟଙ୍କା ହଡ଼ପ କରିବାକୁ ଦୀପକ ଚକ୍ରାନ୍ତ କରି ପ୍ରଥମ ସ୍ତ୍ରୀ ଏବଂ ପରେ ଦ୍ୱିତୀୟ ସ୍ତ୍ରୀଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଛି। ପୋଲିସ ମୁଖା ତଳେ କିଭଳି ଏକ ସଇତାନ ଚେହେରା ଛପି ରହିଥିଲା, ତାକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ହୋଇଛି।

### ଜେଲ ଗଲେ ଦୀପକଙ୍କ ସମେତ ୩ ଅଭିଯୁକ୍ତ

▶▶ଟ୍ରାଫିକ୍ କନ୍‌ଷ୍ଟେବଲ୍ ଶୁଭମିତ୍ରାଙ୍କୁ ହତ୍ୟା ମାମଲାରେ ମୁଖ୍ୟ ଅଭିଯୁକ୍ତ ଦୀପକଙ୍କ ସମେତ ୩ଜଣ ଗୁରୁବାର ଜେଲ ଯାଇଛନ୍ତି। ଦୀପକଙ୍କ ମାଉସୀ ପୁଅ ଭାଇ ବିନୋଦ ବିହାରୀ ଭୂୟାଁ ଓରଫ ପପୁ (୩୯) ଓ ତାଙ୍କ ସାଙ୍ଗ ଶମ୍ଭୁନାଥ ମହନ୍ତ ଓରଫ ଜଟ (୨୩)ଙ୍କୁ ଆପରାଧିକ ଷଡ଼ଯନ୍ତ୍ର ଏବଂ ପ୍ରମାଣ ନଷ୍ଟ କରିବା ଅଭିଯୋଗରେ ଗିରଫ କରାଯାଇଛି। ଉଭୟଙ୍କ ଘର ଘଟଗାଁ ଥାନା କୁସୁମପୁର ରାଜାବନ୍ଧ ସାହିରେ। କ୍ୟାପିଟାଲ ଥାନା ପକ୍ଷରୁ ଅଭିଯୁକ୍ତମାନଙ୍କୁ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ ପରେ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଜଟଙ୍କ ଘର ପଛପାର୍ଶ୍ୱ ଖାଲି ସ୍ଥାନରେ ଶୁଭମିତ୍ରାଙ୍କ ମୃତଦେହ ପୋତାଯାଇଥିଲା ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଏଥିସହ ନିଜ ପୋଲିସ ସହକର୍ମୀଙ୍କୁ ହତ୍ୟା ଘଟଣାରେ କମିଶନରେଟ୍ ପୋଲିସ ପକ୍ଷରୁ ଦୀପକଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଥିବା ଜଣାପଡିଛି।

### ପ୍ରଥମ ସ୍ତ୍ରୀ ଅପର୍ଣ୍ଣାଙ୍କୁ ମାରି ଦୁର୍ଘଟଣା ରୂପ ଦେଇଥିଲେ

▶▶ଦୀପକଙ୍କ ପ୍ରଥମ ପତ୍ନୀ ଅପର୍ଣ୍ଣା ପ୍ରିୟଦର୍ଶିନୀଙ୍କ ମୃତ୍ୟୁ ଘଟଣାକୁ ନେଇ ବଡ଼ ଗୁମର ସାମ୍ନାକୁ ଆସିଛି। ଢେଙ୍କାନାଳ ଜିଲା ପରଜଙ୍ଗ ତହସିଲ ଅଧୀନ କନ୍ଦରସିଂହା ରାଜସ୍ୱ ନିରୀକ୍ଷକ (ଆରଆଇ) ଭାବେ ଅପର୍ଣ୍ଣା କାମ କରୁଥିଲେ। ସାଢ଼େ ୩ବର୍ଷ ତଳେ ଅପର୍ଣ୍ଣାଙ୍କୁ ଦୀପକ ହତ୍ୟା କରି ଦୁର୍ଘଟଣାର ରୂପ ଦେଇଥିଲେ ବୋଲି ସାନ ଭଉଣୀ ରୋଜାଲିନ ରାଉତ ପୋଲିସ କମିଶନରଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ମାଟ୍ରିମୋନିଆଲ୍ ସାଇଟ୍‌ରେ ଅପର୍ଣ୍ଣାଙ୍କ ବିବାହ ପାଇଁ ଦୀପକଙ୍କ ସହ ଯୋଗାଯୋଗ ହୋଇଥିଲା। ୨୦୧୮ ଏପ୍ରିଲ ୨୫ରେ ଅପର୍ଣ୍ଣାଙ୍କୁ ଦୀପକ ବିବାହ କରିଥିଲେ। ୨ରୁ ୩ ମାସ ପରଠାରୁ ଉଭୟଙ୍କ ମଧ୍ୟରେ ବିବାଦ ଲାଗି ରହୁଥିଲା। ଏହି ଘଟଣାକୁ ଅପର୍ଣ୍ଣା ତତ୍କାଳୀନ ପୋଲିସ କମିଶନରଙ୍କୁ ମଧ ଜଣାଇଥିଲେ। ଦୀପକ ସବୁବେଳେ ଅପର୍ଣ୍ଣାଙ୍କୁ ମାନସିକ ନିର୍ଯାତନା ଦେବା ସହ ତାଙ୍କ ନାଁରେ ଋଣ ଆଣିଥିଲେ। ସେହି ପରିସ୍ଥିତିରେ ଅପର୍ଣ୍ଣାଙ୍କ ପ୍ରଥମ ଗର୍ଭ ନଷ୍ଟ ହୋଇଥିଲା। ମୃତ୍ୟୁ ସମୟରେ ବି ସେ ୬ ମାସର ଗର୍ଭବତୀ ଥିଲେ। ୨୦୨୨ ମାର୍ଚ୍ଚ ୧୭ରେ ରାତି ପ୍ରାୟ ୮ଟା ବେଳେ ଖୁଣ୍ଟୁଣୀ ନିକଟରେ ଅପର୍ଣ୍ଣାଙ୍କ ଦୁର୍ଘଟଣା ଘଟିଛି ବୋଲି ଦୀପକ କଲ୍ କରି ଜଣାଇଥିଲେ। ରୋଜାଲିନ୍ ଏହା ପରେ ତାଙ୍କ ସ୍ୱାମୀଙ୍କ ସହ ଢେଙ୍କାନାଳରୁ କଟକ ଅଭିମୁଖେ ବାହାରିଥିଲେ। ଦୀପକ ପ୍ରଥମେ ଅପର୍ଣ୍ଣାଙ୍କୁ ଏସ୍‌ସିବି ନେଉଥିବା କହି ପରେ ଅଶ୍ୱିନୀ ହସ୍ପିଟାଲରେ ଅପର୍ଣ୍ଣା ଥିବା କହିଥିଲେ। ଉକ୍ତ ହସ୍ପିଟାଲରେ ପହଞ୍ଚିବା ପରେ ସେମାନେ ଅପର୍ଣ୍ଣାଙ୍କ ମୃତଦେହ ଦେଖିଥିଲେ। ବାପା ଜଣେ ସରଳ ଚାଷୀ ଲୋକ ହୋଇଥିବାରୁ ଦୀପକ ଅଭିନୟ କରି ଘଟଣାକୁ ଦୁର୍ଘଟଣାର ରୂପ ଦେଇଥିଲେ ବୋଲି ଅଭିଯୋଗ ପର୍ଦ୍ଦରେ ରୋଜାଲିନ ଦର୍ଶାଇଛନ୍ତି। ଅନ୍ୟପକ୍ଷରେ ଦୀପକ ଏତଲାରେ ଦର୍ଶାଇଥିଲେ ଯେ, ଅପର୍ଣ୍ଣାଙ୍କ ସହ କାର୍‌ରେ ଭୁବନେଶ୍ୱରରୁ ଢେଙ୍କାନାଳ ଯିବାବେଳେ ଖୁଣ୍ଟୁଣୀ ରାସ୍ତାରେ ଚକା ଲିକ୍ ହୋଇଥିଲା। ଅପର୍ଣ୍ଣା ଠିଆ ହୋଇଥିବାବେଳେ ଏକ ଟ୍ରକ ଚକରୁ ପଥର ଛିଟିକି ଅପର୍ଣ୍ଣାଙ୍କ ମୁଣ୍ଡରେ ବାଜିବାରୁ ସେ ଗୁରୁତର ହୋଇପଡ଼ିଥିଲେ। ହେଲେ ଏହି ଘଟଣାରେ ଦୀପକ ସେତେବେଳେ ପରିବାର ଠାରୁ ପୋଲିସ ସମସ୍ତଙ୍କୁ ଭୁଆଁ ବୁଲାଇଥିଲେ ବୋଲି ଅଭିଯୋଗ ହୋଇଛି।



ପ୍ରଥମ ସ୍ତ୍ରୀ ଅପର୍ଣ୍ଣା ପ୍ରିୟଦର୍ଶିନୀଙ୍କ ସହ ଦୀପକ

### ସିପି ଅଫିସ ପାର୍କିଂରେ କାର୍ ଭିତରେ ରଖିଥିଲେ ମୃତଦେହ

▶▶ଶୁଭମିତ୍ରାଙ୍କ ହତ୍ୟା ଘଟଣାକୁ ନେଇ ଏକ ଚାଞ୍ଚଲ୍ୟକର ଗୁମର ପଦାକୁ ଆସିଛି। ଭୁବନେଶ୍ୱର ପୋଲିସ କମିଶନରେଟ୍ ମୁଖ୍ୟାଳୟର ପାର୍କିଂ ସ୍ଥଳରେ ନିଜ କାର୍ ଭିତରେ ଶୁଭମିତ୍ରାଙ୍କ ମୃତଦେହ ରଖି ଦୀପକ ଡ୍ୟୁଟି କରିଥିଲେ ବୋଲି ଶୁଣିବାକୁ ମିଳୁଛି। କାର୍‌ରେ ମୃତଦେହ ରଖି ଅପରାହ୍ନ ୩ଟାରୁ ୪ଟା ୧୫ ପର୍ଯ୍ୟନ୍ତ ଦୀପକ ଡ୍ୟୁଟି କରିଥିଲେ। ପରେ ସେ କାର୍‌ରେ ମୃତଦେହ ନେଇ ଘଟଗାଁ ଚାଲିଯାଇଥିଲେ। ତେବେ ପାର୍କିଂରେ ମୃତଦେହ ଭର୍ତ୍ତି କାର୍ ଥିବାନେଇ ପୋଲିସ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ଦିଆଯାଇନାହିଁ।



ଶୁଭମିତ୍ରା

### ନ୍ୟାୟ ନ ପାଇଲେ ଆତ୍ମହତ୍ୟା: ଶୁଭମିତ୍ରାଙ୍କ ବାପା

▶▶ଶୁଭମିତ୍ରାଙ୍କ ହତ୍ୟା ଘଟଣାକୁ ନେଇ ବାପା ଦୁର୍ଯ୍ୟୋଧନ ସାହୁ ଗୁରୁତର ଅଭିଯୋଗ ଆଣିଛନ୍ତି। ଏହା ପଛରେ କେବଳ ଦୀପକ ନୁହେଁ, ତାଙ୍କ ଭାଇ ମାଷ୍ଟରମାଇଣ୍ଡ ବୋଲି ସେ କହିଛନ୍ତି। ଏହି ଘଟଣାରେ ଦୀପକଙ୍କ ମଉସା, ମାଉସୀ, ମାଉସୀ ପୁଅ ଓ ଡାକ୍ତର ଭଣଜା ମଧ ସମ୍ପୃକ୍ତ ଅଛନ୍ତି। ଠିକ୍ ତଦନ୍ତ କରାଗଲେ ହତ୍ୟା ଘଟଣା ଉପରୁ ପରଦା ହଟିବ। ପ୍ରଥମ ସ୍ତ୍ରୀଙ୍କୁ ହତ୍ୟା କରି ଦୀପକ ଦୁର୍ଘଟଣା ରୂପ ଦେଇ ୧.୫ କୋଟି ବୀମା ପାଇଥିଲେ। ଝିଅ ଶୁଭମିତ୍ରାଙ୍କୁ ଏକତରଫା ବିବାହ କରି ୧.୨୫ କୋଟି ଟଙ୍କା ବୀମା କରିଥିଲେ। ଦୀପକଙ୍କୁ ଫାଶୀ ହେବା ଦରକାର। ଉପର କୋର୍ଟକୁ ଯିବାକୁ ସେ ଅସମର୍ଥ ଥିବା ବେଳେ ନ୍ୟାୟ ନ ପାଇଲେ ଆତ୍ମହତ୍ୟା କରିବି ବୋଲି ଦୁର୍ଯ୍ୟୋଧନ ଚେତାବନୀ ଦେଇଛନ୍ତି।

### ପୁନଃ ତଦନ୍ତ ଦାବି କଲେ ଅପର୍ଣ୍ଣାଙ୍କ ମା'ବାପା

ଢେଙ୍କାନାଳ,୧୮।୯(ରତନ ନାୟାର)



ପ୍ରଥମ ସ୍ତ୍ରୀ ଅପର୍ଣ୍ଣା ପ୍ରିୟଦର୍ଶିନୀଙ୍କୁ ଦୀପକ ହତ୍ୟା କରି ତାଙ୍କ ନାମରେ ଥିବା ୧ କୋଟି ଟଙ୍କାର ବୀମାକୁ ଯୋଜନାବଦ୍ଧ ଭାବେ ସେ ହଡ଼ପ କରିଥିବା ଢେଙ୍କାନାଳରେ ରହୁଥିବା ପରିବାର ଲୋକ ଗଣମାଧ୍ୟମ ଆଗରେ କହିଛନ୍ତି। ବାପା ବିରଞ୍ଚି ରାଉତ, ମା' ଅହଲ୍ୟା ରାଉତ ଓ ଅନ୍ୟତମ ଭଉଣୀ ରୁପାଲି ରାଉତ ପ୍ରମୁଖ ଏହି ଅଭିଯୋଗ କରିଛନ୍ତି। ଏହି ଘଟଣାରେ ପୁନଃ ତଦନ୍ତ ଦାବି କରି ସେମାନଙ୍କୁ ନ୍ୟାୟ ଦିଆଯାଉ ବୋଲି କୁହାଯାଇଛି। ଅନ୍ୟପକ୍ଷରେ ଏହି ମାମଲା ତଦନ୍ତର ଅଗ୍ରଗତି ନେଇ କଟକ ଗ୍ରାମାଞ୍ଚଳ ପୋଲିସର ପ୍ରତିକ୍ରିୟା ମିଳିପାରିନାହିଁ।

# ନାବାଳିକାଙ୍କୁ ହତ୍ୟା କରି ଫିଙ୍ଗିଦେଲେ

## କୋଷ୍ଟକେନାଲରୁ ଗଳିତ ମୃତଦେହ ଜବତ



ଘଟଣାସ୍ଥଳରେ ଏସ୍‌ପି ଓ ଅନ୍ୟମାନେ।



ନାବାଳିକାଙ୍କ ମୃତଦେହକୁ ଅଗ୍ନିଶମ ବିଭାଗ ଓ ଓଡ୍ରାଫ୍ ଟିମ୍ ଉପରକୁ ଆଣୁଛନ୍ତି।

ବାସୁଦେବପୁର,୧୮।୯ (କାଳିପଦ ରାଉ/ନାରାୟଣ ପ୍ରସାଦ ବାରିକ)

### ୫ ଦିନ ତଳେ ଘର ନିକଟରୁ ଅପହରଣ ହୋଇଥିଲେ

ଭଦ୍ରକ ଜିଲା ବାସୁଦେବପୁର ପୌରାଞ୍ଚଳ ଅଧୀନ ରାଧାନାଥପୁର ଆଡ଼ିଆ ଗ୍ରାମରୁ ଗତ ୫ ଦିନ ତଳେ ଅପହରଣ ହୋଇଥିବା ୧୪ବର୍ଷିୟା ନାବାଳିକାଙ୍କ ଗଳିତ ମୃତଦେହ ଗୁରୁବାର ଗାଁଠାରୁ ୫୦୦ ମିଟର ଦୂର କୋଷ୍ଟକେନାଲରୁ ଜବତ କରାଯାଇଛି। ତାଙ୍କୁ ଅପହରଣ ପରେ ହତ୍ୟା କରାଯାଇ କେନାଲର ଅନାବନା ଘାସ ଓ ଦଳ ଥିବା ସ୍ଥାନରେ ଫିଙ୍ଗି ଦିଆଯାଇଥିବା ସନ୍ଦେହ କରାଯାଉଛି। ଏନେଇ ବୁଡ଼ାମଣି ସାମୁଦ୍ରିକ ଥାନାରେ ଏକ ମାମଲା (ନଂ. ୭୪/୨୫) ରୁଜୁ ହୋଇଥିବାବେଳେ ଜଣେ ସନ୍ଦିଗ୍ଧଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି। ଖୁବ୍‌ଶୀଘ୍ର ଅନ୍ୟ ଅପରାଧୀମାନଙ୍କୁ ଧରାଯିବ ବୋଲି ଏସ୍‌ପି ମନୋଜ କୁମାର ରାଉତ କହିଛନ୍ତି। ପ୍ରକାଶ ଥାଉକି, ଉକ୍ତ ଗ୍ରାମର ସଦାନନ୍ଦ ମଲିକଙ୍କ ଝିଅ ସୁଭଦ୍ରାଙ୍କୁ ଗତ ଶନିବାର ରାତିରେ ୨ଜଣ ଦୁର୍ବୃତ୍ତ ବାଇକ୍ ଯୋଗେ ଘର ଆଗରୁ ଅପହରଣ କରି ନେଇଥିଲେ। ଏନେଇ ପରିବାର ଲୋକେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତକୁ ଜୋରଦାର କରିବା ସହ ବିଭିନ୍ନ ସ୍ଥାନରେ ଥିବା ସିସି କ୍ୟାମେରାର ଫୁଟେଜ ଯାଞ୍ଚ, ଲୋକଙ୍କୁ ପଚରାଉଚରା କରିବା ଓ ନାକାବନ୍ଦୀ କରି ଛାନ୍‌ଭିନ୍ ଚଳାଇଥିଲା। ବୁଧବାର ଅଗ୍ନିଶମ ବାହିନୀ ଓ ଓଡ୍ରାଫ୍ ଟିମ୍ ଗ୍ରାମ ନିକଟସ୍ଥ ପୋଖରୀ ଓ ଗାଡ଼ିଆରେ ଖୋଜାଖୋଜି କରିଥିଲେ। ପୂର୍ବାଞ୍ଚଳ ଡିଆଇଜି ପିନାକ ମିଶ୍ର, ଏସ୍‌ପି ରାଉତ ମଧ ଘଟଣାସ୍ଥଳରେ ପହଞ୍ଚି ଅନୁଧାନ କରିଥିଲେ। ନିକଟସ୍ଥ କେନାଲରେ ଖୋଜାଖୋଜି କରିବା ପାଇଁ ଡିଆଇଜି ନିର୍ଦ୍ଦେଶ ଦେଇଥିଲେ। ଗୁରୁବାର ସକାଳେ ଅଗ୍ନିଶମବାହିନୀ ଗ୍ରାମ ପଛପଟେ ଥିବା କୋଷ୍ଟ କେନାଲରେ ଖୋଜାଖୋଜି ଆରମ୍ଭ କରିଥିଲେ। କେନାଲରେ ଖୋଜିବା ବେଳେ ଦୁର୍ଗନ୍ଧ ହୋଇଥିଲା। ସେହି ସ୍ଥାନରେ ଅଧିକ ଖୋଜାଖୋଜି ପରେ ସୁଭଦ୍ରାଙ୍କ ଗଳିତ ମୃତଦେହ ଘାସତଳୁ ମିଳିଥିଲା। ଖବରପାଇ ଅତିରିକ୍ତ ଏସ୍‌ପି ଅରୁପ ଅଭିଷେକ ବେହେରା, ସଦର ଏସ୍‌ଡିପିଓ ବିଚିତ୍ରାନନ୍ଦ ସେଠୀ, ନାୟକଣ୍ଡିଶୀ ଥାନାଧିକାରୀ ରାଜଲକ୍ଷ୍ମୀ ନାୟକ, କଣ୍ଠିଆ ସାମୁଦ୍ରିକ ଥାନାଧିକାରୀ ସାବିତ୍ରୀ ପଣ୍ଡା, ବାସୁଦେବପୁର ଥାନାଧିକାରୀ ଲୋପାମୁଦ୍ରା ନାୟକ, ବୁଡ଼ାମଣି ସାମୁଦ୍ରିକ ଥାନାଧିକାରୀ ବନାନୀ ବେହେରା, ତହସିଲଦାର ପ୍ରିୟବ୍ରତ ଦାସ ପ୍ରମୁଖ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ପାରିପାର୍ଶ୍ୱିକ ଅବସ୍ଥାରୁ ଦୁର୍ବୃତ୍ତମାନେ ନାବାଳିକାଙ୍କୁ ହତ୍ୟା କରି ଫିଙ୍ଗି ଦେଇଥିବା ସନ୍ଦେହ କରାଯାଉଛି। ଖବର ପ୍ରଚାରିତ ହେବା ପରେ ବହୁ ଲୋକ ସେଠାରେ ଭିଡ଼ ଜମାଇଥିଲେ। ପରିବାର ଲୋକେ ମୃତଦେହ ଚିହ୍ନଟ କରିବା ପରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଏହି ଘଟଣାକୁ ନେଇ ଗ୍ରାମରେ ଭୟରେ ବାତାବରଣ ସୃଷ୍ଟି ହୋଇଥିଲା। ଅପରାଧୀଙ୍କୁ ତୁରନ୍ତ ଧରିବା ପାଇଁ ପରିବାର ଲୋକ ଦାବି କରିଛନ୍ତି।

# ସ୍ତ୍ରୀଙ୍କ ବେକ କାଟିଦେଲେ ସ୍ୱାମୀ

## ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି, ସ୍ୱାମୀ ଗିରଫ

ବାଲେଶ୍ୱର, ୧୮।୯ (ବାଞ୍ଛାନିଧି ଦେ)

ବାଲେଶ୍ୱର ଟାଉନ ଥାନା ଅଞ୍ଚଳରେ ଗୁରୁବାର ଅପରାହ୍ନରେ ସ୍ତ୍ରୀଙ୍କ ବେକକୁ ଛୁରୀରେ କାଟି ହତ୍ୟା ଉଦ୍ୟମ କରିଛନ୍ତି ସ୍ୱାମୀ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ମହିଳାଙ୍କୁ ପ୍ରଥମେ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ସେଠାରୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଅଭିଯୁକ୍ତ ସ୍ୱାମୀଙ୍କୁ ଗାଁ ଲୋକେ ସ୍ୱାମୀଙ୍କୁ କାବୁ କରି ପୋଲିସ ଜିମା ଦେଇଛନ୍ତି। ପୋଲିସ ଅଭିଯୁକ୍ତ ସ୍ୱାମୀ କଟକ ବକ୍ସିବଜାର ମସ୍ତାନରୋଡ୍ ଅଞ୍ଚଳର ମହମ୍ମଦ ଅମଜାଦ (୫୨)ଙ୍କୁ ଗିରଫ କରି ତଦନ୍ତ ଜାରି ରଖିଛି। ଅମ୍‌ଜାଦ ଟାଉନ ଥାନା ଅଧୀନ ପଠାଣମହଲା ଗ୍ରାମର ପିଙ୍କି ଖାତୁନଙ୍କୁ ବିବାହ କରିଥିଲେ। ପିଙ୍କି ପଠାଣମହଲାରେ ରହୁଥିବାବେଳେ ଅମ୍‌ଜାଦ କଟକରେ ରହୁଛନ୍ତି। ଗୁରୁବାର ଅମ୍‌ଜାଦ ଶ୍ୱଶୁର ଘରକୁ ଆସି ସ୍ତ୍ରୀଙ୍କୁ ଏକ ନିଛାଟିଆ ଜାଗାକୁ ଡାକିନେଇଥିଲେ। ଅମ୍‌ଜାଦଙ୍କ କୌଣସି ଏକ କଥାରେ ପିଙ୍କି ରାଜି ହୋଇ ନ ଥିଲେ। ଏଥିରେ ଉତ୍ତେଜିତ ହୋଇ ସେ ପକେଟ୍‌ରୁ ଏକ ଛୁରି ବାହାର କରି ପିଙ୍କିଙ୍କ ବେକକୁ ଆକ୍ରମଣ କରିଥିଲେ। ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚିଥିଲେ। ଅମଜାଦ ଦୌଡ଼ି ପଳାଉଥିବା ବେଳେ ତାଙ୍କୁ କାବୁ କରିଥିଲେ। ଟାଉନ ଥାନା ଆଇଆଇସି ବିଜୟ କୁମାର ଦାସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତ ସ୍ୱାମୀ ଅମଜାଦ୍‌ଙ୍କୁ ଗିରଫ କରିଛନ୍ତି। ଏନେଇ ଏକ ମାମଲା ରୁଜୁ ହୋଇ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି।



ଗିରଫ ଅଭିଯୁକ୍ତ।

# ନାଏବ ସରପଞ୍ଚଙ୍କୁ ହତ୍ୟାକଲେ ମାଓବାଦୀ

ମାଲକାନଗିରି, ୧୮।୯ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ବିଜାପୁର ଜିଲାରେ ପୋଲିସ ସୂଚନାଦାତା ସନ୍ଦେହରେ ମାଓବାଦୀମାନେ ଜଣେ ନାଏବ ସରପଞ୍ଚଙ୍କୁ ନିର୍ମମ ଭାବେ ହତ୍ୟା କରିଛନ୍ତି। ମୃତକ ହେଲେ ବିଜାପୁର ଜିଲା ଜାଙ୍ଗଲା ଥାନା ଅନ୍ତର୍ଗତ ବେଚରମ ଗ୍ରାମର ନାଏବ ସରପଞ୍ଚ ଦସରୁ ଓୟାମ। ମାଓବାଦୀ ସଂଗଠନର ସ୍ମାଲ ଆକ୍ସନ ଟିମ୍‌ର ପ୍ରାୟ ୫ ଜଣ ମାଓବାଦୀ ଦସରୁଙ୍କ ଘରକୁ ଯାଇ ଟାଙ୍ଗିଆରେ ହାଣି ତାଙ୍କୁ ହତ୍ୟା କରିଥିବା ସୂଚନା ମିଳିଛି। ମାଓବାଦୀମାନେ ମୃତଦେହ ନିକଟରେ ଏକ ପୋଷ୍ଟର ଛାଡ଼ିଯାଇଛନ୍ତି। ନାଏବ ସରପଞ୍ଚ ପୋଲିସ ସୂଚନାଦାତା ହୋଇଥିବାରୁ ତାଙ୍କୁ ହତ୍ୟା କରାଯାଇଥିବା ଉକ୍ତ ପୋଷ୍ଟରରେ ଉଲ୍ଲେଖ ରହିଛି। ଜାଙ୍ଗଲା ଥାନା ପୋଲିସ ଏନେଇ ଏକ ମାମଲା ରୁଜୁକରି ତଦନ୍ତ ଜାରି ରଖିଥିବା ବିଜାପୁର ଏସ୍‌ପି ଚନ୍ଦ୍ରକାନ୍ତ ଗବର୍ଣ୍ଣା କହିଛନ୍ତି।

# ୧୨ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି, ୧୮।୯ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ନାରାୟଣପୁର ଜିଲା ପୋଲିସ ନିକଟରେ ୧୮ଲକ୍ଷ ଟଙ୍କା ପୁରସ୍କାର ଘୋଷିତ ୧୨ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ମଧ୍ୟରେ ୫ ଜଣ ମହିଳା ମାଓବାଦୀ ରହିଛନ୍ତି। ଆତ୍ମସମର୍ପଣ କରିଥିବା ଏହି ମାଓବାଦୀମାନେ ଏରିଆ କମିଟି ସଦସ୍ୟ, ଏଲ୍‌ଓଏସ୍‌ସିଏନ୍‌ଏମ୍ ସଦସ୍ୟ, ପିପିସିଏମ୍ ସଦସ୍ୟ, ମିଲିଟ୍ରି ପ୍ଲାଟୁନ୍ ଓ ଜନତାନା ସରକାରର ବିଭିନ୍ନ ପଦବୀରେ ରହିଥିବା ଜଣାପଡିଛି। ଏବେ ଛତିଶଗଡ଼ରେ ଲଗାତର ମାଓବାଦୀ ଅପରେଶନ ଚାଲିଥିବା ବେଳେ ମାଓବାଦୀମାନେ ଭୟଭୀତ ହୋଇପଡ଼ିଛନ୍ତି। ଏପରି ପରିସ୍ଥିତିରେ ମାଓବାଦୀମାନେ ଆତ୍ମସମର୍ପଣ କରିବା ପାଇଁ ବାଧ୍ୟ ହେଉଛନ୍ତି ବୋଲି ନାରାୟଣପୁର ପୋଲିସ ଅଧୀକ୍ଷକ ସୂଚନା ଦେଇଛନ୍ତି। ଆତ୍ମସମର୍ପଣ କରିଥିବା ସମସ୍ତ ମାଓବାଦୀଙ୍କୁ ୫୦ ହଜାର ଟଙ୍କା ଲେଖାଏ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିବା ବେଳେ ସରକାରଙ୍କ ଥଇଥାନ ନୀତି ଅନୁଯାୟୀ ସମସ୍ତଙ୍କୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ପ୍ରଦାନ କରାଯିବ ବୋଲି ପ୍ରକାଶ କରିଛନ୍ତି।

# ମାଓବାଦୀଙ୍କ ଗୁଳିରେ ଯବାନ ଗୁରୁତର

## କନ୍ଧମାଳ-ଗଞ୍ଜାମ ସୀମାନ୍ତରେ କୋମ୍ବିଂ ଜୋର୍‌ଦାର

ଫୁଲବାଣୀ/ରାଇକିଆ/ଭଞ୍ଜନଗର, ୧୮।୯(ରାକେଶ କୁମାର ରାଉତ/ପ୍ରଦୀପ କୁମାର ବେହେରା/ବାବୁଲା ପ୍ରଧାନ)

ଦୀର୍ଘଦିନର ନିରବତା ପରେ ମାଓବାଦୀମାନେ ସେମାନଙ୍କ କରିଡର ବଦଳାଇ ବହୁ ବର୍ଷ ପୂର୍ବରୁ ଥିବା ସ୍ଥାନରେ ପୁଣି ନିଜ ସ୍ଥିତି ଜାହିର କରିଛନ୍ତି। କନ୍ଧମାଳ ଜିଲା ରାଇକିଆ ବ୍ଲକ ମାଣିକେଶ୍ୱର ପଞ୍ଚାୟତ ଗେଦିଙ୍ଗିଆ ନିକଟସ୍ଥ ଜଙ୍ଗଲ ତଥା ଗଞ୍ଜାମ ଜିଲା ଭଞ୍ଜନଗର ସୀମାନ୍ତରେ ଯବାନ- ମାଓବାଦୀ ମୁହାଁମୁହିଁ ହୋଇଛନ୍ତି। ଏଥିରେ ଜଣେ ଯବାନଙ୍କ ଦେହରେ ଗୁଳି ବାଜିଛି। ସେ ହେଲେ ପ୍ରେମ ସିଂ ମାଝି। ତାଙ୍କୁ ଗୁରୁତର ଅବସ୍ଥାରେ ଭଞ୍ଜନଗର ମେଡିକାଲରୁ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଗେଦିଙ୍ଗିଆ ନିକଟସ୍ଥ ଜଙ୍ଗଲ ଅଞ୍ଚଳରେ ଯବାନମାନେ କୋମ୍ବିଂ ଅପରେଶନ କରୁଥିଲେ। ଜଙ୍ଗଲ ମଧ୍ୟରେ ସେମାନେ ମାଓବାଦୀଙ୍କ ସହ ମୁହାଁମୁହିଁ ହୋଇଥିଲେ। ଉଭୟ ପକ୍ଷରୁ ପ୍ରବଳ ଗୁଳି ବିନିମୟ ହୋଇଥିଲା। ଯବାନ ପ୍ରେମ ସିଂଙ୍କ ଦେହରେ ଗୁଳି ବାଜିବାରୁ ସେ ଗୁରୁତର ହୋଇଥିଲେ। ସାଥୀ ଯବାନ ତାଙ୍କୁ ଇନ୍ଦ୍ରଗଡ଼ ମେଡିକାଲରେ ଛାଡି ପୁଣି କୋମ୍ବିଂକୁ ଚାଲି ଯାଇଥିଲେ। ପ୍ରାଥମିକ ଚିକିତ୍ସା ପରେ ପ୍ରେମ ସିଂଙ୍କୁ ରାଇକିଆ ପୋଲିସ ଭଞ୍ଜନଗର ମେଡିକାଲକୁ ନେଇଥିଲା। ଭଞ୍ଜନଗର ମେଡିକାଲରେ ସର୍ଜରୀ ବିଶେଷଜ୍ଞ ନ ଥିବା ଯୋଗୁ ବ୍ରହ୍ମପୁର ଏବଂ ଆସିକାରୁ ୨ ଜଣ ଡାକ୍ତରଙ୍କୁ ଡକାଯାଇଥିଲା। ପରେ ଅଧିକ ଚିକିତ୍ସା ପାଇଁ ପ୍ରେମ ସିଂଙ୍କୁ ବ୍ରହ୍ମପୁର ମେଡିକାଲ ସ୍ଥାନାନ୍ତରିତ କରାଯାଇଛି । ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଘଟଣାସ୍ଥଳରେ ରକ୍ତ ପଡିଥିବାରୁ କେତେଜଣ ମାଓବାଦୀ ମଧ ଆହତ ହୋଇଥିବା ଅନୁମାନ କରାଯାଉଛି । ଏ ନେଇ କନ୍ଧମାଳ ଏସ୍‌ପି ହରିଶ ବିସିଙ୍କୁ ପଚାରିବାରୁ ସେ କହିଛନ୍ତି, ଗୁଳି ବିନିମୟ ବେଳେ ଜଣେ ଯବାନ ଆହତ ହୋଇଛନ୍ତି। ମେଡିକାଲରେ ତାଙ୍କ ଅବସ୍ଥା ସ୍ଥିର ରହିଛି। ଏବେ କୋମ୍ବିଂ ଜୋରଦାର ଚାଲିଛି। ସର୍ଜ ଅପରେଶନ ପରେ ସବିଶେଷ ଜଣାପଡିବ ବୋଲି କହିଛନ୍ତି।


**OFFICE OF THE NOTIFIED AREA COUNCIL**
**PURUSHOTTAMPUR, (GANJAM) PIN-761018**
Email Id : eo-nacpurushottampur@gov.in / purushottampurnac@gmail.com
Ph. No. 06811-295222

Letter No : 1646/NAC Dated : 16.09.2025

**QUOTATION CALL NOTICE FOR HIRING OF VEHICLE FOR NAC, PURUSHOTTAMPUR FOR 2025-26**

**No.C-1102** : Sealed quotations/tenders are hereby invited from interested persons / Registered Firms / Travel Agencies / Trusts having valid GST Registration Certificates for providing a commercial light vehicle having sitting capacity not more than 08 including driver i.e.(BOLERO NEO or any SUV of equal category) bearing commercial registration number, along with a driver, for deployment under NAC, Purushottampur for official use on a monthly rental basis, strictly conforming to the terms and conditions specified in the bid document/agreement.
- Period of Receipt of Bids: **From 18/09/2025, 10:00 A.M. to 25/09/2025, 2:00 P.M.**
- Date & Time of **Opening of Bids: 25/09/2025 at 04:00 P.M.** in the NAC Conference Hall.
- Cost of Quotation Paper: **Rs. 1000/- (Rupees One Thousand only)**, payable at the office of the undersigned or may submitted in shape of demand draft for downloaded bid form.
- The Quotation Form will be available at the office of the undersigned during office hours from 18/09/2025 to 25/09/2025 **upto 1.00 P.M.** and can also be downloaded from the website: https://nacpurushottampur.in/tender.

The undersigned reserves the right to **reject any or all quotations/tenders** without assigning any reason thereof.

Sd./- Executive Officer
NAC, Purushottampur
OIPR-13187/11/0014/2526



**OFFICE OF THE SUPERINTENDING ENGINEER, GANJAM (R&B) DIVISION NO. I, BERHAMPUR**
Phone No. : / Fax No. : 0680-2233683, Email : eernb1_ganjam@yahoo.com
**GOVERNMENT OF ODISHA Quotation Notices**
No.B-534 **Short Auction sale Notice No. 12 of 2025-26**
Ltr. No. 11038/ Dated : 16.09.2025

1. Name of the work : i) Dismantling of different Residential Buildings in the premises of judicial colony District & Session Judge Court at Berhampur. ii) Dismantling of old settlement office (Non-residential) building in the premises of District Session Judge Court at Berhampur
2. Reserve Price : i) Rs. 9,36,921/- ii) Rs. 68,821/-
3. EMD to be deposited (In shape as N.S.C / Post Office savings bank account / Post office time deposit account / Kisan Vikas Patra / Bank Guarantee) : i) Rs. 2,34,500/- ii) 17,200/-
4. Period of Completion : 1 (One) Calendar Month
5. Receipty of Quotation : From 20.09.2025 to 25.09.2025 up to 5.00 P.M.
6. Date & Time of Opening of Quotation : 11 A.M. of 26.09.2025
7. Name and address of the Officer inviting Quotation : Superintending Engineer, Ganjam (R&B) Division No.I, Berhampur

Sd./- Superintending Engineer
Ganjam (R&B) Division No.I
OIPR-34109/11/0044/2526



**GOVERNMENT OF ODISHA**
E-mail: sebalangir@gmail.com
**DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER, BALANGIR IRRIGATION CIRCLE, BALANGIR**
**"e-Procurement Notice"**
No. A-629
**BID Identification No. ACE, BOIC-03/2025-26**
**Procurement Details**

| Pkg. No. | Name of Works | Approx. Tender Cost in lakh | Class of Contractor | Bid Security/ EMD-(Online)-(in INR) | Cost of tender document-(Online)- (in INR) | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Improvement to service Road of RMC in between RD 16200 M to RD 18516 M under SIP | Rs.167.71 Lakh (excluding G.S.T.) | 'A' & 'B' Class | Rs.1,67,800/- | Rs.10,000/- | 12 (Twelve) Calendar Months |
| 2 | Improvement to service road of left side service road from RD 0.63 Km to RD 1.710 Km under SIP | Rs.250.22 Lakh (excluding G.S.T.) | 'A' & 'B' Class | Rs.2,50,300/- | Rs.10,000/- | 12 (Twelve) Calendar Months |
| 3 | Improvement to service Road of LMC in between RD 8.00 Km to 8.80 Km, RD 11.00 Km to 12.10 Km and Sagada Hatapada to Bagh barrage under BIP | Rs.251.67 Lakh (excluding G.S.T.) | 'A' & 'B' Class | Rs.2,51,700/- | Rs.10,000/- | 12 (Twelve) Calendar Months |
| 4 | Improvement to service road of LMC within RD 8450 M to 13000 M under SIP | Rs.249.62 Lakh (excluding G.S.T.) | 'A' & 'B' Class | Rs.2,49,700/- | Rs.10,000/- | 12 (Twelve) Calendar Months |
| 5 | Improvement to service Road of RMC in between RD 00 Km to RD 6.4 Km under BIP | Rs.251.44 Lakh (excluding G.S.T.) | 'A' & 'B' Class | Rs.2,51,500/- | Rs.10,000/- | 12 (Twelve) Calendar Months |
| 6 | Improvement to service road of RMC in between RD 18750 M to RD 22500 M under SIP | Rs.209.66 Lakh (excluding G.S.T.) | 'A' & 'B' Class | Rs.2,09,700/- | Rs.10,000/- | 12 (Twelve) Calendar Months |
| 7 | Flood protection work to the Right Bank of River Tel at Village: Manikpur under Ghantapada G.P. of Kantamal Block (working RD 50.530 Km to 50.930 Km) | Rs.184.90.00 Lakh (excluding G.S.T.) | 'A' & 'B' Class | Rs.1,84,900/- | Rs.10,000/- | 12 (Twelve) Calendar Months |
| 8 | Flood Protection work to the Right Bank of River Mahanadi near Village: Dianghat of Harabhanga G.P. of Harabhanga Block working RD 82.30 Km to 82.44 Km) | Rs.180.63 Lakh (excluding G.S.T.) | 'A' & 'B' Class | Rs.1,80,700/- | Rs.10,000/- | 12 (Twelve) Calendar Months |

| Procurement Officer | Bid Identification No. | Availability of tender Online for bidding | | Date of seeking tender clarification | Date & time of opening of tender | | Place of Opening |
|---|---|---|---|---|---|---|---|
| | | From | To | | Technical Bid | Financial Bid | |
| 1 | 2 | 3 | 4 | 5 | 6 | 7 | 8 |
| Addl. Chief Engineer, Balangir Irrigation Circle, Balangir | ACE, BOIC-03/2025-26 | Dt.23.09.2025 At 10.00 hours | Dt.17.10.2025 upto 17.30 hours | Dt.23.09.2025 to Dt.06.10.2025 at Office during office hours (In working days) | Dt.18.10.2025 at 11.00 hours | To be intimated after evaluation of Technical Bid | Office of Addl. Chief Engineer, Balangir Irrigation Circle, Balangir |

Further details can be seen from the e-procurement portal "**https://www.tendersodisha.gov.in**".
OIPR-32347/11/0004/2526
Sd./- Additional Chief Engineer, Balangir Irrigation Circle, Balangir



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, UPPER KOLAB IRRIGATION DIVISION, BORIGUMMA, DIST : KORAPUT**
**e-Procurement Notice**
**Bid Identification No. SEUKID-02/2025-26 Dated : 16.09.2025**

**No.A-628** : Bid Documents consisting of work, Estimated Cost, cost of bid document, Time of completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. www.tendersodisha.gov.in.

1. Name of the Work : Civil Works
2. No. of Works : 24 Nos
3. Estimated Cost : Rs.6.77 Lakhs to Rs.13.14 Lakhs
4. Period of completion : Two calendar months
5. Date & Time of Bidding : From 11.00 hours of **20.09.2025** Up to 17.00 hours of **03.10.2025**
6. Last date & time for receipt of bids in portal : **03.10.2025** up to 17.00 hours
7. Bids received online shall be opened on : 11.00 hours of **04.10.2025**
8. Name and address of the officer inviting Bid : Superintending Engineer, Upper Kolab Irrigation Division, Borigumma (K)

**Further details can be seen from the www.tendersodisha.gov.in.** Addendum/corrigendum/cancellation required, if any will be published in Govt. Website only.

Sd./- Superintending Engineer,
Upper Kolab Irrigation Division,
Borigumma (K)
OIPR-32482/11/0013/2526



**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: https://oshb.org

ପତ୍ର ସଂଖ୍ୟା: ୧୯୫ ତା:୯।୯।୨୫

**ବିଜ୍ଞାପନ**

No. CAD-1796: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଶ୍ରୀ ସତ୍ୟସାଇ ଏନକ୍ଳେଭ, ଆଇଗିଣିଆ ହାଉସିଂ ପ୍ରକଳ୍ପ ଭୁବନେଶ୍ୱରରେ ଗୃହ ନଂ. ଏଚ.ଆଇ.ଜି.–୧–୩୪ (HIG-1-34), ଗୃହଟିକୁ ଶ୍ରୀମତୀ ମମତା ପ୍ରଧାନ, ସ୍ୱାମୀ: ଚିତ୍ତରଞ୍ଜନ ପ୍ରଧାନ, ସା/ପୋ./ଥାନା/ଜିଲ୍ଲା: ଦେଓଗଡ଼ଙ୍କ ନାମରେ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀମତୀ ମମତା ପ୍ରଧାନ ଉକ୍ତ ଗୃହଟିକୁ ତାଙ୍କ ସାଧାରଣ କ୍ଷମତା ପ୍ରାପ୍ତ ଅଧିକାରୀ ଶ୍ରୀ ଦିଲ୍ଲୀପ କୁମାର ସାହୁ, ପିତା: ଦୟାନିଧି ସାହୁ, ସା/ପୋ/ଥାନା/ଜିଲ୍ଲା: ଦେଓଗଡ଼ଙ୍କ ଜରିଆରେ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀମତୀ ଅନନ୍ୟା ସାହୁ, ସ୍ୱାମୀ: ନମିତ୍ ବହ୍ଲ, ସା: କ୍ରୀଷ୍ଣା ନଗର, ପୋ: ଲକ୍ଷ୍ମୀ ନଗର, ଥାନା/ଜିଲ୍ଲା: ଯାଜପୁରଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ। ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନା ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./– ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0859/2526



**OFFICE OF THE ENGINEER-IN-CHIEF, ELECTRICITY-CUM-PRINCIPAL CHIEF ELECTRICAL INSPECTOR (ODISHA)**
ଓଡ଼ିଶା ସରକାର
**POWER HOUSE SQUARE, UNIT-V, BHUBANESWAR**
TEL. NO. : 0674-2394873, Fax : 2391255/2391024
Email: sdaorissa@od.gov.in, eic-epcei@od.gov.in

**Indicative advertisement for the Engagement of EV Consultant on temporary basis in Energy Conservation Cell in the office of Engineer in Chief (Electricity)-cum-Principal Chief Electrical Inspector, Odisha, Bhubaneswar**

Advt. No.Tech-EC-1188/ 6033 / Date 15th Sept 2025.

**No.AA-27** : Engineer-in-Chief (Electricity)-cum-Principal Chief Electrical Inspector, Odisha under the Department of Energy, Govt. of Odisha invites applications from eligible candidates for engagement of one number of EV consultant. The last date of receipt of completed applications is 25.09.2025, 05:00 PM.
For detailed advertisement and to download the application forms, please visit the website: https://eicelectricityodisha.nic.in. The authority reserves the right to accept / reject any application without assigning any reasons thereof.
**"Go Electric Go Green"**

Sd./-
EIC(E)-cum-PCEI & SDA (O)
OIPR-04066/11/0034/2526

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..................................



ଓମ୍‌ସାଇ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ୧୪ତମ ଜନ୍ମ ବାର୍ଷିକୀ ଶୁଭେଚ୍ଛା



**ଓମ୍‌ସାଇ ବିଶ୍ୱାଳ**
ଲେଣ୍ଡୋ, ନିରାକାରପୁର, ଖୋର୍ଦ୍ଧା

ଜନ୍ମଦିନେ ବୁଦ୍ଧି, ବିଦ୍ୟା, ଆଶିଷ
ଦେଇଥାଅ ପ୍ରଭୁ ଓମ୍‌ସାଇ ଡାକୁଥିବ ସଦା
ତୁମକୁ ଦୁଃଖ ଆସିଲେବି ଭାଗ୍ୟଫଳ ଭାବି
ବୁଝାଇ ଦେବି ମୋ ମନକୁ।

ଶୁଭେଚ୍ଛାସହ:
ସାଇ ପରିବାର, ଆମ ପରିବାର, ତୁମ ପରିବାର, ଗୁରୁ ମା, ଗୁରୁଜୀ, ବନ୍ଧୁ ଓ ପରିବାରବର୍ଗ।

ଧ-୨୦୧୯

## PhD ଡିଗ୍ରୀରେ ସମ୍ମାନିତ



ପାରାଦ୍ୱୀପର ଡଃ ସୁବ୍ରତ କୁମାର ବରାଳ PhD (Mechanical Engineering) ଡିଗ୍ରୀ ପାଇଛନ୍ତି। ସେ VNIT, ନାଗପୁର, ମହାରାଷ୍ଟ୍ରରେ ଡଃ ରବି କୁମାର ଦମ୍ପଲାଙ୍କ ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ। ସେ ଶ୍ରୀ ଶରତ କୁମାର ବରାଳ, P.A., PDA ଏବଂ ଶ୍ରୀମତୀ ତୁଳସୀ ବରାଳ, ଲେଖିକା ଏବଂ ସମାଜସେବୀଙ୍କ ଜ୍ୟେଷ୍ଠ ପୁତ୍ର ଅଟନ୍ତି। ଏହି କୃତିତ୍ୱ ପାଇଁ ସାଙ୍ଗସାଥୀ, ବନ୍ଧୁବାନ୍ଧବ ଏବଂ ପାରାଦ୍ୱୀପର କିଛି ଜନସାଧାରଣ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ଧ-୨୦୨୦

SPOT ADMISSION 2025-27
B.Ed
Approved by NCTE & Govt of Odisha
BAJIRAO B.ED ACADEMY LLP
Education For All !!!
Near Ganjam Kala Parishad, Berhampur -760001
99380 25554
63708 53214

ବିଶେଷଜ୍ଞ
ଅର୍ଶ ଭଗନ୍ଦର ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple,
ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ,
Cuttack Road, BBSR
9861146916
8917362388
VSS Nagar, BBSR
9861917646

# ନାରାୟଣୀ ମୋଟର୍ସରେ ମାରୁତି ଅଲ୍ ନ୍ୟୁ ଭିକ୍ଟୋରିଜ୍‌ର ଅନାବରଣ

**ଭୁବନେଶ୍ୱର,୧୮।୯(ଅନୁରାଧା ମହାରଣା)**



ମାରୁତି ସୁଜୁକି ଅଧିକୃତ ବିକ୍ରେତା ନାରାୟଣୀ ମୋଟର୍ସ ପକ୍ଷରୁ ମାରୁତି ଅଲ୍ ନ୍ୟୁ ଭିକ୍ଟୋରିଜ୍ ଗୁରୁବାର ଅନାବରଣ କରାଯାଇଛି। ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଏହି କାର୍‌ର ଅନାବରଣ ଅବସରରେ ୟୁନିୟନ ବ୍ୟାଙ୍କର ଡେପୁଟି ଜେନେରାଲ ମ୍ୟାନେଜର ନିରଞ୍ଜନ ବାରିକ, ଡେପୁଟି ଜୋନାଲ ମ୍ୟାନେଜର ହରିନ୍ଦର ସିଂ ସାନ୍ଧୁ, ନାରାୟଣୀ ମୋଟର୍ସର ପରିଚାଳନା ନିର୍ଦ୍ଦେଶକ ପୁରୁଷୋତ୍ତମ ବୁଦ୍ଧରାଜ, ନିର୍ଦ୍ଦେଶକ ପ୍ରଣୟ ବୁଦ୍ଧରାଜ ପ୍ରମୁଖ ଯୋଗଦେଇଥିଲେ। ନୂଆ ଡିଜାଇନ ଓ ଆଧୁନିକ ଫିଚର୍ସ ସହ ଲଞ୍ଚ ହୋଇଥିବା ଏହି କାର୍‌ରେ ଏଲ୍‌ଇଡି ଲାଇଟିଂ ଓ କନେକ୍ଟେଡ୍ ଟେଲଲ୍ୟାମ୍ପ ରହିଛି। ଏହା ଏଏଏକ୍ସଆଇ, ଭିଏକ୍ସଆଇ, ଜେଡ୍‌ଏକ୍ସଆଇ, ଜେଡ୍‌ଏକ୍ସଆଇ ଅପ୍‌ସନାଲ, ଜେଡ୍‌ଏକ୍ସଆଇ ପ୍ଲସ୍ ଓ ଜେଡ୍‌ଏକ୍ସଆଇ ପ୍ଲସ୍ ଅପ୍‌ସନାଲ ଭଳି ୬ଟି ଭାରିଆଣ୍ଟରେ ଉପଲବ୍ଧ। ୧୦.୫ ଲକ୍ଷ ଟଙ୍କାରୁ ଆରମ୍ଭ କରି ୧୯.୨୦ ଲକ୍ଷ ଟଙ୍କାରେ ଏହିସବୁ ଭାରିଆଣ୍ଟ ଉପଲବ୍ଧ ହୋଇଛି। ମୁଖ୍ୟ ଫିଚର୍ସ ମଧ୍ୟରେ ୧୦.୨୫ ଇଞ୍ଚ ଡିଜିଟାଲ ଡ୍ରାଇଭର ଡିସ୍‌ପ୍ଲେ, ପାନୋରାମିକ୍ ସନ୍‌ରୁଫ୍ ଓ ୬୪-କଲର ଆମ୍ବିଏଣ୍ଟ ଲାଇଟିଂ ସହ ଅନ୍ୟାନ୍ୟ ସେଫ୍‌ଟି ଫିଚର୍ସ ରହିଛି। ଏହା ମାରୁତିର ପ୍ରଥମ ଗାଡ଼ି ଯାହା ଲେଭେଲ-୨ ଆଡାସ୍ ସହ ଆସିଛି। ଏହା ୧୦ ଟି ରଙ୍ଗରେ ଉପଲବ୍ଧ। ଏହା ପେଟ୍ରୋଲ, ଷ୍ଟ୍ରଙ୍ଗ୍-ହାଇବ୍ରିଡ୍ ଓ ସିଏନ୍‌ଜି ପାୱାର ଟ୍ରେନ୍ ଅପ୍‌ସନ ସହ ଉପଲବ୍ଧ। ଏହା ମାରୁତିର ପ୍ରଥମ ଗାଡ଼ି ଯାହା ଅଣ୍ଡରବଡି ଟ୍ୱିନ-ଟ୍ୟାଙ୍କ ସିଏନ୍‌ଜି ସେଟ୍‌ଅପ ସହ ଅଧିକ ବୁଟ୍ ସ୍ପେସ୍ ଦେଉଛି। ଲିଟର ପ୍ରତି ୨୭ରୁ ୨୮ କିଲୋମିଟର ମାଇଲେଜ ରହିଛି। ଉନ୍ମୋଚନ ଅବସରରେ ନାରାୟଣୀ ମୋଟର୍ସ ନିର୍ଦ୍ଦେଶକ ପ୍ରଣୟ ବୁଦ୍ଧରାଜ କହିଛନ୍ତି, ପାର୍ବଣଋତୁରେ ଏହାର ଲଞ୍ଚ କରାଯାଇଥିବାରୁ ବ୍ୟବସାୟ ଲାଭଦାୟକ ହେବ ବୋଲି ଆଶା ରହିଛି। ଆସନ୍ତା ୨୨ ତାରିଖରୁ ଲାଗୁ ହେବାକୁ ଥିବା ନୂଆ ଜିଏସ୍‌ଟି ହ୍ରାସର ସୁବିଧା ଗ୍ରାହକଙ୍କୁ ପ୍ରଦାନ କରାଯିବ। ଏହାସହ ସ୍ୱତନ୍ତ୍ର ଫେଷ୍ଟିଭ୍ ଡିସ୍‌କାଉଣ୍ଟ ପ୍ରଦାନ ପାଇଁ ମଧ୍ୟ ଯୋଜନା ରହିଛି।

# କ୍ୱାଲିଟି କନ୍‌ସେପ୍ଟରେ ଟିପିସିଓଡିଏଲ୍‌କୁ ୧୫ ପୁରସ୍କାର

**ଭୁବନେଶ୍ୱର,୧୮।୯**



ଟାଟା ପାୱାର ଓ ରାଜ୍ୟ ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) କ୍ୟୁସିଏଫ୍‌ଆଇ ଭୁବନେଶ୍ୱର ଚାପ୍ଟର ପକ୍ଷରୁ ଆୟୋଜିତ କ୍ୱାଲିଟି କନ୍‌ସେପ୍ଟ ୨୦୨୫ରେ ୧୫ଟି ପୁରସ୍କାର ଜିତିଛି। କ୍ୱାଲିଟି ସର୍କଲ ଓ କାଇଜେନ୍‌ର ୧୫ ପ୍ରକଳ୍ପ ମଧ୍ୟରୁ ୧୪ଟି ଟିମ୍ ସ୍ୱର୍ଣ୍ଣ ଏବଂ ଗୋଟିଏ ଟିମ୍ ରୌପ୍ୟ ପଦକ ହାସଲ କରିଛି। ଏନ୍‌ଟିପିସି, ଓ ଖଣି ନିଗମ, ଜିନ୍ଦଲ ଷ୍ଟେନ୍‌ଲେସ୍, ନାଲ୍‌କୋ, ବାଲ୍‌କୋ, ଟାଟା ପାୱାର, ବେଦାନ୍ତ ଭଳି ଅଗ୍ରଣୀ କମ୍ପାନୀର ୨୧୦ରୁ ଅଧିକ ଟିମ୍ ସହ ଟିପିସିଓଡିଏଲ୍‌ର ଟିମ୍ ପ୍ରତିଦ୍ୱନ୍ଦ୍ୱିତା କରିଥିଲା। ସ୍ୱର୍ଣ୍ଣ ବିଜୟୀ ଟିମ୍ ଆସନ୍ତା ଡିସେମ୍ବରରେ ଅନୁଷ୍ଠିତ ହେବାକୁ ଥିବା କ୍ୱାଲିଟି କନ୍‌ସେପ୍ଟର ଜାତୀୟ କନ୍‌ଭେନଶନ ପାଇଁ ଯୋଗ୍ୟତା ହାସଲ କରିଛନ୍ତି।

# ପାତ୍ର ଇଲେକ୍ଟ୍ରୋନିକ୍ସର ପ୍ରି ବୁକିଂ ବିଗ୍ ଫେଷ୍ଟିଭାଲ ସେଲ୍

**ଭୁବନେଶ୍ୱର,୧୮।୯**

PATRA ELECTRONICS
PATRA'S BIG FESTIVAL SALE

ଦେଶର ନୂଆ ଜିଏସଟି ସଂଶୋଧନ ବ୍ୟବସ୍ଥାରେ ସେପ୍ଟେମ୍ବର ୨୨ ତାରିଖ ପରେ କେତେକ ଇଲେକ୍ଟ୍ରୋନିକ୍ସ ଜିନିଷର ହ୍ରାସ ହେବାକୁ ଯାଉଛି। ଏହି ଅବସରରେ ଓଡିଶାର ଥିବା ସମସ୍ତ ପାତ୍ର ଇଲେକ୍ଟ୍ରୋନିକ୍ସ ବ୍ରାଞ୍ଚରେ ପ୍ରି ବୁକିଂ ସେଲସ ଆରମ୍ଭ ହୋଇଛି। ଏହି ଅବସରରେ ପାତ୍ର ଇଲେକ୍ଟ୍ରୋନିକ୍ସ ତରଫରୁ ଜିଏସଟି ବେନିଫିଟ ସହିତ କଷ୍ଟ୍ ଟୁ କଷ୍ଟ୍ ପ୍ରାଇସରେ ସମସ୍ତ ଜିନିଷକୁ ସହଜ କିସ୍ତିରେ ଯୋଗାଇ ଦିଆଯିବ। ଏହି ସମୟରେ କେତେକ ଜିନିଷକୁ ଜିରୋ ଡାଉନ୍ ପେମେଣ୍ଟ, ଜିରୋ ଇଣ୍ଟରେଷ୍ଟ,ଜିରୋ ପ୍ରୋସେସିଂ, ୯୯୦ ଟଙ୍କାରେ ସହଜ କିସ୍ତି, ୩୬ ମାସ ପର୍ଯ୍ୟନ୍ତ ଇଏମଆଇ, ୩୦ ହଜାର ଟଙ୍କା ପର୍ଯ୍ୟନ୍ତ ଟ୍ରିପଲ କ୍ୟାସ ବ୍ୟାକ, ୨ଲକ୍ଷ ୫୦ ହଜାର ଟଙ୍କାର ଡେଲି ଲକି ଡ୍ର, ଗିଫ୍ଟ ଭାଉଚର, ମାତ୍ର ୩୯୯୦ରେ ୪ଟି ପ୍ରଡକ୍ଟ ଏଲଇଡି ଟିଭି, ୱାସିଂ ମେଶିନ, ଫ୍ରିଜ, ଏସି, ମିଳୁଛି ଓ ଦୁଇଟି ଇ.ଏମ.ଆଇ ପର୍ଯ୍ୟନ୍ତ ରିଫଣ୍ଡର ବ୍ୟବସ୍ଥା ଅଛି। ପ୍ରି ବୁକିଂ କଲେ ଜି.ଏସ.ଟି ପରିବର୍ତ୍ତିତ ମୂଲ୍ୟ ସହ ଏହି ସବୁ ସମସ୍ତ ଅଫର ଗୁଡିକର କେତେକ ଜିନିଷକୁ ୫୦% ପର୍ଯ୍ୟନ୍ତ ରିହାତି ମିଳିବାର ସୁବିଧା ଅଛି।

# ରାଜ୍ୟରେ ଉତ୍ପାଦନ ହେଉଛି ୩୦ ନିୟୁତ ମେଟ୍ରିକ୍ ଟନ୍ ଇସ୍ପାତ

**ଭୁବନେଶ୍ୱର,୧୮।୯(ଅନୁରାଧା ମହାରଣା)**

ରାଜ୍ୟରେ ଥିବା ୫୪ଟି ଛୋଟ ବଡ଼ ଇସ୍ପାତ କାରଖାନାରୁ ବାର୍ଷିକ ପାଖପାଖି ୩୦ ନିୟୁତ ମେଟ୍ରିକ ଟନ୍ ଇସ୍ପାତ ଉତ୍ପାଦନ ହେଉଛି। ଏଥିରୁ ୧ ନିୟୁତ ଟନ୍ ଇସ୍ପାତ ବିଦେଶକୁ ରପ୍ତାନି ହେଉଛି । ରାଜ୍ୟ ଭିତରେ ୫.୭୩ ନିୟୁତ ଟନ୍ ଇସ୍ପାତ ବ୍ୟବହାର ହେଉଥିବାବେଳେ ରାଜ୍ୟ ବାହାରକୁ ୧୭ ନିୟୁତ ଟନ୍‌ରୁ ଅଧିକ ଇସ୍ପାତ ଯାଉଛି । ରାଜ୍ୟରେ ଇସ୍ପାତ ଉତ୍ପାଦନ ସମ୍ପର୍କରେ ଭାଜପା ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ରାଜ୍ୟ ଇସ୍ପାତ ଓ ଖଣିମନ୍ତ୍ରୀ ବିଭୂତି ଭୂଷଣ ଜେନା ଏହି ସୂଚନା ଦେଇଛନ୍ତି । ମନ୍ତ୍ରୀ ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି, ଏହିସବୁ କାରଖାନାରୁ ୨୦୨୨-୨୩ରେ ୨୫.୧୨ ନିୟୁତ ଟନ୍ ଇସ୍ପାତ ଉତ୍ପାଦନ ହୋଇଥିବାବେଳେ ୨୦୨୩-୨୪ ରେ ତାହା ୨୭.୩୧ ନିୟୁତ ଟନ୍‌କୁ ବୃଦ୍ଧି ପାଇଥିଲା ଏବଂ ୨୦୨୪-୨୫ରେ ଏହା ପ୍ରାୟ ୩୦ ନିୟୁତ ମେଟ୍ରିକ୍ ଟନ୍‌ରେ ପହଞ୍ଚିଛି । ସେହିଭଳି ଓଡ଼ିଶାରେ ଇସ୍ପାତ କାରଖାନା ପ୍ରତିଷ୍ଠା ପାଇଁ ୪୯ଟି କମ୍ପାନୀ ରାଜ୍ୟ ସରକାରଙ୍କ ସହ ଚୁକ୍ତିନାମା ସ୍ୱାକ୍ଷର କରିଛନ୍ତି । ଏଥିମଧ୍ୟରୁ ୨୩ ଇସ୍ପାତ କମ୍ପାନୀ କାର୍ଯ୍ୟକ୍ଷମ ଥିବାବେଳେ ଗୋଟିଏ ଫେରୋଆଲଏଜ୍, ଗୋଟିଏ ପେଲେଟ୍ ଓ ୫ଟି ସ୍ପଞ୍ଜ ଲୁହା କାରଖାନା ଚାଲିଛି। ଅସ୍ଥାୟୀ ଭାବେ ୪ଟି କାରଖାନା କାର୍ଯ୍ୟକ୍ଷମ ହୋଇ ନ ଥିବାବେଳେ ୧୨ଟି ଇସ୍ପାତ କାରଖାନାର କାର୍ଯ୍ୟ ଆରମ୍ଭ ହୋଇନାହିଁ । ଚାରିଟି ଇସ୍ପାତ କମ୍ପାନୀ ଓଡ଼ିଶା ଛାଡ଼ିଛନ୍ତି। ଏହି ୪ଟି କମ୍ପାନୀ ମଧ୍ୟରେ ପୋସ୍କୋ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ରହିଛି ।

# ଏଏମ୍‌ଏନ୍‌ଏସ୍ ଇଣ୍ଡିଆ ପକ୍ଷରୁ ଚାରାରୋପଣ

**ଭୁବନେଶ୍ୱର,୧୮।୯**

ଓଡ଼ିଶା ସରକାରଙ୍କ ଶିଳ୍ପ ବିଭାଗ ଆନୁକୂଲ୍ୟରେ ଆର୍ସେଲରମିତ୍ତଲ ନିପନ ଷ୍ଟିଲ ଇଣ୍ଡିଆ (ଏଏମ୍/ଏନ୍ ଏସ୍ ଇଣ୍ଡିଆ) ପକ୍ଷରୁ 'ଏକ ପେଡ ମା' କେ ନାମ ୨.୦' ଅଭିଯାନର ଏକ ଅଂଶ ଭାବେ ପାରାଦ୍ୱୀପ, ଡାବୁନା, ଠାକୁରାଣୀ ଏବଂ ସାଗାସାହି ନିକଟରେ ୧୨ଟି ସ୍ଥାନରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଜଗତସିଂହପୁରର ପାରାଦ୍ୱୀପସ୍ଥିତ ପେଲେଟ ପ୍ଲାଣ୍ଟ ପରିସରରେ ବୃକ୍ଷରୋପଣ ଅଭିଯାନରେ ୪୦୦ରୁ ଅଧିକ କର୍ମଚାରୀ ଅଂଶଗ୍ରହଣ କରିଥିଲେ । ପାରାଦ୍ୱୀପ ପେଲେଟ ପ୍ଲାଣ୍ଟର ପ୍ଲାଣ୍ଟ ମୁଖ୍ୟ ୟୁଏସଆର ରାଜୁ, ଏଚଆର ଓ ଆଇଆରର ଓଡ଼ିଶା ଆସେଟ ମୁଖ୍ୟ ସୁନୀଲା ଦାସ, କର୍ପୋରେଟ ଆଫେୟାର୍ସ ବିଭାଗ ମୁଖ୍ୟ ସୁପର୍ଣ୍ଣା ନନ୍ଦ, ସିଏସଆର ବିଭାଗ ମୁଖ୍ୟ ଡକ୍ଟର ବିକାଶ ୟାଦଭେନ୍ଦୁ, ଓଡ଼ିଶା ପରିବେଶ ବିଭାଗ ମୁଖ୍ୟ ଶୁଭେନ୍ଦୁ କୁମାର ଦାଶଙ୍କ ସମେତ ଏଏମ/ଏନଏସ ଇଣ୍ଡିଆର ବରିଷ୍ଠ ନେତୃତ୍ୱ ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ଟେଲିଂ ଡ୍ୟାମ ନିକଟସ୍ଥ ଶଙ୍କାରୀ ଗ୍ରାମରେ ଡାବୁନା ଟିମ ଏକତ୍ରିତ ହୋଇ ବୃକ୍ଷରୋପଣ କରିଥିଲେ । ଏହି ଅଭିଯାନରେ ପ୍ରକଳ୍ପ ବିଭାଗର ଭାଇସ ପ୍ରେସିଡେଣ୍ଟ ଶୈଳେନ୍ଦ୍ର ଶାହା, ଡାବୁନା ବେନିଫିସିଏସନ ପ୍ଲାଣ୍ଟର ମୁଖ୍ୟ ଜୟବର୍ଦ୍ଧନ ପରୋହା, ହାଜିରାର ଆକାଉଣ୍ଟସ ବିଭାଗ ମୁଖ୍ୟ ଭବେଶ ମୋଦୀ ଏବଂ ୬୦ ଜଣ କର୍ମଚାରୀ ଏବଂ ସହଯୋଗୀ କର୍ମଚାରୀ ଯୋଗ ଦେଇଥିଲେ । ସୁନ୍ଦରଗଡ଼ ଏଏମ / ଏନ ଏସ ଇଣ୍ଡିଆର ଘୋରାବୁରହାନି ସାଗାସାହି ଖଣି ନିକଟରେ ସାଗାସାହି, କଳମଙ୍ଗ ଏବଂ କାନିସାହି ଗ୍ରାମରେ ବୃକ୍ଷରୋପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଏଏମ / ଏନଏସ ଇଣ୍ଡିଆର ଅପରେସନ୍ସ ବିଭାଗ ନିର୍ଦ୍ଦେଶକ ତଥା ଭାଇସ ପ୍ରେସିଡେଣ୍ଟ ୱିମ ଭାନ ଗର୍ଭେନ, ଖଣି ଏବଂ ରଣନୈତିକ ବିଭାଗ ପ୍ରକଳ୍ପ ନିର୍ଦ୍ଦେଶକ ଆଲୋକ ମେହେଟ୍ଟା, ମୁଖ୍ୟ ନିରାପତ୍ତା ଅଧିକାରୀ ନାଗେଶ୍ୱର ରାଓ, ଓଡ଼ିଶା ଗ୍ରୀନଫିଲ୍ଡ ପ୍ରକଳ୍ପ ଏବଂ ବୈଷୟିକ ସହାୟତା ବିଭାଗ ମୁଖ୍ୟ ଟି ଏସ ଶାନଭୋଗ, ଓଡ଼ିଶା ଆସେଟ ର ଅପରେସନ୍ସ ବିଭାଗ ମୁଖ୍ୟ ସୁରେଶା ଜି, ବରିଷ୍ଠ ମହାପ୍ରବନ୍ଧକ ଅମିତ ଦୁବେ, ସାଗାସାହି ଖଣି ପ୍ରବନ୍ଧକ ସତ୍ୟକାମା ଦାସ, ଡାବୁନା ଲଜିଷ୍ଟିକ୍ସ ବିଭାଗ ମୁଖ୍ୟ ଜୟକିଶନ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

# Classified Everyday

**0674-2580101, 9692975378**



REAL ESTATE
SALE

ଭୁବନେଶ୍ୱର NISER, IIT ଜଟଣୀ ପାଖରେ ପ୍ରସ୍ତାବିତ BDA 200ft ରୋଡକୁ ଲାଗି investment ପ୍ଲଟ୍ ପୋଜେସନ ଥାଇ Sqft.- 650/-, 850/- ବିକ୍ରି ହେଉଛି– 9337166296. D-1942

Ready to move 1/2 BHK flat for sale @ 18/ 24lakh at Gudiapokhari Bhubaneswar, Call- 9861642492. D-2018



Newly open Jyoti SPA positively health benefits (expert therapist). 8458067955. D-76936

ବହୁବର୍ଷ ଧରି ଭଲହେଉନଥିବା ଯେକୌଣସି ରୋଗରୁ ମୁକ୍ତି ପାଇଁ ଓ ସର୍ବଦା ସୁସ୍ଥ ନିରୋଗ ରହିବାକୁ ଚାହୁଁଥିଲେ Cellogen ଖାଆନ୍ତୁ 9439493164. D-2012

The massage felt totally professional & comfortable at all times-7978109255. D-76495

Now Matrimonial ads. only on Wednesday & Sunday Book 1 Get 1 FREE

## AFFIDAVIT

By virtue of an affidavit sworn before Executive Magistrate, Nayagarh on 25.06.2025, I Kshirod Kumar Sahoo, S/o- Gobinda Chandra Sahoo, At/P.O.- Balugaon, P.S./Dist.- Nayagarh, PIN-752070, declare that I have changed my name from Khiroda Kumar Sahoo to Kshirod Kumar Sahoo. Henceforth, I shall be known as Kshirod Kumar Sahoo for all purposes. D-2016

By this affidavit sworn before the Executive Magistrate, Jharsuguda, No.-997, date- 17.09.25, I, Amit Kumar Singh, S/o- Kameshwar Singh, R/o- Q.No.- 80, Budhijam, Orient colliery, Brajrajnagar, Dist.- Jharsuguda, Odisha declare that in my all educational documents my father's name has been written as Kameswar Singh instead of Kameshwar Singh. That both the names are relates to one and same person. D-2022

I, Sandhyarani Pattanaik, D/o- Pravakar Pattanaik, At- Jadupati Bihar, Jubuli Town, P.O./P.S.- Dhenkanal Town, Dist.-Dhenkanal, Odisha-759001, declare by the affidavit before Executive Magistrate, Dhenkanal, No.- 830, dtd-18.09.2025 that now onwards my son Swastik Mathan will be known as Swastik Pattanaik for all future purposes.
Sandhyarani Pattanaik. D-2014

By virtue of an affidavit Before Notary Public, Kantabanji bearing No.- 2316 on 18.09.2025 that before marriage I known as Demati Banachhor which is mentioned in my Aadhaar Card and S.B. account of Bank of Baroda, Kantabanji but after marriage to Hemanta Nial I known as Keshari Nial, W/o Hemanta Nial of Village /P.O./P.S.- Belpada, Dist.- Balangir,Odisha and updated my Aadhaar Card whereas Demati Banachhor and Keshari Nial W/o Hemanta Nial, is same and one person. D-2015

By virtue of an Affidavit sworn before Notary Public, Bhubaneswar, dated- 18.09.2025. I, Ajaya Kumar Sahoo, Address: Kunja Patana, Lingaraj, Old town declare that I have changed my name from Ajay Kumar Sahu to Ajaya Kumar Sahoo. Henceforth, I shall be known as Ajaya Kumar Sahoo for all purposes.
Ajaya Kumar Sahoo D-2017

By virtue of an affidavit sworn before (Notary Public) Rourkela dated- 03.09.25 I, Shashikanta Ekka, Address: Kuarmunda, P.O.- Kuarmunda, P.S.- Biramitrapur Dist.- Sundargarh, declare that I have changed my Surname from Shashikant Behera to Shashikant Ekka. Henceforth, I shall be known as Shashikanta Ekka for all purposes. D-2021

I, Andavarapu Sahasra, Daughter of Andavarapu Srinivasa Rao, resident of plot No.- 2989, 1st floor, Nageswar Tangi, Bhubaneswar 751 oo2, hereby infrom that in my class 10th Pass Certificate and Mark sheet, my name is Incorrectly mentioned as A. Sahasra. The correct name is Andavarapu Sahasra, which has been affirmed before the Executive Magistrate, Bhubaneswar vide affidivit No. CF No.- 17/13.09.2025. this notice is being published for official and public record purposes. D- 2010

I, Tripti Ray W/o- Bholanath Ray, Village- Jyotinagar, Gondiaguda, P.O./P.S./Dist.- Malkangiri presently residing at Mathili, P.O./P.S.- Mathili, Dist.- Malkangiri do hereby solemnly affirm and state on oath as follows. That my actual name is Tripti Barai and after my marriage my surname is changed as Tripti Ray. That, in Aadhaar Card my name is mentioned as Tripti Barai and I want to change my name in Aadhaar Card as Tripti Ray. That, Tripti Barai and Tripti Ray is one and same i.e. myself. That, I swear this affidavit in order to produce before the concerned authority to change my name in Aadhaar Card as Tripti Ray. D-2025

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before Executive Magistrate, Bhubaneswar, dated- 18th September 2025. I, Mirza Zayed Baig, Address: At.-Haridaspur, P.O.- Naharkanta, P.S.- Balianta, Dist.- Khordha PIN- 752101 Odisha declare that I have changed my name from Mirja Jayad Beg to Mirza Zayed Baig. Henceforth, I shall be known as Mirza Zayed Baig for all purposes.
Mirza Zayed Baig D-2011

By virtue of an affidavit sworn before the Executive Magistrate, Harabhanga, No.149 date 01.08.25, I, Sadananda Behera, R/o- Village- Khalisahi, P.O.- Talagaon, P.S.- Harabhanga, Dist.- Boudh, Odisha, PIN- 762012 declare that I have changed my son's name from Aryana Behera to Yariyan Behera. Henceforth he shall be known as Yariyan Behera for all purposes.
Sadananda Behera D-2025

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
0199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।

## ମନେ ପଡ଼ନ୍ତି

**ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ଶ୍ରୀମତୀ ସୁଜାତା ଷଡ଼ଙ୍ଗୀ**
ଆବିର୍ଭାବ: ୨୧।୦୩।୧୯୬୨
ତିରୋଧାନ: ୧୫।୦୯।୨୦୨୦

ତରଭା ନିବାସୀ ଶିକ୍ଷୟିତ୍ରୀ ଶ୍ରୀମତୀ ସୁଜାତା ଷଡ଼ଙ୍ଗୀଙ୍କ ପଞ୍ଚମ ଶ୍ରାଦ୍ଧବାର୍ଷିକୀ ୧୯।୦୯।୨୦୨୫ ତ୍ରୟୋଦଶୀ ତିଥିରେ ପାଳନ ଅବସରରେ ସ୍ୱାମୀ ଦୁର୍ଯ୍ୟୋଧନ ରାଉତ, ପୁତ୍ର ସୂର୍ଯ୍ୟ ପ୍ରତାପ ରାଉତ, ପୁତ୍ରବଧୂ ପିଙ୍କି ସାମଲ, ନାତି, ନାତୁଣୀ-ଏଞ୍ଜେଲ, ଆରବ, ଅଂଶ, ଆୟୁଷ ଓ ସମସ୍ତ ଆତ୍ମୀୟ ସ୍ୱଜନ ଏବଂ ବନ୍ଧୁବର୍ଗ। ଦିବଂଗତ ଅମର ଆତ୍ମାର ସଦ୍‌ଗତି ଓ ଶାନ୍ତି ପାଇଁ ଜଗତ ଜନନୀ ମା, ମଙ୍ଗଳାଙ୍କ ନିକଟରେ ପ୍ରାର୍ଥନା କରି ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛୁ।

ଧ-୨୦୨୩

**ପ୍ରଥମ ଶ୍ରଦ୍ଧାଞ୍ଜଳି**



**୰ଆଶା ବାଗ**
ତିରୋଧାନ: ୧୯।୦୯।୨୦୨୪
ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ତୋ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀରାମଙ୍କ ନିକଟରେ ପ୍ରାର୍ଥନା।
**ଶୋକସନ୍ତପ୍ତ:** ମା, ସନ୍ତୋଷିନୀ, ବାପା ଉଦୟ, ଭଉଣୀ ଶୀତଳ, ନିଶା, ମମୁନ,ଓ ବନ୍ଧୁବର୍ଗ।

ଧ-୨୦୨୪

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com



ନିର୍ମଳ କୁମାର ମିଶ୍ର

ଓଡ଼ିଶା ପ୍ରୋ ଟି୨୦

# ଯୁବ ଖେଳାଳିଙ୍କ ପାଇଁ ବଡ଼ ସୁଯୋଗ

**ଓଡ଼ିଶା ପ୍ରୋ ଟି୨୦ ଲିଗ୍ ଆରମ୍ଭ ହୋଇଯାଇଛି। ସେପ୍ଟେମ୍ବର ୨୬ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତୀକ୍ଷିତ ଲିଗ୍ ରାଜ୍ୟର ଯୁବ ଖେଳାଳିଙ୍କ ପାଇଁ ବଡ଼ ସୁଯୋଗ ଆଣିବାକୁ ଯାଉଛି। ଏଥିରେ ଭଲ ପ୍ରଦର୍ଶନ କଲେ ଓଡ଼ିଶା ଖେଳାଳିମାନେ ଆଇପିଏଲ୍ ଫ୍ରାଞ୍ଚାଇଜ୍‌ଙ୍କ ଦୃଷ୍ଟି ଆକର୍ଷଣ କରିପାରିବେ...**

### ୬ ଦଳ ଓ ଅଧିନାୟକ

ଭୁବନେଶ୍ୱର ଟାଇଗର୍ସ: ସୂର୍ଯ୍ୟକାନ୍ତ ପ୍ରଧାନ
କଟକ ପାନ୍ଥର୍ସ: ସ୍ୱସ୍ତିକ ସାମଲ
କେନ୍ଦୁଝର ମାଇନର୍ସ: ଗୋବିନ୍ଦ ପୋଦ୍ଦାର
ପୁରୀ ଟାଇଟାନ୍ସ: ସନ୍ଦୀପ ପଟ୍ଟନାୟକ
ରାଉରକେଲା ଷ୍ଟିଲର୍ସ: ଆଶୀର୍ବାଦ ସ୍ୱାଇଁ
ସମ୍ବଲପୁର ୱାରିୟର୍ସ: ଶୁଭ୍ରାଂଶୁ ସେନାପତି

ଓଡ଼ିଶା କ୍ରିକେଟ ପାଇଁ ଭଲ ଖବର। ଓଡ଼ିଶା ପ୍ରୋ ଟି୨୦ ଲିଗ୍ ଆରମ୍ଭ କରିଛି ଓଡ଼ିଶା କ୍ରିକେଟ ଆସୋସିଏଶନ୍ (ଓସିଏ)। ଭୁବନେଶ୍ୱର ଟାଇଗର୍ସ ଓ କଟକ ପାନ୍ଥର୍ସ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ କଟକର ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଛି। ଏଥିରେ କଟକ ପାନ୍ଥର୍ସ ବିଜୟୀ ହୋଇ ଅଭିଯାନ ଆରମ୍ଭ କରିଛି। ଫ୍ରାଞ୍ଚାଇଜ୍ ଭିତ୍ତିକ ଏହି ଲିଗ୍‌କୁ ନେଇ ଯୁବ ଖେଳାଳିମାନେ ବେଶ ଉତ୍ସାହିତ ଅଛନ୍ତି। ଦୀର୍ଘ ୧୨ବର୍ଷ ପରେ ଓସିଏର ଏପରି ପ୍ରୟାସ ନିଶ୍ଚିତ ରୂପେ ସ୍ୱାଗତ ଯୋଗ୍ୟ। ୨୦୧୨ ଓ ୨୦୧୩ ସିଜନ୍‌ରେ ଓସିଏ ଓଡ଼ିଶା ପ୍ରିମିୟର ଲିଗ ଆରମ୍ଭ କରିଥିଲା। ଫ୍ରାଞ୍ଚାଇଜ୍ ଭିତ୍ତିକ ଏହି ଲିଗ୍ କୌଣସି କାରଣ ଯୋଗୁଁ ବନ୍ଦ ହୋଇଯିବାରୁ ଖେଳାଳିମାନେ ନିରୁତ୍ସାହିତ ହୋଇଥିଲେ। ଏହି ଲିଗ୍ ମାଧ୍ୟମରେ ଅନେକ ଯୁବ କ୍ରିକେଟର ଲୋକଲୋଚନକୁ ଆସିବା ସହିତ ଓଡ଼ିଶାର କ୍ଲବ କ୍ରିକେଟ ବେଶ୍ ଶକ୍ତିଶାଳୀ ହୋଇପାରିଥିଲା। ଓଡ଼ିଶା ମଧ୍ୟ ଜାତୀୟ ସ୍ତରର ସୟଦ ମୁସ୍ତାକ ଅଲ୍ଲୀ ଟି୨୦ ଟୁର୍ନାମେଣ୍ଟରେ ଅନେକ ଶକ୍ତିଶାଳୀଦଳକୁ ହରାଇବାକୁ ସକ୍ଷମ ହୋଇଥିଲା। ଯଦିଓ ପ୍ରଦର୍ଶନରେ ଅସ୍ଥିରତା ରହିବା ଯୋଗୁ ବିଶେଷ ସଫଳତା ମିଳି ନ ଥିଲା ତେବେ ଅନେକ ଯୁବ ଖେଳାଳି ସୃଷ୍ଟି ହୋଇଥିଲେ। ଏହାର ଶୁଭାରମ୍ଭ ପୁନର୍ବାର ନୂଆ ରୂପରେ କରିଛି ଓସିଏ। ସେପ୍ଟେମ୍ବର ୧୫ରେ କାର୍ଯ୍ୟସୂଚୀ ପ୍ରକାଶ ପାଇଥିବାବେଳେ ୧୬ରେ ଜର୍ସି ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜୁଲାଇ ୭ରୁ ୧୩ ମଧ୍ୟରେ ଫ୍ରାଞ୍ଚାଇଜ ମାନଙ୍କୁ ସେମାନଙ୍କର ବିଡିଂ ଏବଂ ସହଯୋଗ ମାଧ୍ୟମରେ ଏହି ମେଗା ଟୁର୍ନାମେଣ୍ଟକୁ ସଫଳ କରିବାକୁ ପ୍ରୟାସ କରିଛି। ଆଗକୁ ଅକ୍ଟୋବର ମାସରୁ ବିଭିନ୍ନ ବର୍ଗର ଘରୋଇ ଟୁର୍ନାମେଣ୍ଟ ବିସିସିଆଇ ଆରମ୍ଭ କରିବାକୁ ଯାଉଥିବାରୁ ପ୍ରୋ ଲିଗ୍‌ର କାର୍ଯ୍ୟସୂଚୀକୁ ସଂକ୍ଷିପ୍ତ କରିବାକୁ ଚାହିଁଥିଲା ଓସିଏ। ବର୍ତ୍ତମାନ ଦେଶର ବିଭିନ୍ନ ରାଜ୍ୟରେ ଟି୨୦ ଭିତ୍ତିକ କ୍ରିକେଟ ଟୁର୍ନାମେଣ୍ଟ ଅତି ସଫଳତାର ସହିତ ଆୟୋଜିତ ହେଉଥିବାର ଦେଖିବାକୁ ମିଳୁଛି। ଏଥି ମଧ୍ୟରେ ଦିଲ୍ଲୀ, ବେଙ୍ଗଲ, ତାମିଲନାଡୁ, କେରଳ, ୟୁପି, ମହାରାଷ୍ଟ୍ର, କର୍ନାଟକ ପ୍ରିମିୟର ଲିଗ ଅନ୍ୟତମ। ଜାତୀୟ ଦଳର ଅନେକ ନାମୀଦାମୀ ଖେଳାଳୀ ଏହି ପ୍ରତିଯୋଗିତା ଗୁଡିକରେ ଭାଗ ନେଉଥିବାର ଦେଖିବାକୁ ମିଳୁଛି। ଏଥିରୁ ମଧ୍ୟ ଆଇପିଏଲ ପାଇଁ ଅନେକ ପ୍ରତିଭାସମ୍ପନ୍ନ ଖେଳାଳି ଚୟନ ହୋଇ ଲୋକଲୋଚନକୁ ଆସିବା କ୍ରିକେଟ ପାଇଁ ଶୁଭଖବର। ଏପରି ଲିଗ ଗୁଡିକରୁ ଓସିଏ ଅନୁପ୍ରାଣୀତ ହୋଇ ଏକ ଭଲ ପଦକ୍ଷେପ ନେଇଛି।

ଓଡ଼ିଶାର ପ୍ରଥମ ଅନ୍ତର୍ଜାତୀୟ ଖେଳାଳି ଦେବାଶିଷ ମହାନ୍ତି ଓ ପୂର୍ବତନ ଭାରତୀୟ ଅଲ୍ ରାଉଣ୍ଡର ଇରଫାନ ପଠାନ ଓଡ଼ିଶା ପ୍ରୋ ଟି୨୦ର ବ୍ରାଣ୍ଡ ଆମ୍ବାସାଡର ନିଯୁକ୍ତ ହୋଇଛନ୍ତି। ସମସ୍ତ ମ୍ୟାଚ ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଉଦ୍‌ଘାଟନୀ ଓ ଫାଇନାଲକୁ ଛାଡ଼ିଦେଲେ ପ୍ରତିଦିନ ୨ଟି ଲେଖାଏ ମ୍ୟାଚର କାର୍ଯ୍ୟସୂଚୀ ରହିଛି। ମୋଟ ୧୮ଟି ମ୍ୟାଚ ହେବା ସହିତ ସମୟର ସ୍ୱଳ୍ପତା ଦୃଷ୍ଟି କୋଣରୁ ପ୍ରତ୍ୟେକ ଟିମ ଗ୍ରୁପ ପର୍ଯ୍ୟାୟରେ ପରସ୍ପର ସହିତ ଗୋଟିଏ ଥର ଖେଳିବେ। ଅନେକ ମ୍ୟାଚ ଫ୍ଲଡ ଲାଇଟ୍‌ରେ ଅନୁଷ୍ଠିତ ହେବ। ଏହା ବହୁ ସଂଖ୍ୟାରେ ଦର୍ଶକମାନଙ୍କୁ ଆକର୍ଷିତ କରିବା ସମ୍ଭାବନା ରହିଛି। ଦର୍ଶକଙ୍କ ପାଇଁ ଷ୍ଟାଡିୟମର ୧, ୩ ଓ ୫ ନମ୍ବର ଗ୍ୟାଲେରୀ ମାଗଣାରେ ଉନ୍ମୁକ୍ତ ରହିଛି। ତେବେ ଦର୍ଶକଙ୍କୁ ଏଥିପାଇଁ ଟିକେଟ ଜେନି ମାଧ୍ୟମରେ ମୋବାଇଲରେ ଟିକେଟ ଦେଖାଇବାକୁ ପଡ଼ିବ।

ଘରୋଇ କ୍ରିକେଟର ସର୍ବୋଚ୍ଚ ଟୁର୍ନାମେଣ୍ଟରୁ ଖେଳାଳି ଚୟନ କରାଯିବା ସହିତ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଶ୍ରେଷ୍ଠ ଖେଳାଳିମାନଙ୍କୁ ନେଇ ୬ଟି ଦଳ ଗଠନ କରାଯାଇଛି। ଏହି ଦଳ ଗୁଡ଼ିକ ହେଲେ ଭୁବନେଶ୍ୱର ଟାଇଗର୍ସ, କଟକ ପାନ୍ଥର୍ସ, କେନ୍ଦୁଝର ମାଇନର୍ସ, ପୁରୀ ଟାଇଟାନ୍ସ, ରାଉରକେଲା ଷ୍ଟିଲର୍ସ ଓ ସମ୍ବଲପୁର ୱାରିୟର୍ସ। ଓଡ଼ିଶା ପାଇଁ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଖେଳାଳୀମାନଙ୍କୁ ୬ଟି ଦଳର ଅଧିନାୟକ ମନୋନୀତ କରାଯାଇଥିବା ବେଳେ ପୂର୍ବତନ ରଣଜୀ ଖେଳାଳିମାନଙ୍କୁ ବିଭିନ୍ନ ଦଳର ମୁଖ୍ୟ କୋଚ ଓ ସପୋର୍ଟ ଷ୍ଟାଫ ଭାବେ ନିଆଯାଇଛି। ଆରିଭା ସ୍ପୋର୍ଟ୍ସ ଏହି ଟୁର୍ନାମେଣ୍ଟର ମୁଖ୍ୟ ପ୍ରାୟୋଜକ ରହିଥିବା ବେଳେ ଅନ୍ୟ ପ୍ରାୟୋଜକମାନେ ମଧ୍ୟ ସହାୟତାର ହାତ ବଢାଇଛନ୍ତି।



ଟ୍ରଫି ଉନ୍ମୋଚନ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

କ୍ରିକେଟ ସମ୍ପାଦକ ସଞ୍ଜୟ ବେହେରା ଏହି ଲିଗ୍‌ର ସଫଳତାକୁ ନେଇ ବେଶ୍ ଆଶାବାଦୀ ରହିଛନ୍ତି। ବର୍ତ୍ତମାନ ଓଡ଼ିଶା କ୍ରିକେଟରେ ପ୍ରତିଭା ସମ୍ପନ୍ନ ଖେଳାଳିମାନଙ୍କ ମଧ୍ୟରେ ଶୁଭ୍ରାଂଶୁ ସେନାପତି, ଗୋବିନ୍ଦ ପୋଦ୍ଦାର, ସ୍ୱସ୍ତିକ ସାମଲ, ସନ୍ଦୀପ ପଟ୍ଟନାୟକ, ଆଶୀର୍ବାଦ ସ୍ୱାଇଁ, ସୂର୍ଯ୍ୟକାନ୍ତ ପ୍ରଧାନ, ବିପ୍ଳବ ସାମନ୍ତରାୟ, ଶାନ୍ତନୁ ମିଶ୍ର, ଅନୁରାଗ ଷଡଙ୍ଗୀ, ରାଜେଶ ମହାନ୍ତି, ରାଜେଶ ଧୂପର, କାର୍ତ୍ତିକ ବିଶ୍ୱାଳ, ଅନୀଲ ପରିଡା, ସୁନୀଲ ରାଉଳ, ଦେବବ୍ରତ ପ୍ରଧାନ, ତାରଣୀ ଶ’, ହର୍ଷିତ ରାଠୋର, ସୁମୀତ ଶର୍ମାଙ୍କ ପରି ଦକ୍ଷ ଓ ଅନୁଭବ ସମ୍ପନ୍ନ ଖେଳାଳି ରହିଛନ୍ତି। ଅନେକ ଯୁବ ଖେଳାଳି ମଧ୍ୟ ମୁଖ୍ୟ ଦଳରେ ସାମିଲ ହେବା ପାଇଁ ଅପେକ୍ଷାରତ। ଶୁଭ୍ରାଂଶୁ ସେନାପତି ୫୭ଟି ପ୍ରଥମ ଶ୍ରେଣୀ ମ୍ୟାଚରୁ ୩୨୧୮ ରନ୍ (୮ ଶତକ, ସର୍ବାଧିକ ରନ ୨୭୭), ସନ୍ଦୀପ ପଟ୍ଟନାୟକ ୩୪ ମ୍ୟାଚରୁ ୧୭୩୫ ରନ୍ (୫ ଶତକ, ସର୍ବାଧିକ ସ୍କୋର ୧୫୦), ସୂର୍ଯ୍ୟକାନ୍ତ ପ୍ରଧାନ ୬୨ ମ୍ୟାଚରୁ ୧୯୭ ଉଇକେଟ (୫ରୁ ଅଧିକ ଉଇକେଟ ୮ଥର) ନେଇଛନ୍ତି। ସେହିପରି ବିପ୍ଳବ ସାମନ୍ତରାୟ ୯୧ଟି ପ୍ରଥମ ଶ୍ରେଣୀ ମ୍ୟାଚର ଅଭିଜ୍ଞତା ରଖି ୭ ଶତକ ଓ ୨୪ ଅର୍ଦ୍ଧଶତକ ସହ ୪୨୩୩ ରନ୍ କରିଛନ୍ତି। ତେଣୁ ଯୁବ ଖେଳାଳିମାନେ ଏପରି ଅଭିଜ୍ଞ ଖେଳାଳିଙ୍କଠାରୁ ଲିଗ୍ ମାଧ୍ୟମରେ ବହୁତ କିଛି ଶିଖିବାର ଆଶା ରଖିଛନ୍ତି। ଏହା ନିଶ୍ଚିତ ଯେ ଓଡ଼ିଶା ପ୍ରୋ ଲିଗ୍ ଘରୋଇ କ୍ରିକେଟରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବ। ଏହା ଯୁବ ଖେଳାଳିଙ୍କ ପାଇଁ ଯେ ବେଶ୍ ଉପାଦେୟ ହେବ ଏଥିରେ ସନ୍ଦେହ ନାହିଁ।




ଲିଗ୍ ଉଦ୍‌ଘାଟନ ଅବସରରେ ସେଲିବ୍ରିଟିଙ୍କ ସେଲ୍‌ଫି

# ଗ୍ରାଣ୍ଡ ସୁଇସ୍ ବିଜୟିନୀ ବୈଶାଳୀ

ଉଜ୍‌ବେକିସ୍ତାନର ସମରକନ୍ଦରେ ସେପ୍ଟେମ୍ବର ୧୫ରେ ଉଦ୍‌ଯାପିତ ଫିଡେ ଗ୍ରାଣ୍ଡ ସୁଇସ ଚେସ୍‌ରେ ଭାରତୀୟ ଗ୍ରାଣ୍ଡମାଷ୍ଟର ଆର. ବୈଶାଳୀ ଟାଇଟଲ ବଜାୟ ରଖିଛନ୍ତି। ଏଥିସହ ସେ ୨୦୨୬ ମହିଳା କ୍ୟାଣ୍ଡିଡେଟ୍ସ ଟୁର୍ନାମେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ବୈଶାଳୀ ଓ ରୁଷିଆର କାଟରିନା ଲାଗ୍ନୋ ୮ ପଏଣ୍ଟ ଲେଖାଏ ପାଇ ପ୍ରତିଯୋଗିତା ଶେଷ କରିଥିଲେ। ମାତ୍ର ୨୪ ବର୍ଷୀୟା ବୈଶାଳୀ ଉନ୍ନତ ଟାଇବ୍ରେକ ସ୍କୋରରେ ଚାମ୍ପିୟନ ଘୋଷିତ ହୋଇଛନ୍ତି। ୧୧ଶ ତଥା ଅନ୍ତିମ ରାଉଣ୍ଡରେ ସେ ଚାଇନାର ଟାନ ଝୋଙ୍ଗୟିଙ୍କ ସହ ମ୍ୟାଚ ଡ୍ର ରଖିବା ସହ ଏହି ସଫଳତା ପାଇଛନ୍ତି। ଦିବ୍ୟା ଦେଶମୁଖ ଓ କୋନେରି ହମ୍ପିଙ୍କ ପରେ ତୃତୀୟ ଭାରତୀୟ ମହିଳା ଭାବେ ସେ ଫିଡେ ମହିଳା କ୍ୟାଣ୍ଡିଡେଟ୍ସ ଟୁର୍ନାମେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ପୂର୍ବରୁ ଗତ ଜୁନ୍‌ରେ ଜର୍ଜିଆରେ ଅନୁଷ୍ଠିତ ଫିଡେ ମହିଳା ଚେସ୍ ବିଶ୍ୱକପର ଫାଇନାଲରେ ପ୍ରବେଶ କରି ଦେଶମୁଖ ଓ ହମ୍ପି କ୍ୟାଣ୍ଡିଡେଟ୍ସ ଟୁର୍ନାମେଣ୍ଟ ଖେଳିବାକୁ ଯୋଗ୍ୟତା ପାଇଥିଲେ। ଏଥିରେ ଦେଶମୁଖ ଚାମ୍ପିୟନ ହୋଇଥିଲେ। ପ୍ରକାଶ ଯୋଗ୍ୟ ଯେ କ୍ୟାଣ୍ଡିଡେଟ୍ସ ଟୁର୍ନାମେଣ୍ଟର ବିଜେତା ବର୍ତ୍ତମାନର ବିଶ୍ୱ ଚାମ୍ପିୟନ ଚାଇନାର ଜୁ ୱେନଜୁନଙ୍କ ଚ୍ୟାଲେଞ୍ଜର ହେବାପାଇଁ ଯୋଗ୍ୟ ବିବେଚିତ ହେବେ।

୨୦୦୧ ଜୁନ ୨୧ରେ ଜନ୍ମିତ ବୈଶାଳୀ ପୂର୍ବରୁ ୨୦୨୩ରେ ମଧ୍ୟ ଫିଡେମହିଳା ଗ୍ରାଣ୍ଡ ସୁଇସ ଟୁର୍ନାମେଣ୍ଟ ଜିତିଥିଲେ। ଅର୍ଥାତ୍ ସେ ୨୦୨୪ କ୍ୟାଣ୍ଡିଡେଟ୍ସ ଟୁର୍ନାମେଣ୍ଟ ମଧ୍ୟ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲେ। ଏହା ବ୍ୟତୀତ ସେ ୨୦୨୪ ମହିଳା ୱାର୍ଲ୍ଡ ବ୍ଲିଜ୍ ଚେସ୍ ଟୁର୍ନାମେଣ୍ଟରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ବୈଶାଳୀ ହେଉଛନ୍ତି ଭାରତୀୟ ଚେସ୍‌ର ବିସ୍ମୟ ବାଳକ ତଥା ଗ୍ରାଣ୍ଡମାଷ୍ଟର ଆର ପ୍ରଜ୍ଞାନନ୍ଦଙ୍କ ବଡ଼ ଭଉଣୀ। ତାଙ୍କ ବାପା ରମେଶବାବୁ ଟିଏନ୍‌ଏସ୍‌ସି ବ୍ୟାଙ୍କର ମ୍ୟାନେଜର ଏବଂ ମା’ ନାଗାଲକ୍ଷ୍ମୀ ଜଣେ ଗୃହିଣୀ। ତୁଳସୀ ଦୁଇ ପତ୍ରରୁ ବାସିବାପରି ବୈଶାଳୀ ବାଳିକା ୱାର୍ଲ୍ଡ ୟୁଥ୍ ଚେସ୍ ଚାମ୍ପିୟନଶିପ୍ ଟାଇଟଲ ଜିତି ଚର୍ଚ୍ଚାକୁ ଆସିଥିଲେ। କ୍ରମାଗତ ପ୍ରଭାବୀ ପ୍ରଦର୍ଶନ ଜାରି ରଖି ସେ ୨୦୧୬ରେ ମହିଳା ଅନ୍ତର୍ଜାତୀୟ ମାଷ୍ଟର, ୨୦୧୮ରେ ମହିଳା ଗ୍ରାଣ୍ଡମାଷ୍ଟର, ୨୦୨୧ରେ ଅନ୍ତର୍ଜାତୀୟ ମାଷ୍ଟର ଏବଂ ୨୦୨୩ରେ ଭାରତର ତୃତୀୟ ମହିଳା ଭାବେ ଗ୍ରାଣ୍ଡମାଷ୍ଟର ଟାଇଟଲ ହାସଲ କଲେ। ଭାରତର ପ୍ରଥମ ଭାଇ-ଭଉଣୀ ଭାବେ ପ୍ରଜ୍ଞାନନ୍ଦ ଓ ବୈଶାଳୀ ଗ୍ରାଣ୍ଡମାଷ୍ଟର ହେବାର ଗୌରବ ଅର୍ଜନ କରିଥିଲେ। ୨୦୨୪ରେ ତାଙ୍କୁ ଅର୍ଜୁନ ପୁରସ୍କାରରେ ସମ୍ମାନିତ କରାଯାଇଥିଲା।




# ପେନାଲ୍ଟି କର୍ନର ସ୍ପେଶାଲିଷ୍ଟ ଉଦିତା

ନିକଟରେ ଶେଷ ହୋଇଥିବା ଏସିଆ କପ୍ ମହିଳା ହକିରେ ଭାରତର ଅଭିଜ୍ଞ ଡିଫେଣ୍ଡର ଉଦିତା ଦୁହାନ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ବିବେଚିତ ହୋଇଛନ୍ତି। ଟୁର୍ନାମେଣ୍ଟ ଫାଇନାଲରେ ଭାରତ ୧-୪ ଗୋଲରେ ଚାଇନାଠାରୁ ପରାସ୍ତ ହୋଇ ରନରଅପ୍ ହୋଇଥିଲା। ପୂରା ଟୁର୍ନାମେଣ୍ଟରେ ଉଭୟ ଡିଫେନ୍ସିଭ ଓ ଆଟାକିଂ ବିଭାଗରେ ଉଦିତାଙ୍କ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଥିଲା। ନିୟମିତ ଡ୍ରାଗ ଫ୍ଲିକର ଦୀପିକାଙ୍କ ଅନୁପସ୍ଥିତିରେ ଉଦିତା ଅତିରିକ୍ତ ଦାୟିତ୍ୱ ନେଇଥିଲେ। ଦୀପିକା ଇଞ୍ଜୁରି କାରଣରୁ ଟୁର୍ନାମେଣ୍ଟରୁ ବାଦ୍ ପଡ଼ିଥିଲେ। ତାଙ୍କ ଅନୁପସ୍ଥିତିରେ ଉଦିତା ପେନାଲ୍ଟି କର୍ନର ଦାୟିତ୍ୱ ନେଇ ସଫଳତାର ସହ ୩ ଗୋଲ କନଭର୍ଟ ମଧ୍ୟ କରିଥିଲେ।

ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ପୁରସ୍କାର ସମ୍ପର୍କରେ ସେ କହିଛନ୍ତି ଯେ, ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ ହେବା ମୋ ପାଇଁ ସମ୍ମାନର ବିଷୟ। ଏହି ସ୍ୱୀକୃତି ଖୁବ ସ୍ୱତନ୍ତ୍ର। କାରଣ ମୁଁ ଚଳିତ ବର୍ଷ ୟୁରୋପରେ ଖେଳାଯାଇଥିବା ପ୍ରୋ ଲିଗ୍ ମ୍ୟାଚ୍ ମିସ କରିଥିଲି। ଏଭଳି ଗୁରୁତ୍ୱପୂର୍ଣ୍ଣ ଟୁର୍ନାମେଣ୍ଟରେ ସଫଳ ପ୍ରତ୍ୟାବର୍ତ୍ତନ କରିବା ମୋ ଟାର୍ଗେଟ ଥିଲା। ମୋ ଉପରେ ଭରସା କରିବା ପାଇଁ ମୁଁ ମୋ ସାଥି ଖେଳାଳି ଓ କୋଚିଂ ଷ୍ଟାଫଙ୍କ ନିକଟରେ କୃତଜ୍ଞ। ଦଳୀୟ ପ୍ରଦର୍ଶନ ସମ୍ପର୍କରେ ସେ ପ୍ରକାଶ କରିଛନ୍ତି ଯେ, ଆମେ ଏକ ଦଳ ଭାବେ ଖୁବ ଭଲ ହକି ଖେଳିଲୁ। କଷ୍ଟକର ମ୍ୟାଚ୍‌ରେ ଆମେ ନିଜ ଦକ୍ଷତା ପ୍ରଦର୍ଶିତ କରିଥିଲୁ। କୋରିଆ ଓ ଜାପାନ ଭଳି ଦଳ ବିପକ୍ଷରେ ମିଳିଥିବା ବିଜୟ ଆମକୁ ଆତ୍ମବିଶ୍ୱାସ ଦେବ। ଦୁର୍ଭାଗ୍ୟବଶତଃ, ଫାଇନାଲରେ ଆମକୁ ଆଶାନୁଯାୟୀ ଫଳାଫଳ ମିଳିଲା ନାହିଁ। କିନ୍ତୁ ଆମେ ଏହି ରୌପ୍ୟ ପଦକ ସହ ଆଗକୁ ବଢ଼ିଛୁ ଏବଂ ଏହା ଆଗକୁ ଆମକୁ ଆହୁରି ବଡ଼ ଚ୍ୟାଲେଞ୍ଜ ପାଇଁ ପ୍ରସ୍ତୁତ ହେବାକୁ ପ୍ରେରଣା ଯୋଗାଇବ। ଉଦିତା ତାଙ୍କର ପୁରସ୍କାରକୁ ଦଳର ମିଳିତ ଉଦ୍ୟମକୁ ଉତ୍ସର୍ଗ କରି କହିଛନ୍ତି, ବ୍ୟକ୍ତିଗତ ପୁରସ୍କାର ସର୍ବଦା ସ୍ୱତନ୍ତ୍ର। କିନ୍ତୁ ମୋ ପାଇଁ ଏହା ଆମ ପୂରା ଦଳର ଉଦ୍ୟମକୁ ଦର୍ଶାଉଛି। ଏଥିରେ ପ୍ରତ୍ୟେକ ଖେଳାଳିଙ୍କ ଅବଦାନ ରହିଛି ଏବଂ ଏଭଳି କଠିନ ପରିଶ୍ରମୀ ଦଳର ପ୍ରତିନିଧିତ୍ୱ କରୁଥିବାରୁ ମୁଁ ସମ୍ମାନିତ ଅନୁଭବ କରୁଛି। ଆମେ ଏହି ଅନୁଭୂତିରୁ ଶିକ୍ଷା ନେବୁ ଓ ଅଧିକ ଶକ୍ତିଶାଳୀ ହୋଇ ଫେରିବୁ।

**ଏସିଆ କପ୍ ମହିଳା ହକିର ଉଭୟ ଡିଫେନ୍ସିଭ ଓ ଆଟାକିଂ ବିଭାଗରେ ଉଦିତାଙ୍କ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଥିଲା। ଫଳରେ ସେ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ହୋଇଥିଲେ..**



# କେନ୍ଦୁଝର ମାଇନର୍ସ ୪୫ ରନରେ ବିଜୟୀ

**ଭୁବନେଶ୍ୱର, ୧୮।୯ (ତପନ ସ୍ୱାଇଁ)**

କଟକର ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଓଡ଼ିଶା ପ୍ରୋ ଟି୨୦ ଲିଗ୍‌ର ଗୁରୁବାର ଅନୁଷ୍ଠିତ ଡବଲ ହେଡରର ପ୍ରଥମ ମ୍ୟାଚରେ କେନ୍ଦୁଝର ମାଇନର୍ସ ୪୫ ରନରେ ପୁରୀ ଟାଇଟନ୍ସକୁ ପରାସ୍ତ କରିଛି। ଫଳରେ କେନ୍ଦୁଝର ଦଳ ୨ ପଏଣ୍ଟ ସହ ଅଭିଯାନ ଆରମ୍ଭ କରିଛି।

**ଓଡ଼ିଶା ପ୍ରୋ ଟି୨୦ ଲିଗ୍**

ଟସ୍ ଜିତି ବ୍ୟାଟିଂ ନେଇଥିବା କେନ୍ଦୁଝର ମାଇନର୍ସ ଟପ୍ ଅର୍ଡର ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଦେବବ୍ରତ ପ୍ରଧାନ ଖାତା ଖୋଲିପାରି ନ ଥିବାବେଳେ ଓମ୍ ଟି. ମୁଣ୍ଡେ ୨୨, ବିଶ୍ୱଭୂଷଣ ବିହାରୀ ୧୧ ଓ ଅଧିନାୟକ ଗୋବିନ୍ଦ ପୋଦ୍ଦାର ୪ ରନ କରି ଆଉଟ ହେବାରୁ ୪୫ ରନ ମଧ୍ୟରେ ଦଳର ୪ ଉଇକେଟ ପଡ଼ି ଯାଇଥିଲା। ମିଡିଲ ଅର୍ଡରରେ ୪୮ ଓ ଅନିଲ ପରିଡ଼ା ୩୮ ରନ କରିବାରୁ କେନ୍ଦୁଝର ୨୦ ଓଭରରେ ୮ ଉଇକେଟ ହରାଇ ୧୫୯ ରନ କରିଥିଲା। ବିପକ୍ଷ ଦଳର ମହମ୍ମଦ ଡାନିସ ୩୪ ରନ ଦେଇ ସର୍ବାଧିକ ୪ ଉଇକେଟ ସଫଳତା ପାଇଥିଲେ। ଉଦୟ ଜଟ ୨ଟି ଏବଂ ରାଜେଶ ମହାନ୍ତି ଓ ଆଶୁତୋଷ ଛୁରିଆ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।



୫ ଉଇକେଟ ନେବା ଅବସରରେ ସର୍ବେଶ୍ୱର ମହାନ୍ତି।

**ବିଜୟ ସନ୍ତୋଷଜନକ: ପୋଦ୍ଦାର**

''ଚଳିତ ସିଜନରେ ଏହା ଆମର ପ୍ରଥମ ମ୍ୟାଚ ଥିଲା। ଏଥିରେ ୪୫ ରନରେ ବିଜୟୀ ହୋଇଥିବାରୁ ମୁଁ ବହୁତ ଖୁସି। ଆମ ବ୍ୟାଟିଂ ବିଭାଗର ଲୋୟର ଅର୍ଡର ଉପଯୋଗୀ ଅବଦାନ ଯୋଗୁ ଆମେ ସମ୍ମାନଜନକ ସ୍କୋର କରିଥିଲୁ। ସର୍ବେଶ୍ୱର ଅତି ଚମତ୍କାର ବୋଲିଂ କଲେ। ଆମ ବୋଲିଂ ଆକ୍ରମଣକୁ ନେଇ ମୁଁ ଆତ୍ମବିଶ୍ୱାସରେ ଥିଲି। ସର୍ବେଶ୍ୱରଙ୍କ ସହ ସୌମ୍ୟ ରଞ୍ଜନ ଲେଙ୍କା, ପପୁ ରାୟ ଓ ସୟଦ ଅହମଦ ପ୍ରମୁଖ ସମସ୍ତଙ୍କୁ ବିଜୟର ଶ୍ରେୟ ଯିବ'' ବୋଲି ମ୍ୟାଚ ପରେ ଅଧିନାୟକ ଗୋବିନ୍ଦ ପୋଦ୍ଦାର ପ୍ରକାଶ କରିଛନ୍ତି।

୧୬୦ ରନ ବିଜୟ ଲକ୍ଷ୍ୟରେ ପୁରୀ ଟାଇଟନ୍ସ ୧୮.୧ ଓଭରରେ ୧୧୪ ରନକରି ଅଲ୍‌ଆଉଟ ହୋଇଯାଇଥିଲା। ଅଧିନାୟକ ସନ୍ଦୀପ ପଟ୍ଟନାୟକ ସର୍ବାଧିକ ୨୫ ଓ କାର୍ତ୍ତିକ ବିଶ୍ୱାଳ ୨୩ ରନ କରିଥିବାବେଳେ ଅନ୍ୟ ବ୍ୟାଟରଙ୍କ ବିଫଳତା ଦଳ ପାଇଁ ବିପର୍ଯ୍ୟୟ ଆଣିଥିଲା। ୭ ବ୍ୟାଟର ଦୁଇଅଙ୍କ ସ୍ପର୍ଶ କରିପାରି ନ ଥିଲେ। ବିଜୟୀ ଦଳର ବୋଲରଙ୍କ ମଧ୍ୟରେ ସର୍ବେଶ୍ୱର ମହାନ୍ତି ୨.୧ ଓଭର ସ୍ପେଲ୍‌ରେ ମାତ୍ର ୧୨ ରନ ବିନିମୟରେ ୫ ଉଇକେଟ ନେଇ ପୁରୀ ଦଳକୁ ପରାଜୟ ମୁହଁକୁ ଠେଲି ଦେଇଥିଲେ। ସୟଦ ତୁଫେଲ ଅହମଦ ୨ଟି ଏବଂ ସୌମ୍ୟ ଲେଙ୍କା ଓ ଗୋବିନ୍ଦ ପୋଦ୍ଦାର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ପୋଲିସ ଡିଜି ସୁଧାଂଶୁ ଷଡ଼ଙ୍ଗୀ ଓ ଓସିଏ ଯୁଗ୍ମ ସମ୍ପାଦକ ପ୍ରଭାତ କୁମାର ଭୋଳ ଅତିଥିଭାବେ ଯୋଗଦେଇ ସର୍ବେଶ୍ୱର ମହାନ୍ତିଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ।

# ଭାରତୀୟ ଫଏଲ୍ ଟିମ୍‌କୁ ବ୍ରୋଞ୍ଜ

**ଭୁବନେଶ୍ୱର, ୧୮।୯ (ତପନ ସ୍ୱାଇଁ)**

ଇଣ୍ଡୋନେସିଆର ସୋଲୋଠାରେ ଅନୁଷ୍ଠିତ ପାରା ଫେନ୍‌ସିଂ ବିଶ୍ୱକପରେ ଭାରତୀୟ ପୁରୁଷ ଫଏଲ୍ ଦଳ ବ୍ରୋଞ୍ଜ ପଦକ ହାସଲ କରିଛି। ଓଡ଼ିଶାର ୩ ଫେନ୍‌ସର ରାଖାଲ କୁମାର ସେଠୀ, ଭି.

**ପାରା ଫେନ୍‌ସିଂ ବିଶ୍ୱକପ୍**

ରମେଶ ରାଓ ଏବଂ ଓମ୍ ପ୍ରକାଶ ବେହେରା ଭାରତୀୟ ଦଳର ସଦସ୍ୟ ଥିଲେ। କ୍ୱାର୍ଟର ଫାଇନାଲରେ ଭାରତ ୨୦-୧୬ରେ ଇରାକ୍‌କୁ ହରାଇଥିବାବେଳେ ସେମିଫାଇନାଲରେ ଥାଇଲାଣ୍ଡଠାରୁ ୬-୨୦ରେ ହାରି ଯାଇଥିଲା। ୩ୟ ସ୍ଥାନ ପାଇଁ ଅନୁଷ୍ଠିତ ମୁକାବିଲାରେ ଭାରତ ୨୦-୧୮ରେ ଜର୍ମାନୀକୁ ପରାସ୍ତ କରିଥିଲା। ଭାରତୀୟ ଦଳର ସଦସ୍ୟଭାବେ ପଦକ ଜିତିଥିବାରୁ ରାଖାଲ, ରମେଶ ଓ ଓମ୍ ପ୍ରକାଶଙ୍କୁ ପାରା ସ୍ପୋର୍ଟ୍ସ ଆସୋସିଏଶନ ଅଫ୍ ଓଡ଼ିଶା ସଭାପତି କମଳାକାନ୍ତ ରଥ ଓ ସମ୍ପାଦକ ସୁନୀଲ ପ୍ରଧାନ ଅଭିନନ୍ଦନ ଜଣାଇଛନ୍ତି।



ବ୍ରୋଞ୍ଜ ପଦକ ବିଜେତା ଭାରତୀୟ ପାରା ଫେନ୍‌ସିଂ ଦଳ।


# ନବିଙ୍କ ବିସ୍ଫୋରକ ବ୍ୟାଟିଂ

**ଆବୁଧାବି, ୧୮।୯**

ଚଳିତ ଏସିଆ କପ୍‌ରେ ଗୁରୁବାର ଖେଳାଯାଉଥିବା ଗ୍ରୁପ୍-ବି'ର ଅନ୍ତିମ ମ୍ୟାଚ୍‌ରେ ଆଫଗାନିସ୍ତାନ ଓ ଶ୍ରୀଲଙ୍କା ପରସ୍ପରକୁ ଭେଟିଛନ୍ତି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଆଫଗାନିସ୍ତାନ ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୬୯ ରନ କରିଛି। ଦଳ ପାଇଁ ମହମ୍ମଦ ନବି ସର୍ବାଧିକ ୬୦ (୩ ଚୌକା, ୬ ଛକା), ଇବ୍ରାହିମ ଜଦ୍ରାନ ୨୪, ସେଦିକୁଲା ଅଟଲ ୧୮ ଓ ରହମାନୁଲା ଗୁରବାଜ ୧୪ ରନ କରି ଆଉଟ୍ ହୋଇଥିଲେ। ବୋଲିଂରେ ଶ୍ରୀଲଙ୍କା ପାଇଁ ନୁୱାନ ଥୁସାରା ୩ ଉଇକେଟ ନେଇଥିବା ବେଳେ ଦୁଶମନ୍ଥା ଚମିରା, ଦୁନିଥ ୱେଲାଲାଗେ ଓ ଦାସୁନ ଶନକା ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି। ଏହି ମ୍ୟାଚ୍‌ର ଫଳାଫଳ ଉପରେ ଗ୍ରୁପ୍-ବି'ରୁ କେଉଁ ଦୁଇ ଦଳ ସୁପର-୪'ରେ ପ୍ରବେଶ କରିବେ, ତାହା ସ୍ପଷ୍ଟ ହେବ।

**ସଂକ୍ଷିପ୍ତ ସ୍କୋର**

ଆଫଗାନିସ୍ତାନ: ୨୦ ଓଭରରେ ୧୬୯/୮ (ମହମ୍ମଦ ନବି-୬୦, ରଶିଦ ଖାନ-୨୪, ଇବ୍ରାହିମ ଜଦ୍ରାନ-୨୪, ନୁୱାନ ଥୁସାରା-୪/୧୮)।



**ଟୋକିଓ:** ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍ ଜାଭେଲିନ୍ ଥ୍ରୋ ଫାଇନାଲ ପରେ ସ୍ୱର୍ଣ୍ଣ ପଦକ ବିଜେତା ତ୍ରିନିଦାଦ ଟେବାଗୋର କେଶୋର୍ନ ୱାଲ୍‌କଟ (ମଝି), ରୌପ୍ୟ ବିଜେତା ଗ୍ରେନେଡାର ଆଣ୍ଡରସନ ପିଟର୍ସ (ବାମ) ଏବଂ ବ୍ରୋଞ୍ଜ ବିଜେତା ଆମେରିକାର କର୍ଟିସ ଥମ୍ପସନ।

# ବିଶ୍ୱ ଚାମ୍ପିୟନଶିପ୍‌ରେ ନୀରଜ ୮ମ

**ଟୋକିଓ, ୧୮।୯ (ପି.ଟି.)**

ଗତଥରର ଚାମ୍ପିୟନ ନୀରଜ ଚୋପ୍ରା ବିଶ୍ୱ ଚାମ୍ପିୟନଶିପ୍ ପୁରୁଷ ଜାଭେଲିନ୍ ଫାଇନାଲରେ ପରାଜିତ ହୋଇଛନ୍ତି। ଫାଇନାଲର ୫ମ ରାଉଣ୍ଡରେ ତାଙ୍କର ଶ୍ରେଷ୍ଠ ପ୍ରୟାଶ ଥିଲା ୮୪.୦୩ ମିଟର। ଫଳରେ ସେ ଓଭରଅଲ ୮ମ ସ୍ଥାନ ସହ ଅଭିଯାନ ଶେଷ କରିଛନ୍ତି। କେବଳ ଶ୍ରେଷ୍ଠ ୬ ଆଥଲେଟ ୬ଷ୍ଠ ଓ ଫାଇନାଲ ରାଉଣ୍ଡରେ ଭାଗ ନେଇପାରିବେ। ଅଲିମ୍ପିକ ଚାମ୍ପିୟନ ପାକିସ୍ତାନର ଅର୍ଶଦ ନଦୀମ ମଧ୍ୟରୁ ୪ର୍ଥ ରାଉଣ୍ଡରୁ ବିଦାୟ ନେଇଥିଲେ। ଅନ୍ୟଜଣେ ଭାରତୀୟ ସଚିନ ଯାଦବ କେବଳ ତିଷ୍ଠି ରହିଥିଲେ। ସେ ତାଙ୍କର ଶ୍ରେଷ୍ଠ ଥ୍ରୋ ୮୬.୨୭ ମିଟର ସହ ଓଭରଅଲ ଚତୁର୍ଥ ସ୍ଥାନରେ ଥିଲେ। ଏହି ଇଭେଣ୍ଟରେ ତ୍ରିନିଦାଦ ଓ ଟବାଗୋର କେଶୋରନ ୱାଲ୍‌କଟ (୮୮.୧୬ମିଟର) ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ତାଙ୍କ ପଛକୁ ପଛ ଯଥାକ୍ରମେ ୨ୟ ଓ ୩ୟ ସ୍ଥାନ ସହ ରୌପ୍ୟ ଓ ବ୍ରୋଞ୍ଜ ଜିତିଥିଲେ ଗ୍ରେନେଡାର ଆଣ୍ଡରସନ ପିଟର୍ସ (୮୭.୩୮ ମିଟର) ଓ କୁର୍ଟିଷ୍ଟ ଥମ୍ପସନ (୮୬.୬୭)। ଅନ୍ୟପକ୍ଷରେ ପ୍ରଥମ ରାଉଣ୍ଡ ପ୍ରୟାସ ୮୬.୨୭ ମିଟର ସହ ଭାରତର ସଚିନ ୪ର୍ଥ ସ୍ଥାନ ଅଧିକାର କରିଥିଲେ।

# ମହିଳା ୪୦୦ ମି.ରେ ମ୍ୟାକ୍‌ଲାଫଲିନଙ୍କ ରେକର୍ଡ

**ଟୋକିଓ, ୧୮।୯ (ଏପି)**

ଆମେରିକାର ସିଡ୍‌ନୀ ମ୍ୟାକ୍‌ଲାଫଲିନ-ଲେଭ୍ରୋନ ଗତ ୪୦ ବର୍ଷରେ ପ୍ରଥମ ମହିଳା ଭାବେ ଗୁରୁବାର ୪୦୦ ମିଟର ଦୌଡ଼ରେ ୪୮ ସେକେଣ୍ଡ ବାଧା ଭଙ୍ଗ କରିଛନ୍ତି। ୱାର୍ଲ୍ଡ ଚାମ୍ପିୟନଶିପ୍‌ରେ ବର୍ଷା ପ୍ରଭାବିତ ରେସ୍‌ରେ ସେ ୪୭.୭୮ ସେ. ଟାଇମିଂ ହାସଲ କରିଛନ୍ତି। ମ୍ୟାକ୍‌ଲାଫଲିନଙ୍କ ଭଳି ଦ୍ୱିତୀୟ ସ୍ଥାନରେ ରହିଥିବା ଅଲିମ୍ପିକ ଚାମ୍ପିୟନ ଡୋମିନିକାର ମାରିଲେଡି ପାଉଲିନୋ (୪୭.୯୮ ସେ.) ମଧ୍ୟ ୪୮ ସେକେଣ୍ଡ ପୂର୍ବରୁ ରେସ ଶେଷ କରିଥିଲେ। ଦୁହେଁ ମହିଳା ୪୦୦ ମି. ରେସ ଇତିହାସରେ ଯଥାକ୍ରମେ ଦ୍ରୁତତମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏହି ରେସରେ ଜର୍ମାନୀର ମାରିଟା କୋଚ୍ ୧୯୮୫ରେ ୪୭.୬୦ ଟାଇମିଂ ହାସଲ କରିଥିଲେ, ଯାହାକି ଆଜି ବି ଅତୁଟ ରହିଛି।

## ସିନ୍ଧୁ, ସାତ୍ତ୍ୱିକ-ଚିରାଗ କ୍ୱାର୍ଟରରେ

**ଶେନ୍‌ଝେନ୍, ୧୮।୯ (ପି.ଟି.):** ଷ୍ଟାର ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ପି.ଭି. ସିନ୍ଧୁ ଏବଂ ପୁରୁଷ ଯୋଡ଼ି ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି ଯୋଡ଼ି ଚାଇନା ମାଷ୍ଟର୍ସ ଟୁର୍ନାମେଣ୍ଟର କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ଦୁଇଥର ଅଲିମ୍ପିକ ପଦକବିଜେତା ସିନ୍ଧୁ ମାତ୍ର ୪୧ ମିନିଟରେ ୬ଷ୍ଠ ସିଡ୍ ଥାଇଲାଣ୍ଡର ପର୍ନପାୱି ଚୋଚୁଓଙ୍ଗଙ୍କୁ ୨୧-୧୫, ୨୧-୧୫ରେ ହରାଇ ଦେଇଛନ୍ତି। ନିକଟରେ ହଂକଂ ଓପନ ଫାଇନାଲିଷ୍ଟ ଚାଇନିଜ ତାଇପେ ଯୋଡ଼ି ହିଆଙ୍ଗ ଚିହ୍ ଚିଉ ଓ ୱାଙ୍ଗ୍ ଚି-ଲିନ୍‌ଙ୍କୁ ୨୧-୧୩, ୨୧-୧୨ରେ ପରାସ୍ତ କରିବା ଲାଗି ମାତ୍ର ୩୨ ମିନିଟ ସମୟ ନେଇଥିଲେ। ସିନ୍ଧୁ ଏହି ବିଜୟ ସହ ଥାଇଲାଣ୍ଡ ଖେଳାଳିଙ୍କ ବିପକ୍ଷରେ ତାଙ୍କର ହେଡ୍-ଟୁ-ହେଡ୍ ରେକର୍ଡରେ ଉନ୍ନତି ଆଣିପାରିଛନ୍ତି। ବର୍ତ୍ତମାନ ତାହା ୬-୫ରେ ପହଞ୍ଚିଛି। ସିନ୍ଧୁ କ୍ୱାର୍ଟରଫାଇନାଲରେ ଟପ୍ ସିଡ୍ କୋରିଆର ଆନ୍ ସେ ୟଙ୍ଗଙ୍କୁ ଭେଟିବେ। ଆନ୍ ସେ ୨୩-୨୧, ୨୧-୧୪ରେ ଡେନମାର୍କର ମିଆ ବ୍ଲିଚ୍‌ଫିଲ୍ଡଙ୍କୁ ୨୩-୨୧, ୨୧-୧୪ରେ ହରାଇ ଦେଇଥିଲେ।

# ଡ୍ର ଅଭିମୁଖେ ଭାରତ 'ଏ'-ଅଷ୍ଟ୍ରେଲିଆ 'ଏ' ମ୍ୟାଚ

**ଲକ୍ଷ୍ନୌ, ୧୮।୯ (ପି.ଟି.)**

ଭାରତ 'ଏ' ଦଳର ମିଳିତ ଚମତ୍କାର ବ୍ୟାଟିଂ ପ୍ରଦର୍ଶନ ଯୋଗୁ ଏଠାରେ ଚାଲିଥିବା ଅଷ୍ଟ୍ରେଲିଆ 'ଏ' ବିପକ୍ଷ ୪ ଦିନିଆ ଅନ୍ ଅଫିସିଆଲ ଟେଷ୍ଟ ମ୍ୟାଚରେ ତୃତୀୟ ଦଳ ଖେଳ ଶେଷ ସୁଦ୍ଧା ୪ ଉଇକେଟ ବିନିମୟରେ ୪୦୩ ରନ ସଂଗ୍ରହ କରିଛି। ଉଇକେଟକିପର ବ୍ୟାଟର ଧ୍ରୁବ ଜୁରେଲ ୧୧୩ ରନ କରି ଅପରାଜିତ ରହିଛନ୍ତି। ତାଙ୍କ ଶତକୀୟ ଇନିଂସରେ ସେ ୧୩୨ ବଲ୍‌ର ସମ୍ମୁଖୀନ ହୋଇ ୧୦ ଚୌକା ଓ ୪ ଛକା ଲଗାଇଛନ୍ତି। ଅଧିନାୟକ ଶ୍ରେୟସ ଆୟର ମାତ୍ର ୮ରନ କରିଥିଲେ। ତେବେ ଦେବଦତ୍ତ ପଡିକଲ ୮୬, ବି. ସାଇ ସୁଦର୍ଶନ ୭୩, ଏନ୍. ଜଗଦିଶନ ୬୪ ରନ କରିଥିଲେ। ପୂର୍ବରୁ ଭ୍ରମଣକାରୀ ଦଳ ୫୩୨/୬ରେ ଏହାର ପ୍ରଥମ ଇନିଂସ ଘୋଷଣା କରିଥିଲା। ଶୁକ୍ରବର ମ୍ୟାଚର ୪ର୍ଥ ତଥା ଅନ୍ତିମ ଦିବସ ହୋଇଥିବାରୁ ମ୍ୟାଚ 'ଡ୍ର' ଆଡକୁ ମୁହାଁଇଛି।

**ଜୁରେଲଙ୍କ ଅପରାଜିତ ଶତକ**




**ସଂକ୍ଷିପ୍ତ ସ୍କୋର:** ଅଷ୍ଟ୍ରେଲିଆ 'ଏ' ପ୍ରଥମ ଇନିଂସ: ୫୩୨/୬ (ଘୋଷଣା)। ଭାରତ 'ଏ' ପ୍ରଥମ ଇନିଂସ: ୧୦୩ ଓଭରରେ ୪୦୩/୪ (ଏନ୍. ଜଗଦିଶନ-୬୪, ବି. ସାଇ ସୁଦର୍ଶନ-୭୩, ଦେବଦତ୍ତ ପଡିକଲ-୮୬, ଦ୍ରୁବ ଜୁରେଲ-୧୧୩*; ଲିଆମ୍ ସ୍କଟ-୧/୩୧)।

# ସାଇକ୍ଲିଂ କୋଚ୍ ସୁଶୀଲ କୁମାରଙ୍କ ବିୟୋଗ

**ଭୁବନେଶ୍ୱର, ୧୮।୯ (ଅନାଦି କର)**

ଓଡ଼ିଶାର ସୁନାମଧନ୍ୟ ସାଇକ୍ଲିଷ୍ଟ ତଥା କୋଚ୍ ସୁଶୀଲ କୁମାର ଦାସଙ୍କର ଗୁରୁବାର ପରଲୋକ ଘଟିଛି। ସେ କଟକସ୍ଥିତ ଏସ୍‌ସିବି ମେଡିକାଲରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ମୃତ୍ୟୁ ବେଳକୁ ତାଙ୍କ ବୟସ ୬୦ ବର୍ଷ ହୋଇଥିଲା। ସାଇକ୍ଲିଷ୍ଟ ଭାବେ ୧୯୮୮ରେ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ଦ୍ୱାରା ଆୟୋଜିତ ୧୪୦୦ କିମି ବିଶିଷ୍ଟ ସାଇକ୍ଲିଂ ଏକ୍ସପେଡିଶନ ଓଡ଼ିଶା ଆବିଷ୍କାରରେ ସେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଆଥଲେଟ୍ ଭାବେ ଅବସର ନେବା ପରେ ସେ ସ୍ୱାତି ସିଂ ଓ ଦୀନେଶ କୁମାରଙ୍କ ଭଳି ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ସାଇକ୍ଲିଷ୍ଟଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ୨୦୧୫ଠାରୁ ସେ ଓଡ଼ିଶା ସାଇକ୍ଲିଂ ଆସୋସିଏଶନର ଉପ ସଭାପତି ରହିଥିଲେ।


ସୁଶୀଲ କୁମାର ଦାସ

# ଏସିଆ କପ୍: ଆଜି ଭାରତ-ଓମାନ ମ୍ୟାଚ୍

**ଆବୁଧାବି, ୧୮।୯ (ପି.ଟି.)**

ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଶୁକ୍ରବାର ଚଳିତ ଏସିଆ କପ୍‌ରେ ତା'ର ଅନ୍ତିମ ଲିଗ୍ ପର୍ଯ୍ୟାୟ ମ୍ୟାଚ୍‌ରେ ଓମାନକୁ ଭେଟିବ। ଭାରତ ପୂର୍ବରୁ ସୁପର-୪' ପର୍ଯ୍ୟାୟରେ ସ୍ଥାନ ପକ୍କା କରିସାରିଥିବାରୁ ଶେଖ୍ ଜାୟେଦ ଷ୍ଟାଡିୟମରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍‌ର ବିଶେଷ ଗୁରୁତ୍ୱ ନାହିଁ। କିନ୍ତୁ ଆସନ୍ତା ରବିବାର ଭାରତୀୟ ଦଳ ସୁପର-୪'ର ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଭେଟିବ। ଏଣୁ ଓମାନ ବିପକ୍ଷ ମ୍ୟାଚ୍ ଜରିଆରେ ଦଳୀୟ ବ୍ୟାଟରଙ୍କୁ ଭରପୂର ସୁଯୋଗ ଦେବା ଲକ୍ଷ୍ୟରେ ରହିବ ଟିମ ମ୍ୟାନେଜମେଣ୍ଟ। ଓପନର ଅଭିଷେକ ଶର୍ମା ପ୍ରଥମ ଦୁଇ ମ୍ୟାଚ୍‌ରେ ଦଳକୁ ବିସ୍ଫୋରକ ଆରମ୍ଭ ପ୍ରଦାନ କରିଥିବା ବେଳେ ଉପଅଧିନାୟକ ଶୁବମନ ଗିଲ ଟିକେ ଲମ୍ବା ସମୟ ଧରି ବ୍ୟାଟିଂ କରିପାରି ନାହାନ୍ତି। ଅଧିନାୟକ ସୂର୍ଯ୍ୟକୁମାର ପାକିସ୍ତାନ ବିପକ୍ଷରେ ଭଲ ପ୍ରଦର୍ଶନ କରିଥିଲେ। କିନ୍ତୁ ସେ ତିଲକ ବର୍ମାଙ୍କୁ ଅଧିକ ଗେମ୍ ଟାଇମ୍ ଦେବାକୁ ପସନ୍ଦ କରିପାରନ୍ତି। ଏପର୍ଯ୍ୟନ୍ତ ଟୁର୍ନାମେଣ୍ଟରେ ସଞ୍ଜୁ ସାମସନ, ଶିବମ ଦୁବେ, ହାର୍ଦ୍ଦିକ ପାଣ୍ଡ୍ୟା ଓ ଅକ୍ଷର ପଟେଲଙ୍କୁ ବ୍ୟାଟିଂ କରିବାକୁ ସୁଯୋଗ ମିଳିନାହିଁ। ଭାରତ ଯଦି ଫାଇନାଲକୁ ଯାଏ, ତେବେ ଆସନ୍ତା ୭ ଦିନ ମଧ୍ୟରେ ୪ଟି ମ୍ୟାଚ୍ ଖେଳିବାକୁ ପଡ଼ିବ। ଏଣୁ ଭାରତୀୟ ମିଡିଲ ଅର୍ଡର ବ୍ୟାଟରଙ୍କୁ ଗୁରୁତ୍ୱପୂର୍ଣ୍ଣ ସପ୍ତାହ ପୂର୍ବରୁ ଅଧିକ ଗେମ୍ ଟାଇମର ଆବଶ୍ୟକତା ରହିଛି। କିନ୍ତୁ ଭାରତୀୟ ଦଳର ବୋଲିଂ ଲାଇନ ଅପ୍ ଏତେ ଶକ୍ତିଶାଳୀ ଯେ, ଏହା ଆଗରେ ଜତିନ୍ଦର ସିଂଙ୍କ ନେତୃତ୍ୱାଧୀନ ଓମାନ ଦଳର ଏକ ଭଲ ସ୍କୋର କରିବାର ଖୁବ କମ୍ ସମ୍ଭାବନା ରହିଛି। ପାକିସ୍ତାନ ଓ ୟୁଏଇ ବିପକ୍ଷ ଦୁଇଟି ମ୍ୟାଚ୍‌ରେ ଓମାନ ଯଥାକ୍ରମେ ୬୭ ଓ ୧୩୦ ରନ କରିଥିଲା। ଉଭୟ ମ୍ୟାଚ୍‌ରେ ଦଳର କୌଣସି ବ୍ୟାଟର ୩୦ ରନ କରିପାରି ନ ଥିଲେ। ଏହି ମ୍ୟାଚ୍ ଲାଗି ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ବିଶେଷ କୌଣସି ଏକ୍ସପେରିମେଣ୍ଟ ନ କରିପାରନ୍ତି। କିନ୍ତୁ ଯଶପ୍ରୀତ ବୁମରାଙ୍କୁ ବିଶ୍ରାମ ଦିଆଯାଇପାରେ। ଏଭଳି ପରିସ୍ଥିତିରେ ବାମହାତୀ ପେସର ଅର୍ଶଦୀପ ସିଂଙ୍କୁ ଏକମାତ୍ର ସ୍ପେଶାଲିଷ୍ଟ ପେସର ଭାବେ ସାମିଲ କରାଯିବ। ଏହାଛଡ଼ା ବୋଲିଂ ଲାଇନ୍ ଅପ୍‌ରେ କୁଲଦୀପ ଯାଦବ ଓ ବରୁଣ ଚକ୍ରବର୍ତ୍ତୀଙ୍କ ମଧ୍ୟରୁ ଜଣଙ୍କୁ ବିଶ୍ରାମ ଦିଆଯିବାର ସମ୍ଭାବନା ରହିଛି। ଏହି ସ୍ଥାନରେ ହର୍ଷିତ ରାଣାଙ୍କୁ ସାମିଲ କରାଯାଇପାରେ।










1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ